# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, June 15/2023 | Page 16 | ₹ 7.00

୪୯ଶ ଭାଗ ୨୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 200 | ମୂଲ୍ୟ ₹୭/-







## ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ଗୁଜରାଟର ତପି ବ୍ରିଜ୍

**ଗାନ୍ଧୀନଗର, ୧୪।୬:** ଗୁଜରାଟର ତପି ଦେଇ ପ୍ରବାହିତ ମିନ୍ଧୋଲା ନଦୀ ଉପରେ ନିର୍ମିତ ବ୍ରିଜ୍ ଉଦ୍‌ଘାଟନ ପୂର୍ବରୁ ବୁଧବାର ସକାଳେ ଭୁଶୁଡ଼ି ପଡ଼ିଛି। ୨୦୨୧ରେ ୨ କୋଟି ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଅତି ନିମ୍ନମାନର ସାମଗ୍ରୀ ଏଥିରେ ବ୍ୟବହାର କରାଯାଇଥିବା କୁହାଯାଉଛି। ତପିର ମାୟାପୁରରୁ ଦେଗାମାକୁ ସଂଯୋଗ କରିବାକୁ ଥିବା ଏହି ବ୍ରିଜ୍ ଭୁଶୁଡ଼ିବା ଫଳରେ ପ୍ରାୟ ୧୫ ଗ୍ରାମ ପ୍ରଭାବିତ ହୋଇଛି।

# ଦୋଷୀ ହେଲେ ବି ଲଢ଼ିପାରିବେ ଟ୍ରମ୍ପ୍

**ୱାଶିଂଟନ୍,୧୪।୬**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ବେଆଇନ ଭାବେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦସ୍ତାବିଜ ରଖିବା ଅଭିଯୋଗ ସ୍ଥିର ହୋଇଛି। ୭୭ ବର୍ଷୀୟ ଟ୍ରମ୍ପ୍ ୨୦୨୧ରେ ରାଷ୍ଟ୍ରପତି ପଦରୁ ଅବ୍ୟାହତି ନେବା ପରେ ଏହି ଗୁପ୍ତ ତଥା ସମ୍ବେଦନଶୀଳ ଦସ୍ତାବିଜଗୁଡ଼ିକୁ ନିଜ ବାଥରୁମ୍ ଓ ଶୟନକକ୍ଷରେ ରଖିଥିଲେ। ମଙ୍ଗଳବାର ଫ୍ଲୋରିଡାସ୍ଥିତ ମିଆମି ଫେଡେରାଲ କୋର୍ଟରେ ସେ ୩୭ ଅଭିଯୋଗକୁ ଖଣ୍ଡନ କରିବା ସହ ନିଜକୁ ନିର୍ଦ୍ଦୋଷ ଦର୍ଶାଇଥିଲେ। ଟ୍ରମ୍ପ୍ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଛାଡ଼ି ଦିଆଯାଇଥିଲା। ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ ଏପରି ଆପରାଧିକ ମାମଲା ଚାଲିବା ଆମେରିକା ଇତିହାସରେ ପ୍ରଥମ ଘଟଣା।


ଡୋନାଲ୍ଡ ଟ୍ରମ୍ପ୍

୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଦୌଡ଼ରେ ଆଗୁଆ ଥିବା ଡୋନାଲ୍ଡ ଟ୍ରମ୍ପ୍ ଗତ ଏପ୍ରିଲରେ ବ୍ୟବସାୟିକ ରେକର୍ଡ ଜାଲିଆତି ଅଭିଯୋଗରେ ଏକ କୋର୍ଟରେ ହାଜର ହୋଇଥିଲେ। ମେ’ ୯ରେ ଟ୍ରମ୍ପଙ୍କ ବିରୋଧରେ ଲେଖିକା ଇ. ଜିନ୍ କାରୋଲ୍ ବଳାତ୍କାର ଅଭିଯୋଗ ଆଣିଥିଲେ। ଟ୍ରମ୍ପ୍ ଏହି ଅଭିଯୋଗକୁ ମଧ୍ୟ ସେତେବେଳେ ଖଣ୍ଡନ କରିଥିଲେ। ଟ୍ରମ୍ପ୍ କାରୋଲଙ୍କୁ ବଳାତ୍କାର କରିଥିବା ନେଇ ବିଚାରପତି କୌଣସି ପ୍ରମାଣ ପାଇ ନ ଥିଲେ। ତେବେ ସେ ତାଙ୍କୁ ଯୌନ ଶୋଷଣ କରିଥିବା ପ୍ରମାଣ ମିଳିଥିବାରୁ ଲେଖିକାଙ୍କୁ ୫ ନିୟୁତ ଡଲାର ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ୩ ମାମଲା ପରେ ଟ୍ରମ୍ପ୍ ୨୦୨୪ରେ ହ୍ୱାଇଟ୍ ହାଉସ୍ ଦୌଡ଼ରେ ସାମିଲ ହୋଇପାରିବେ କି ନାହିଁ ସେନେଇ ଏବେ ବିତର୍କ ଆରମ୍ଭ ହୋଇଛି। ନ୍ୟୁୟର୍କ ହେଉ କି ଫ୍ଲୋରିଡା କୋର୍ଟରେ ଅଥବା କାରୋଲଙ୍କ ମାମଲାରେ ଟ୍ରମ୍ପ୍ ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଆଇନ ପ୍ରଧାପକ ରିଚାର୍ଡ ହସେନଙ୍କ ମତରେ ଟ୍ରମ୍ପଙ୍କ ବିରୋଧରେ ଅଭିଯୋଗ ସ୍ଥିର ହେଲେ ମଧ୍ୟ ଏପରି କି ସେ ଦୋଷୀ ସାବ୍ୟସ୍ତ ହେଲେ ବି ନିର୍ବାଚନ ଲଢ଼ିବାରୁ ତାଙ୍କୁ ଅଟକାଯାଇପାରିବ ନାହିଁ। ସମ୍ବିଧାନ ଅନୁସାରେ ଯଦି ଜଣେ ପ୍ରାର୍ଥୀ ଆମେରିକାରେ ଜନ୍ମିତ ହୋଇଥିବେ, ତାଙ୍କୁ ୩୫ ବର୍ଷ ହୋଇଥିବ ଏବଂ ଦେଶରେ ସେ ଅନ୍ୟୂନ ୧୪ ବର୍ଷ ରହିଥିବେ ତେବେ ନିର୍ବାଚନ ଲଢ଼ିପାରିବେ। ଏହାବାଦ୍ ଅନ୍ୟ କେତେକ ସାମ୍ବିଧାନିକ କଟକଣା ରହିଛି, ଯାହାକି ଟ୍ରମ୍ପଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ।

## ସଂକ୍ଷେପରେ

### ଗ୍ରୀସ୍‌ରେ ବୋଟ୍ ବୁଡ଼ି ୭୯ ମୃତ

**ଆଥେନ୍ସ,୧୪।୬:** ଗ୍ରୀସ୍ ପେଲୋପୋନେସ୍ସର ଲୋନିଆନ୍ ସମୁଦ୍ରରେ ବୋଟ୍ ବୁଡ଼ି ୭୯ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ରେସ୍କ୍ୟୁ ଟିମ୍ ଦ୍ୱାରା ପାଖାପାଖି ୧୦୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମାତ୍ରାଧିକ ଲୋକ ବୋଟ୍‌ରେ ବସିଥିବା ଯୋଗୁ ଭାରସାମ୍ୟ ହରାଇ ବୋଟ୍‌ଟି ବୁଡ଼ିଯାଇଥିବା କୋଷ୍ଟଗାର୍ଡ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ନୌସେନା ଜାହାଜ, ସେନା ବିମାନ ଓ ହେଲିକପ୍ଟର ନିୟୋଜିତ କରାଯାଇଥିଲା। ଘଟଣାରେ ଗୁରୁତରଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଜମ୍ମୁରେ ଏକକାଳୀନ ୪ ଥର ଭୂକମ୍ପ ଝଟକା

**ଜମ୍ମୁ,୧୪।୬:** ଜମ୍ମୁରେ ବୁଧବାର ଏକକାଳୀନ ୪ଟି ଭୂକମ୍ପ ଝଟକା ଅନୁଭୂତ ହେବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଡୋଡା ଓ କିସ୍ତୱାର ଜିଲାର ସମସ୍ତ ସ୍କୁଲ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଡୋଡାରେ ୫.୪ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ତେବେ ଭୂକମ୍ପ ଝଟକାରେ କୌଣସି କ୍ଷୟକ୍ଷତି ସୂଚନା ମିଳିନାହିଁ।

### ଡ୍ରଗ୍ସ ମାମଲାରେ କାବାଲି ଫିଲ୍ମ ପ୍ରଯୋଜକ ଗିରଫ


କେ.ପି. ଚୌଧୁରୀ

**ହାଇଦ୍ରାବାଦ,୧୪।୬:** ସୁପରଷ୍ଟାର ରଜନୀକାନ୍ତଙ୍କ ଅଭିନୀତ ଫିଲ୍ମ କାବାଲିର ପ୍ରଯୋଜକ କେ.ପି. ଚୌଧୁରୀଙ୍କୁ ବୁଧବାର ଡ୍ରଗ୍ସ ମାମଲାରେ ହାଇଦ୍ରାବାଦ ପୋଲିସ ଗିରଫ କରିଛି। ୯୦ ପ୍ୟାକେଟ୍‌ରୁ ପାଖାପାଖି ୮୨.୭୫ ଗ୍ରାମର କୋକେନ ପୋଲିସ ତାଙ୍କ ନିକଟରୁ ଜବତ କରିଛି। ଜବତ ଡ୍ରଗ୍ସର ବଜାର ମୂଲ୍ୟ ୭୮.୫ ଲକ୍ଷ ଟଙ୍କା ହେବ। ତେଲଙ୍ଗାନା ଖାମ୍ମାମ ଜିଲା ବୋନାକାଲ ମଣ୍ଡଳରେଚୌଧୁରୀଙ୍କ ଘର। ୨୦୧୬ରେ ସେ ଫିଲ୍ମ ଜଗତରେ ପ୍ରବେଶ କରିଥିଲେ। ଗୋଆରେ ତାଙ୍କର ଏକ କ୍ଲବ୍ ଥିବାବେଳେ ସେଠାରେ ସେ ଡ୍ରଗ୍ସ କାରବାର କରୁଥିବା ପୋଲିସ କହିଛି।

### ମା’ବାପାଙ୍କ ମୃତଦେହ ନିକଟରୁ ୪ ଦିନର ଶିଶୁ ଉଦ୍ଧାର

**ଡେରାଡୁନ୍,୧୪।୬:** ଉତ୍ତରାଖଣ୍ଡ ଡେରାଡୁନ୍‌ର ଏକ ବନ୍ଦଘର ଭିତରୁ ଦମ୍ପତିଙ୍କ ମୃତଦେହ ସାଙ୍ଗକୁ ଏକ ୪ ଦିନର ନବଜାତକକୁ ବୁଧବାର ପୋଲିସ ଉଦ୍ଧାର କରିଛି। ମୃତ ଦମ୍ପତି ହେଲେ ଉତ୍ତର ପ୍ରଦେଶ ସାହାରନପୁର ଜିଲାର କାଶିଫ (୨୫) ଏବଂ ଆନମ (୨୨)। ଆନମ କାଶିଫଙ୍କ ଦ୍ୱିତୀୟ ସ୍ତ୍ରୀ ଥିଲେ । ଘରୁ ଦୁର୍ଗନ୍ଧ ବାହାରୁଥିବା ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲା। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ଦିଆଯାଇଥିବାବେଳେ ନବଜାତକକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଋଣ ଭାର ଯୋଗୁ ଦମ୍ପତି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଆଜି ଲ୍ୟାଣ୍ଡଫଲ୍ କରିବ ‘ବିପର୍ଯ୍ୟୟ’

**ନୂଆଦିଲ୍ଲୀ,୧୪।୬**

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଅନୁସାରେ ଭୀଷଣ ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ଗୁରୁବାର ଗୁଜରାଟର ସୌରାଷ୍ଟ୍ର, କଚ୍ଛ ଏବଂ ପାକିସ୍ତାନ ଉପକୂଳରେ ଲ୍ୟାଣ୍ଡଫଲ୍ କରିବ। ସୁରକ୍ଷା ଦୃଷ୍ଟିରୁ ସମୁଦ୍ରକୂଳିଆ ଅଞ୍ଚଳକୁ ଖାଲି କରିଦିଆଯାଇଛି। ପ୍ରଶାସନ ପକ୍ଷରୁ ଉପକୂଳବର୍ତ୍ତୀ ଇଲାକାରେ ହାଇ ଆଲର୍ଟ ଜାରି କରାଯାଇଛି। ବାତ୍ୟା ପାଇଁ ପଶ୍ଚିମତଟ ରେଲୱେ ପକ୍ଷରୁ ୯୫ଟି ଟ୍ରେନ୍ ବାତିଲ କରାଯାଇଛି। ଗୁଜରାଟ ଉପକୂଳବର୍ତ୍ତୀ ଇଲାକାରୁ ବଦ୍ୟାବଧି ୫୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ଘଣ୍ଟାପ୍ରତି ୧୫୦ କି.ମି. ବେଗରେ ପବନ ବହିବ। ଅନ୍ୟପକ୍ଷେ ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ପ୍ରଭାବରେ ଦେଭୂମି ଦ୍ୱାରକା ଜିଲାରେ ସର୍ବାଧିକ ୧୨୧ ଏମ୍.ଏମ୍. ବର୍ଷା ରେକର୍ଡ କରାଯାଇଛି। ଜାମନଗର,



ସାମୁଦ୍ରିକ ଝଡ଼ ବିପର୍ଯ୍ୟୟ ସ୍ଥଳଭାଗ ଛୁଇଁବା ପୂର୍ବରୁ ଗୁଜରାଟର କଚ୍ଛ ଜିଲା ଗୁନାଉ ଗ୍ରାମରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଜଣେ ବିଏସ୍‌ଏଫ୍ ଯବାନ ଟ୍ରାକ୍ଟରରୁ ଶିଶୁଙ୍କୁ ଓହ୍ଲାଉଛନ୍ତି।

ଜୁନାଗଡ଼, ରାଜକୋଟ ପୋରବନ୍ଦର ଏବଂ କଚ୍ଛ ଜିଲାରେ ଲଗାଣ ବର୍ଷା ଜାରି ରହିଛି। ଭୀଷଣ ପବନ ବହିବା ଯୋଗୁ ଦ୍ୱାରକାରେ ଥିବା ଆକାଶବାଣୀର ୯୦ ମିଟର ଉଚ୍ଚତାର ଟାୱାର ଭାଙ୍ଗି ଯାଇଛି।

ବାତ୍ୟାର ମୁକାବିଲା ପାଇଁ ଉପକୂଳ ଇଲାକାରେ ୧୫ ଏନ୍‌ଡିଆର୍‌ଏଫ୍ ଟିମ୍, ୧୨ ଏସ୍‌ଡିଆର୍‌ଏଫ୍ ଟିମ୍ , ରାଜ୍ୟ ସଡ଼କ ଓ ଗୃହ ନିର୍ମାଣ ବିଭାଗର ୧୧୫ ଟିମ୍ ସାଙ୍ଗକୁ ରାଜ୍ୟ ବିଦ୍ୟୁତ ବିଭାଗର ୩୯୭ ଟିମ୍ ମୁତୟନ କରାଯାଇଛି। ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କଚ୍ଛ ସ୍ଥିତି ସମୀକ୍ଷା କରିଥିଲେ। ଭୁଜ ଏୟାରଫୋର୍ସରେ ବାତ୍ୟା ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିବା ସହ କେ.କେ. ପଟେଲ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବାତ୍ୟା ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପାକିସ୍ତାନ ଉପକୂଳ ଅଞ୍ଚଳରେ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ସରକାରଙ୍କ ପକ୍ଷରୁ ପାଖାପାଖି ୫୭,୦୦୦ ଲୋକଙ୍କୁ ସୁରକ୍ଷା ଶିବିରକୁ ନିଆଯାଇଛି।

**ଉପକୂଳ ଅଞ୍ଚଳରେ ହାଇ-ଆଲର୍ଟ**

**୫୦,୦୦୦ ଲୋକ ସ୍ଥାନାନ୍ତରିତ**

## ପ୍ରାର୍ଥୀପତ୍ର ଦାଖଲ ବେଳେ ହିଂସା

**କୋଲକାତା,୧୪।୬**

ପଶ୍ଚିମବଙ୍ଗରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବୁଧବାର ଦକ୍ଷିଣ ୨୪ ପ୍ରଗଣା ଭାଙ୍ଗୋରେ ଅଞ୍ଚଳରେ ପ୍ରାର୍ଥୀପତ୍ର ଦାଖଲ ସମୟରେ ହିଂସାକାଣ୍ଡ ଘଟିଛି। ନିର୍ବାଚନକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ମଧ୍ୟରେ ଜୋର୍‌ଦାର ସଂଘର୍ଷ ଦେଖିବାକୁ ମିଳିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବୋମା ଫୋପଡ଼ା ପିଙ୍ଗା କରାଯାଇଥିବାବେଳେ କାର୍ ଭଙ୍ଗାରୁଜା କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ସଂଘର୍ଷରେ ଉଭୟ ଟିଏମ୍‌ସି ଏବଂ ଆଇଏସ୍‌ଏଫ୍‌ର କର୍ମୀ ଆହତ ହୋଇଥିବା ପୋଲିସ କହିଛି। ସେହିପରି ପ୍ରାର୍ଥୀପତ୍ର ଦାଖଲବେଳେ ବାଙ୍କୁରାରେ ମଧ୍ୟ ଟିଏମ୍‌ସି ଓ ଭାଜପା କର୍ମୀଙ୍କ ମଧ୍ୟରେ ହିଂସା ଦେଖିବାକୁ ମିଳିଥିଲା। ଆସନ୍ତା ଜୁଲାଇ ୮ରେ ପଶ୍ଚିବବଙ୍ଗରେ ପଞ୍ଚାୟତ ନିର୍ବାଚନ ହେବ।



## କୋଲକାତା ଏୟାରପୋର୍ଟରେ ନିଆଁ

**କୋଲକାତା, ୧୪।୬**

କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ରାତି ୯ଟା ୧୦ମିନିଟରେ ଅଗ୍ନିକାଣ୍ଡ ଘଟିଛି। ବିମାନଯାତ୍ରୀମାନେ ବୋର୍ଡିଂ ପାସ୍ ସଂଗ୍ରହ କରୁଥିବା ଦି ପୋର୍ଟାଲ ଏରିଆରେ ନିଆଁ ଲାଗିଥିବାବେଳେ ଏହାକୁ ଆୟତ୍ତ କରିବା ପାଇଁ ୩ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଛି। ବିମାନବନ୍ଦରର ସିକ୍ୟୁରିଟି ଚେକ୍ ପଏଣ୍ଟର କିଛି ଭାଗରେ ମଧ୍ୟ ନିଆଁ ଲାଗିଥିବା ସୂଚନା ମିଳିଛି। ସମସ୍ତ ବିମାନଯାତ୍ରୀ ଓ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।

## ଭାରତ ଛାଡୁଛନ୍ତି ମିଲିଅନେୟାର

**ନୂଆଦିଲ୍ଲୀ,୧୪।୬**

ଚଳିତବର୍ଷ ଭାରତରୁ ମିଲିଅନେୟାର ମାନଙ୍କ ଗଣପଳାୟନ ହେବ। ୨୦୨୩ରେ ଦେଶ ୬,୫୦୦ ହାଇ-ନେଟ୍-ଓର୍ଥ ଇଣ୍ଡିଭିଜୁଆଲ (ଏଚ୍‌ଏନ୍‌ଡବ୍ଲ୍ୟୁଆଇ)ଙ୍କୁ ହରାଇବ ବୋଲି ହେନ୍‌ଲେ ପ୍ରାଇଭେଟ୍ ୱେଲ୍‌ଥ ମାଇଗ୍ରେଶନ୍ ରିପୋର୍ଟରେ ପ୍ରକାଶ ପାଇଛି।

ବିଶ୍ୱବ୍ୟାପୀ ସମ୍ପତ୍ତି ଓ ନିବେଶ ମାଇଗ୍ରେଶନ୍ ଟ୍ରେଣ୍ଡ ଉପରେ ନଜର ରଖୁଥିବା ନ୍ୟୁ ୱାର୍ଲ୍ଡ ୱେଲ୍‌ଥ ପକ୍ଷରୁ କୁହାଯାଇଛି ଯେ, ୨୦୨୩ରେ ଚାଇନା ସର୍ବାଧିକ ୧୩,୫୦୦ ମିଲିଅନେୟାରଙ୍କୁ ହରାଇବ। ସେହିପରି ଭାରତ ୬,୫୦୦ ଏଚ୍‌ଏନ୍‌ଡବ୍ଲ୍ୟୁଆଇଙ୍କୁ ହରାଇ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିବ। ଏହାସତ୍ତ୍ୱେ ଭାରତର ସ୍ଥାନରେ କିଛି ମାତ୍ରାରେ ଉନ୍ନତି ଆସିପାରେ। କାରଣ ଗତବର୍ଷ ଭାରତରୁ ୭,୫୦୦ ମିଲିଅନେୟାର ବିଦେଶକୁ ଚାଲିଯାଇଥିଲେ। ନ୍ୟୁ ୱାର୍ଲ୍ଡ ୱେଲ୍‌ଥ ଗବେଷଣା ମୁଖ୍ୟ ଆଣ୍ଡ୍ରୁ ଆମୋଇଲ୍ସ କହିଛନ୍ତି, ଭାରତରୁ ପଳାୟନ କରୁଥିବା ମିଲିଅନେୟାରଙ୍କ ତୁଳନାରେ ନୂଆ ସୃଷ୍ଟି ହେଉଥିବା ମିଲିଅନେୟାରଙ୍କ ସଂଖ୍ୟା ଅଧିକ ଥିବାରୁ ଏହା ବିଶେଷ ଚିନ୍ତାର କାରଣ ନୁହେଁ। ହେନ୍‌ଲି ଆଣ୍ଡ୍ ପାଟନର୍ସ ଅନୁସାରେ ଯେଉଁ ଧନୀ ବ୍ୟକ୍ତିଙ୍କ ନିବେଶଯୋଗ୍ୟ ସମ୍ପତ୍ତିର ମୂଲ୍ୟ ୧ ନିୟୁତ ଡଲାର କିମ୍ବା ତଦୂର୍ଦ୍ଧ୍ୱ ତାଙ୍କୁ ଏଚ୍‌ଏନ୍‌ଡବ୍ଲ୍ୟୁଆଇ କୁହାଯାଏ। ହେନ୍‌ଲି ଆଣ୍ଡ୍ ପାଟନର୍ସ ସିଇଓ ଜୁଏର୍ଗ ଷ୍ଟିଫେନ୍ କହିଛନ୍ତି, ଗତ ୧ ଦଶନ୍ଧି ମଧ୍ୟରେ ଦେଶାନ୍ତରୀ ହୋଇଥିବା ମିଲିଅନେୟାରଙ୍କ ସଂଖ୍ୟା ବଢ଼ିଛି। ସାରା ବିଶ୍ୱରେ ୨୦୨୩ରେ ୧,୨୨,୦୦୦ ଓ ୨୦୨୪ରେ ୧,୨୮,୦୦୦ ମିଲିଅନେୟାର ଦେଶାନ୍ତରୀ ହୋଇପାରନ୍ତି।

## ଲଣ୍ଡନରେ ଭାରତୀୟ ଯୁବତୀଙ୍କୁ ହତ୍ୟା

**ଲଣ୍ଡନ,୧୪।୬**

ଲଣ୍ଡନର ୱେମବ୍ଲେସ୍ଥିତ ନିଲ୍ଡ କ୍ରିସେଣ୍ଟରେ ଜଣେ ଭାରତୀୟ ଯୁବତୀଙ୍କୁ ହତ୍ୟା କରାଯାଇଛି। ହାଇଦ୍ରାବାଦର ୨୭ ବର୍ଷୀୟା କୋନ୍ଥାମ ତେଜସ୍ୱିନୀଙ୍କୁ ତାଙ୍କ ଫ୍ଲାଟମେଟ୍ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ବ୍ରାଜିଲର। ଘଟଣା ନେଇ ମେଟ୍ରୋପଲିଟାନ୍ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଦିନ ସକାଳ ୧୦ଟାରେ ତେଜସ୍ୱିନୀଙ୍କୁ ଛୁରା ମାଡ଼ କରି ହତ୍ୟା କରାଯାଇଥିଲା। ତେଜସ୍ୱିନୀଙ୍କୁ ଆହତ ଅବସ୍ଥାରେ ଜଣେ ଯୁବତୀ ହସ୍ପିଟାଲ ନେଇଥିଲେ। ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାଇଥିବା ତେଜସ୍ୱିନୀ କେତେଜଣ ବାନ୍ଧବୀଙ୍କ ସହ ଏକ ଫ୍ଲାଟରେ ରହୁଥିଲେ। ଗତ ସପ୍ତାହରେ ଅଭିଯୁକ୍ତ ବ୍ରାଜିଲର ଯୁବକ ଜଣକ ସେଠାକୁ ସିଫ୍ଟ ହୋଇଥିବା ତେଜସ୍ୱିନୀଙ୍କ ସମ୍ପର୍କୀୟ ଭଉଣୀ ବିଜୟା କହିଛନ୍ତି। ତେବେ ମେଟ୍ରୋପଲିଟାନ ପୋଲିସ ଘଟଣା ତଦନ୍ତ ଚଳାଇଛନ୍ତି।


କୋନ୍ଥାମ ତେଜସ୍ୱିନୀ

# ଚାପ ଯୋଗୁ ଚାକିରି ଛାଡୁଛନ୍ତି କର୍ମଚାରୀ

**ୱାଶିଂଟନ୍,୧୪।୬**

କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପରେ ଚାପ କ୍ରମାଗତ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ସେମାନଙ୍କ କାର୍ଯ୍ୟଶୈଳୀ ଉପରେ ପଡ଼ିଛି। ଆମେରିକାର ଆନାଲିଟିକ୍ସ ଆଡ୍‌ଭାଇଜରି କମ୍ପାନୀ ଗାଲୁପ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ କର୍ମକ୍ଷେତ୍ରରେ ଚାପ ବଢ଼ିବା ଯୋଗୁ କର୍ମଚାରୀ ଓ ମାଲିକଙ୍କ ମଧ୍ୟରେ ଝଗଡ଼ା ଦେଖିବାକୁ ମିଳୁଛି। ଷ୍ଟ୍ରେସ୍‌ରେ ରହୁଥିବା କର୍ମଚାରୀଙ୍କ ଚାକିରି ଓ ବ୍ୟକ୍ତିଗତ ଜୀବନମଧ୍ୟରେ କେଉଁ ପ୍ରକାର ଅନୁଭୂତି ରହୁଛି, ସେ ସମ୍ପର୍କରେ ଗାଲୁପ ‘ଷ୍ଟେଟ୍ ଅଫ୍ ଦ ଗ୍ଲୋବାଲ ୱାର୍କ ପ୍ଲେସ୍ ୨୦୨୩’ରେ ଉଲ୍ଲେଖ କରାଯାଇଛି।



ବିଶ୍ୱରେ ମୋଟ ୫୯% କର୍ମଚାରୀଙ୍କ ସ୍ଥିତି କ୍ୱାଇଟ୍ କ୍ୱିଟିଙ୍ଗରେ ରହିଛି ଅର୍ଥାତ୍ ସେମାନେ କୌଣସି ସଂସ୍ଥାରେ କାର୍ଯ୍ୟ କରୁନାହାନ୍ତି। ସେହିପରି ୧୮% ଲାଇଡ୍ କ୍ୱିଟିଙ୍ଗ୍ ସ୍ଥିତିରେ ଅଛନ୍ତି। ସେମାନେ ହେଲେ ଚାକିରି ଛାଡ଼ିବାକୁ ଥିବା କର୍ମଚାରୀ। ୧୬୦ ଦେଶର ୧,୨୨,୪୧୬ ଜଣ କର୍ମଚାରୀଙ୍କୁ ନେଇ ଉକ୍ତ ସର୍ଭେ କରାଯାଇଛି। ବିଶ୍ୱବ୍ୟାପୀ ପ୍ରତି ୧୦ ଜଣଙ୍କ ମଧ୍ୟରେ ୬ ଜଣ ଚାକିରି ଛାଡୁଛନ୍ତି। ଚାକିରି ଛାଡୁଥିବା କର୍ମଚାରୀଙ୍କ ମଧ୍ୟରୁ ୪୧% ଗୋଟିଏ ସଂସ୍ଥା ଛାଡ଼ି ଅନ୍ୟତ୍ର କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସେହିପରି ୨୮% ନିଜ ଦରମା ଓ ଲାଭପ୍ରାପ୍ତି ପାଇଁ ଚାକିରି ଛାଡୁଥିବାବେଳେ ୧୬% କାର୍ଯ୍ୟ ଦକ୍ଷତା ହାସଲ ପାଇଁ କର୍ମକ୍ଷେତ୍ର ପରିବର୍ତ୍ତନ କରୁଥିବା ଜଣାପଡ଼ିଛି। କର୍ମଚାରୀଙ୍କ ଅସନ୍ତୋଷକୁ ଦୂର କରିବା ପାଇଁ କମ୍ପାନୀ ମାଲିକ ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କ ସହ ଜଡ଼ିତ ରହିବା ଆବଶ୍ୟକ। ଅନ୍ୟପକ୍ଷେ ଅଫିସରେ ସହଯୋଗ ପ୍ରଦର୍ଶନ କରୁଥିବା ମ୍ୟାନେଜରଙ୍କର ମଧ୍ୟ ଆବଶ୍ୟକତା ରହିଛି। ସୁସମ୍ପର୍କ ସ୍ଥାପନ ଦ୍ୱାରା କର୍ମକ୍ଷେତ୍ରର ବାତାବରଣ ଭଲ ରହିବା ସହ କର୍ମଚାରୀ ଚାକିରି ଛାଡ଼ିବା ଅସୁବିଧା ଦୂର କରାଯାଇପାରିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ | Bhubaneswar, Thursday, June 15/2023 | ପୃଷ୍ଠା-୧



**ରେକର୍ଡ ଭାଙ୍ଗିଲେ ଅଦିତି**
କଲମ୍ବିଆର ମେଡେଲିନଠାରେ ଅନୁଷ୍ଠିତ ଆର୍ଚେରୀ ବିଶ୍ୱକପ ଷ୍ଟେଜ୍-୩ରେ ଚମତ୍କାର ପ୍ରଦର୍ଶନ କରି ଭାରତର ଅଦିତି ସ୍ୱାମୀ ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି।

୧୪

୧୨

**ବିଜୟଙ୍କ ସହ ଏକାଠି ନଜର ଆସିବେ ମୃଣାଳ**
ଅଭିନେତ୍ରୀ ମୃଣାଳ ଠାକୁର୍‌ଙ୍କ ଆଗାମୀ ଫିଲ୍ମରେ ସେ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହ ଏକାଠି ନଜର ଆସିବେ।



# ମା’ ଆଗରେ ପୁଅକୁ ଟାଣି ନେଲା କୁମ୍ଭୀର

## ■ ନଦୀରୁ ମିଳିଲା କ୍ଷତବିକ୍ଷତ ମୃତଦେହ
## ■ ଉତ୍ତେଜନା, ରାସ୍ତା ଅବରୋଧ

କେନ୍ଦ୍ରାପଡ଼ା,୧୪।୬(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ନିମପୁର ଗ୍ରାମରେ ବୁଧବାର ପହିଲି ରଜରେ ଏକ ଅଭାବନୀୟ ଘଟଣା ଘଟିଛି । ମା’ ସହିତ ନଦୀକୁ ଗୋଧାଇ ଯାଇଥିବା ପୁଅକୁ କୁମ୍ଭୀର ଟାଣି ନେବା ଘଟଣା ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ମୃତକ ହେଲେ ଅଶୋକ ଆଚାର୍ଯ୍ୟଙ୍କ ଏକମାତ୍ର ପୁଅ ଆଶୁତୋଷ (୧୦)। ବହୁ ଖୋଜାଖୋଜି ପରେ ଆଶୁତୋଷଙ୍କ କ୍ଷତବିକ୍ଷତ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ପହିଲି ରଜର ଖୁସି ନିମପୁର ଗାଁରୁ ଉଭେଇ ଯାଇଛି।

ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ସାଢେ ୭ଟାରେ ଆଶୁତୋଷ ଓ ତାଙ୍କ ମା’ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତୁଠରେ ହୋଇଥିବା ତାରବାଡ଼ରେ ଉଭୟ ଗାଧୋଉଥିବା ସମୟରେ ଆଗରୁ ଛକି ରହିଥିବା ଏକ ବିରାଟ କୁମ୍ଭୀର ଆଶୁତୋଷଙ୍କୁ ଝାମ୍ପି ନଦୀ ଭିତରକୁ ନେଇଯାଇଥିଲେ। ଏହାଦେଖି ଆଶୁତୋଷଙ୍କ ମା’ ଚିତ୍କାର କରିବା ସହିତ ପୁଅକୁ କୁମ୍ଭୀର ମୁହଁରୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ସେ ସଫଳ ହୋଇ ନ ଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକଙ୍କ ସହିତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପଟ୍ଟାମୁଣ୍ଡାଇ ଦମକଳ ବାହିନୀକୁ ଖବର ଦେଇଥିଲେ। ଏହାପରେ ଗ୍ରାମବାସୀ ଡିଙ୍ଗୀ(ଛୋଟ ଡଙ୍ଗା)ରେ ଆଶୁତୋଷଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ହେଲେ ନଦୀର ଆର ପଟେ ଆଶୁତୋଷଙ୍କ କ୍ଷତବିକ୍ଷତ ମୃତଦେହ



ଆଶୁତୋଷ ଆଚାର୍ଯ୍ୟ

ମିଳିଥିଲା। ପଟ୍ଟାମୁଣ୍ଡାଇ ଦମକଳ ବାହିନୀଙ୍କ ପାଖରେ ପାୱାର ବୋଟ ନ ଥିଲା। ଆଳି ଦମକଳ ବାହିନୀ ଆସି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ଆଶୁତୋଷଙ୍କ ମୃତଦେହକୁ କୂଳକୁ ଆଣିସାରିଥିଲେ। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ତୁରନ୍ତ କୁମ୍ଭୀରକୁ ଧରିବା ପାଇଁ ସାଧାରଣରେ ଦାବି କରାଯିବା ସହିତ ସମସ୍ତ ତୁଠରେ ବାରିକେଡ୍ କରିବା ପାଇଁ ଜୋର୍ ଦିଆଯାଇଥିଲା । ସ୍ଥାନୀୟ ଲୋକେ ପଟ୍ଟାମୁଣ୍ଡାଇ-ରାଜନଗର ଉପର ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ତହସିଲଦାର ☞ପୃଷ୍ଠା-୨

## ନିମ୍ନମାନର ତାରବାଡ଼ ଜୀବନ ନେଉଛି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ପଞ୍ଚମ ଶ୍ରେଣୀ ଛାତ୍ର ଆଶୁତୋଷ ଆଚାର୍ଯ୍ୟଙ୍କୁ କୁମ୍ଭୀର ଟାଣି ନେଇଥିଲା। ପ୍ରାୟ ଘଣ୍ଟାଏ ପରେ ଆଶୁତୋଷଙ୍କ ମୃତଦେହ ମିଳିଥିଲା। ତୁଠରେ ନିମ୍ନମାନର ତାରବାଡ଼ (ବାରିକେଡ୍) ଯୋଗୁ ଆଶୁତୋଷଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରି କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ୭ ନଦୀ ଓ ୨୭ ଶାଖା ନଦୀ ଅଞ୍ଚଳରେ କୁମ୍ଭୀର ଦେଖାଦେବା ସହ ଏମାନଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ବନବିଭାଗ ଗତ

**କୁମ୍ଭୀର ଆଁରେ ନଦୀ ତଟବର୍ତ୍ତୀ ଗାଁ**

୧୦ ବର୍ଷ ମଧ୍ୟରେ ମାତ୍ର ୧୬ ଜଣଙ୍କୁ ମୃତ ଦର୍ଶାଇଥିବା ବେଳେ ସ୍ଥାନୀୟ ଅଧିବାସୀ କୁହନ୍ତି, ବହୁ ଲୋକଙ୍କୁ କୁମ୍ଭୀର ଟାଣି ନେଇଥିଲେ ମଧ୍ୟ ମୃତଦେହ ନ ମିଳିବାରୁ ଏହା ମିସିଂ କେସ୍‌ରେ ସୀମିତ ରହିଛି। ଏଭଳି ମିସିଂ ଘଟଣା ସ୍ଥାନୀୟ ୫ଟି ଥାନାରେ ଅନୁସନ୍ଧାନ କଲେ ଶତାଧିକ ମାମଲା ନଜରକୁ ଆସିବ ବୋଲି କୁହନ୍ତି ବୁଦ୍ଧିଜୀବୀ ଦୋଳଗୋବିନ୍ଦ ଜେନା। କୁମ୍ଭୀର ଆକ୍ରମଣର ଶିକାର ସଂଖ୍ୟା ପ୍ରତିବର୍ଷ ୨୦ରୁ ☞ପୃଷ୍ଠା-୨



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ବୁଧବାର ଆୟୋଜିତ ରଜ ଉତ୍ସବରେ ଯୁବତୀମାନେ ଦୋଳି ଖେଳୁଛନ୍ତି। (ଫଟୋ-ମୌସମ)

# ବାଧ୍ୟତାମୂଳକ ହେବ ବୋର୍‌ୱେଲ ପଞ୍ଜୀକରଣ

ଭୁବନେଶ୍ୱର,୧୪।୬(ଅନିଲ ଦାସ)

ବର୍ଷାଭାବ ରାଜ୍ୟର ଜଳ ଉତ୍ସ ଉପରେ ଗଭୀର ପ୍ରଭାବ ପକାଇଲାଣି। ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁ ବର୍ଷର ଅଧିକାଂଶ ଦିନ ନଦୀ, ହ୍ରଦ, ଝରଣା, ପୋଖରୀ ଶୁଖିଲା ପଡୁଛି। ଭୂଗର୍ଭ ଜଳ ଉପରେ ଚାପ ବଢ଼ିଚାଲିଛି। ରାଜ୍ୟର ଅନେକ ଜିଲାରେ ଭୂତଳ ଜଳସ୍ତର ଭୟଙ୍କର ଭାବେ ତଳକୁ ଖସିବାରେ ଲାଗିଛି। ଏପରି କି କେତେକ ସ୍ଥାନରେ ଗଭୀର ନଳକୂପରୁ ମଧ୍ୟ ପାଣି ବାହାରୁ ନାହିଁ। ଶିଳ୍ପଠାରୁ ଆରମ୍ଭ କରି ବ୍ୟବସାୟିକ, ଘରୋଇ ବ୍ୟବହାର ପାଇଁ ମନଇଚ୍ଛା ପାଣି ଶୋଷା ଯାଉଥିବାରୁ ପରିସ୍ଥିତି ସଙ୍ଗିନ ହେଲାଣି। ରାଜ୍ୟରେ କେଉଁ ଶିଳ୍ପ କେତେ ପାଣି ଶୋଷୁଛନ୍ତି ତାହାର ମଧ୍ୟ କିଛି ହିସାବ ନାହିଁ। ଭୂତଳ

**ଭୂତଳ ଜଳ ପାଇଁ ଖୁବ୍‌ଶୀଘ୍ର ନୂଆ ନିୟମ**

■ ଗଠନ ହେବ ଗ୍ରାଉଣ୍ଡ ୱାଟର ଅଥରିଟି
■ ପ୍ରଦୂଷଣକାରୀଙ୍କ ବିରୋଧରେ ୨୦ ଲକ୍ଷ ଯାଏ ହେବ ଜରିମାନା

**ଭୁବନେଶ୍ୱର ସମେତ ୮ ବ୍ଲକ୍‌ରେ ଚିନ୍ତାଜନକ ସ୍ଥିତି**

ଗ୍ରାଉଣ୍ଟ ୱାଟର ରିସୋର୍ସ ଆସେସ୍‌ମେଣ୍ଟ(ଜିଡବ୍ଲ୍ୟୁଆରଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩, ୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି। ରାଜ୍ୟର ୮ଟି ବ୍ଲକରେ ଭୂଗର୍ଭସ୍ଥ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଉଛି। ସେହି ବ୍ଲକ୍‌ଗୁଡ଼ିକ ହେଲା ତାଳଚେର, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା, ଭୁବନେଶ୍ୱର ଓ ନୟାଗଡ଼। ଏହିସବୁ ବ୍ଲକରେ ଭୂଗର୍ଭ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ଭୂତଳ ଜଳ ସେମି କ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉକ୍ତ ବ୍ଲକଗୁଡ଼ିକରେ ଯଦି ଭୂଗର୍ଭସ୍ଥ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ଡହଳବିକଳ ହେବାକୁ ପଡ଼ିବ।

ଜଳ ସଙ୍କଟ ଜଳଜଳ ହୋଇ ଦିଶିଲାଣି। ମନଇଚ୍ଛା ଭୂଗର୍ଭ ଜଳ ବ୍ୟବହାର ଓ ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି ଛାଟ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ଖୁବ୍‌ଶୀଘ୍ର ଓଡ଼ିଶା ଭୂତଳ ଜଳ ଅଧିନିୟମ(ରୁଲ୍ସ)-୨୦୨୩ କାର୍ଯ୍ୟକାରୀ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଆଉ ମନଇଚ୍ଛା ଭୂଗର୍ଭରୁ ପାଣି ଶୋଷି ହେବନି। ଏଥିପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଶିଳ୍ପ, ବ୍ୟବସାୟିକ, ୱାଟର ପାର୍କ, ବୃହତ୍ ଓ ☞ପୃଷ୍ଠା-୨

# ୨୦ ସୁଦ୍ଧା ଓଡ଼ିଶାରେ ମୌସୁମୀ

ଭୁବନେଶ୍ୱର,୧୪।୬(ଅନିଲ ଦାସ)

ଆସନ୍ତା ୨୦ ତାରିଖ ମଧ୍ୟରେ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବା ସମ୍ଭାବନା ରହିଛି। ଏ ନେଇ ପାଗ ଅନୁକୂଳ ହେଉଛି। ଗତ କିଛିଦିନ ଧରି ରାଜ୍ୟକୁ ଉତ୍ତର-ପୂର୍ବ ଦିଗରୁ ବାୟୁ ପ୍ରବାହ ହେଉଥିବା ବେଳେ ଦୁଇଦିନ ହେବ ଦକ୍ଷିଣ-ପଶ୍ଚିମ ଦିଗରୁ ବହୁଛି। ପାଗ ଅନୁକୂଳ ହେଉଥିବାରୁ ଆସନ୍ତା ୧୮ରୁ ୨୧ ମଧ୍ୟରେ ମୌସୁମୀ ପୂର୍ବ ଭାରତର କିଛି ଅଂଶକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ତାତି ସାମାନ୍ୟ ହ୍ରାସ ପାଇଛି। ଉପକୂଳ ଓଡ଼ିଶାରେ ପାଗ ମେଘୁଆ ରହୁଥିବା ବେଳେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ତାତି ୨ରୁ ୩ ଡିଗ୍ରୀ ସେଲ୍‌ସିୟସ କମିଛି। ଆସନ୍ତା ୫ ଦିନ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ମଙ୍ଗଳବାର ଭଳି ବୁଧବାର ଉପକୂଳ ଜିଲାରେ ତାତି କମିଥିଲେ ମଧ୍ୟ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ଅଧିକାଂଶ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ତେବେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୪.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୩.୭, ଝାରସୁଗୁଡ଼ା ୪୩.୬, ହୀରାକୁଦ ୪୩.୭, ଭବାନୀପାଟଣା ୪୩, ବୌଦ୍ଧ ୪୨.୮, ବଲାଙ୍ଗୀର ୪୨.୫, ଟିଟିଲାଗଡ଼ ୪୨.୫, ବରଗଡ଼ ୪୨.୨, ମାଲକାନଗିରି ୪୨, ସୁନ୍ଦରଗଡ଼ ୪୧.୩, ନୂଆପଡ଼ା ୪୧, ତାଳଚେର ୪୦.୬, ଅନୁଗୋଳ ୪୦.୧, ରାଉରକେଲା ୪୦, ନୟାଗଡ଼ ୪୦, ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ବିରୋଧୀ ଦମନ ପାଇଁ ଇଡି ଅସ୍ତ୍ର

## ■ ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଗିରଫ
## ■ ହଠାତ୍ ଅସୁସ୍ଥ, ଆଇସିୟୁରେ ଭର୍ତ୍ତି
## ■ କେନ୍ଦ୍ରକୁ ଘେରିଲେ ବିରୋଧୀ

ଚେନ୍ନାଇ/ନୂଆଦିଲ୍ଲୀ,୧୪।୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ତାମିଲନାଡୁ, କର୍ନାଟକ, ପଞ୍ଜାବ, କେରଳ, ରାଜସ୍ଥାନ, ଛତିଶଗଡ଼, ବିହାର ଓ ଝାଡ଼ଖଣ୍ଡ ସବୁଠି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ବିରୋଧୀଙ୍କୁ ଦମନ କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଅସ୍ତ୍ରରୂପେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହିକ୍ରମରେ ବୁଧବାର ତାମିଲନାଡୁର ବିଦ୍ୟୁତ୍ ଓ ଅବକାରୀ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଥିରୁ ଭି. ସେନ୍ଥିଲ ବାଲାଜୀଙ୍କୁ ୧୮ ଘଣ୍ଟା ଜେରା ପରେ ଇଡି ଗିରଫ କରିଛି। ଗିରଫଦାରି ପରେ ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ିଯିବାରୁ ତାଙ୍କୁ ଚେନ୍ନାଇସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରି ଏଞ୍ଜିଓଗ୍ରାମ୍ କରାଯାଇଛି। ଏହି ଗିରଫଦାରିକୁ ବିରୋଧୀ ଦଳଗୁଡ଼ିକ ଦୃଢ଼ ନିନ୍ଦା କରିଛନ୍ତି।

ତାମିଲନାଡୁର ବିଦ୍ୟୁତ୍ ଓ ଅବକାରୀ ମନ୍ତ୍ରୀ ତଥା ଡିଏମ୍‌କେର କରୁର ଜିଲା ସମ୍ପାଦକ ନେତା ଥିରୁ ଭି.ସେନ୍ଥିଲ ବାଲାଜୀଙ୍କୁ ଏକ ମନି ଲଣ୍ଡରିଂ ମାମଲାରେ ବୁଧବାର ଇଡି ଗିରଫ କରିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍‌ର କୌଣସି ମନ୍ତ୍ରୀଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସି ଏପରି କାର୍ଯ୍ୟାନୁଷ୍ଠାନ ନେବାରେ ଏହା ହେଉଛି ପ୍ରଥମ ଘଟଣା। ୪୭ ବର୍ଷୀୟ କରୁର ଷ୍ଟ୍ରଙ୍ଗ୍‌ମ୍ୟାନ୍ ବାଲାଜୀ ୨୦୧୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୨



ଥିରୁ ଭି.ସେନ୍ଥିଲ ବାଲାଜୀ ଏବଂ ତାଙ୍କୁ ମେଡିକାଲ ନିଆଯିବା ସମୟର ଦୃଶ୍ୟ।

“ସଚିବାଳୟରେ ଇଡି ଚଢ଼ାଉ ଦେଶର ସଂଘୀୟ ସହଯୋଗିତାର ଉଲ୍ଲଂଘନ। ଭାଜପା ନିଜ ବିରୋଧୀଙ୍କୁ ଧମକ ଦେଉଛି। ଏହାର ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ଡିଏମ୍‌କେ ନଇଁଯିବ ନାହିଁ। ଜନ ସାଧାରଣ ସବୁ ଦେଖୁଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ମୁହଁତୋଡ଼ ଜବାବ ଦେବେ।

**-ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ**

## ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ପରଲୋକ



ଭୁବନେଶ୍ୱର,୧୪।୬
(ଅନୁରାଧା ମହାରଣା)

ଭୁବନେଶ୍ୱରର ପୂର୍ବତନ ପୌରାଧ୍ୟକ୍ଷ ତଥା ବିଶିଷ୍ଟ ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ବୁଧବାର ଶହୀଦନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବାସଭବନରେ ଶେଷ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ପ୍ରାଣୀ ଯନ୍ତ୍ରଣାର ତୁଳନା**

# ୧୬% ବୟସ୍କା ମହିଳା ଦୁର୍ବ୍ୟବହାର ଶିକାର

ନୂଆଦିଲ୍ଲୀ,୧୪।୬

ଦେଶରେ ମହିଳା ନିର୍ଯାତନାକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ମହିଳା ସଶକ୍ତୀକରଣ ପାଇଁ ଅନେକ ଯୋଜନା ଗଠନ ସତ୍ତ୍ୱେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର କମିପାରି ନାହିଁ। ଆଜି ବି ଅନେକ ସ୍ଥାନରେ ମହିଳା ନିର୍ଯାତିତା। ଏକ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ) ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଦେଶରେ ୧୬ ପ୍ରତିଶତ ବୟସ୍କା ମହିଳା ଦୁର୍ବ୍ୟବହାରର ଶିକାର ହେଉଛନ୍ତି।

ଉଭୟ ଶାରୀରିକ ଓ ମାନସିକ ଭାବେ ବୟସ୍କା ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ଜୁନ୍ ୧୫ରେ ପାଳନ ହେଉଥିବା ବିଶ୍ୱ ବୟସ୍କ ଦୁର୍ବ୍ୟବହାର ସଚେତନତା ଦିବସ ଅବସରରେ ଏନ୍‌ଜିଓ ତରଫରୁ ୬୦ରୁ ୯୦ ବୟସ ବର୍ଗର ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଛି। ମେ’ରୁ ଜୁନ୍ ମାସ ପର୍ଯ୍ୟନ୍ତ ଚାଲିଥିବା ଉକ୍ତ ସର୍ଭେରେ ଉଭୟ ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ଦୁଇ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୭,୯୧୧ ଜଣ ମହିଳାଙ୍କୁ ସାମିଲ କରାଯାଇଥିଲା।

ଦୁର୍ବ୍ୟବହାରର ଶିକାର ହେଉଥିବା ମୋଟ ବୟସ୍କ ମହିଳାଙ୍କର ୫୦%ଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଛି। ସେହିପରି ୪୬%ଙ୍କୁ ବେଖାତିର ବ୍ୟବହାର ପ୍ରଦର୍ଶନ କରାଯାଉଥିବାବେଳେ ୪୦%ଙ୍କୁ ମାନସିକ ଏବଂ ଆବେଗ ☞ପୃଷ୍ଠା-୨

# ମଣିପୁର ହିଂସାରେ ୯ ମୃତ, ୧୦ ଆହତ

ଇମ୍ଫାଲ/ନୂଆଦିଲ୍ଲୀ,୧୪।୬

ଭାଜପା ଶାସନାଧୀନ ମଣିପୁରରେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ମାସାଧିକ କାଳ ଧରି ଚାଲିଥିବା ଜାତିଆଣ ସଂଘର୍ଷ ଥମିବାର ନାଁ ନେଉନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଖାମେନ୍‌ଲୋକ ଅଞ୍ଚଳର କୁକି ଗ୍ରାମରେ ବନ୍ଧୁକଧାରୀମାନେ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିଛନ୍ତି। ଏହି ହିଂସାରେ ଜଣେ ମହିଳାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ସାନି ହିଂସା ପରେ ସମ୍ପୃକ୍ତ ଅଞ୍ଚଳରେ ପୁଣି କର୍ଫ୍ୟୁ ଜାରି କରାଯାଇଛି। ରାଜ୍ୟକୁ ଶାନ୍ତି ଫେରାଇ ଆଣିବା ପାଇଁ ମଣିପୁର ଓ କେନ୍ଦ୍ର ସରକାରଙ୍କ ସବୁ ଉଦ୍ୟମ ବିଫଳ ହୋଇଥିବା କୁହାଯାଉଛି। କଂଗ୍ରେସ ବୁଧବାର ମଣିପୁର ସ୍ଥିତିକୁ

**ଶାନ୍ତି ଆଣିବାରେ କେନ୍ଦ୍ର ବିଫଳ**

ନେଇ କେନ୍ଦ୍ରକୁ ଟାର୍ଗେଟ କରିଛି। ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ମଣିପୁରରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିଳମ୍ବିତ ଗସ୍ତର କିଛି ସୁଫଳ ମିଳିନାହିଁ। ଏପରି କି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗତ ସପ୍ତାହରେ ମଣିପୁର ଯାଇ ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂଙ୍କ ସହ ଆଲୋଚନା କରି ସମାଧାନ ଉଦ୍ୟମ କରିଥିଲେ। ହେଲେ ଅଶାନ୍ତି ଦୂର ହୋଇନାହିଁ। ଏସବୁ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ ରହିଛନ୍ତି। ମଣିପୁରର ସାମ୍ପ୍ରତିକ ସ୍ଥିତି ପାଇଁ ଭାଜପାର ବିଭାଜନବାଦୀ ରାଜନୀତି ଦାୟୀ ବୋଲି ଜୟରାମ ସମାଲୋଚନା କରିଛନ୍ତି।

ପ୍ରକାଶ ଯେ, ମେଇତି ସମ୍ପ୍ରଦାୟର ଲୋକଙ୍କୁ ଏସ୍‌ଟି ବର୍ଗରେ ସଂରକ୍ଷଣ ଦେବା ପାଇଁ ମଣିପୁର ହାଇକୋର୍ଟଙ୍କ ରାୟ ପରେ ମେ’ ୩ରୁ ରାଜ୍ୟରେ ହିଂସା ଲାଗିରହିଛି। ଅଦ୍ୟାବଧି ୧୦୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୧୦ ଜଣ ଆହତ ହେଲେଣି। ରାଜ୍ୟର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସେନା ଓ ଅର୍ଦ୍ଧସାମରିକ ବଳ ଯବାନଙ୍କୁ ମୁତୟନ କରାଯାଇଛି। ୧୬ ଜିଲା ମଧ୍ୟରୁ ୧୧ଟିରେ କର୍ଫ୍ୟୁ ଜାରି କରାଯାଇଛି। ଗୁଜବ ରୋକିବା ପାଇଁ ଇଣ୍ଟରନେଟ୍‌ସେବାକୁ ବାତିଲ କରାଯାଇଛି।




# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦନ୍ତାହାତୀର ମୃତ୍ୟୁ

**କନ୍ଧମାଳ,୧୪।୬(ଆଦିତ୍ୟେଶ୍ୱର ମିଶ୍ର):** ବୌଦ୍ଧ ଜିଲା କନ୍ଧମାଳ ବନଖଣ୍ଡ ଘୁଟାଙ୍ଗୀ ଗାଁ ନିକଟ ବିଲରେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବୁଧବାର ପାହାନ୍ତିଆରେ ଏକ ହାତୀର ଚିତ୍କାର ଶୁଣିଥିଲେ। ସକାଳ ହେବା ପରେ ସେମାନେ ବିଲପଟେ ଯାଇ ସନ୍ଧାନ କରିବାରୁ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ତଳେ ଦନ୍ତାହାତୀ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ବନ ବିଭାଗକୁ ଖବର ଦେବାପରେ ବିଦ୍ୟୁତ୍ ବିଭାଗ ସହାୟତା ନେଇ ବିଜୁଳି ସଂଯୋଗ କଟାଯାଇଥିଲା। ଘୁଟାଙ୍ଗୀ ଗ୍ରାମ୍ୟ ଜଙ୍ଗଲରେ ଦୀର୍ଘ ୨ମାସ ହେବ ଏକ ହାତୀପଲ ବିଚରଣ କରୁଛନ୍ତି। ଏମାନେ ମଙ୍ଗଳବାର ରାତିରେ ଗାଁ ନିକଟ ତୋଟାରୁ ଆମ୍ବ ଖାଇସାରି ବାଟରେ ଥବୀର ରଣାଙ୍କ ଆଖୁବାଡ଼ିରେ ପଶି ୧ ଏକର ପରିମିତ ଆଖୁ ନଷ୍ଟ କରିଥିଲେ। ସେଠାରୁ ଫେରିବାବେଳେ ବିଲର ହିଡ ଚଢ଼ିବାକୁ ଯାଇ ଦନ୍ତାହାତୀର ଶୁଣ୍ଢ ୧୧କେଭି ବିଦ୍ୟୁତ୍ ତାରରେ ଲାଗିବାରୁ ତା'ର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। କାରଣ ହାତୀ ଶୁଣ୍ଢରେ ବିଦ୍ୟୁତ୍ ତାର ଲାଗି ପୋଡ଼ାଦାଗ ରହିଛି। ମୃତ ହାତୀଟି ମଧ୍ୟ ବୟସର ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଡିଏଫ୍ଓ ଦେବପ୍ରିୟ କମ୍ପ ପୂର୍ବାହ୍ନ ୧୦ଟାରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ଘଟିଥିବା ସେ ସୂଚନା ଦେବା ସହ ଭୁବନେଶ୍ୱରରୁ ଟିମ୍ ଆସି ତଦନ୍ତ କରିବା ପରେ ଠିକ୍ ତଥ୍ୟ ଜଣାପଡିବ ବୋଲି କହିଛନ୍ତି। କନ୍ଧମାଳରୁ ପ୍ରାଣୀଧନ ଚିକିତ୍ସକ ଭବେଶ କୁମାର ବେହେରା ହାତୀର ମୃତଦେହ ବ୍ୟବଚ୍ଛେଦ କରିବା ପରେ ନିକଟ ଜଙ୍ଗଲରେ ପୋତି ଦିଆଯାଇଛି।


ମୃତ ଦନ୍ତାହାତୀ

# ଆଲୁମିନିୟମ ବୋଝେଇ ଟ୍ରେନ୍ ମଝିରୁ ଅଲଗା ହେଲା

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲା

**କେସିଙ୍ଗା,୧୪।୬(ତୁମେଶ୍ୱର ସାହୁ)**

ବାହାନଗା ପରେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଟ୍ରେନ୍ ଦୁର୍ଘଟଣା ରେଳଯାତ୍ରୀଙ୍କୁ ଭୟଭୀତ କରୁଛି। ଏଭଳି ସ୍ଥିତିରେ ବୁଧବାର ସମ୍ବଲପୁର ଡିଭିଜନ ଅନ୍ତର୍ଗତ କେସିଙ୍ଗା ରେଳ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଏକ ଆଲୁମିନିୟମ ବୋଝେଇ ମାଲବାହୀ ଟ୍ରେନ୍ର ଏକ ୱାଗନ୍ ମଝି ଭାଗରୁ ଛିଣ୍ଡି ଅଲଗା ହୋଇଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ରେଳ ବିଭାଗ ଅଧିକାରୀମାନେ ପହଞ୍ଚିଥିଲେ। ଟିଟିଲାଗଡ଼ରୁ ମେକାନିକ ଦଳ ପହଞ୍ଚି ପୋକଲିଂ ସଂଯୋଗ କରିଥିଲେ। ରେଲୱେ ପକ୍ଷରୁ ଯାଞ୍ଚ ପରେ ସାଢ଼େ ୧୨ଟାରେ ଟ୍ରେନ୍ ଛାଡ଼ିଥିଲା।

ସୂଚନାଯୋଗ୍ୟ ଯେ, ଆଲୁମିନିୟମ ବୋଝେଇ ମାଲବାହୀ ଟ୍ରେନ୍ ଦାମନଯୋଡ଼ିରୁ ଅନୁଗୋଳ ଅଭିମୁଖେ ଯାଉଥିଲା। ଟ୍ରେନ କେସିଙ୍ଗା ଷ୍ଟେଶନର ୨ନମ୍ବର ପ୍ଲାଟ ଫର୍ମରେ ଅଟକିଥିଲା। କେସିଙ୍ଗାରୁ ଟିଟିଲାଗଡ଼ ଅଭିମୁଖେ ଯିବା ପାଇଁ ସିଗ୍ନାଲ ମିଳିଥିଲା। ଲୋକୋପାଇଲଟ ଟ୍ରେନ୍କୁ ଷ୍ଟାର୍ଟ କରିବାରୁ ବଗିର ସଂଯୋଗ ସ୍ଥଳରୁ ପୋକଲିଂ ଛିଣ୍ଡି ଯାଇ ପ୍ରାୟ ୩୦ ମିଟର ଦୂର ବଗି ଅତିକ୍ରମ କରିଯାଇଥିଲା। ଟ୍ରେନ୍ ପାଇଲଟ ନିଜ ଉପସ୍ଥିତ ବୁଦ୍ଧିବଳରେ ଟ୍ରେନ୍କୁ ଅଟକାଇଥିଲେ। ସାଙ୍ଗେ ସାଙ୍ଗେ ଷ୍ଟେଶନମାଷ୍ଟରଙ୍କୁ ଜଣାଇଥିଲେ। ଷ୍ଟେଶନମାଷ୍ଟର ଟିଟିଲାଗଡ଼ର ମେକାନିକ ଦଳକୁ ଖବର ଦେଇଥିଲେ। ମେକାନିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୋକଲିଂ ସଂଯୋଗ କରିଥିଲେ। ପୋକଲିଂ କିଭଳି ଛିଣ୍ଡିଲା ସେ ନେଇ ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଥିଲେ। ରେଳ ବିଭାଗ ପକ୍ଷରୁ ଯାଞ୍ଚ ପରେ ସାଢ଼େ ୧୨ଟାରେ ଟ୍ରେନ୍ଟିକୁ ଛାଡ଼ିବା ପାଇଁ ସିଗ୍ନାଲ ଦିଆଯାଇଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ରେଳ ବିଭାଗ ପକ୍ଷରୁ କୁହାଯାଇଛି।


କେସିଙ୍ଗା ଷ୍ଟେଶନରେ ଆଲୁମିନିୟମ ବୋଝେଇ ଟ୍ରେନ୍ର ବଗିକୁ ମେକାନିକ ଦ୍ୱାରା ସଂଯୋଗ କରାଯାଉଛି।

### ଟାଟା ଷ୍ଟିଲ କମ୍ପାନୀରେ ବ୍ଲାଷ୍ଟ ଫର୍ନେସ ଷ୍ଟିମ୍ ଲାଇନ୍ ଫାଟିବା ଘଟଣା

# ଓଏଚ୍ଆର୍ସିରେ ପିଟିଶନ ଦାଏର

## ଗୁରୁତରଙ୍କୁ ୧୫ ଲକ୍ଷ, ସାମାନ୍ୟ ଆହତଙ୍କୁ ୨ ଲକ୍ଷ କ୍ଷତିପୂରଣ ଦେବାକୁ ନିବେଦନ

**କଟକ,୧୪।୬: (କାର୍ତ୍ତିକ ସାହୁ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ ମେରାମଣ୍ଡଳୀ କମ୍ପାନୀରେ ମଙ୍ଗଳବାର ବ୍ଲାଷ୍ଟ ଫର୍ନେସ ଷ୍ଟିମ୍ ଲାଇନ୍ ଫାଟିବା ଘଟଣାକୁ ନେଇ ଓଡ଼ିଶା ମାନବାଧିକାର ଆୟୋଗ(ଓଏଚ୍ଆର୍ସି)ରେ ଏକ ପିଟିଶନ ବୁଧବାର ଦାଏର ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତି ଏହି ପିଟିଶନ ଦାଏର କରି ଗୁରୁତରଙ୍କୁ ୧୫ ଲକ୍ଷ ଓ ସାମାନ୍ୟ ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ଟାଟା ଷ୍ଟିଲ କମ୍ପାନୀକୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।

ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ଉକ୍ତ କମ୍ପାନୀର ବିଏଫ୍ ପାୱାର ପ୍ଲାଣ୍ଟ-୨ ଷ୍ଟିମ୍ ଲାଇନ୍ ନିରୀକ୍ଷଣ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ପାଇପ୍ ଫାଟି ପ୍ରବଳ ମାତ୍ରାରେ ଉତ୍ତପ୍ତ ବାଷ୍ପ ନିର୍ଗମନ ହୋଇଥିଲା। ଏଥିରେ ଇଞ୍ଜିନିୟର ଓ ଶ୍ରମିକଙ୍କ ସମେତ ୧୯ ଜଣ ଆହତ ହୋଇଥିଲେ। ଓଏଚ୍ଆର୍ସି ପିଟିଶନ୍କୁ ପଞ୍ଜୀକରଣ କରି ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ସଚିବ, ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ମନ୍ତ୍ରଣାଳୟ, ଢେଙ୍କାନାଳ ଜିଲାପାଳଙ୍କୁ ଦୁର୍ଘଟଣା ସମ୍ପର୍କିତ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବେ। ଏଥିସହ ଆହତମାନଙ୍କ ଚିକିତ୍ସା ନିମନ୍ତେ ନିଆଯାଇଥିବା ପଦକ୍ଷେପ ଓ ତଦନ୍ତ ରିପୋର୍ଟ ମଧ୍ୟ ଦାଖଲ କରିବେ। ସେହିପରି ଢେଙ୍କାନାଳ ଏସ୍ପି ମଧ୍ୟ ମାମଲା ପଞ୍ଜୀକରଣ ସମ୍ପର୍କିତ ତଥ୍ୟ ଓ ତଦନ୍ତର ବର୍ତ୍ତମାନ ସ୍ଥିତି ଉପରେ ରିପୋର୍ଟ ଦାଖଲ ସହ ଆହତଙ୍କୁ ଉପର ବର୍ଣ୍ଣିତ ମତେ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆୟୋଗ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ନିବେଦନ କରିଛନ୍ତି। ଏହି ମାମଲାରେ ସେ କେନ୍ଦ୍ର ସରକାର, ଓଡ଼ିଶା ସରକାର, ଢେଙ୍କାନାଳ ଜିଲାପାଳ ଓ ଏସ୍ପିଙ୍କୁ ପକ୍ଷଭୁକ୍ତ କରିଛନ୍ତି।

BUYERS REQUIRED FOR VANAMEI SHRIMP
ବନମେଇ ଚିଙ୍ଗୁଡ଼ି ପାଇଁ କ୍ରେତା ଆବଶ୍ୟକ
- ଆମେ ଉଚ୍ଚ ଗୁଣମାନର ବନମେଇ ଚିଙ୍ଗୁଡ଼ି ଚାଷ କରୁଥିବା ଏକ କମ୍ପାନୀ ଅଟୁ
- ଆମେ ବନମେଇ ଚିଙ୍ଗୁଡ଼ି ପାଇଁ ସମ୍ଭାବ୍ୟ କ୍ରେତା ଆବଶ୍ୟକ କରୁଛୁ
- ଚିଙ୍ଗୁଡ଼ିର ଗଣନା 40 -100 ମଧ୍ୟରେ ଅଟେ
- ପରିମାଣ 20 -25 ଟନ୍ ମଧ୍ୟରେ ଅଟେ
- କୌଣସି ମଧ୍ୟସ୍ଥି ରହିବେ ନାହିଁ, ସିଧାସଳଖ ଚାଷୀ ଓ କ୍ରେତାଙ୍କ ମଧ୍ୟରେ ନେଣଦେଣ ସଞ୍ଚାଳିତ ହେବ
- We are a company that is doing high quality farming of **VANAMEI SHRIMP**
- We require potential buyers of VANAMEI SHRIMP
- Shrimp count ranges between 40 – 100
- Quantity ranges between 20 – 25 TON
- No middlemen is involved, transaction will be done from direct farmer to buyer

Location: CHANDBALI, DISTT. BHADRAK, ODISHA,
ସ୍ଥାନ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା CALL +91 – 77357 48087

# ଟ୍ରେନ୍ ଧକ୍କାରେ ମା'-ଝିଅ ମୃତ, ପୁଅ ଗୁରୁତର

**ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ)**

ଆନ୍ଧ୍ରପ୍ରଦେଶର ପଲାସା ଜିଆର୍ପି ଥାନା ଅଞ୍ଚଳରେ ବୁଧବାର ଟ୍ରେନ୍ ଧକ୍କାରେ ମା' ଓ ୮ ମାସର ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ବର୍ଷୀୟ ପୁଅ ଗୁରୁତର ହୋଇଛନ୍ତି। ସେମାନେ ଏକ ଲେଭଲ୍ କ୍ରସିଂ ପାର୍ ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଚିଡ଼ୁପୁଡ଼ି ଗ୍ରାମର ୟୁ. ଶ୍ୟାମଙ୍କ ସ୍ତ୍ରୀ ୟୁ. ଶ୍ରାବଣୀ(୨୫) ତାଙ୍କ ଝିଅ ୟୁ. ଶ୍ରୀ ଓ ପୁଅ ୟୁ. ହର୍ଷିତଙ୍କୁ ଧରି ଅପରାହ୍ନରେ ଇଚ୍ଛାପୁରମ୍ ନିକଟସ୍ଥ ଜଗନ୍ନାଥପୁରମ୍ ରେଲୱେ ଲେଭଲ୍ କ୍ରସିଂ ପାର୍ ହେଉଥିଲେ। ଗେଟ୍ ପଡ଼ିଥିଲେ ମଧ୍ୟ ଶ୍ରାବଣୀ ପିଲାଙ୍କୁ ଧରି ରେଳଧାରଣାରେ ଚାଲିଥିଲେ। ଏହି ସମୟରେ ଆସୁଥିବା ମାଲବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଶ୍ରାବଣୀ ଓ ତାଙ୍କ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ପୁଅ ହର୍ଷିତ ଗୁରୁତର ହୋଇଥିଲେ। ରେଲୱେ ପୋଲିସ ମୃତଦେହ ଜବତ କରିବା ସହ ହର୍ଷିତଙ୍କୁ ଉଦ୍ଧାର କରି ଏମ୍କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ପଲାସା ଜିଆରପି ଥାନା ପୋଲିସ ନଂ.୯୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଆତ୍ମହତ୍ୟା ନା ଦୁର୍ଘଟଣା ସେ ନେଇ ତଦନ୍ତ ଚାଲିଥିବା ପଲାସା ଜିଆରପି ଥାନା ଏସ୍ଆଇ ଶେଖ୍ ସରିଫ ସୂଚନା ଦେଇଛନ୍ତି।

### ବାହାନଗା ଟ୍ରେନ୍ ଦୁର୍ଘଟଣା

# ୧୨ ଦିନ ହେଲା ମିଳୁନି ପତ୍ତା

## ଫେରାଇ ଆଣିବାକୁ ପ୍ରଶାସନକୁ ଗୁହାରି

**କେନ୍ଦୁଝର,୧୪।୬(ନରେଶ ପଟ୍ଟନାୟକ)**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ ନିଖୋଜ ଥିବା ଜଣେ ଯୁବକଙ୍କୁ ଖୋଜୁଛନ୍ତି ପରିବାର ଲୋକେ। ପ୍ରାୟ ୧୨ ଦିନ ହେବ ତାଙ୍କର ପତ୍ତା ମିଳୁନାହିଁ କିମ୍ବା ଫୋନ ଲାଗୁନାହିଁ। ନିଖୋଜ ଯୁବକ ଜଣକ ପଣ୍ଡାପଡ଼ା ଥାନା ଅଧୀନ ପଟାବାରୀ ଗ୍ରାମର କୁମ୍ଭର୍ଣ୍ଣ ନାଏକ ଓ ଉଚ୍ଛୁଳି ନାଏକଙ୍କ ଏକମାତ୍ର ପୁତ୍ର ସିପୁନ୍ ନାଏକ(୨୧)। ଗୁରୁତର ଅବସ୍ଥାରେ ସିପୁନ୍ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଏହା ଜାଣି ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଜିଲା ପ୍ରଶାସନ ସିପୁନ୍ଙ୍କୁ ଖୋଜି ଆଣିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ସିପୁନ୍ ଉତ୍ତର ପ୍ରଦେଶରେ ଜେସିବି ହେଲ୍ପର ଭାବେ ୩ ମାସ ହେବ କାର୍ଯ୍ୟ କରୁଥିଲେ। ରେଳ ଦୁର୍ଘଟଣା ପୂର୍ବଦିନ ସେ ଘରକୁ ଫେରୁଥିଲେ। ମାଲିକ ଷ୍ଟେଶନରେ ଛାଡ଼ିଥିବା ସିପୁନ୍ ଫୋନ୍ ଯୋଗେ ତାଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ। ସେଠାରୁ କୋଲକାତାରେ ପହଞ୍ଚି ହାଓଡ଼ାରୁ କରମଣ୍ଡଳ ଏକ୍ସପ୍ରେସ୍ରେ ଆସୁଥିଲେ। ଟ୍ରେନ୍ ବାହାନଗାଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦୁର୍ଘଟଣା ପରେ ତାଙ୍କ ସହ ଆଉ ଯୋଗାଯୋଗ ହୋଇପାରୁ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଜେସିବି ମଲିକଙ୍କ ଫୋନ୍ ନମ୍ବର ନ ଥିବାରୁ ତାଙ୍କ ସହିତ ସମ୍ପର୍କ ହୋଇପାରୁନାହିଁ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। ଗରିବ ଲୋକ ହୋଇଥିବାରୁ ଖୋଜାଖୋଜି କରିପାରୁ ନାହାନ୍ତି। ଗଣମାଧ୍ୟମରୁ ସିପୁନ୍ଙ୍କ ଫଟୋ ଦେଖି ପରିବାର ଲୋକେ ଚିହ୍ନିଥିଲେ। ତାଙ୍କ ମୁଣ୍ଡରେ ବ୍ୟାଣ୍ଡେଜ ହୋଇଥିବା ବେଳେ କେଉଁ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ତାହା ଜଣାପଡୁ ନ ଥିବା ତାଙ୍କ ସ୍ତ୍ରୀ ଉଷା କହିଛନ୍ତି। ସିପୁନ୍ଙ୍କ ଦେଢ଼ବର୍ଷର ଝିଅ ଏବଂ ମା', ବାପା ଘରେ ଥିବା ବେଳେ ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିବା ସମ୍ପର୍କୀୟ ଭାଇ ରୋହିତ କୁମାର ବାରିକ କହିଛନ୍ତି। ଜିଲା ପ୍ରଶାସନ ସିପୁନ୍ଙ୍କୁ ଖୋଜିବାରେ ସହଯୋଗ କରି ଫେରାଇ ଆଣିବାକୁ ପରିବାର ପକ୍ଷରୁ ଗୁହାରି କରାଯାଇଛି। କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, କଟକ ଏସ୍ସିବି ମେଡିକାଲ ଓ ଭୁବନେଶ୍ୱର ଏମ୍ସରେ ରେଳ ଦୁର୍ଘଟଣାର ସମସ୍ତ ଆହତ ଚିକିତ୍ସିତ ହେଉଛନ୍ତି। ସେମାନେ ପଣ୍ଡାପଡ଼ା ଥାନାରେ ତୁରନ୍ତ ଜଣାନ୍ତୁ। ତାଙ୍କୁ ଖୋଜିବା ସହ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯିବ।


ସିପୁନ୍ ନାଏକ






# ନବବଧୂଙ୍କୁ ନେବାକୁ ଶ୍ୱଶୁରଘରେ ପହଞ୍ଚିଲେ ଜ୍ୱାଇଁ

**ଫୁଲବାଣୀ ଅଫିସ୍ /କୋଟଗଡ଼, ୧୪।୬ (ରାକେଶ ରାଉତ/ସରୋଜ ବଳିଆରସିଂ)**

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ପାରିଗଡ଼ ପଞ୍ଚାୟତ ସାରୁପାଟା ଗାଁରେ ଯୌତୁକ ପ୍ରଥାକୁ ବିରୋଧ କରି ନବବିବାହିତା ବାହାଘର ଭାଙ୍ଗିଦେବା ଘଟଣାରେ ବୁଧବାର ଆସିଛି ନୂଆ ମୋଡ଼। ସ୍ୱାମୀ ନବବଧୂଙ୍କ ଘରକୁ ଆସି ଭୁଲ୍ ମାଗିବା ସହ ନିଜ ଘରକୁ ନେବା ପାଇଁ ଅଡ଼ି ବସିଛନ୍ତି। ଯାହା ହୋଇଛି ଭୁଲ୍ ହୋଇଛି, ଚାଲ ଘରକୁ ଯିବା ବୋଲି କହୁଛନ୍ତି। ହେଲେ ଝିଅଘର ପକ୍ଷ ମନା କରିବା ସହ ତୁମ ଗ୍ରାମଲୋକ ଏବଂ ବନ୍ଧୁବାନ୍ଧବ ଆସି ଘଟଣାର ସମାଧାନ କଲେ ଝିଅ ଶାଶୁଘର ଯିବ ବୋଲି କହିଛନ୍ତି। ଅନ୍ୟପଟେ ଜ୍ୱାଇଁଙ୍କୁ ଘରେ ରହିବାକୁ ଶ୍ୱଶୁର ଘର ସ୍ୱୀକୃତି ଦେଇଛନ୍ତି, କିନ୍ତୁ ଜ୍ୱାଇଁଙ୍କୁ ଅଲଗା ଘରେ ରଖିଛନ୍ତି।

ପ୍ରକାଶ ଯେ, ସାରୁପାଟା ଦୁର୍ଗମ ଇଲାକାର ଝିଅ ଦେବକୀ ଦିଗାଲ ଗତ ୯ ତାରିଖରେ ବାଲିଗୁଡ଼ା ଥାନା ବରିକିଆ ଗ୍ରାମର ଅର୍ଜୁନ ଦିଗାଲଙ୍କୁ ବିବାହ କରିଥିଲେ। ପରଦିନ କନ୍ୟାପକ୍ଷ ଲୋକେ ବରଘରକୁ ଆସିଥିବା ସମୟରେ ଯୌତୁକ ବାବଦକୁ ଏକ ମୋଟରସାଇକେଲ ଦେବାକୁ ବର ଦାବି କରିଥିଲେ। କନ୍ୟାପକ୍ଷ ଲୋକେ ବାଇକ୍ ଦେବାକୁ ଅକ୍ଷମ ବୋଲି କହିବାରୁ ଅର୍ଜୁନ ରାଗି ଯାଇ ତୁମ ଝିଅକୁ ନେଇଯାଅ ବୋଲି ଅତିଥିଙ୍କ ଆଗରେ କହିଥିଲେ। ବରର ଏଭଳି ବ୍ୟବହାର ଦେଖି ନବବଧୂ ଦେବକୀ ଯୌତୁକକୁ ବିରୋଧ କରିବା ସହ ସଭା ମଧ୍ୟରେ ସମସ୍ତଙ୍କ ସମ୍ମୁଖରେ ମଙ୍ଗଳସୂତ୍ର ସହ ଶଙ୍ଖା ଓ ଚୁଡ଼ି ଖୋଲିଦେଇ ବାପଘରକୁ ଚାଲିଯାଇଥିଲେ। ଦେବକୀ ଜଣେ ଅଭାବୀ ଘରର ଝିଅ ହୋଇଥିବା ବେଳେ ଅର୍ଜୁନଙ୍କ ଏଭଳି ଯୌତୁକ ଦାବିକୁ ନବବଧୂ ସହ୍ୟ କରି ନ ପାରି ଏଭଳି ନିଷ୍ପତ୍ତି ନେଇଥିଲେ। ତେବେ ବର ଘର ଲୋକେ ନବବଧୂର ଅଭିଯୋଗକୁ ଖଣ୍ଡନ କରିବା ସହ ଏମିତି ସେମାନେ ଯୌତୁକ ଦାବି କରି ନ ଥିବା କହିଛନ୍ତି। ଖବର ଲେଖାହେବା ସୁଦ୍ଧା ସାରୁପାଟାଗାଁରେ ଦେବକୀ ଓ ଅର୍ଜୁନଙ୍କ ପରିବାର ମଧ୍ୟରେ ଏକ ବୈଠକ ହୋଇଥିଲା। ଏଥିରେ ଦେବକୀଙ୍କ ପରିବାର ଲୋକେ କୋର୍ଟରେ ପୁଣି ବିବାହ ହେଲେ ଝିଅକୁ ଛାଡ଼ିବୁ ବୋଲି କହିଥିବା ବେଳେ ଅର୍ଜୁନଙ୍କ ପରିବାର ରାଜି ହୋଇଛନ୍ତି।



### ବାଇକ୍ ପାଇଁ ବରକୁ ଛାଡ଼ିବା ଘଟଣା

ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି। –ଶ୍ରୀଅରବିନ୍ଦ

# ପ୍ରାଣୀ ଯନ୍ତ୍ରଣାର ତୁଳନା



ପିଟର ସିଙ୍ଗର

କିଛି ସପ୍ତାହ ହେଲା ମୁଁ ଆମେରିକା ଓ ବ୍ରିଟେନ ଗସ୍ତରେ ଯାଇ ପ୍ରକାଶ ପାଇବାକୁ ଥିବା ନୂଆ ପୁସ୍ତକ ଆନିମଲ ଲିବରେଶନ (ପ୍ରାଣୀ ମୁକ୍ତି)ର ପ୍ରଚାର କରିଆସୁଛି। ଏଇ ବହିରେ ବିଶେଷକରି କୁକୁଡ଼ା, ଘୁଷୁରି, ମତ୍ସ୍ୟ ପାଳନ କରାଯାଉଥିବା ଫାର୍ମଗୁଡ଼ିକରେ ଅନେକ ପ୍ରାଣୀଙ୍କୁ ଆମେ କିଭଳି ଯନ୍ତ୍ରଣା ଦେଉଛୁ, ସେ ବିଷୟ ସ୍ଥାନିତ ହୋଇଛି। ନିରନ୍ତର ଭାବେ ଏଭଳି ଅତ୍ୟଧିକ ତଥା ଅନାବଶ୍ୟକ ଯନ୍ତ୍ରଣା ଆମ ସମୟର ଏକ ବଡ଼ ନୈତିକ ପ୍ରସଙ୍ଗ। ଏହି ଯୁକ୍ତି ଉପରେ କିଛି ଲୋକ ସନ୍ଦେହ ପ୍ରକାଶ କରିପାରନ୍ତି କାରଣ ସେମାନେ ଭାବନ୍ତି ଯେ ମଣିଷ ପ୍ରାଣୀମାନଙ୍କ ସହ ଅତୁଳନୀୟ ଓ ସେମାନଙ୍କ ତୁଳନାରେ ଏହାର ଗୁରୁତ୍ୱ ଅଧିକ। କିନ୍ତୁ ଏହା ସାଧାରଣରେ ତଥା ନୈତିକତାବାଦୀମାନଙ୍କ ମଧ୍ୟରେ ଅଧିକ ଗ୍ରହଣୀୟ ଯେ, ନୈତିକତା ଦୃଷ୍ଟିରୁ ଯନ୍ତ୍ରଣା ଦୂର କରିବା ଗୁରୁତ୍ୱପୂର୍ଣ୍ଣ, ତାହା ଯେ କୌଣସି ପ୍ରଜାତି ଜୀବର ହେଉ ପଛେ। କିନ୍ତୁ କିଛି ପ୍ରଜାତି ପାଇଁ ଏହି ବିଚାର ଅଧିକ ଜଟିଳ ପ୍ରଶ୍ନ ଉତ୍‌ଥାପନ କରେ। ଆମେ କିଭଳି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣାକୁ ତୁଳନା କରିବା? ସୀମିତ ସମୟ ଓ ସଂସାଧନକୁ ଦେଖିଲେ ଜଣେ ମଣିଷକୁ ସାହାଯ୍ୟ କରିବା ବଦଳରେ ଆମେ କେତେ କୁକୁଡ଼ାଙ୍କୁ ସାହାଯ୍ୟ କରିବା ଉଚିତ? ଆମେ ଅନେକ ପ୍ରାଣୀଙ୍କର କ୍ଷତି କରିଚାଲିଥିବାବେଳେ ଘୁଷୁରି ଭଳି ପ୍ରାଣୀର ଯନ୍ତ୍ରଣା ଦୂର କରିବା ନିଷ୍ପତ୍ତି ଉପରେ ସମାନ ପ୍ରକାର ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ପଚରାଯାଇପାରେ। ଆମେ ଏହି ପ୍ରାଣୀର ଅତ୍ୟଧିକ କ୍ଷତି କରୁଛୁ। ଉଦାହରଣସ୍ୱରୂପ, ପ୍ରତିବର୍ଷ ଆମେ ଆବଦ୍ଧ ସ୍ଥାନରେ ବଢାଇ ଯନ୍ତ୍ରଣାକୁ ନଦେଖି ସେମାନଙ୍କୁ ହତ୍ୟା କରିଚାଲିଛୁ। ପୃଥିବୀ ଜନସଂଖ୍ୟା ତୁଳନାରେ ୧୫ ଗୁଣ ଅଧିକ ମାଛଙ୍କୁ ହତ୍ୟାକରୁଛୁ। ସେମାନଙ୍କୁ ଯନ୍ତ୍ରଣା ଦେବାର କ'ଣ ନୈତିକ ଆଧାର ରହିଛି? ଏଠାରେ ଆମେ ଗୁରୁତ୍ୱପୂର୍ଣ୍ଣ ଫିଲୋସୋଫିକ(ତାତ୍ତ୍ୱିକ) ଏବଂ ନ୍ୟୁରୋସାଇଣ୍ଟିଫିକ୍ ବିଷୟଗୁଡ଼ିକ ଉପରେ ବିଚାର କରିବା ଦରକାର। ଯନ୍ତ୍ରଣା ସହିବାରେ ଆମ ନିଜସ୍ୱ କ୍ଷମତା କିଭଳି ଏହିସବୁ ପ୍ରାଣୀମାନଙ୍କଠାରୁ ଅଲଗା ଏବଂ ଆମେ କିପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣା ସହିବାର କ୍ଷମତାକୁ ତୁଳନା କରିପାରିବା? ତେବେ ଯନ୍ତ୍ରଣା ଦୂରକରିବା ଗୁରୁତ୍ୱପୂର୍ଣ୍ଣ ନା ଆଉ କିଛି ବିଷୟ ଯଥା ପ୍ରାଣୀ ପାଳନ ଓ ସେମାନଙ୍କୁ ଯନ୍ତ୍ରଣା ଦେବାରେ ଲୋକମାନଙ୍କ ଭବିଷ୍ୟତର ପସନ୍ଦକୁ ରୋକିବା ଦରକାର, ସେ ବିଷୟରେ ପ୍ରଶ୍ନ କରିବା ଆବଶ୍ୟକ। ଯଦି ଏହି ପସନ୍ଦକୁ ରୋକିବାରେ ଭୁଲ୍ ହୁଏ ତେବେ ମଣିଷ ଓ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଥିବା ପ୍ରଭେଦ ଅତ୍ୟଧିକ ହୋଇଯିବ।



ଆମେରିକାର ଏକ ଥିଙ୍କ୍ ଟ୍ୟାଙ୍କ୍ ରିଥିଙ୍କ ପ୍ରାୟୋରିଟିଜ୍ ଏହି ସବୁ ପ୍ରଶ୍ନ ଉପରେ ଅନୁଧ୍ୟାନ କରିଆସୁଛି। ପ୍ରାଣୀମାନଙ୍କ ଯନ୍ତ୍ରଣା ସ୍ତରକୁ ମଣିଷଙ୍କ ଯନ୍ତ୍ରଣା ସହ କିଭଳି ତୁଳନା କରିବା ଦରକାର ତାହାର ଆକଳନ ପାଇଁ ଏକ ଆଧାର ଯୋଗାଇଦେବାକୁ ଗବେଷକମାନେ ପ୍ରାଣୀମାନଙ୍କ ଅନୁଭବ ଉପରେ କରାଯାଇଥିବା ଅନୁଧ୍ୟାନଗୁଡ଼ିକର ସମୀକ୍ଷା କରିଥିଲେ। ଏହାକୁ ସରଳ କରିବାକୁ ସେମାନେ ସୁଖକୁ ଉତ୍ସାହିତ କରୁଥିବା ଏବଂ ଯନ୍ତ୍ରଣା ଦୂର କରୁଥିବା ଉପଯୋଗୀ ଦୃଷ୍ଟିକୋଣ ଗ୍ରହଣ କରିଥିଲେ। ସେମାନେ କଳନା କରିଥିଲେ ଯେ, ପ୍ରାଣୀଟି ଭୋଗୁଥିବା ଯନ୍ତ୍ରଣା ଉପରେ ଆମେ କମ୍ ଯନ୍ତ୍ରଶୀଳ ହୋଇଥାଉ କାରଣ ତାହା ମଣିଷ ନୁହେଁ ବୋଲି ଆମ ଚିନ୍ତାଧାରାରେ ରହିଥାଏ। ଗବେଷକମାନେ ଦର୍ଶାଇଥିଲେ ଯେ, ଯନ୍ତ୍ରଣାର ତୀବ୍ରତା ଓ ଅବଧି ସମାନ। ଏଣୁ ପ୍ରାଣୀ ହେଉ କି ମଣିଷ, ସେମାନେ ଭୋଗୁଥିବା ଯନ୍ତ୍ରଣା ପ୍ରତି ଦୃଷ୍ଟିଦେବା ଉଚିତ।

ମଣିଷ ତୁଳନାରେ ପ୍ରାଣୀମାନେ କେତେ ଯନ୍ତ୍ରଣା ଭୋଗନ୍ତି ତାହା ଉପରେ ଅନୁଧ୍ୟାନ କରିବାକୁ ଗବେଷକମାନେ ଏବକାର ବୈଜ୍ଞାନିକ ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ। ସେହି ସିଦ୍ଧାନ୍ତ ହେଉଛି ବେସିକ୍ ନ୍ୟୁରୋକେମିଷ୍ଟ୍ରି ଯାହା ଆବେଗିକ ଭାବନାକୁ ପ୍ରକାଶ କରେ। ଏହି ଭାବନା ପ୍ରାୟ ସବୁ ସ୍ତନ୍ୟପାୟୀ ପ୍ରାଣୀଙ୍କ ମଧ୍ୟରେ ସମାନ। ଗବେଷକମାନେ ମଧ୍ୟ ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣାର ଉଭୟ ବ୍ୟବହାରଗତ ଓ ମନସ୍ତାତ୍ତ୍ୱିକ ପ୍ରାମାଣିକ ତଥ୍ୟ ଉପରେ ଅନୁଧ୍ୟାନ କରିଥିଲେ। 'ଅନିମଲ ଲିବରେଶନ'ରେ ବ୍ୟବହାରଗତ ପ୍ରାମାଣିକ ତଥ୍ୟର ଏକ ସ୍ପଷ୍ଟ ଉଦାହରଣ ଉପରେ ଆଲୋଚନା କରାଯାଇଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା କୁକୁଡ଼ାଗୁଡ଼ିକୁ ଶୀଘ୍ର ବଢାଯାଉଛି। ଫଳରେ କୁକୁଡ଼ାଗୁଡ଼ିକର ପୂର୍ଣ୍ଣ ବିକାଶିତ ହୋଇ ନ ଥିବା ଗୋଡ଼ ସେମାନଙ୍କ ଓଜନ ସମ୍ଭାଳି ପାରୁନାହିଁ। ଏହାଦ୍ୱାରା ସେମାନେ ଛୋଟା ହୋଇଯାଆନ୍ତି। ଗବେଷକମାନେ କରିଥିବା ଏକ ଅନୁଧ୍ୟାନରେ ବ୍ୟବସାୟିକ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା କୁକୁଡ଼ାଙ୍କୁ ଦୁଇପ୍ରକାର ରଙ୍ଗିନ ଖାଦ୍ୟ ଦିଆଯାଏ। ସେଥି ମଧ୍ୟରୁ ଗୋଟିକରେ ଆଣ୍ଟି ଇନଫ୍ଲାମାଟୋରି ଡଗ୍ସ ଥାଏ। ଛୋଟେଇ ଚାଲୁଥିବା କୁକୁଡ଼ାଗୁଡ଼ିକ ଏହି ଡଗ୍ସ ମିଶା ଖାଦ୍ୟକୁ ବେଶି ଖାଇବାକୁ ପସନ୍ଦ କରନ୍ତି ଏବଂ ସେମାନେ ଖାଦ୍ୟରେ ଗ୍ରହଣ କରୁଥିବା ଡଗ୍ସ ଡୋଜ୍ ଅନୁପାତରେ ସେମାନଙ୍କ ଛୋଟାପଣ କମିଯାଏ। ଏହା ସୂଚିତ କରେ ଯେ,ଛୋଟା କୁକୁଡ଼ାଗୁଡ଼ିକ ଚାଲିବାବେଳେ ଅଧିକ ଯନ୍ତ୍ରଣା ଭୋଗିଥାନ୍ତି ଏବଂ ଏହା ଦର୍ଶାଏ ଯେ, ଡଗ୍ସର ପ୍ରଭାବରେ ମଣିଷର ଯେଭଳି ଯନ୍ତ୍ରଣା ଉପଶମ ହୁଏ ସମାନୁପାତିକ ଭାବେ ସେମାନଙ୍କର ଯନ୍ତ୍ରଣା କମିଥାଏ।

ଅନ୍ୟ ବ୍ୟବହାରଗତ ପ୍ରମାଣ ଦର୍ଶାଏ ଯେ ଯନ୍ତ୍ରଣା ହୃଦ୍‌ସ୍ପନ୍ଦନ, ରକ୍ତଚାପ, ହର୍ମୋନ ସ୍ତର, ସ୍ୱେଦ ନିର୍ଗମନ, ଚକ୍ଷୁପଟଳ ବୃଦ୍ଧି ଓ ଶରୀରରେ ରାସାୟନିକ କାର୍ଯ୍ୟକଳାପରେ ପରିବର୍ତ୍ତନ କରେ। ବ୍ୟବସାୟିକ ଉଦ୍ଦେଶ୍ୟରେ ଶୀଘ୍ର ବଢ଼ାଯାଉଥିବା କୁକୁଡ଼ାକୁ ଏକ ଉଦାହରଣ ଭାବେ ନିଆଯାଇପାରେ। କୁକୁଡ଼ାମାନଙ୍କ ଠାରେ ଫୁସ୍‌ଫୁସ୍, ହାର୍ଟ ଏବଂ ଅସ୍ଥି ସମସ୍ୟା ଦେଖାଯାଏ, ଯାହା ସେମାନଙ୍କ ଯନ୍ତ୍ରଣାର ଏକ ପ୍ରମାଣ। ଏହି ପ୍ରମାଣକୁ ଆଧାରକରି ରିଥିଙ୍କ ପ୍ରାୟୋରିଟିଜର ଗବେଷକମାନେ ଅନେକ ଆକଳନଭିତ୍ତିକ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି। କିଛି ପ୍ରାଣୀଙ୍କ ଯନ୍ତ୍ରଣାର ଭାଲ୍ୟୁ ବା ମୂଲ୍ୟାଙ୍କନ ସମ୍ପର୍କରେ ଏଥିରେ ଦର୍ଶାଯାଇଛି। ଯଦି ଯନ୍ତ୍ରଣାର ମୂଲ୍ୟାଙ୍କନ ମଣିଷ ପାଇଁ ୧.୦୦ ହୁଏ ତେବେ ଗବେଷକମାନଙ୍କ ଆକଳନ ଦର୍ଶାଏ ଯେ,ଏହା ଘୁଷୁରିର ୦.୫୨, କୁକୁଡ଼ା ପାଇଁ ୦.୩୩ ଏବଂ ଅକ୍ଟୋପସ ପାଇଁ ୦.୨୧ ବୋଲି ଗ୍ରହଣ କରିବାକୁ ପଡ଼ିବ। ସେମାନେ ଯନ୍ତ୍ରଣାର ମୂଲ୍ୟାଙ୍କନ କରି ମାଛର ୦.୧ରୁ କମ୍, କାର୍ପ (ରୋହି ଭାକୁର ଆଦି ମାଛ)ର ୦.୦୯ ଏବଂ ସାଲ୍‌ମନକୁ ୦.୦୬ ର୍ୟାଙ୍କରେ ରଖିଛନ୍ତି। କୌତୂହଳର ବିଷୟ, ମହୁମାଛିର ଏହା ୦.୦୭ ଥିବାବେଳେ କାଟ୍‌ଫିସର ୦.୦୪ରୁ କମ୍ ର୍ୟାଙ୍କରେ ରଖାଯାଇଛି। ଏହା ସ୍ପଷ୍ଟ ଯେ, ବିଭିନ୍ନ ପ୍ରଜାତିର ଏବଂ ଏପରିକି ବିଭିନ୍ନ ବର୍ଗର ପ୍ରାଣୀମାନଙ୍କ ଯନ୍ତ୍ରଣା ସହିବା କ୍ଷମତା ତୁଳନା କରିବାରେ କରାଯାଇଥିବା ଗବେଷଣାତ୍ମକ ପ୍ରୟାସକୁ ନେଇ ଆହ୍ୱାନ ଆସିବାରେ। କିନ୍ତୁ ଏହି ପ୍ରୟାସର ଗୁରୁତ୍ୱ ରହିଛି ଓ ଏହା ସମ୍ପୂର୍ଣ୍ଣ ନିର୍ବିବାଦୀୟ। ଏହାକୁ ଗ୍ରହଣ କରିବା ଆମ ନିଜ ନୈତିକ ଅଗ୍ରଗତି ଉପରେ ନିର୍ଭର କରେ।

**ପ୍ରାଧ୍ୟାପକ, ବାୟୋଏଥିକ୍ସ, ପ୍ରିନ୍ସଟନ୍ ୟୁନିଭର୍ସିଟି**

## ନାନା ମୁନି, ନାନା ମତ



ଅନୀତା ପଟ୍ଟନାୟକ

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ – 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାର ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ରଗଳ୍ପ ଖୁବ୍ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ନେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀଗୃହରେ 'ଆମେ କେଉଁଠାରୁ ଆସିଛୁ? କେଉଁଠାକୁ ଯିବୁ? ଆମର ଜୀବନର ଉଦ୍ଦେଶ୍ୟ କ'ଣ?' ବିଷୟଟିକୁ ଉପସ୍ଥାପନ କଲେ। ଆମଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସ୍‌ରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠିକା ପାଠକମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ଠିକ୍ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା – ସେ କେଉଁଠାରୁ ଆସିଛି? କେଉଁଠାକୁ ଯିବ ଓ ତା'ର ଜୀବନର ଉଦ୍ଦେଶ୍ୟ କ'ଣ? ଧୃତରାଷ୍ଟ୍ର ଉତ୍ତର ଦେଲା – 'ମୁଁ ମାମୁଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଜଣେ ଛାତ୍ର ଅର୍ଜୁନକୁ ଶ୍ରେଣୀର – ଅନ୍ୟ ଏକ ଛାତ୍ର ଭୀଷ୍ମକୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା – 'ମୁଁ ମା'ବାପାଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତା'ଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମ ଶ୍ରେଣୀର ଅନ୍ୟ ଜଣେ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟ ଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଜଣେ ଛାତ୍ର ହସ୍ତମଳକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଜଣେ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କ'ଣ? ତାଙ୍କର କୌଣସି ଉତ୍ତର ନ ଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କ'ଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର୍'।

ଏଥର ପଲ୍ଲବୀକୁ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।'

ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ଠିକ୍ ଉତ୍ତର ପାଇପାରିନାହିଁ। କେଉଁଟି ଠିକ୍ ଉତ୍ତର ଜଣାଇଲେ ମୁଁ ଚିରୋପକୃତ ହେବି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା,**
**ସେକ୍ଟର–୧୦, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ଗ୍ରୀନ୍ ହାଉସ ଗ୍ୟାସ୍ ବା ସବୁଜ ଗୃହ ବାଷ୍ପ ବିଶ୍ୱତାପନ ବୃଦ୍ଧିର କାରଣ ପାଲଟୁଛି। ଏହାର ନିର୍ଗମନ କମ୍ କରିବା ପାଇଁ ବିଶ୍ୱରେ ପ୍ରୟାସ ଜାରି ରହିଥିବା ବେଳେ ବେଙ୍ଗାଲୁରୁର ଡ. ଏଜିହିଲ ସୁବିୟାନ ମିଥେନ ଗ୍ୟାସ୍‌କୁ ଏକ ସଂସାଧନ ଭାବେ ବ୍ୟବହାର କରି ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହା ପରିବେଶ ଉପଯୋଗୀ ଖାଦ୍ୟ ଓ ଗୋଖାଦ୍ୟ (ବିଭିନ୍ନ ପ୍ରକାର ଘାସ) ଉତ୍ପାଦନରେ ଚାଷୀମାନଙ୍କୁ ସାହାଯ୍ୟ କରୁଛି। ସୁବିୟାନ ଷ୍ଟ୍ରିଙ୍ଗ୍ ବାୟୋ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ୨୦୧୩ରେ ସେ ଏହା ଆରମ୍ଭ କରିଥିଲେ। ବହୁ ଗବେଷଣା ପରେ ସେ ପରିବେଶ ଉପଯୋଗୀ ଉତ୍ପାଦ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଛନ୍ତି। ଏହା ପରିବେଶ ଉପଯୋଗୀ କୃଷିକୁ ଉତ୍ସାହିତ କରିପାରିଛି। ଷ୍ଟ୍ରିଙ୍ଗ୍ ବାୟୋର ଉତ୍ପାଦକୁ ଏବେ ସୁଦ୍ଧା ୨୫୦ କୃଷକ ବ୍ୟବହାର କରିସାରିଲେଣି। ଏହାକୁ ବ୍ୟବହାର କଲେ କୃଷିରୁ କମ୍ ମିଥେନ ନିର୍ଗମନ ହେଉଛି। ପ୍ରସ୍ତୁତ କରାଯାଇଥିବା ଉତ୍ପାଦଗୁଡ଼ିକ ମଧ୍ୟରୁ ୧୫ଟିକୁ ପ୍ୟାଟେଣ୍ଟ ମିଳିସାରିଛି ଓ ଆଉ ୪୦ଟି ପାଇଁ ଆବେଦନ କରାଯାଇଛି। ପ୍ୟାଟେଣ୍ଟ ପାଇଥିବା ଉତ୍ପାଦ ବ୍ୟବହାର କରି କୃଷକମାନେ ଲାଭବାନ ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ, ମିଥେନ୍ ଗ୍ୟାସର ବ୍ୟବହାର ବିଶ୍ୱତାପନ ହ୍ରାସରେ ସୁବିୟାନଙ୍କ ଚେଷ୍ଟା ସେତିକି ମହତ୍ତ୍ୱପୂର୍ଣ୍ଣ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଜୁନ୍ ୧୯୯୮**

- ଦ୍ୱୀପାଞ୍ଚଳ ରାଷ୍ଟ୍ର ଗିନିଆ ବିସାଓରେ ସରକାରୀ ସୈନ୍ୟ ଓ ବିଦ୍ରୋହୀଙ୍କ ମଧ୍ୟରେ ଲାଗିଥିବା ଘମାଘୋଟ ଲଢ଼େଇ ଭୟରେ ଦେଶ ଛାଡ଼ି ଚାଲିଯାଉଥିବା ବେଳେ ନୌକା ବୁଡ଼ିଯିବାରୁ ୨୦୦ ମୃତ।
- ଭାରତ–ପାକିସ୍ତାନ ପ୍ରସଙ୍ଗ ନେଇ ଶିଳ୍ପ ସମୃଦ୍ଧ ୮ଟି ରାଜ୍ୟଗୋଷ୍ଠୀ (ଜି–୮)ର ପରାମର୍ଶକୁ ଭାରତର ଅଗ୍ରାହ୍ୟ।
- ଅଜ୍ଞାତ ଆତତାୟୀଙ୍କ ଗୁଳିମାଡ଼ରେ ବିହାର ବିଧାନସଭାର ସିପିଏମ୍ ବିଧାୟକ ଅଜିତ କୁମାର ସରକାରଙ୍କ ମୃତ୍ୟୁ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 7 | | | | 2 | | 4 |
| | | | | | 9 | | 6 | |
| | | | | 7 | 4 | 3 | | |
| | 7 | | 6 | | | | 5 | |
| | | 5 | | 2 | | | | |
| | | 6 | | | 8 | | | 2 |
| | | 1 | 3 | | | 5 | | |
| | | | 4 | 8 | | 9 | | 3 |
| | | | 9 | | 2 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 4 | 2 | 5 | 8 | 6 | 1 |
| 1 | 6 | 4 | 8 | 7 | 9 | 3 | 2 | 5 |
| 2 | 8 | 5 | 6 | 3 | 1 | 7 | 4 | 9 |
| 5 | 2 | 3 | 1 | 9 | 7 | 4 | 8 | 6 |
| 4 | 1 | 6 | 2 | 8 | 3 | 5 | 9 | 7 |
| 8 | 9 | 7 | 5 | 4 | 6 | 1 | 3 | 2 |
| 9 | 4 | 8 | 7 | 5 | 2 | 6 | 1 | 3 |
| 6 | 5 | 2 | 3 | 1 | 4 | 9 | 7 | 8 |
| 7 | 3 | 1 | 9 | 6 | 8 | 2 | 5 | 4 |

ଗତକାଲିର ଉତ୍ତର

# ରାଜନୀତିର ଭାଗ୍ୟରେଖା



ମାୟାଧର ନାୟକ

ବହୁ ପ୍ରାର୍ଥୀ, ବହୁ କ୍ଷମତାପ୍ରାର୍ଥୀ, ବହୁ ଲାଳସୀବିଳାସୀବର୍ଗଙ୍କର ବ୍ୟକ୍ତିଗତ ଭାଗ୍ୟରେଖାର ବିରାଟ ମିଶାଣଫଳ ହୋଇଯାଇଛି ଭାରତୀୟ ରାଜନୀତିର ଭାଗ୍ୟରେଖା। ଆମେ ଯେତେବେଳେ ଅସଲ ରାଜନୀତିର ଭାଗ୍ୟରେଖା ଖୋଜୁଛେ ସେତେବେଳେ ମହା ମହା ଜ୍ୟୋତିଷୀମାନେ ବି ବାଟବଣା। ସେମାନେ ଯେତେବେଳେ ଭାରତୀୟ ରାଜନୀତିର ଭାଗ୍ୟରେଖା ଚିହ୍ନଟ କରନ୍ତି ସେତେବେଳେ ସେମାନଙ୍କୁ ଦିଶେ – ପ୍ରତ୍ୟେକ ରାଜନୈତିକ ଦଳର ମୁଣ୍ଡିଆଳମାନଙ୍କ ଭବିଷ୍ୟତ ଆକଳନର ସମ୍ଭାବନା। ତା' ଅର୍ଥ– ଯଦି ଗୋଟାଏ ସମୟରେ ଆମେ ଶୁଣୁଥିଲୁ 'ଇନ୍ଦିରା ଇଜ୍ ଇଣ୍ଡିଆ' ଇନ୍ଦିରା ହେଉଛନ୍ତି ଭାରତ। ଏବେ ଶୁଣୁଛୁ ମୋଦି ହେଉଛନ୍ତି ମହାଭାରତ ବିଶ୍ୱଗୁରୁ। ଅବଶ୍ୟ ଚାଇନା ରାଷ୍ଟ୍ରପତି ପୃଥିବୀର ଏକନମ୍ବର ନେତା ବୋଲି ତାଙ୍କ ମନ୍ତ୍ରୀମାନେ କହିଲେଣି। ଉତ୍ତରକୋରିଆର କିମ୍ ପ୍ରଚାର କରୁଛନ୍ତି, ସେ ଏ ବିଶ୍ୱର ସର୍ବଶ୍ରେଷ୍ଠ ଯୁବନେତା। ରୁଷିଆର ପୁଟିନ୍ ଯୁଦ୍ଧ ଜିତିଲେ ସେ ପୃଥିବୀର ରାଜା ହୋଇଯିବେ। ହିଟଲର ଦିନେ ପୃଥିବୀର ହିରୋ ହେବାକୁ ଚାହିଁଥିଲେ। ଯୁଦ୍ଧରେ ପରାସ୍ତ ହୋଇ ଆତ୍ମହତ୍ୟା କଲେ। ଆଲେକଜାଣ୍ଡାର ବିଶ୍ୱ ଜୟ କରିବାକୁ ଯାଇ ୩୩ବର୍ଷରେ ନିଃସ୍ୱ ମଣିଷ ହୋଇ ମରିଗଲେ। ଏଇଭଳି ବହୁ ଇତିହାସ ରହିଛି। ଏ ତ ଶେଷରେ ଚାଲିଛି ଏମିତିଗୁଡ଼ିଏ କ୍ଷମତାପ୍ରାର୍ଥୀମାନଙ୍କର ଝିମିଟିଖେଳ। ଆଜି ଭାରତୀୟ ରାଜନୀତି ଭାଗ୍ୟରେଖା କହିଲେ ମନେହୁଏ ଏକ ଅର୍ଦ୍ଧଜ୍ୱଳନ୍ତ ବିଶୁବରେଖାର ଅନ୍ଧକାର ଅଂଶ, ଯେଉଁଠି ଏ ଗ୍ରୀଷ୍ମପ୍ରଧାନ ଦେଶର ଜନଗଣ ଜୁପକାଠର ଛାଗଛାଗୀ।

ଭାରତ ଏକ ବିଚିତ୍ର ଦେଶ। ଏଠି ସବୁଧର୍ମ, ସବୁଜାତି, ଉପଜାତି, ନାନା ଭାଷା, ନାନା ପରିଧାନ ଅଛି। ତଥାପି ଆମେ ଭାରତୀୟ ବୋଲି ଗର୍ବ କରୁ। ଏଠି କେନ୍ଦ୍ରଠୁ ଆରମ୍ଭକରି ରାଜ୍ୟ ପର୍ଯ୍ୟନ୍ତ ଆଇନକାନୁନ ସମ୍ବିଧାନ ଅଛି। ଶାସକମାନଙ୍କ ସୁବିଧା ଅନୁଯାୟୀ ସମ୍ବିଧାନ–ଆଇନକାନୁନ ବଦଳାଯାଏ। ଏବେ ଆମେ ପୃଥିବୀରେ ଜନସଂଖ୍ୟାରେ ଏକନମ୍ବର। ଆମ ଦେଶ ଗଣତାନ୍ତ୍ରିକ। ଏଠି ଗଣମାନଙ୍କ ଭୋଟରେ ସରକାର ନିର୍ବାଚିତ ହୁଅନ୍ତି। ନିର୍ବାଚିତ ସରକାର ପ୍ରଥମେ ସମ୍ବିଧାନ–ଆଇନକାନୁନକୁ ଭାଙ୍ଗନ୍ତି। ମନଇଚ୍ଛା ବହୁମତରେ ଜିତିଥିବାରୁ ସମ୍ବିଧାନ ବଦଳାନ୍ତି। ସମ୍ବିଧାନ ଯେତେ ମୋଟା ହୋଇଚାଲିଛି– ଆମ ଗଣତନ୍ତ୍ର ସେତେ ଛୋଟା ହୋଇଯାଉଛି। ସମ୍ବିଧାନର ମୁଖଶାଳାରେ ଜାତି–ଧର୍ମ–ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର– ପରେ ସମାଜତନ୍ତ୍ର ଯୋଡ଼ାଯାଇଛି। ଆମ ଶାସକମାନେ କେହି ସମ୍ବିଧାନକୁ ମାନୁନାହାନ୍ତି। ଜାତି–ଧର୍ମ ନାଁରେ ଏଠି ରାଜନୀତି ଚାଲେ।

ଏଇ ଲୋକଙ୍କ ଭିତରୁ ତ ଜନପ୍ରତିନିଧି। ସମସ୍ତେ ପ୍ରାୟ ଭାଗ୍ୟରେଖାରେ ବେଶି ବିଶ୍ୱାସ କରନ୍ତି। ସେଥିପାଇଁ ଆମର ମଠ, ମନ୍ଦିର ଯେତେ ଅଛି – ସ୍କୁଲ, କଲେଜ, ଡାକ୍ତରଖାନା ସେତେ ନ ଥିବ। ଏପରିକି ଗଛରେ ସିନ୍ଦୂରମାରି ଲାଲ୍‌କନା ଗୁଡ଼ାଇ ମଧ୍ୟ ଆମେ ପୂଜାକରୁ। କେହିକେହି ସୂର୍ଯ୍ୟ, ତୁଳସୀ ଚଉଁରାକୁ ପୂଜା କରନ୍ତି। ସତ୍ୟ–ତ୍ରେତୟା–ଦ୍ୱାପର ଯୁଗର ଦେବଦେବୀ–ଭଗବାନମାନଙ୍କୁ ମନ୍ଦିର–ଫଟୋରେ ପୂଜାକରୁ। ଏ ଘୋର କଳି ଯୁଗରେ ଲୋକମାନେ ବେଶି ଠାକୁରପୂଜା କରୁଛନ୍ତି। ଏଥିପାଇଁ ଆମ ଶାସକମାନେ ମଠମନ୍ଦିର ପାଇଁ ରାଜକୋଷରୁ ଟଙ୍କା ଖର୍ଚ୍ଚ କରୁଛନ୍ତି। ଗୋଟିଏ ଗୋଟିଏ ଛୋଟ ଗାଁରେ ମଧ୍ୟ ଆଉ କିଛି ନ ଥାଉ ପଛେ ମନ୍ଦିର କିମ୍ବା ଗ୍ରାମଦେବତୀ କିଛି ନ ହେଲେ ବୃକ୍ଷଦେବୀ ନିଶ୍ଚୟ ଥିବେ। ସବୁ ଧର୍ମବିଶ୍ୱାସୀ ଲୋକେ ଏତେ ଠାକୁର ପୂଜାକରି ମଧ୍ୟ ଭାଗ୍ୟରେଖା ପାଇଁ ଜ୍ୟୋତିଷୀ, ବାବା, ସନ୍ନ୍ୟାସୀ, ଗୁଣିଆ, କାଳିଶି ପାଖକୁ ଯାଆନ୍ତି। ସେମାନେ ଜାତକ, ହସ୍ତରେଖା, ପାପୁଲି ଦେଖି ଗଣନାକରି ପ୍ରତିକାର ବ୍ୟବସ୍ଥା କହନ୍ତି। ରାଶିଫଳ କ୍ୟାଲେଣ୍ଡର ପ୍ରାୟ ଘରେ ଘରେ ଥିବ। ଖବରକାଗଜରେ ମଧ୍ୟ ରାଶିଫଳ ପ୍ରତିଦିନ ପ୍ରକାଶ ପାଏ। ବହୁ ଲୋକ ରାଶିଫଳ ଦେଖନ୍ତି। ପୃଥିବୀରେ ଯେତେ ଲୋକ ଅଛନ୍ତି ସେମାନଙ୍କର ବାରୋଟି ରାଶି ମଧ୍ୟରୁ ଗୋଟିଏ ନିଶ୍ଚୟ କାହାର ନା କାହାର ହୋଇଥିବ। ରାଶିମାନଙ୍କରେ କ'ଣ ସବୁ ଭଲମନ୍ଦ ଅଛି ସେଇ ଅନୁସାରେ କାମ କରନ୍ତି। ଗଣନାକାରୀ ରାଶିଫଳ ଦେଖି ଯଦି ଆପଣଙ୍କୁ ଡରାଇଦିଏ, ତା'ହେଲେ ଆପଣ ଛାନିଆ ହୋଇଯାଆନ୍ତି। ପ୍ରତିକାର ଯେତେ ବ୍ୟୟବହୁଳ ହେଲେ ବି କରନ୍ତି। ଆଜିକାଲି ରାଜଧାନୀ ଓ ସହରଗୁଡ଼ିକରେ ଜ୍ୟୋତିଷୀମାନେ ପାଞ୍ଜିଧରି ପସରା ମେଲାଇଛନ୍ତି। ଆପଣମାନେ ଜାତକ, ହାତଦେଖାଇ କିଛି ଉପଦେଶ ପାଇଁ ପକେଟରୁ କିଛି ଟଙ୍କା ଗଣନ୍ତି।

ଥରେ ସୁକିନ୍ଦା ଖଣିଅଞ୍ଚଳରେ ଜଣେ ଠିକାଦାର ଆଦିବାସୀ ଶ୍ରମିକବହୁଳ ଗାଁରେ ଶିବମନ୍ଦିର ତୋଳାଇ ପ୍ରତିଷ୍ଠା କରାଇବା ଦିନ ପୂଜାପାଠ କଲେ, ସମସ୍ତଙ୍କୁ ଭୋଜନ ବ୍ୟବସ୍ଥା କରାଇଥିଲେ। ସେଇ ରାସ୍ତାରେ ଏ ଅଧମ ଗଲାବେଳେ ଦଣ୍ଡେ ଠିଆହୋଇ ନିରୀକ୍ଷଣ କଲି ସେଠି ପୂଜକ ମାଇକରେ ମନ୍ତ୍ର ବୋଲୁଛି, ଠିକାଦାର ପାଳି ଧରୁଛି, ମଝିରେ ମାଇକ ବନ୍ଦକରି କହୁଛି ତା' କର୍ମଚାରୀକୁ ୧୦ ଟ୍ରିପ ସେଠିକି ପଠାଇଦେବ। ସେ ନେତା ଆସିଲେ ତାକୁ ଯାହା କହିଥିଲ ଦେଇଦେବ। ତା'ପରେ ପୁଣି ମାଇକ ସାଉଣ୍ଡ ଦେଇ ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ। ଭାବିଲି ଏ ମନ୍ଦିରଫନ୍ଦିର, ପୂଜାପାଠ କିଛି ନୁହେଁ, ବେପାରୀ ଲୋକ ଲାଭର ଲୋଭରେ ପାଗଳ। ଆଦିବାସୀମାନଙ୍କୁ ଭୁଆଇବା ପାଇଁ ଏ କାଣ୍ଡ। ଏ ମାଲିକ ମଧ୍ୟ ଭୋଟ ବେଳେ ତାଙ୍କ ପୋଷାନେତା କେମିତି ଜିତିବେ ସେ ବନ୍ଦୋବସ୍ତ କରନ୍ତି। ଶେଷରେ ଠାକୁରଙ୍କ ରାଣ ପକାଇ ଭୋଟଦେବାକୁ ମତାନ୍ତି।

ସାଧାରଣ ମଣିଷ–କୁଲିମୂଲିଆ ଧର୍ମଭୀରୁ। ଭାଗ୍ୟବାଦୀ। ସେମାନେ ଥରେ ଶପଥ କଲେ ଭାଙ୍ଗନ୍ତି ନାହିଁ। ଦଳ–ନେତାମାନେ ଏତେ ଧର୍ମରାଣ ଦେଇ ମଧ୍ୟ ମନରେ ଦ୍ୱନ୍ଦ୍ୱ ରହିଯାଏ। କାଳେ ଲୋକେ ଭୋଟ ନ ଦେବେ ସେଥିପାଇଁ ସେମାନଙ୍କ ପାଇଁ ରାଜକୋଷରୁ ଟଙ୍କା ବରାଦ କରି ନିଜ ଦଳ ଶାସନ ନାଁରେ ମାହାଳିଆ ସବୁ ବାଣ୍ଟନ୍ତି। ଧର୍ମସଂସ୍କୃତି ଭିତରେ ମାଗଣା ସଂସ୍କୃତି ଓଜନିଆ ପଡ଼ିଯାଏ। ମାଗଣାଖିଆମାନେ ମାତିଯାଆନ୍ତି। ସେଇ ରାଜନୈତିକ ନେତାମାନଙ୍କର ଭାଗ୍ୟରେଖାରେ ସୂର୍ଯ୍ୟୋଦୟ ହୁଏ। କେବେ ଅସ୍ତ ହେବ ତା' ମା' ଗଙ୍ଗେଇ ଜାଣନ୍ତି।



ଏତିକିରେ ନେତାମାନେ ଭରସା ପାଆନ୍ତି ନାହିଁ। ଯେଉଁ ଶିଳ୍ପପତିଙ୍କୁ ଦେଶର ଜମି, ଖଣି, ପାଣି, ଜଙ୍ଗଲ, ବନ୍ଦର, ରାସ୍ତାକାମ ଟେକି ଦେଇଥାନ୍ତି ବିକାଶରେ ଯେଉଁ କାର୍ଯ୍ୟ ହେବ ସେମାନଙ୍କ ଦ୍ୱାରା କରାନ୍ତି। ପୁଣି ସେସବୁ କାମରେ ନିଜ ଦଳୀୟ ସମର୍ଥକ ଠିକାଦାର ହୁଅନ୍ତି। ସେଇ ଶିଳ୍ପପତି, ଠିକାଦାରମାନେ ଦେଶର ସାଧାରଣ ଲୋକଙ୍କ ଟିକସରେ ଭର୍ତ୍ତି ରାଜକୋଷରୁ ପ୍ରାୟ ଅଧାଅଧି ମାରିନିଅନ୍ତି। ସେମାନେ ଭୋଟ୍ ବେଳେ ଦଳ ଓ ନେତାମାନଙ୍କୁ କୋଟି କୋଟି ଟଙ୍କା ଚାନ୍ଦା ଆକାରରେ ଏବଂ କୋଟି କୋଟି ଟଙ୍କା ଲୁଚାଛପାରେ ଦେଇଥାନ୍ତି। ସେ ଟଙ୍କାରୁ ଏତେ ମାଗଣା ଦେଇ ଭଗବାନ ରାଣ ପକାଇଥିଲେ ମଧ୍ୟ ଭୋଟ୍ ପିଛା ଏକହଜାରରୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦିଅନ୍ତି। ଏ ନେତାମାନେ ଲୋକଙ୍କୁ ମାଗଣାଖିଆ ଭିକାରି କରିଦେଇ ଶେଷରେ ଲାଞ୍ଚୁଆ କରିଦେଉଛନ୍ତି। ଏଇତ ଭାରତୀୟ ରାଜନୀତିର ଭାଗ୍ୟରେଖା। ଭୋକିଲା ପଟୁଆର ଏମିତି ଚାଲିଛି ରାସ୍ତାରେ ସେ ରାସ୍ତା କୁଆଡେ ଗୋଟେ ଭଙ୍ଗା ବଡିଖୁଣ୍ଟ ପାଖେଥିବା ସେଇ ଦେଶୀ ମଦଭାଟି ଆଡେ।

**ଯାଜପୁର ରୋଡ, ଯାଜପୁର**
**ମୋ : ୯୮୬୧୩୪୧୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଏଲ୍‌ଇଡି ବଲ୍‌ବ କୁଆଡ଼େ ଗଲା

ମହାଶୟ,

ଓଡ଼ିଶା ଶାସନର ମୋ ସରକାର ଜନଗଣଙ୍କ ହିତାର୍ଥେ ବିନା ମୂଲ୍ୟରେ ଏଲ୍‌ଇଡି ବଲ୍‌ବ ମାଗଣାରେ ଯାଗାଇ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତର ପଲ୍ଲୀକୁ ଏହି ବଲ୍‌ବ ଯୋଗାଇ ଦିଆଯାଇଥିଲା। ତେବେ ଉକ୍ତ ବଲ୍‌ବ ସମସ୍ତ ଜନତା ପାଇପାରିଲେନାହିଁ କାହିଁକି? ଏହାର ପ୍ରକୃତ ଅନୁସନ୍ଧାନ କରାଯାଉ। ପରିତାପର ବିଷୟ ରାଜ୍ୟର ଏକାଧିକ ଗ୍ରାମାଞ୍ଚଳରେ ଉକ୍ତ ଇଲେକ୍ଟ୍ରି ବଲ୍‌ବ ଜନସାଧାରଣଙ୍କୁ ଦିଆଯାଇନାହିଁ। ମୋ ସରକାରଙ୍କ ଏଭଳି ପକ୍ଷପାତ ନୀତି ଭବିଷ୍ୟତରେ କଳଙ୍କର କାଳିମା ସଦୃଶ ହେବ। ଏକାଧିକ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ଦଲାଲମାନେ ଏଥିରେ ଦୁର୍ନୀତି କରିଛନ୍ତି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଉକ୍ତ ବଲ୍‌ବ କୁଆଡ଼େ ଗଲା। ରାଜ୍ୟ ସରକାର ଏ ଘଟଣାର ଉପଯୁକ୍ତ ତଦନ୍ତ କଲେ ବହୁ ରହସ୍ୟ ଉଦ୍‌ଘାଟନ ହେବ।

**–ଆଦିକନ୍ଦ ସାହୁ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଳେ ପୁଣି ସିନ୍ଧୁ ବକ୍ଷେ
ଗିରି ଚୂଳେ କାଳାନଳ ସମ!
ଜଡ଼ରୂପୀ ହେ ଅନଳ ଅଗ୍ନି!
ତବ ପଦେ ନମୋନମ!
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ମହାନଦୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

କୁଜଙ୍ଗ,୧୪।୬: (ମନୋଜ ପ୍ରଧାନ) ପହିଲି ରଜରେ ଖୁସି ମନେଇବା ଉଦ୍ଦେଶ୍ୟରେ ବୁଧବାର ବଡ଼ିଭୋରରୁ ଜେଜେ ମା' ସହ ନାବାଳିକା ନାତୁଣୀ ମହାନଦୀକୁ ଗାଧୋଇବାକୁ ଯାଇ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। କୁଜଙ୍ଗ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଅରବିନ୍ଦ ମଲ୍ଲିକଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ୧୨ ବର୍ଷର ଝିଅ ଲୁସି ତାଙ୍କ ଜେଜେ ମା'ଙ୍କ ସହ ଭୋର ୬ଟାରେ ଶ୍ମଶାନ ଘାଟ ମହାନଦୀକୁ ଗାଧୋଇ ଯାଇଥିଲେ। ଗାଧଉଥିବା ସମୟରେ ଗୋଡ଼ ଖସିଯିବାରୁ ନିକଟରେ ଥିବା ଗଣ୍ଡକୁ ଚାଲି ଯାଇଥିଲେ। ଜେଜେ ମା'ଙ୍କ ସମେତ ନିକଟରେ ଥିବା ଲୋକମାନେ ଦେଖୁ ଦେଖୁ ଆଖି ଆଗରେ ଅର୍ଚ୍ଚିତା ପ୍ରିୟଦର୍ଶିନୀ ଓରଫ ଲୁସି ବୁଡ଼ି ଯାଇଥିଲେ। ଡାକଶୁଣି ନିକଟସ୍ଥ ଲୋକେ ପହଞ୍ଚି ଥିଲେ ବି ନାବାଳିକାଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ବି ଲୁସିଙ୍କ ସନ୍ଧାନ ମିଳି ନ ଥିଲା। ପୂର୍ବାହ୍ନ ୧୧ଟାରେ ଜଗତ୍‌ସିଂହପୁରରୁ ଓଡ୍ରାଫ୍ ଟିମ୍ ପହଞ୍ଚି ଅଗ୍ନିଶମ ବାହିନୀ ସହିତ ମିଶି ଖୋଜାଖୋଜି କରିଥିଲେ। ଉଭୟଙ୍କ ମିଳିତ ଉଦ୍ୟମରେ ଅପରାହ୍ନ ୨ଟାରେ ମହାନଦୀ ଗଣ୍ଡରୁ ଲୁସିଙ୍କ ମୃତଦେହ ମିଳିଥିଲା। ପରେ କୁଜଙ୍ଗ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପୁଣି ଫାଷ୍ଟ କମ୍, ଫାଷ୍ଟ ଲୋଡ୍ ଆଇନ ଉଲ୍ଲଂଘନ

ଯାଜପୁର,୧୪।୬(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଳିଆପାଣି ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡ଼ ଆଇନ ଭୁଶୁଡ଼ି ପଡ଼ିଛି। ଖଣି ଖାଦାନ ନିକଟରେ ଥିବା ୩ ରୁ ୪ଟି ପଞ୍ଚାୟତର ଟ୍ରକ ମାଲିକମାନଙ୍କୁ ଖଣି ପରିବହନରେ ଅଧିକ ସହଯୋଗ କରାଯାଉଛି। ବାକି ଜିଲାର ସମସ୍ତ ଟ୍ରକ ମାଲିକମାନେ ଦାଣ୍ଡର ଭିକାରୀ ହୋଇ ସାରିଛନ୍ତି। ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଏଭଳି ଭାବେ କ୍ରୋମ ପରିବହନରେ ପକ୍ଷପାତିତା କରୁଥିବା ଅଭିଯୋଗ ହେଉଛି। ଏହିକ୍ରମରେ ପ୍ରଭାବିତ ଟ୍ରକ ମାଲିକମାନେ ମନ୍ତ୍ରୀ ଘଡେଇଙ୍କୁ ଅସହଯୋଗ କରିବେ ବୋଲି ଖୋଲାଖୋଲି ଚେତାବନୀ ଦେଇଛନ୍ତି। ମଙ୍ଗଳବାର ଡୁବୁରି କପିଳେଶ୍ୱର ମନ୍ଦିରଠାରେ ଏକ ଜରୁରୀ କାଳୀନ ବୈଠକରେ ଟ୍ରକ ମାଲିକମାନେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଏହାବାଦ୍ ଯାଜପୁର ରୋଡ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ମଧ୍ୟ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ଆଇନ ଉପରେ ତୁରନ୍ତ ସୁଧାର ନ ଆଣିଲେ ପରିବହନ କ୍ଷେତ୍ରରେ ଅସହଯୋଗ କରିବେ ବୋଲି ଜିଲାପାଳଙ୍କୁ ଦେଇଥିବା ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଯାଜପୁରରୋଡ ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ(ଡିଡିଏମ୍) ତାଙ୍କ ପତ୍ରସଂଖ୍ୟା ୧୩୭୨/୫।୯।୨୦୧୯ରେ ଖଣି ଲିଜ୍‌ଧାରୀ ଓ ପରିବହନକାରୀଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ଆଇନକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ଓ ମିନୋରାଲ ଟ୍ରକ ସଂଘ ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ଗତ ୧୮।୮।୨୦୦୯ରେ ସୁକିନ୍ଦା ଟ୍ରକ ମାଲିକ ସଂଘ ପୁଣି ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡିଥିଲେ। ଏହାପରେ ହାଇକୋର୍ଟଙ୍କ ପକ୍ଷରୁ ୧୪୬୪୨/୨୦୧୫ ନମ୍ବରରେ ଜିଲାପାଳଙ୍କୁ ସିଧାସଳଖ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ନିୟମ ଲାଗୁ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଫଳରେ ତତ୍କାଳୀନ ଜିଲାପାଳ ସତ୍ୟ କୁମାର ମଲ୍ଲିକ ୨୦୧୬ ଏପ୍ରିଲ ୨୬ରେ ଲେବର ବ୍ୟାଚ ଉଚ୍ଛେଦ ଓ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ବ୍ୟବସ୍ଥା ଲାଗୁ କରିବାକୁ କଡ଼ା ପଦକ୍ଷେପ ଗ୍ରହଣ କରିଥିଲେ। ଲେବର ବ୍ୟାଚ ଉଚ୍ଛେଦ ହୋଇଥିଲେ ମଧ୍ୟ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ବ୍ୟବସ୍ଥା କେବଳ ୬ ଚକିଆ ଟ୍ରକ କ୍ଷେତ୍ରରେ ସୀମିତ ହୋଇ ରହିଥିଲା। ଫଳରେ ସେମାନେ ବାଧ୍ୟ ହୋଇ ପୁର୍ନବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ବିଚାର କରି ଗତ ୨୦୧୯ ଅଗଷ୍ଟ ୨ ତାରିଖ ଦିନ ହାଇକୋର୍ଟଙ୍କ ପକ୍ଷରୁ ଜିଲାପାଳଙ୍କୁ ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମ ଲାଗୁ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ତତ୍କାଳୀନ ଜିଲାପାଳ ରଞ୍ଜନ କୁମାର ଦାସ ହାଇକୋର୍ଟର ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଦକ୍ଷେପ ଗ୍ରହଣ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା।

- ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ଅବ୍ୟବସ୍ଥା
- ମନ୍ତ୍ରୀଙ୍କୁ ଅସହଯୋଗ ଚେତାବନୀ

ଗତ କିଛି ଦିନ ହେଲା ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ବ୍ୟବସ୍ଥାରେ ପୁଣି ବିଭ୍ରାଟ ଦେଖାଦେଇଛି। ମନ୍ତ୍ରୀଙ୍କ କେତେକ ପାଖ ଲୋକ ଆଇନକୁ ଭ୍ରୁକ୍ଷେପ ନ କରି ଦାଦାଗିରି ଚଳାଇଛନ୍ତି। ଫଳରେ ଜିଲାର ଟମକା, ଡୁବୁରୀ, ବାରଗାଡିଆ, ଦାନଗଦି, ନଡିଆଭଙ୍ଗା, ଯଖପୁରା, ଯାଜପୁର ରୋଡ, ଚଣ୍ଡିଖୋଲ ପ୍ରଭୃତି ଅଞ୍ଚଳର ଟ୍ରକ ମାଲିକମାନେ ବହୁ କ୍ଷତି ସହୁଛନ୍ତି। ୨୦୨୨ ଅଗଷ୍ଟରୁ ପ୍ରଶାସନ ପକ୍ଷରୁ କ୍ରମିକ ଲେଖା ବ୍ୟବସ୍ଥାକୁ ବନ୍ଦ କରି ଦିଆଯିବା ପରେ ଏଭଳି ପରିସ୍ଥିତି ଦେଖା ଦେଇଛି। ପ୍ରଶାସନ ପକ୍ଷରୁ ସେଣ୍ଟ୍ରାଲ ପାର୍କିଂ ବ୍ୟବସ୍ଥା ନ କରି ପୋଲିସ ଉପସ୍ଥିତିରେ ସ୍ଥାନୀୟ ଗାଡିଗୁଡ଼ିକୁ ଜୋର ଜବରଦସ୍ତି ଖଣିରେ ପୁରାଇ ଲୋଡିଂର ସୁବିଧା ନେଉଛନ୍ତି ବୋଲି ଯାଜପୁର ରୋଡ ଟ୍ରକ ମାଲିକ ସଂଘ ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଛି। ଏହାବାଦ୍ ଯେଉଁମାନେ ଏହାର ପ୍ରତିବାଦ କରୁଛନ୍ତି ସେମାନଙ୍କ ଗାଡିଗୁଡ଼ିକୁ ବ୍ଲାକ ଲିଷ୍ଟ କରାଯାଉଛି। ଏହିସ୍ଥିତିରେ ଟ୍ରକ ମାଲିକମାନେ ମନ୍ତ୍ରୀ ଘଡେଇଙ୍କ ଉପରେ ସିଧାସଳଖ ଦୋଷ ଲଦିଛନ୍ତି। ପ୍ରଭାବିତ ଗାଡି ମାଲିକ ଏସ.କେ. ସୌକତ, ଏସ.କେ. ନାଜିର, ପିନାକି ପଟ୍ଟନାୟକ, ରଶ୍ମିରଞ୍ଜନ ରାଜ, ସଞ୍ଜୀବ କୁମାର ରାଉତ, ବିଜୟ କୁମାର ଦାସ ପ୍ରମୁଖଙ୍କ କହିଛନ୍ତି ଯେ, ମନ୍ତ୍ରୀ ଘଡେଇ ସେମାନଙ୍କ ଦୁଃଖ ଆଉ ବୁଝୁ ନାହାନ୍ତି। ବର୍ତ୍ତମାନ ଗାଡି ଖଣ୍ଡିଏ ଲେଖାଏଁ କିଣି ଋଣଭାରରେ ବୁଡ଼ି ରହିଛନ୍ତି। ଖଣି ଖାଦାନର ନିକଟସ୍ଥ ଗାଡି ମାଲିକମାନେ ମନ୍ତ୍ରୀଙ୍କୁ ହାତ କରି ପୁଣି ଏକଚାଟିଆ ନୀତି ଅବଲମ୍ବନ କରୁଛନ୍ତି। ତେଣୁ ଏହାର ସମାଧାନ ନ ହେଲେ ପରିସ୍ଥିତି ଭିନ୍ନ ହୋଇପାରେ ବୋଲି ସେମାନେ ବିକ୍ଷୋଦ୍‌ଗାର କରିଛନ୍ତି।

### ପୋତାଶ୍ରୟରେ ଖସି ଡିସିଆଇ ଅଧିକାରୀ ମୃତ

ପାରାଦୀପ,୧୪।୬ (ଶରତ କୁମାର ରାଉତ)

ପାରାଦୀପ ବନ୍ଦର ପୋତାଶ୍ରୟରେ ବୁଧବାର ସକାଳେ ଡିସିଆଇ(ଡ୍ରେଜିଂ କର୍ପୋରେଶନ ଇଣ୍ଡିଆ) ଜାହାଜରେ ଅଘଟଣ ଘଟିଛି। ଡ୍ରେଜିଂ ଜାହାଜ ୧୭ର ସେକେଣ୍ଡ ଅଫିସର ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଆଉ ଜଣେ ସି ମ୍ୟାନ (ନାବିକ)ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା, ନରଶିପାଟଣା ଥାନା ଅନ୍ତର୍ଗତ ଭେଙ୍କୁନାଇପେଟା ୩୯/୧୧୧ପ୍ଲଟ ବାସିନ୍ଦା ୟାଲୋସେଟ୍ଟି ଅଶୋକ (୩୦)। ଡିସିଆଇ ଡ୍ରେଜିଂ ଜାହାଜ ପୋତାଶ୍ରୟରେ କିଛି କାମ କରୁଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହାକୁ ସଜାଡିବା ପାଇଁ ୱାଇ ଅଶୋକ ଓ ନାବିକ ତଳକୁ ଓହ୍ଲାଇବା ବେଳେ ପାଣିକୁ ଖସିପଡ଼ିଥିଲେ। ଅଶୋକ ସୁରକ୍ଷା ପୋଷାକ ପିନ୍ଧି ଥିବା ସତ୍ତ୍ୱେ ସେ ଲୁଣି ପାଣି ପିଇ ଯାଇଥିଲେ। ନାବିକ ବିନା ସୁରକ୍ଷା ପୋଷାକ ଯୋଗୁ ପହଁରି ଥିଲେ। ୨ଜଣଙ୍କୁ ଉଦ୍ଧାର କରି ତୁରନ୍ତ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଅଶୋକଙ୍କୁ ମୃତ ଘୋଷଣା କରିଥିଲେ। ଆହତ ନାବିକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଏହାକୁ ନେଇ ଜାହାଜ କ୍ୟାପଟେନ ମେରାଇନ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ (ନଂ.୪/୨୩)ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରି ଚିକିତ୍ସାଳୟରେ ସଂରକ୍ଷିତ ରଖାଯାଇଛି।

## ଏନ୍‌ଇଇଟି ପରୀକ୍ଷାରେ ପୂଜାରଣୀଙ୍କ କୃତିତ୍ୱ



ଛାତ୍ରୀ ପୂଜାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜେନାପୁର,୧୪।୬(ଅଶୋକ ଦାସ):

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଦୁର୍ଗାମଣ୍ଡପ ସାହିର ପୂଜାରଣୀ ପାତ୍ର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଅନୁଷ୍ଠିତ ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା(ଏନ୍‌ଇଇଟି)ରେ କୃତିତ୍ୱ ଅର୍ଜନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ମୋଟ ୭୨୦ ନମ୍ବରରୁ ୫୮୩ ନମ୍ବର ରଖିଛନ୍ତି। ତାଙ୍କ ପିତା ଅଜୟ କୁମାର ପାତ୍ର ଜଣେ ଦିନମଜୁରିଆ ହୋଇଥିବାବେଳେ ମା' ଅହଲ୍ୟା ପାତ୍ର ଗୃହିଣୀ। ଝିଅର ଅକ୍ଳାନ୍ତ ପରିଶ୍ରମ ମା'ବାପାଙ୍କ ଜୀବନରେ ଖୁସି ଆଣିଦେଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଯୁବ ସାମାଜିକ କର୍ମୀ ପ୍ରହ୍ଲାଦ ପାତ୍ର, ସୁଧାଂଶୁ ଶେଖର ମହାନ୍ତି ତାଙ୍କ ବାସଭବନରେ ପହଞ୍ଚି ପୂଜାରାଣୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପୂଜା କହିଛନ୍ତି, ଭବିଷ୍ୟତରେ ଭଲ ଡାକ୍ତର ହେଲେ ଗରିବ ଓ ଅସହାୟ ଲୋକଙ୍କ ସେବା କରିବେ। ପୂଜାରାଣୀ ତାଙ୍କ ସଫଳତା ପାଇଁ ବାପା, ମା' ଓ କୋଚିଂ ସେଣ୍ଟରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ପୂଜାରାଣୀ ଯାଜପୁର ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ପଢୁଥିବାବେଳେ ଜେନାପୁର ଅଞ୍ଚଳରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଥିଲେ।

## ସୂଚନା ଅଧିକାର କର୍ମୀଙ୍କ ସମେତ ୬ ଗିରଫ

ଧର୍ମଶାଳା,୧୪।୬(ବଟକୃଷ୍ଣ ପରିଡ଼ା):

**ସରକାରୀ ଜାଗାରୁ ବେଆଇନ ମାଟି ଉଠାଣ ଘଟଣା**

- ଜାମିନ ନାମଞ୍ଜୁର ପରେ ଜେଲ ଗଲେ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ସାରୋଇ ମୌଜାରୁ ବେଆଇନ ମାଟି ଉତ୍ତୋଳନ ଘଟଣାରେ ବୁଧବାର ପୋଲିସ ଜଣେ ସୂଚନା ଅଧିକାର କର୍ମୀଙ୍କ ସମେତ ମୋଟ୍ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ତଥା ଭାଜପା ନେତା ସର୍ବେଶ୍ୱର ବେହୁରା, ଟ୍ରାକ୍ଟର ଡ୍ରାଇଭର ଜେନାପୁର ଥାନା ଅଧୀନ କମାଗଡ଼ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭୂୟାଁ, ନଳିଗାଁର ତାପସ ଦେଉରୀ, ବଡ଼ଚଣା ଥାନା ବନ୍ତଲା ଗ୍ରାମର ହୃଷୀକେଶ ସ୍ୱାଇଁ, ଧର୍ମଶାଳା ଥାନା ଅଭୟପୁର ଗ୍ରାମର ପ୍ରଭାକର ସାମଲ ଓ ବଡ଼ଚଣା ଥାନା ଧାନମଣ୍ଡଳ ଗ୍ରାମର କାଳିଆ ସିନ୍ଧୁ। ୧୯ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ସୂଚନା ମିଳିଛି। ଏହି ଘଟଣା ବର୍ତ୍ତମାନ ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।



ସର୍ବେଶ୍ୱର ବେହୁରା

ସୂଚନା ଅନୁଯାୟୀ, ସାରୋଇ ମୌଜାର ଏକ ସରକାରୀ ଜାଗାରୁ ବିନା ଅନୁମତିରେ ସୂଚନା ଅଧିକାର କର୍ମୀ ବେହୁରା ମଙ୍ଗଳବାର ମାଟି ଉଠାଇ ଏହି ମୌଜାରେ ଥିବା ତାଙ୍କ ଜମିରେ ପକାଉଥିଲେ। ଏ ସମ୍ପର୍କରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଖବରପାଇ ପୂର୍ବାହ୍ନରେ ନେଉଳପୁର ଆର୍‌ଆଇ ବିରଞ୍ଚି ନାରାୟଣ ବୋଇତେଇ ଓ ବଳରାମପୁର-୨ ଆର୍‌ଆଇ ଚନ୍ଦନ କୁମାର ସାହୁ ପ୍ରମୁଖଙ୍କୁ ସାଙ୍ଗରେ ନେଇ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ସେଠାରେ କାମ କରୁଥିବା ଶ୍ରମିକ ଓ ଟ୍ରାକ୍ଟର ଡ୍ରାଇଭରମାନେ ଚମ୍ପଟ ମାରିଥିଲେ। ତହସିଲଦାର ଓ ତାଙ୍କ ସହକର୍ମୀ ସେମାନଙ୍କୁ କାବୁ କରିବା ପାଇଁ ପଛରେ ଧାଇଁଥିଲେ। ଫଳରେ ତହସିଲଦାର ସହକର୍ମୀଙ୍କ ସହାୟତାରେ ୨ ଟ୍ରାକ୍ଟର ଡ୍ରାଇଭରଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ପରବର୍ତ୍ତୀ ସମୟରେ ଧର୍ମଶାଳା ପୋଲିସ ସହାୟତାରେ ସେ ସେଠାରୁ ୫ ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନ ଜବତ କରି ଥାନାକୁ ଆଣିଥିଲେ। ବେଆଇନ ମାଟି ଉଠାଣକୁ ନେଇ ତହସିଲଦାର ଦାସ ଟ୍ରାକ୍ଟର ଡ୍ରାଇଭର ଓ ଜମି ମାଲିକ ବେହୁରାଙ୍କ ବିରୋଧରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲା। ପୋଲିସ ନଂ.୩୮୪/୨୩ରେ ଏକ ମାମାଲା ରୁଜୁ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅନ୍ୟ ୩ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗିରଫ କରିଥିଲା। ବୁଧବାର ସକାଳେ ପୋଲିସ ଜମିମାଲିକ ତଥା ସୂଚନା ଅଧିକାର କର୍ମୀ ବେହୁରାଙ୍କୁ ତାଙ୍କ ଘରୁ ଉଠାଇନେଇ ଗିରଫ କରିଥିଲା। ପରେ ସେମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିଲା।

## ନିର୍ମାଣାଧୀନ ପାଚେରି ଭାଙ୍ଗିଲା



ପାଚେରି ଭୁଶୁଡ଼ି ପଡ଼ିଛି।

ଯାଜପୁର,୧୪।୬(ହର୍ଷବର୍ଦ୍ଧନ ବେହେରା):

**ଲାଲବାଗରେ ଗ୍ରାମ୍ୟ ଉଦ୍ୟାନ ପ୍ରକଳ୍ପ**

- ନିମ୍ନମାନର କାର୍ଯ୍ୟ ଅଭିଯୋଗ

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ଖାନନଗର ଗ୍ରାମ ପଞ୍ଚାୟତ ଲାଲବାଗ ଛକ ମହାଦେବ ମନ୍ଦିର ନିକଟରେ ନିର୍ମାଣାଧୀନ ଗ୍ରାମ୍ୟ ଉଦ୍ୟାନର ୩୦ ମିଟର ଲମ୍ବ ପାଚେରୀ ଭାଙ୍ଗି ଯାଇଛି। ଭଙ୍ଗ ପାଚେରୀ ଅଂଶ କନ୍ହେଇ ନାଳ ପାଣିରେ ପଡିଛି। ନିର୍ମାଣର ମାସକ ନ ପୁରୁଣୁ ଏଭଳି ଅଘଟଣ ଘଟିବା ନିମ୍ନମାନର କାର୍ଯ୍ୟକୁ ଇଙ୍ଗିତ କରୁଛି ବୋଲି ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଗ୍ରାମ୍ୟ ପାର୍କ ନିର୍ମାଣ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷରେ ୫ମ ଅର୍ଥ କମିଶନ ଅନୁଦାନ ଓ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏଥି ନିମନ୍ତେ କନ୍ହେଇ ନାଳ ପାର୍ଶ୍ୱରେ ପାଚେରୀ ନିର୍ମାଣ କରାଯାଇ ଭିତର ପାର୍ଶ୍ୱରେ ମାଟି ପୁରାଯାଇଥିଲା। ମାତ୍ର ମଙ୍ଗଳବାର ହୋଇଥିବା ସାମାନ୍ୟ ବର୍ଷାରେ ନିର୍ମାଣ ହୋଇସାରିଥିବା ଉକ୍ତ ପାଚେରୀ ଭାଙ୍ଗି ଯାଇଛି। ଗ୍ରାମ୍ୟ ଉଦ୍ୟାନ ନିର୍ମାଣ ସମୟରେ ଏଭଳି ଘଟଣା ଘଟିଥିଲେ ହେଁ କେହି ପାଖରେ ନ ଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଚର୍ଚ୍ଚା ହେଉଛି। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଅନଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ କରାଯାଇ ଥିବାରୁ ଏଭଳି ଅବସ୍ଥା ହେଲା ବୋଲି ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି। ତେଣୁ ସରକାରୀ କାର୍ଯ୍ୟରେ ଏଭଳି ଅନିୟମିତତାର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଅଭୟ ବଳ ଓ କନିଷ୍ଠ ଯନ୍ତ୍ରୀ ସୁବ୍ରତ ବେହେରାଙ୍କ ସହିତ ଯୋଗାଯୋଗ କରାଯାଇଥିବା ବେଳେ ଏହି ପ୍ରକଳ୍ପର କିଛି ଅର୍ଥ ପୈଠ ହୋଇନାହିଁ ଏବଂ ଏହି ଘଟଣାର ତଦନ୍ତ କରିଯିବା ବୋଲି କହିଛନ୍ତି। ତେବେ ପାଚେରୀ ଭାଙ୍ଗି ନ ଥିଲେ ସମସ୍ତ ଅନୁଦାନ ଅର୍ଥ ଚଳୁ କରାଯାଇଥାନ୍ତା ବୋଲି ମତପ୍ରକାଶ ପାଇଛି।



ରେଳ ଦୁର୍ଘଟଣା ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ଯାଜପୁର ବରିଷ୍ଠ ନାଗରିକ ସଂଘର ଦୀପଦାନ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦୀପଦାନ, ପ୍ରାର୍ଥନା ସଭା

ଯାଜପୁର ଟାଉନ,୧୪।୬(ପ୍ରଯକ୍ତା ମହାନ୍ତି):

ବାହନଗା ରେଳ ଦୁର୍ଘଟଣାରେ ଆହତ ଯାତ୍ରୀଙ୍କ ଆସୁ ଆରୋଗ୍ୟ ଓ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଯାଜପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମା'ବିରଜାଙ୍କ ନିକଟରେ ସମୂହ ଦୀପଦାନ କରାଯିବା ସହ ମା'ଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଦୀପଦାନ, ପ୍ରାର୍ଥନା ସଭାରେ ସଂଘ ସଭାପତି ନୃସିଂହ ଚରଣ ମହାପାତ୍ର, ସମ୍ପାଦକ ପ୍ରବୋଧ କୁମାର ନାୟକ, ବରିଷ୍ଠ ସଭ୍ୟ ବନବିହାରୀ ମହାପାତ୍ର, ଗଦାଧର ରାଉତ, ଧନଞ୍ଜୟ ରାଉତରାୟ, ଗୋପୀନାଥ ସେଠୀ, ସହସମ୍ପାଦକ ବୃନ୍ଦାବନ ମିଶ୍ର, ପ୍ରଶାନ୍ତ କୁମାର ନାୟକ, କୈଳାସ ଚନ୍ଦ୍ର ମଲ୍ଲିକ, କୁଳମଣି ରାଉତ ଓ ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଯଶୋଦା କଳା ପରିଷଦ ପକ୍ଷରୁ ରଜ ଉତ୍ସବ

ସିଂହପୁର,୧୪।୬ (ଅନଙ୍ଗ ଉଦୟ ବେହୁରିଆ):

ମା' ଯଶୋଦା କଳା ପରିଷଦ ପକ୍ଷରୁ ବିଞ୍ଝାରପୁର ବ୍ଲକ ଅଧୀନ ବାଙ୍ଗରା ପଞ୍ଚାୟତର ବାଙ୍ଗରା ଗ୍ରାମରେ ରଜ ଉତ୍ସବ ପାଳନ କରାଯାଇଛି। ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକଙ୍କ ତତ୍ତ୍ୱାବଧାନରେ ଜନନେତା ନବକିଶୋର ବେହେରା, ଶିକ୍ଷାବିତ ବଂଶୀଧର ଦାଶ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଯଶୋଦା କଳା ପରିଷଦର ଛାତ୍ରୀଛାତ୍ର ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାସ, ପ୍ରିୟଦର୍ଶିନୀ ସାମଲ, ଜଗଦିଶ ମଲିକ, ସ୍ୱପ୍ନାରାଣୀ ପ୍ରତିମା ସାହୁ, ପ୍ରିୟେଶ ପଣ୍ଡା, ପ୍ରାଚୀ ପ୍ରିୟଦର୍ଶିନୀ ଜେନା ପ୍ରମୁଖ ବନସ୍ତେ ଡାକିଲା ରଜ ପରିବେଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ପ୍ରିୟରଞ୍ଜନ ଦାସ, ପ୍ରକାଶ ଚନ୍ଦ୍ର ପଣ୍ଡା, ଗୌରୀ ପାଢ଼ୀ ଓ ବିକାଶ ରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମା' ଯଶୋଦା କଳା ପରିଷଦର ଛାତ୍ରୀଛାତ୍ର ଓ ବୀର ଯବାନ ବିକାଶ ରଞ୍ଜନ ଦାସଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ରଜ ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସଙ୍କ ରଚିତ ଓ ଦିନେଶ ମଲିକଙ୍କ ନିର୍ଦ୍ଦେଶିତ ରଜ ମଉଜ ଉପରେ ଆଧାରିତ ଚାରୋଟି ଗୀତ ରେକର୍ଡିଂ ହୋଇ ରିଲିଜ ହୋଇଥିଲା।



ରଜ ଉତ୍ସବ ଅବସରରେ ଚାରା ରୋପଣ କରାଯାଉଛି।

# ରଜପର୍ବର ମହକ କମୁଛି



ରଜ ପାଇଁ ଦୋଳି ଲଗାଯାଇଛି।



ରଜ ପାନ।

ଚଣ୍ଡିଖୋଲ,୧୪।୬(ପ୍ରଦୀପ୍ତ ପୃଷ୍ଟି):

ଗ୍ରାମାଞ୍ଚଳରେ ରଜପର୍ବର ମହକ କମୁଥିବା ଦେଖିବାକୁ ମିଳୁଛି। ୩ ଦିନ ଧରି ଅନୁଷ୍ଠିତ ରଜରେ କୃଷକ ଚାଷ କାର୍ଯ୍ୟ ବନ୍ଦ କରିଥାନ୍ତି। ପ୍ରତ୍ୟେକ ଘରେ ପିଠାପଣା ତିଆରି ହୁଏ। ସମସ୍ତେ ନୂଆଲୁଗା ପରିଧାନ କରି ଅତ୍ୟନ୍ତ ଖୁସିର ସହ ରଜ ପାଳନ କରିଥାନ୍ତି। ଗ୍ରାମର ଯୁବତୀ ଓ ମହିଳାମାନେ ଦୋଳି ଖେଳିଥାନ୍ତି। ଗାଁ ଆମ୍ବ ଓ ବରଗଛରେ ଦୋଳି ଲାଗିଥାଏ। ଗ୍ରାମର ପିଲାମାନେ ଏକତ୍ରିତ ହୋଇ ଦୋଳିର ମଜା ନିଅନ୍ତି। ପୁରୁଷମାନେ ତାସ ଖେଳର ମଜା ନେଇ ଥାଆନ୍ତି। ପୁଅମାନେ କବାଡି ଖେଳିଥାଆନ୍ତି। ମାତ୍ର ଏବେ ଗ୍ରାମାଞ୍ଚଳରୁ ଏହା ଧୀରେଧୀରେ ଏସବୁ ଲୋପ ପାଇବାକୁ ବସିଲାଣି। ଆଉ ଗାଁଗୁଡ଼ିକରେ ଗଛ ନାହିଁ ଦୋଳି ଖେଳିବାକୁ। ଗଛକୁ ହାଣି ସେଠାରେ କୋଠା ନିର୍ମାଣ ହେଉଛି।

ରାସ୍ତା ଉନ୍ନତୀକରଣ ନାମରେ ରାସ୍ତା କଡ଼ରେ ଥିବା ଗଛ କାଟିଦିଆଯାଉଛି। ବିଭିନ୍ନ ପ୍ରକାର ଦୋଳି ଯଥା (ପଟା ଦୋଳି, ଚରକି ଦୋଳି, ଦଉଡ଼ି ଦୋଳି ଓ ଚରକୀ ଦୋଳି) ଖେଳାଯାଏ। ଏବେ ରଜରେ ଗ୍ରାମାଞ୍ଚଳରେ ଦୋଳି ଦେଖିବାକୁ ମିଳୁନାହିଁ। ଗ୍ରାମାଞ୍ଚଳରେ ନିର୍ମାଣ କରା ଯାଇଥିବା ପାର୍କରେ ଦୋଳି ଲଗାଇ ରଜ ଉତ୍ସବ ପାଳନ କରାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବେସରକାରୀ ଅନୁଷ୍ଠାନ ଗ୍ରାମାଞ୍ଚଳରେ ରଜଉତ୍ସବ ପାଳନ କରିବା ସହ ରଜ କୁଇନ ପ୍ରତିଯୋଗିତା କରୁଛନ୍ତି। ରଜ ପାନ ଆଉ ଘରେ ଭଙ୍ଗା ହେଉନାହିଁ। ବଜାରରେ ରଜ ପାନ ଉପରେ ଗୁରୁତ୍ୱ ଦିଆଯାଉଛି। ଗ୍ରାମରେ ଭାଇଚାରାର ଅଭାବ ପରିଲକ୍ଷିତ ହେଉଛି। ସମସ୍ତେ ଏକ ସଙ୍ଗରେ ବସି ତାସ ଖେଳିବା ମଧ୍ୟ ଦେଖା ଯାଉନାହିଁ। ଏହି ପର୍ବରେ ବନ୍ଧୁବାନ୍ଧବ ଏକତ୍ରିତ ହୁଅନ୍ତି, ପିଠା ପଣା ସାଥିରେ ବସି ଖାଇ ଥାଆନ୍ତି। ବିଭିନ୍ନ ମନ୍ଦିର ଯାଇ ଠାକୁର ଦର୍ଶନ କରିଥାନ୍ତି। ଏବେ ପ୍ରାକୃତିକ ପରିବେଶର ବଦଳରେ କୃତ୍ରିମ ରଜ ଉତ୍ସବ ଆୟୋଜନକୁ ଗୁରୁତ୍ୱ ଦିଆଯାଉଛି।

### ଏମାନେ ଯାହା କୁହନ୍ତି...

**ରଜରେ ପୃଥିବୀ ରଜସ୍ୱଳା ହୋଇଥାଏ**

ରଜରେ ପୃଥିବୀ ରଜସ୍ୱଳା ହୋଇଥାଏ। ସେଥିପାଇଁ ମାଟିରେ ଗାର ପଡ଼େନାହିଁ କିମ୍ବା କୌଣସି ଗଛ ଲତା ହଣା ଯାଏନାହିଁ। ରଜ ପର ଦିନ ପୃଥିବୀ ଉପରେ ବସୁମତୀ ସ୍ନାନ କରିବା ପରେ ପୁନର୍ବାର ଚାଷ କାର୍ଯ୍ୟ ଆରମ୍ଭ ହୋଇଥାଏ।

-ବିଶ୍ୱନାଥ ଜେନା, ଚାଷୀ

**ସ୍ନେହ, ପ୍ରେମର ସମ୍ପର୍କ ହେଉଛି ରଜପର୍ବ**

ପରସ୍ପର ମଧରେ ସ୍ନେହ, ଶ୍ରଦ୍ଧା ଓ ପ୍ରେମର ସମ୍ପର୍କ ହେଉଛି ରଜପର୍ବ। ରଜ ପର୍ବରେ ପ୍ରତ୍ୟେକ ଗ୍ରାମରେ ଯେଉଁ ଭାଇଚାରା ସୃଷ୍ଟି ହୋଇଥାଏ ତାହା ଆଉ ଦେଖିବାକୁ ମିଳୁନାହିଁ। ଦୋଳି ଖେଳିବାକୁ ଆଉ ଗଛନାହିଁ। ଚାରାରୋପଣ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଗଲେ ରଜ ପର୍ବର ମହକ ପୁଣି ବାସି ଉଠନ୍ତା।

-ପ୍ରମୋଦ କୁମାର ଭୂୟାଁ, ସାମାଜିକ କର୍ମୀ

**ସଚେତନତା ଆବଶ୍ୟକ**

ଗ୍ରାମାଞ୍ଚଳରୁ ଧୀରେଧୀରେ ରଜ ପର୍ବର ମହକ ହଜିଯାଉଛି। ପିଲାଙ୍କ ପାଇଁ ଦୋଳି ଓ ପିଠା ପଣା ଆଉ ହେଉନାହିଁ। ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗ୍ରାମରୁ ହଜିଗଲାଣି। ଏବେ ଫେସନ ରଜ ପର୍ବ ଆୟୋଜନ କରାଯାଉଛି। ଏଥିପ୍ରତି ସଚେତନତା ଆବଶ୍ୟକ।

-ଗଣେଶ୍ୱର ସ୍ୱାଇଁ, ସମ୍ପାଦକ ଗୁଣ୍ଡୁଚି ମୂଷା

## ସଂକ୍ଷେପରେ

### ମହାନଦୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

କୁଜଙ୍ଗ,ତା୧୪।୬: (ମନୋଜ ପ୍ରଧାନ): ପହିଲି ରଜରେ ଖୁସି ମନେଇବା ଉଦ୍ଦେଶ୍ୟରେ ବୁଧବାର ବଡ଼ିଭୋରରୁ ଜେଜେ



ମା' ସହ ନାବାଳିକା ନାତୁଣୀ ମହାନଦୀକୁ ଗାଧୋଇବାକୁ ଯାଇ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। କୁଜଙ୍ଗ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଅରବିନ୍ଦ ମଲ୍ଲିକଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ୧୨ ବର୍ଷର ଝିଅ ଲୁସି ତାଙ୍କ ଜେଜେ ମା'ଙ୍କ ସହ ଭୋର ୬ଟାରେ ଶ୍ମଶାନ ଘାଟ ମହାନଦୀକୁ ଗାଧୋଇ ଯାଇଥିଲେ। ଗାଧଉଥିବା ସମୟରେ ଗୋଡ଼ ଖସିଯିବାରୁ ନିକଟରେ ଥିବା ଗଣ୍ଡକୁ ଚାଲି ଯାଇଥିଲେ। ଜେଜେ ମା'ଙ୍କ ସମେତ ନିକଟରେ ଥିବା ଲୋକମାନେ ଦେଖୁ ଦେଖୁ ଆଖି ଆଗରେ ଅର୍ଚ୍ଚିତା ପ୍ରିୟଦର୍ଶିନୀ ଓରଫ ଲୁସି ବୁଡ଼ି ଯାଇଥିଲେ। ଡାକଶୁଣି ନିକଟସ୍ଥ ଲୋକେ ପହଞ୍ଚି ଥିଲେ ବି ନାବାଳିକାଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ବି ଲୁସିଙ୍କ ସନ୍ଧାନ ମିଳି ନ ଥିଲା। ପୂର୍ବାହ୍ନ ୧୧ଟାରେ ଜଗତ୍‌ସିଂହପୁରରୁ ଓଡ୍ରାଫ୍ ଟିମ୍ ପହଞ୍ଚି ଅଗ୍ନିଶମ ବାହିନୀ ସହିତ ମିଶି ଖୋଜାଖୋଜି କରିଥିଲେ। ଉଭୟଙ୍କ ମିଳିତ ଉଦ୍ୟମରେ ଅପରାହ୍ନ ୨ଟାରେ ମହାନଦୀ ଗଣ୍ଡରୁ ଲୁସିଙ୍କ ମୃତଦେହ ମିଳିଥିଲା। ପରେ କୁଜଙ୍ଗ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ନିଟ୍‌ରେ ରାଜନଗର ପାଇଁ ଗୌରବ ଆଣିଲେ ଯଶଶ୍ରୀ

ରାଜନଗର, ୧୪।୬ (ଭାସ୍କର ରାଉତରାୟ): ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି



ପକ୍ଷରୁ ନିଟ୍ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ନିଟ୍ ୟୁଜି ପରୀକ୍ଷାରେ ରାଜନଗର ପାଇଁ ଗୌରବ ଆଣିଛନ୍ତି ଯଶଶ୍ରୀ ଗୁପ୍ତା। ରାଜନଗର ଗାଁର ସନ୍ତୋଷ କୁମାର ଗୁପ୍ତା ଓ ଆଭା ଗୁପ୍ତାଙ୍କ ଝିଅ ଯଶଶ୍ରୀ ଚଳିତବର୍ଷ ନିଟ୍ ପରୀକ୍ଷାରେ ୫୯୧ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ସେ ଭୁବନେଶ୍ୱରରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ କୋଚିଂ ନେଉଥିଲେ। ତାଙ୍କ ସଫଳତାରେ ରାଜନଗର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ପ୍ରାଚୀନ, ପାରମ୍ପରିକ ଲୋକକଳାର ପ୍ରଚାର ପ୍ରସାର ଦରକାର

ଜଗତ୍‌ସିଂହପୁର,୧୪।୬
(ପ୍ରମୋଦ କୁମାର ନାୟକ)

ପ୍ରତିବର୍ଷ ପରି ଚଳିତବର୍ଷ ଜୁନ ୧୪ରେ ସାରା ରାଜ୍ୟରେ ଲୋକକଳା ଦିବସ ପାଳନ କରାଯାଉଛି। ଏହି କ୍ରମରେ ବୁଧବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଉତ୍ସବର ଆୟୋଜନ ହୋଇଥିଲା। ପ୍ରଥମେ ସଭାର ଆୟୋଜନ ହୋଇଥିଲା। ଏହି ସମୟରେ ଅନେକ ଲୋକଙ୍କ ଉପସ୍ଥିତି ଥିଲା। କିନ୍ତୁ ଦୁଃଖର କଥା, ସାଂସ୍କୃତିକ କାର୍ଯ୍ୟକ୍ରମ ବେଳେ ଚେୟାର ଫାଙ୍କା ପଡ଼ିଥିଲା। ଏହା ସାଂସ୍କୃତିକ ଦଳଗୁଡ଼ିକୁ ନିରାଶ କରିଥିଲା। ଏ ସମ୍ପର୍କରେ କେତେଜଣ ବ୍ୟକ୍ତି ଦୁଃଖର ସହ କହିଛନ୍ତି, ସରକାର ଯେଉଁ ମହତ୍ ଉଦ୍ଦେଶ୍ୟ ରଖି ଏଭଳି କାର୍ଯ୍ୟକ୍ରମ କରୁଛନ୍ତି; ତାହା ବାସ୍ତବ ଲକ୍ଷ୍ୟ ପୂରଣ କରିପାରୁନାହିଁ। କାରଣ ଉତ୍ସବଟି ସତେ ଯେପରି ଔପଚାରିକତା ପୂରଣ ପାଇଁ କରାଯାଉଛି। ତାହା ହୋଇ ନ ଥିଲେ ଲୋକକଳାକୁ ବଞ୍ଚାଇ ରଖିବାକୁ ସବୁବେଳେ ଉଦ୍ୟମ ଜାରି ରଖିଥିବା କଳାକାରମାନଙ୍କୁ ଏଭଳି ନିରାଶ କରାଯାଇ ନ ଥା'ନ୍ତା। ଅନ୍ୟପକ୍ଷେ ଆୟୋଜିତ ସଭାରେ ପ୍ରାଚୀନ ଓ ପାରମ୍ପରିକ ଲୋକକଳାର ବ୍ୟାପକ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯାହାକୁ ନେଇ ଆଲୋଚନା ଜୋର ଧରିଛି।

ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ




ଲୋକକଳା ଦିବସ ଉତ୍ସବରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

**ଜିଲାସ୍ତରୀୟ ଲୋକକଳା ଦିବସ**

ପ୍ରଶାନ୍ତ କୁମାର ମୁଦୁଲି କହିଥିଲେ, ଆମେ ଓଡ଼ିଆ ବୋଲି ଗର୍ବ କରୁ। ଆମ ସଂସ୍କୃତି ଜଗନ୍ନାଥ ସଂସ୍କୃତିରୁ ଆରମ୍ଭ ଓ ଶେଷ ମଧ୍ୟ। ପୃଥିବୀରେ ଯେତେ ସଂସ୍କୃତି ଅଛି, ସବୁଠାରୁ ଜଗନ୍ନାଥ ସଂସ୍କୃତି ନିଆରା। ଆଉ ଲୋକକଳା ସଂସ୍କୃତି ଏହାର ଅଂଶବିଶେଷ। କେଉଁ ପ୍ରାଚୀନ କାଳରୁ ପାରମ୍ପରିକ ଆମ ଲୋକକଳା ରହି ଆସିଛି। ଆମର ଅନନ୍ୟ ଲୋକକଳା ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କିନ୍ତୁ ସମୟଚକ୍ରରେ ଏହା ପ୍ରଭାବିତ ହେବାରେ ଲାଗିଛି। ତେଣୁ ଏହାର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିବର୍ଷ ଜୁନ ୧୪ରେ ସାରା ରାଜ୍ୟରେ ଲୋକକଳା ଦିବସ ପାଳନ କରାଯାଉଛି। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ କହିଥିଲେ, ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଜରୁରୀ। ଏହି ଉଦ୍ଦେଶ୍ୟ ପୂରଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସଂସ୍କୃତି ବିଭାଗ ଏ ନେଇ ସଚେତନ ରହିଛି। ରାଜ୍ୟରେ ୪୭୧ ପ୍ରକାର ଲୋକକଳା ସହ ୯ ହଜାରରୁ ଅଧିକ ଲୋକକଳା ଦଳ ରହିଛି। ଦେଢ଼ ଲକ୍ଷରୁ ଅଧିକ କଳାକାର ପଞ୍ଜୀକୃତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଅଭିମନ୍ୟୁ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲୋକକଳାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଲୋକକଳା ସଂଘ ଗଠନ କରିଛନ୍ତି। ବ୍ଲକସ୍ତରରେ ବ୍ଲକ କଳା ସଂସ୍କୃତି ସଂଘ, ନଗର କଳା ସଂସ୍କୃତି ସଂଘ, ଜିଲା କଳା ସଂସ୍କୃତି ସଂଘ ସମେତ ରାଜ୍ୟ କଳା ସଂସ୍କୃତି ସଂଘ ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ସମ୍ପର୍କରେ ଗାଁ ଗହଳିର ଲୋକଙ୍କ ପାଖରେ ସୂଚନା ପହଞ୍ଚାଇବା ପାଇଁ ଲୋକକଳା ଏକ ବଳିଷ୍ଠ ମାଧ୍ୟମ ହୋଇଛି। ରାଜ୍ୟ ସରକାରଙ୍କ ୧୨ଟି ପ୍ରମୁଖ ବିଭାଗ ଲୋକକଳା ମାଧ୍ୟମରେ ସେମାନଙ୍କ ଯୋଜନାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରୁଛନ୍ତି। ଏହି ଦିବସରେ ପୋଡ଼ପିଠା, ପୁଞ୍ଚି ଖେଳ, ଝୋଟି ଓ ରଜଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ ସହ ମାନପତ୍ର ଦେଇଥିଲେ। ପରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନୃତ୍ୟ, ପାଲା ଓ ସଂକୀର୍ତ୍ତନ ଆଦି ପରିବେଷଣ କରିଥିଲେ। ଶେଷରେ ଜଗତ୍‌ସିଂହପୁର ଏବିଡିଓ ଅଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଜଗତ୍‌ସିଂହପୁର ପଞ୍ଚାୟତ ସମିତି ବିପିଏମ୍ ପ୍ରତାପରୁଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ଲୋକ କଳାକାର, ମହିଳା ଏସ୍ଏଚ୍‌ଜି, ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

# ଲୋକକଳାରେ ଥାଏ ପରମ୍ପରାର ଚିତ୍ର




ଏରସମାରେ ଲୋକକଳା ଦିବସ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

ଏରସମା,୧୪।୬ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

**ବ୍ଲକସ୍ତରୀୟ ଲୋକକଳା ଦିବସ**

ଏରସମା ବ୍ଲକ ପରିସରରେ ବୁଧବାର ସନ୍ଧ୍ୟାରେ ବ୍ଲକସ୍ତରୀୟ ଲୋକକଳା ଦିବସ ୨୦୨୩ ପଞ୍ଚାୟତ ସମିତି ପକ୍ଷରୁ ପାଳିତ ହୋଇଯାଇଛି। ଏରସମାର ଜଗନ୍ନାଥ ସାଂସ୍କୃତିକ ମଞ୍ଚର ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୩୦ ଜଣ କଳାକାର ନୃତ୍ୟ, ଅଭିନୟ, ରେକର୍ଡ ଡ୍ୟାନ୍ସ, ପୁଚି ଖେଳ ଇତ୍ୟାଦି ପରିବେଷଣ କରିଥିଲେ। ଏଥିରେ ବିଚାରକ ଭାବେ ହୃଷୀକେଶ ଜେନା, ଜୟନ୍ତ ସେଠୀ, ବିଜୟ ଲେଙ୍କା, ବଳରାମ ସେଠୀ ଉପସ୍ଥିତ ହୋଇ ମୂଲ୍ୟାୟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଅତିଥି ଭାବେ ଏବିଡିଓ ଜ୍ଞାନେନ୍ଦ୍ର କୁମାର ଲେଙ୍କା ଉପସ୍ଥିତ ହୋଇ ଲୋକକଳାରେ ଓଡ଼ିଆ ଘରର ପ୍ରଥା ପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଥାଏ ବୋଲି କହିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଲୋକନାଥ ମହାନ୍ତି, ଆୟୋଜକ ନଳିନୀ କୁମାର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

### ମାଙ୍କଡ଼ କାମୁଡ଼ାରେ ୩ ଆହତ

ରସୁଲପୁର,୧୪।୬ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ୍ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ମାଙ୍କଡ଼ ଆକ୍ରମଣକୁ ନେଇ ଆତଙ୍କ ଖେଳିଯାଇଛି। ଏକ ଦନ୍ତା ମାଙ୍କଡ଼ କାମୁଡାରେ ୩ଜଣ ଆହତ ହୋଇଥିବା ଜଣାଯାଇଛି। ସେମାନେ ହେଲେ ଭୋଟକା ଗ୍ରାମର ଜଟାଧାରୀ ସାହୁ(୭୦), ବିଷ୍ଣୁଚରଣ ଦାସ(୭୬) ଓ ବିଜୟ କୁମାର ସାହୁ(୪୦)। ଏମାନଙ୍କ ମଧ୍ୟରୁ ମଧ୍ୟରୁ ବିଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମାଙ୍କଡ଼ଟି ପଞ୍ଚାୟତର ବିଭିନ୍ନ ଗାଁରେ ଘୁରି ବୁଲୁଛି। ଯେଉଁଠି ଲୋକଙ୍କୁ ଦେଖୁଛି ଆକ୍ରମଣ କରୁଛି। ଲୋକେ ଦୌଡ଼ି ପଳାଇ ଆକ୍ରମଣରୁ ବର୍ତ୍ତି ଯାଉଛନ୍ତି। ରାତିରେ ମାଙ୍କଡ଼ଟି ସାନରମ୍ଭେଇ ଗାଁ ନିକଟସ୍ଥ ଗଛ ଡାଳରେ ଆଶ୍ରୟ ନେଉଛି। ଏହାକୁ ନେଇ ସମ୍ପୃକ୍ତ ଗାଁ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରବଳ ଗରମ ଗୁଳୁଗୁଳି ସତ୍ତ୍ୱେ ଗାଁ ଲୋକେ ମାଙ୍କଡ଼ ଭୟରେ ପଦାକୁ ବାହାରୁନାହାନ୍ତି। ମାଙ୍କଡ଼ଟି ମସ୍ତିଷ୍କ ବିକୃତ ହୋଇଯାଇଥିବା ଲୋକେ ଅନୁମାନ କରୁଛନ୍ତି। ତେଣୁ ଏହାକୁ ବନ ବିଭାଗ ପକ୍ଷରୁ ତୁରନ୍ତ କାବୁ କରାଯିବାକୁ ଦାବି ହୋଇଛି।

### ପିପିଏ ପକ୍ଷରୁ ୮୧ ୟୁନିଟ୍ ରକ୍ତ ସଂଗ୍ରହ



ପାରାଦୀପ,୧୪।୬ (ଶରତ ରାଉତ)

**ବିଶ୍ୱ ରକ୍ତଦାତା ଦିବସ**

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଚିକିତ୍ସାଳୟରେ ବୁଧବାର ବିଶ୍ୱ ରକ୍ତଦାନ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ବାଇନ୍ସ ସହଭାଗିତାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୮୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ରାଜ୍ୟ ରକ୍ତ ଭଣ୍ଡାରକୁ ଦିଆଯାଇଛି। ବିଶେଷକରି ବାହାନଗା ରେଳ ଦୁର୍ଘଟଣା ଆହତମାନଙ୍କ ଚିକିତ୍ସାରେ ସହାୟତା ହେବ ବୋଲି କୁହାଯାଇଛି। ଶିବିରକୁ ବନ୍ଦର ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା, ସିଏମ୍‌ଓ ଡା. ବିଭୂତି ଭୂଷଣ ଦାସ ଓ ଅନ୍ୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଆହ୍ୱାନ କମ୍ବାଇନ୍ସ ସଭାପତି ସାଗର ବିଶ୍ୱାଳଙ୍କ ସମେତ ଚିକିତ୍ସାଳୟର ପ୍ରମୁଖ କର୍ମଚାରୀ ସୁପ୍ରଭା ସୂତାର, ଦିଲୀପ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ୬୯ ପେଟି ବିଦେଶୀ ମଦ, ପିକ୍‌ଅପ୍ ଭ୍ୟାନ୍ ଜବତ: ୨ ଗିରଫ




ମଦ ପେଟି ସହ ଗିରଫ ୨ ଅଭିଯୁକ୍ତ।

ରଘୁନାଥପୁର,୧୪।୬
(ରାଜେନ୍ଦ୍ର ନାରାୟଣ ସିଂ)

କଟକ-ପାରାଦୀପ ରାଜ୍ୟ ରାଜପଥ ରଘୁନାଥପୁର ତହସିଲ ଛକ ନିକଟସ୍ଥ କଲରାବାଙ୍କଠାରୁ ଜିଲା ମୋବାଇଲ ସ୍କ୍ୱାଡ୍ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଚୋରା ଚାଲାଣ ହେଉଥିବା ୬୯ପେଟି ବିଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଏହା ଛଡ଼ା ବ୍ୟବହୃତ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି ୦୫ ବିଡି ୮୭୪୪)କୁ ନିଜ ହେପାଜତକୁ ନେଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ନଂ. ୩୫/୨୩-୨୪ରେ ମାମଲା ପଞ୍ଜୀକୃତ କରାଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ଦେଶୀବିଦେଶୀ ମଦ ବ୍ୟାପକ ଚୋରା ଚାଲାଣ ଖବର ପୋଲିସ ପାଇଁ ଚିନ୍ତାର କାରଣ ପାଲଟି ଥିଲା। କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲା ମୋବାଇଲ ୟୁନିଟ୍ ଓ ଷ୍ଟେଟ ଫ୍ଲାଇଙ୍ଗ ସ୍କ୍ୱାଡ୍ କଟକର କର୍ମଚାରୀ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ। କୌଣସି ସୂତ୍ରରୁ ବିଦେଶୀ ମଦ ଚୋରା ଚାଲାଣ ସମ୍ପର୍କରେ ଖବରପାଇ ମୋବାଇଲ ସ୍କ୍ୱାଡ୍ ବୁଧବାର ବଡ଼ି ଭୋରରୁ ପିକ୍‌ଅପ୍ ଭ୍ୟାନ୍‌ଟିକୁ ଅଟକାଇ ତଲାସି କରିଥିଲା। ସେଥିରୁ ୫୦ ପେଟି ବିୟର ଓ ୧୯ ପେଟି ବିଦେଶୀ ମଦ ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହାଛଡ଼ା ଚୋରା ଚାଲାଣରେ ସଂଶ୍ଳିଷ୍ଟ ରଘୁନାଥପୁର ଥାନା କନ୍ଦରାପାଟିର ଅଭିଜିତ ନାୟକ ଓ ପ୍ରତାପ ମଲ୍ଲିକଙ୍କୁ ଗିରଫ କରାଯାଇଛି।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଗର୍ଜିଲା କଂଗ୍ରେସ

ଜଗତ୍‌ସିଂହପୁର,୧୪।୬
(ପ୍ରମୋଦ କୁମାର ନାୟକ)

**ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ**

- ମଣିଜଙ୍ଗା, ରଘୁନାଥପୁର, ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଅଭାବ

-୧ ମାସ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଣିଜଙ୍ଗା, ରଘୁନାଥପୁର ଓ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଚିନ୍ତାର କାରଣ ହେଲାଣି। ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ନର୍ସ ନ ଥିବାରୁ ଉପଯୁକ୍ତ ସେବା ମିଳିପାରୁନାହିଁ। କେବଳ ଏତିକି ନୁହେଁ, ଆବଶ୍ୟକ ସଂଖ୍ୟକ କୋଠରି, ଇସିଜି, ଏକ୍ସ-ରେ ଓ ଅଲଟ୍ରାସାଉଣ୍ଡ ମେସିନ ଆଦିର ଅଭାବ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ୍ ରୋଗୀଙ୍କୁ ହନ୍ତସନ୍ତ କରିଦେଉଛି। ଏ ପରିସ୍ଥିତିରେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର କେତେଜଣ ଅସାଧୁ କର୍ମଚାରୀ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିବାକୁ ପଛାଉନାହାନ୍ତି। ତେଣୁ ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ମାସେ ଭିତରେ କରାଯାଉ। ନଚେତ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ କହିଛନ୍ତି। ମଙ୍ଗଳବାର ତାଙ୍କ ନେତୃତ୍ୱରେ ଏକ ଦଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କୁ ଭେଟି ଉପରୋକ୍ତ ପ୍ରସଙ୍ଗ ଉଠାଇବା ସହ ଏଭଳି ଚେତାବନୀ ଦେଇଛନ୍ତି।

କଂଗ୍ରେସ ନେତା ମଲ୍ଲିକ କହିଛନ୍ତି, କିଛିଦିନ ପୂର୍ବରୁ ସେ ଓ ତାଙ୍କ ସହଯୋଗୀମାନେ ମିଶି ୩ଟି ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ସେଠାକାର ବାସ୍ତବ ସ୍ଥିତି ଉପରେ ଅନୁଧ୍ୟାନ କରିଥିଲେ। ଏହି ସମୟରେ ଜଣାଯାଇଥିଲା ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ରହିଛି। ସେଠାରେ ଶିଶୁରୋଗ, ଭେଷଜ (ମେଡିସିନ୍) ଓ ଶଲ୍ୟ (ସର୍ଜରି) ବିଭାଗରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଯିଏ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଅଛନ୍ତି, ତାଙ୍କୁ ଡାକ୍ତରଖାନା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଯେଉଁ କାରଣରୁ ସେ ତାଙ୍କ କାର୍ଯ୍ୟ ଠିକ ଭାବେ ତୁଲାଇ ପାରୁନାହାନ୍ତି। ତେଣୁ ତାଙ୍କୁ ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରି ଅନ୍ୟ କାହାଙ୍କୁ ଏହି ଦାୟିତ୍ୱ ଦିଆଯାଉ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ସଂଖ୍ୟକ ନର୍ସ ରହିଛନ୍ତି। ତେଣୁ ଅତି କମରେ ଏବେ ୬ଜଣ ନର୍ସଙ୍କୁ ନିଯୁକ୍ତି ଦିଆଯାଉ। ବଡ଼ କଥା ହେଲା ଅଧିକାଂଶ ସମୟ ପାୱାର କଟ୍ ହେଉଛି। ଏଥିଯୋଗୁ ଚିକିତ୍ସାରେ ବାଧା ସୃଷ୍ଟି ହେବା ସହ ଅସହ୍ୟ ଗ୍ରୀଷ୍ମ ଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆଉଟୁପାଉଟୁ ହୋଇଯାଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅନ୍ତତଃ ଜେନେରେଟରର ସୁବିଧା କରାଯାଉ। ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କଥା ଦେଖିଲେ ଜଣାଯାଏ ସେଠାରେ ମଧ୍ୟ ସ୍ତ୍ରୀ ଓ ପ୍ରସୂତି, ଭେଷଜ ଓ ଶଲ୍ୟ ବିଭାଗରେ ବିଶେଷଜ୍ଞ ଡାକ୍ତରଙ୍କ ପଦବୀ ଅଭାବ ରହିଛି। ରୋଗୀଙ୍କ ସଂଖ୍ୟା ଅନୁଯାୟୀ ୱାର୍ଡରେ କୋଠରି ନାହିଁ। ଏଥିଯୋଗୁ ରୋଗୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବା ଦରକାର। ଅନୁରୂପ ଭାବେ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଭେଷଜ, ଶଲ୍ୟ ବିଭାଗରେ ବିଶେଷଜ୍ଞ ସହ ୨ଟି ଏମ୍‌ବିବିଏସ୍ ଡାକ୍ତରଙ୍କ ଆବଶ୍ୟକତା ରହିଛି। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଦେବାକୁ କିରାଣି ନିଯୁକ୍ତ ହୋଇନାହାନ୍ତି, ଯେଉଁଥିପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସାର୍ଟିଫିକେଟ୍ ଦେବା ପାଇଁ ଜଣେ କିରାଣିଙ୍କୁ ନିଯୁକ୍ତି ଦିଆଯାଉ। ଏହି ୩ ଡାକ୍ତରଖାନା ଉପରେ ସହସ୍ରାଧିକ ଲୋକ ନିର୍ଭରଶୀଳ। କିନ୍ତୁ କୌଣସି ବି ସ୍ୱାସ୍ଥ୍ୟକେନ୍ଦ୍ରରେ ଇସିଜି, ଏକ୍ସ-ରେ ଓ ଅଲଟ୍ରାସାଉଣ୍ଡ ମେସିନ ନାହିଁ। ତେଣୁ ଗରିବ ଲୋକେ ବାଧ୍ୟ ହୋଇ ଖର୍ଚ୍ଚାନ୍ତ ହୋଇ ଅନ୍ୟତ୍ର ପରୀକ୍ଷା କରୁଛନ୍ତି। ଉପରୋକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଅଥଚ ଏହି ପରିସରଗୁଡ଼ିକରେ ଥିବା ନିରାମୟ କେନ୍ଦ୍ର ମାତ୍ର ୬ ଘଣ୍ଟା ହିସାବରେ ଖୋଲା ରହୁଛି। ତେଣୁ ନିରାମୟ କେନ୍ଦ୍ରଗୁଡ଼ିକୁ ୨୪ ଘଣ୍ଟିଆ ଖୋଲାଯାଉ। ଏଥିସହ କେନ୍ଦ୍ରରେ ଔଷଧର ଗୁଣବତ୍ତା ରକ୍ଷା ପାଇଁ ନିୟମିତ ବ୍ୟବଧାନରେ ନିରୀକ୍ଷଣ କରାଯାଉ। ଏହି ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ କେତେଜଣ କର୍ମଚାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଭଳି ଅନେକ ସମସ୍ୟା ରୋଗୀଙ୍କୁ ଉପଯୁକ୍ତ ସେବାରୁ ବଞ୍ଚିତ କରୁଥିବା ମଲ୍ଲିକ କହିଛନ୍ତି। ଦାବିପତ୍ର ଦିଆଯିବା ସମୟରେ ମଲ୍ଲିକଙ୍କ ସମେତ ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ଆଇନଜୀବୀ ଦୀପକ କୁମାର ପଶାୟତ, ରଘୁନାଥପୁର ବ୍ଲକ କଂଗ୍ରେସ ଉପସଭାପତି ଆର୍ତ୍ତତ୍ରାଣ ପରିଡ଼ା, ତିର୍ତ୍ତୋଲ ବ୍ଲକ କଂଗ୍ରେସ ଉପସଭାପତି ଜିତେନ୍ଦ୍ର କୁମାର ମହାନ୍ତି, ନାରାୟଣ ନାୟକ, ରଘୁନାଥପୁର ବ୍ଲକ ଯୁବ କଂଗ୍ରେସ ସଭାପତି ମୁକ୍ତାର ଅଲ୍ଲୀ, ନାରାୟଣ ନାୟକ, ହେମନ୍ତ କୁମାର ବେହେରା, ବିଶ୍ୱଜିତ ମହାନ୍ତି, ପବିତ୍ର ମୋହନ ଦାସ, ଆଖିଲ କୁମାର ରାଉତ, ଦିଲୀପ ବାରିକ, ଶାରଦା ଜେନା, ସୌମ୍ୟକାନ୍ତ ସିଂ ଓ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ, ୫-ଟି ସଚିବ ଓ ଜିଲାପାଳଙ୍କୁ ଟୁଇଟ ମାଧ୍ୟମରେ ଦାବି ଜଣାଯାଇଛି।



ସିଡିଏମ୍‌ଓଙ୍କୁ କଂଗ୍ରେସ ନେତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଡେଥ୍ ଜୋନ୍ ପାଲଟିଛି ଜାତୀୟ ରାଜପଥ

## ଦୃଷ୍ଟି ଆଢୁଆଳରେ ଜିଲା ପ୍ରଶାସନ ଓ ଜନ ପ୍ରତିନିଧି

**ଗୋପାଳପୁର,୧୪।୬(ନବୀନରାଜ ଆଚାରୀ):** ଗଞ୍ଜାମ ଜିଲା ଅଧୀନସ୍ଥ ୧୬ନଂ ଜାତୀୟ ରାଜପଥ ଗିରିସୋଲାଠାରୁ ଜଗନ୍ନାଥପୁର ଛକ ଡେଥ୍ ଜୋନ ପାଲଟିଛି। ବିଭିନ୍ନ ସ୍ଥାନରେ ପ୍ରତି ମାସରେ ଦୁର୍ଘଟଣା ଘଟି ପ୍ରାୟ ୭ ରୁ ୮ ଜଣଙ୍କ ଜୀବନ ହାନୀ ହେଉଥିବା ଅନେକ ଆହତ ହେଉଥିବାରୁ ପରିବାରର ଆର୍ଥିକ ମେରୁଦଣ୍ଡ ଦୋହଲିଯାଉଛି। ଅନ୍ୟପଟେ ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ ସୋରଲା ରୋଡ, ଗୋଳନ୍ଥରା ଚଟି, ରଣ୍ଡା, କନିଷି ହାଟ ଓ ଅନ୍ୟ ଛକଗୁଡ଼ିକୁ ଦୁର୍ଘଟଣାର ବ୍ଲାକସ୍ପଟ ରୂପେ ଚିହ୍ନଟ କରାଯାଇଛି। ତେବେ ଦୀର୍ଘଦିନ ହେଲା ରଣ୍ଡା ଛକ, ଗୋଳନ୍ଥରା ଚଟି ଛକ ଓ କନିଷି ହାଟ ଛକ ନିମନ୍ତେ ଓଭରବ୍ରିଜ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ରୂପରେଖ ମଧ୍ୟ ଚୂଡାନ୍ତ କରାଯାଇଛି। ହେଲେ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଥିରେ ଜିଲା ପ୍ରଶାସନ କି ଜାତୀୟ ରାଜପଥ କର୍ତ୍ତୃପକ୍ଷ କେହି ବି କର୍ଣ୍ଣପାତ କରୁନାହାନ୍ତି। କନିଷି ହାଟ ଛକଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏଠାରେ ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ, କନିଷି ତହସିଲ କାର୍ଯ୍ୟାଳୟ, ସବରେଜିଷ୍ଟ୍ରାର ଅଫିସ, ଦୁଇଟି ବାଳକ ଓ ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି। ଏଥିସହ ଉକ୍ତ ସ୍ଥାନଟି ବାଣିଜ୍ୟିକ ପେଣ୍ଠସ୍ଥଳି ରୂପେ ପରିଚିତ ହୋଇଥିବାରୁ ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏହି ଛକ ଉପରେ ନିର୍ଭର କରିଥାନ୍ତି। ଆଖପାଖ ଅଞ୍ଚଳରୁ ପ୍ରତିଦିନ ଶତାଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର ହୋଇଥାନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଗତ କିଛିମାସ ହେବ ଜାତୀୟ ରାଜପଥ ଓ ପ୍ରଶାସନ ପକ୍ଷରୁ କନିଷି ହାଟ ଛକର ଉଭୟପଟ ପାର ହେଉଥିବା ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି। ଉଭୟ ପଟ ରାସ୍ତାରେ ଦୈନିକ ଶହ ଶହ ଟ୍ରକ ମଧ୍ୟ ଯାତାୟତ କରୁଛି। ଫଳରେ ରାସ୍ତା ପାର ହେବାକୁ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ପାର ହେବା ପାଇଁ ଦୀର୍ଘ ଦେଢ଼ କିମି ରାସ୍ତା ଅତିକ୍ରମ କଲେ ହିଁ ଅପରପାର୍ଶ୍ୱ ରାସ୍ତାକୁ ଯିବାକୁ ସମ୍ଭବ ହୋଇପାରୁଛି। ଅନ୍ୟପଟେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯିବା ଆସିବା ବେଳେ ଡିଭାଇଡର ଚଢ଼ି ରାସ୍ତା ପାର ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ କେଉଁ ମୁହୂର୍ତ୍ତରେ ଅକାଳରେ ଚାଲିଯିବ ତାହା କହିବା ମୁସ୍କିଲ। ଉକ୍ତ ରାସ୍ତା ଦେଇ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ବିଧାୟକ ଓ ଏମପି ଯାତାୟତ କରୁଥିଲେ ମଧ୍ୟ ଏ ଦିଗରେ ଦୃଷ୍ଟି ନ ପଡ଼ିବା ଓ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଚାଲିଯାଉଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ନେଇ ଅଭିଯୋଗ ହେଉଛି। ଦୁର୍ଘଟଣା ଘଟିଲେ ସେଠାରେ ପ୍ରଶାସନ ପହଞ୍ଚି ବିଭିନ୍ନ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ଫଳପ୍ରଦ ହୋଇପାରୁନାହିଁ। ଅନ୍ୟପଟେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଓଭରବ୍ରିଜ ନିର୍ମାଣ ଓ ଦୁର୍ଘଟଣା କମାଇବା ପାଇଁ ପଦକ୍ଷେପ ନିଆଯାଉନଥିବା ନେଇ ଅଞ୍ଚଳବାସୀ ଗୁରୁତର ଅଭିଯୋଗ ଉଠାଇଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ କନିଷି ହାଟ ଛକ ସମେତ ବିଭିନ୍ନ ଦୁର୍ଘଟଣାସ୍ଥଳରେ କିଭଳି ଦୁର୍ଘଟଣା କମିବ ସେନେଇ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଓଲଟିଲା ଶାଳମଞ୍ଜି ବୋଝେଇ ଟ୍ରକ୍

ବାଲିଗୁଡ଼ା,୧୪।୬(ସଞ୍ଜୟ ପାଣିଗ୍ରାହୀ): ଭାରସାମ୍ୟ ହରାଇ ଓଲଟିଲା ଶାଳମଞ୍ଜି ବୋଝେଇ ଟ୍ରକ୍। ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲପର। ଏଭଳି ଏକ ଘଟଣା ଘଟିଛି କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଗଦ୍ରିଙ୍ଗିଆ ଘାଟି ନିକଟରେ। ସୂଚନା ପ୍ରକାରେ, ବୁଧବାର ବାଲିଗୁଡ଼ା ଥାନା ବାରଖମା ଗ୍ରାମରୁ ଏକ ୧୪ ଚକିଆ ଟ୍ରକ (ଏମଏଚ୍ ୪୦ ସିଏମ୍-୬୧୨୮)ରେ ଶାଳ ମଞ୍ଜି ବୋଝେଇ କରି ବାଲିଗୁଡ଼ା ୫୯ ନଂ. ଜାତୀୟ ରାଜପଥ ଦେଇ ରାୟପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ହେଲେ ବାଲିଗୁଡ଼ାରୁ ପ୍ରାୟ ୧୮ କିଲୋମିଟର ଯିବା ପରେ ଗଦ୍ରିଙ୍ଗିଆ ଘାଟି ନିକଟସ୍ଥ ଇର୍ପିଗୁଡ଼ା ବୁଲାଣି ରାସ୍ତାରେ ଏକ ଗାଈ ରାସ୍ତା ଉପରକୁ ଆସିଯିବା ଯୋଗୁଁ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟିପଡ଼ିଥିଲା ସୌଭାଗ୍ୟବଶତଃ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି।

### ହାତରେ ମିଳିଲା ଭତ୍ତା ଟଙ୍କା

ଗଞ୍ଜାମ,୧୪।୬ (ବିଦ୍ୟାଧର ସାହୁ): ଚଳିତ ମାସରେ ମଧୁବାବୁ ପେନସନ ତଥା ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ହିତାଧିକାରୀଙ୍କ ଘରକୁ ଯାଇ ପ୍ରଦାନ କରିଛନ୍ତି ପ୍ରଶାସନିକ ଅଧିକାରୀ। ଭତ୍ତା ଟଙ୍କା ମିଳିବା ପରେ ବୃଦ୍ଧାବୃଦ୍ଧଙ୍କ ଖୁସି କହିଲେ ନସରେ। ଚାରି ପାଞ୍ଚ ମାସ ହେବ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଥିଲା, ଫଳରେ ବୟସାଧିକ ହିତାଧିକାରୀମାନେ ପ୍ରତି ମାସରେ ବ୍ୟାଙ୍କ ଯାଇ ଟଙ୍କା ଉଠାଇ ଖର୍ଚ୍ଚ କରିବାକୁ ସକ୍ଷମ ହେଉନଥିଲେ। ଆଉ କିଛି ହିତାଧିକାରୀଙ୍କ ପୁଅ ଉକ୍ତ ଟଙ୍କା ନେଇ ନିଜର ଖର୍ଚ୍ଚ କରିଦେଉଥିଲେ। ଏଥିରେ ପଡିଛି ପୂର୍ଣ୍ଣଛେଦ। ବୁଧବାର ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଟଙ୍କା ପ୍ରଦାନ ବେଳେ ବୃଦ୍ଧାବୃଦ୍ଧମାନେ ହାତରେ ଟଙ୍କା ପାଇ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଭତ୍ତା ଟଙ୍କା ବଣ୍ଟନ ବେଳେ ସରପଞ୍ଚ ମମତା ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀକାନ୍ତ ଗୌଡ଼, ସରପଞ୍ଚ ପ୍ରତିନିଧି ସୁଦାମ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସୋରଡ଼ା ଅଞ୍ଚଳରେ ଚୋରି ବୃଦ୍ଧି

ସୋରଡା,୧୪।୬(ଲମ୍ବୋଦର ପାଣିଗ୍ରାହୀ): ଦିନକୁ ଦିନ ସୋରଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଚୋରି ବୃଦ୍ଧି ପାଇଛି। ରବିବାର ସକାଳେ ସୋରଡା ବଡଦାଣ୍ଡରେ ବ୍ୟବସାୟୀ ଦୀନବନ୍ଧୁ ଚୌଧୁରୀଙ୍କ ଦୋକାନରେ ୩ ଯୁବକ ପଶି ସୁନା, ଟଙ୍କା ନେଇଯାଇଥିଲେ। ସେହିପରି ଗାଜଲବାଡି ପଞ୍ଚାୟତର ୫୯ ନଂ ଜାତୀୟ ରାଜପଥ ପାର୍ଶ୍ୱ ଖଜୁରୀପଲ୍ଲୀ ଗ୍ରାମରେ ମଙ୍ଗଳବାର ରାତିରେ ୭ ଜଣଙ୍କ ଘର କବାଟ ଭାଙ୍ଗି ଚୋର ପଶିଥିବା ଜଣାପଡିଛି। ଗ୍ରାମର ଅମୂଲ୍ୟ ଗଉଡ, ଭାସ୍କର ଗଉଡ, ଭଗବାନ ନାୟକଙ୍କ ଘରୁ ନଗଦ ଟଙ୍କା, ସୁନା,ରୁପା ଅଳଙ୍କାର ନେଇଥିବା ବେଳେ ଜିତୁ ଗଉଡ, ମହେନ୍ଦ୍ର ଗଉଡ, ସୁର ଗଉଡ,ସୁଶାନ୍ତ ଗଉଡଙ୍କ ଘରେ ପଶିଥିଲେ ମଧ କିଛି ନେଇପାରିନାହାନ୍ତି। କେନ୍ଦୁପଲ୍ଲୀ ଗ୍ରାମର ଅଜୟ ମଲିକଙ୍କ କବାଟ ଭାଙ୍ଗି ଘରେ ପଶି ସବୁ ଜିନିଷ ପତ୍ର ଫିଙ୍ଗା ଫୋପଡା କରିଯାଇଛନ୍ତି। ସେହିପରି ଗୋଛା ପଞ୍ଚାୟତ କାଲମା ଗ୍ରାମରେ ୬ ଦିନ ତଳେ ୭ ଜଣଙ୍କ ଘରେ ପଶି ଅପୁର୍ଗା ନାଇକ, ସୀତାରାମ ନାଇକଙ୍କ ଘରୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି ବୋଲି ପୂର୍ବତନ ସରପଞ୍ଚ ଶିବ ଦିଗାଳ କହିଛନ୍ତି । ପୋଲିସ ରାତିରେ ପାଟ୍ରୋଲିଂ କଡ଼ାକଡ଼ି କରିଥିବା ବେଳେ ଉକ୍ତ ଗ୍ରାମକୁ ଯାଇ ତନାଘନା ଆରମ୍ଭ କରିଛି।

## ଏଲଗଲରେ ଜ୍ୱର ବ୍ୟାପୁଛି, ୧୦ ଆକ୍ରାନ୍ତ

ପାତ୍ରପୁର,୧୪।୬ (ଉମାଚରଣ ନେପାକ): ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ଏଲଗଲ ଗ୍ରାମରେ ଜ୍ୱର, ଝାଡ଼ା ବ୍ୟାପୁଥିବା ଦେଖାଦେଇଛି। ଗତ ଚାରି ପାଞ୍ଚ ଦିନ ମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ଗ୍ରାମର ଅନିଶା ବେହେରା, ଅନନ୍ୟା କାର୍ଜି, ସୀମା କାର୍ଜି, ଶ୍ରୀଧର ବେହେରା, ଶ୍ରୀମତୀ ବେହେରା, ହରିବନ୍ଧୁ କାର୍ଜି ପ୍ରମୁଖ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। କେତେକ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଚିକିତ୍ସିତ ହେଉଥିବା ବେଳେ ଆଉ କେତେକ ରାସ୍ତା ସମସ୍ୟା ଯୋଗୁଁ ଡାକ୍ତରଖାନା ଯାଇ ନପାରି ଗ୍ରାମରେ ପଡି ରହିଛନ୍ତି । ଏଲଗଲ ଗ୍ରାମଟି ବାଘଲଟି ଜଳଭଣ୍ଡାର ଉପର ପାର୍ଶ୍ୱ ଜଙ୍ଗଲ ଘେରା ମଧ୍ୟରେ ରହିଛି। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ



ରଥ ନିର୍ମାଣ କାର୍ଯ୍ୟ ଚାଲୁରହିଛି ।

**ଗଞ୍ଜାମ,୧୪।୬(ବିଦ୍ୟାଧର ସାହୁ)**

ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଗଞ୍ଜାମ ସହର। ଏଥିପାଇଁ ବଡବଜାର ଠାରେ ଥିବା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥ ନିର୍ମାଣ କାର୍ଯ୍ୟ ବୁଧବାର ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଗଞ୍ଜାମର ଯୁବ ରଥ କାରିଗର ସଞ୍ଜୟ ମହାରଣାଙ୍କ ଦ୍ୱାରା ରଥର ଚକ ଲଗା କାର୍ଯ୍ୟ ଜୋରସୋରରେ ଚାଲିଥିବା ଜଣାପଡିଛି। ସୁରକ୍ଷିତ ଭାବେ ରଖାଯାଇଥିବା ରଥ ସରଞ୍ଜାମ ଗୁଡିକୁ ବଡବାଜାର ମୁଖ୍ୟ ରାସ୍ତାକୁ ନିଆଯାଇ ରଥ ଚକ ସହ ରଥ କାଠ ସାମଗ୍ରୀ ଗୁଡିକୁ ସଂଯୋଗ କାରାଯାଇ ରଥ ନିର୍ମାଣ କରାଯାଉଛି। ଶ୍ରୀଗୁଣ୍ଡିଚା ଦିନ ବଡ଼ ବଜାର ଠାରୁ ତ୍ରିବେଣୀ ମଠ ଛକ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରଥ ଟଣା ହେବ। ପରିଚାଳକ ମୁଖ୍ୟ କାଙ୍ଗା ପଲାଇ, ସେବାୟତ କାଳୁଚରଣ ଶତପଥୀ, ଦୀପକ ପଣ୍ଡା, ପ୍ରଭାକର ପାଣିଗ୍ରାହୀ, ପପୁ ପଣ୍ଡା, ଆଶିଷ ପଣ୍ଡା ପ୍ରମୁଖଙ୍କ ସହ ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାନରେ ରଥ ନିର୍ମାଣ ସହ ଘୋଷଯାତ୍ରା ପ୍ରସ୍ତୁତି ଜୋରସୋର ଚାଲିଥିବା ଦେଖିବାକୁ ମିଳିଛି।

## ବିଶ୍ୱ ରକ୍ତଦାତା ଦିବସ

ଭଞ୍ଜନଗର,୧୪।୬(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ଏବଂ ବିପଦର ବନ୍ଧୁ ପକ୍ଷରୁ ମିଳିତ ଭାବେ ବୁଧବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ରାଲି ଏବଂ ରକ୍ତଦାନ ଶିବିରକୁ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ବିଶ୍ୱାମିତ୍ର ହରପାଲ, ମେଡିକାଲ ଅଧୀକ୍ଷକ ଡଃ ସିତାଂଶୁ ଶତପଥୀ, ସମାଜିକ କର୍ମୀ ଶୂଳପାଣି ଶତପଥୀ, ଅନୁପମ ବାନାର୍ଜୀ, ବିପଦର ବନ୍ଧୁ କର୍ମକର୍ତ୍ତା ଅରକ୍ଷିତ ପରିଚ୍ଛା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାନର ଆବଶ୍ୟକତା ଏବଂ ତାହାର ଉପକାରିତା ସମ୍ପର୍କରେ କହିଥିଲେ। ପୂର୍ବାହ୍ନରେ ମେଡିକାଲ ପରିସରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନସିସି କ୍ୟାଡେଟ ବିପଦର ବନ୍ଧୁ କର୍ମକର୍ତ୍ତା ପ୍ରମୁଖ ସାମିଲ ଥିଲେ। ବିପଦର ବନ୍ଧୁ କର୍ମକର୍ତ୍ତାମାନେ ବ୍ଲଡ ବ୍ୟାଙ୍କରେ ରକ୍ତଦାନ କରିଥିଲେ।

## ୬୦ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତଦାନ ଶିବିରକୁ ଅତିରିକ୍ତ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି ।

ପାରଳାଖେମୁଣ୍ଡି, ୧୪।୬ (ଗିରିଧାରୀ ପରିଚ୍ଛା) : ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ବ୍ଲଡ ବ୍ୟାଙ୍କ ପରିସରରେ ବିଶ୍ୱ ରକ୍ତଦାତା ଦିବସ ଅବସରରେ ଗଜପତି ବ୍ଲଡ ଡୋନର ସଂଘ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଏହି ଶିବିରକୁ ଉଦଘାଟନ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର, ଏଡିଏମଓ ଡାକ୍ତର ପ୍ରଦୀପ କୁମାର ପଣ୍ଡା, ଗଜପତି ଜିଲା ବ୍ଲଡ ଡୋନର ସଂଘର ସଭାପତି ଜି.ନବୀନ କୁମାର, ଉପସଭାପତି ଏସ.ରୁଷି, ସମ୍ପାଦକ ୱାଇ. ଚନ୍ଦ୍ରଶେଖର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସଂଘର ସଦସ୍ୟ ଏବଂ ସହରର ଯୁବଗୋଷ୍ଠୀମାନେ ଯୋଗ ଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଅବସରରେ ମୋଟ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଡୋନର ସଂଘର ଜଗତ ମୋହନ ସାହୁ, କେ. ଶରତ କୁମାର, ମୋହିନୀ ପ୍ରଧାନ, ମମତା ପାଢୀ, କୈଳାସ ଚନ୍ଦ୍ର ବିଶାଳ ପ୍ରମୁଖ ଯୋଗଦେଇଥିଲେ ।

# ପେସା ହଜାଇ ଦେଇନି ନିଶା

## ୫୦ ବର୍ଷରେ ବି ନାଚୁଛନ୍ତି ରାମେଶ୍ୱର

**ଛତ୍ରପୁର,୧୪।୬(ସନ୍ତୋଷ ପାଢ଼ୀ)**

ବୟସ ୫୦ ଛୁଇଁଲାଣି । ତଥାପି ନାଚିବା ଓ ନାଚ ଶିଖିବା ନିଶା ଛାଡ଼ିନି। ଏହି ବୟସରେ ଠୁମକା ଲଗାଇବା ସହ ଏବଂ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତରେ ତାଳ ଦେଇ ନାଚୁଛନ୍ତି ଗଞ୍ଜାମ ଜିଲା ଛତ୍ରପୁରର ରାମେଶ୍ୱର ପଣ୍ଡା । କେବଳ ସେତିକି ନୁହେଁ ସେ ତାଙ୍କ ନିତିଦିନିଆ କାମ ସେଉ, ଗାଣ୍ଠିଆ ଛଣାରୁ ଫୁରସତ ମିଳିଲେ ନୃତ୍ୟ ଶିଖିବାକୁ ଯାଉଛନ୍ତି। ଏଥସହ ନବେ ଦଶକର ଡ୍ରେସ ପିନ୍ଧି ଷ୍ଟୁଡିଓ ଯାଇ ଖୋକା ଭାଇଙ୍କ ଗୀତ 'ପ୍ରେମିକାର ବାରିଆ', 'କବାଟ ଖୋଲ ପ୍ରିୟେ ମୁଁ ତମର ସିଏ' ଆଦି ଗୀତରେ ନାଚନ୍ତି ରାମେଶ୍ୱର।

ରାମେଶ୍ୱରଙ୍କର ପିଲାଦିନୁ କଳା ପ୍ରତି ଦୁର୍ବଳତା ରହିଥିଲା। ସୁନ୍ଦରପୁର ଗ୍ରାମରେ ଏକ ସଂଗଠନ ପକ୍ଷରୁ ପୂର୍ବରୁ ବହୁଥର ତାଙ୍କୁ କଳା ପ୍ରଦର୍ଶନ କରିବାକୁ ସୁଯୋଗ ମିଳିଥିଲା। ଗୁରୁ ସୀମାଞ୍ଚଳ ମଣ୍ଡଳ ତାଙ୍କୁ ନୃତ୍ୟ ଶିକ୍ଷା ଦେଇଥିଲେ।


ରାମେଶ୍ୱର ପଣ୍ଡା

ପରେ ପାରିବାରିକ ସମସ୍ୟା ହେତୁ ସେ ଏବେ ଛତ୍ରପୁରରେ ରହି ଏକ ଭାଟି ତିଆରି କରି ଗାଣ୍ଠିଆ, ସେଉ, ନିମିକି , ଠିକିରି ଆଦି ବେସନରେ ତିଆରି ସାମଗ୍ରୀ କରି ସନ୍ଧ୍ୟାରେ ଦୋକାନ ଗୁଡ଼ିକରେ ଦିଅନ୍ତି। ଏଥିରେ ତାଙ୍କ ପରିବାର ଚଳେ। ସମୟ ପାଇଲେ ସେ ନୃତ୍ୟ ଶିକ୍ଷା କରନ୍ତି। ଅକ୍ଷୟ ମହାନ୍ତିଙ୍କ ଗୀତରେ ତାଳ ଦେଇ ନୃତ୍ୟ ଅଭିନୟ କରିବା କାଠିକର ପାଠ । ରାମେଶ୍ୱର ହେଉଛନ୍ତି ପ୍ରଥମ ବ୍ୟକ୍ତିତ୍ୱ ଯିଏ ଖୋକା ଭାଇଙ୍କ ଗୀତରେ ନୃତ୍ୟ ପ୍ରଦର୍ଶନ କରିଛନ୍ତି । ବିଭିନ୍ନ ଟେଲିଭିଜନର ରିୟାଲିଟି ସୋ କରିବା ସହ ଅଭିନୟ ରାଜ୍ୟ ତଥା ରାଜ୍ୟ ବାହାରେ ନୃତ୍ୟ ପ୍ରଦର୍ଶନ କରି ଅନେକ ସୁନାମ ଅର୍ଜନ କରିଛନ୍ତି । ବଲିଉଡ଼ର କମେଡି କିଙ୍ଗ ଡ୍ୟାନିସିଂ ଷ୍ଟାର ଗୋବିନ୍ଦାଙ୍କ ସହ ମଧ୍ୟ ନୃତ୍ୟ କରିଛନ୍ତି ରାମେଶ୍ୱର। ନୃତ୍ୟ ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ ତାଙ୍କୁ ଏହି ସବୁ ଗୀତରେ ନୃତ୍ୟ ଶିଖିବାକୁ ସହଯୋଗ କରନ୍ତି । ଖାଲି ଏତିକି ନୁହଁ ବିଭିନ୍ନ ଯାତ୍ରାରେ ସେ ଅଭିନୟ କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଥାନ୍ତି । ଗୋଟିଏ ପଟେ ପେଶା ଆଉ ଗୋଟିଏ ପଟେ ନିଶାକୁ ସଫଳତାର ସହ ପରିଚାଳନା କରି ରାଜ୍ୟରେ ସୁନାମ ଅର୍ଜନ କରିଥିବା ରାମେଶ୍ୱରଏବେ ଅନେକଙ୍କ ପାଇଁ ଉଦାହରଣ ସାଜିଛନ୍ତି । ବଞ୍ଚିଥିବା ଯାଏ ନୃତ୍ୟ ଶିକ୍ଷା କରିବି ଓ ସମସ୍ତଙ୍କ ମନୋରଞ୍ଜନ କରିବି ବୋଲି ରାମେଶ୍ୱର କହିଛନ୍ତି।

## ଗଛ ପଡ଼ି ରାସ୍ତା ଅବରୋଧ



ବୁଗୁଡ଼ା,୧୪।୬ (କାଳୀଚରଣ ଦାଶ)

କାଳବୈଶାଖୀ ଯୋଗୁଁ ବୁଧବାର ଅପରାହ୍ନରେ ବୁଗୁଡ଼ା-ପୋଲସରା ମୁଖ୍ୟ ରାସ୍ତାର ଚଢେୟାପଲ୍ଲୀଠାରେ ଗଛ ପଡି ରାସ୍ତା ଅବରୋଧ ଯୋଗୁଁ ଦୀର୍ଘ ସମୟ ଧରି ଯାନବାହାନ ଚଳାଚଳ ଠପ୍ ହୋଇଯାଇଥିବା ଦେଖିବାକୁ ମିଳିଛି। ପ୍ରବଳ ଝଡବର୍ଷାରେ ଚଢେୟାପଲ୍ଲୀ ଠାରେ ଏକ ବଡ ଗଛ ଭାଙ୍ଗିଯାଇ ରାସ୍ତା ଉପରେ ପଡିଯିବାରୁ ପ୍ରାୟ ତିନି ଘଣ୍ଟା ଧରି ବୁଗୁଡା-ପୋଲସରା ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଉଭୟ ପଟରେ ବହୁ ଯାନବାହାନ ଅଟକି ରହିବା ଯୋଗୁଁ ସ୍ଥାନୀୟ ଲୋକେ ବାଧ ହୋଇ ଗଛକୁ କାଟିବା ସହ ଖବର ଦେବାରେ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତା ଅବରୋଧ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା


ମାଟ୍ରିକ ଟପ୍ପର ଅନୁଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଛତ୍ରପୁର,୧୪।୬(ସନ୍ତୋଷ ପାଢ଼ୀ)** ଛତ୍ରପୁର ଏନ୍ଏସିରେ ମାଟ୍ରିକ ଟପ୍ପର ହୋଇଥିବା ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଅନୁଶ୍ରୀ ସାହୁଙ୍କୁ ବିଦ୍ୟାମନ୍ଦିର ପରିଚାଳନା ସମିତି ଓ ଗୁରୁଜୀ ଗୁରୁମାଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଛି । ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଉପେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିବାବେଳେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂପାଦକ ତଥା ଆଇନଜୀବୀ ପଦ୍ମ ଚରଣ ସାହୁ, ଉପସଭାପତି ଗୀତା ପାଢୀ, କୋଷାଧ୍ୟକ୍ଷ ଏ. ରାବଣା ରାଓ, ସଦସ୍ୟା ସୁନୀତା ସେଠୀ ଏବଂ ସମସ୍ତ ଗୁରୁଜୀ, ଗୁରୁମ , ସେବକ, ସେବିକା ଉପସ୍ଥିତ ରହି ଅନୁଶ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ସୁଶ୍ରୀ ଅନୁଶ୍ରୀ ଭବିଷ୍ୟତରେ ଜଣେ ଆଇଏଏସ ହୋଇ ଦେଶ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା



ରକ୍ତଦାତା ଦିବସ ଅବସରରେ ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

ପାତ୍ରପୁର,୧୪।୬(ଉମାଚରଣ ନେପାକ)

ରକ୍ତଦାନ ପାଇଁ ଉତ୍ସାହିତ କରୁଥିବା ପାତ୍ରପୁର ବ୍ଲକର ବିଭିନ୍ନ ସଙ୍ଗଠନର ୬ ଜଣ ରକ୍ତଦାତାଙ୍କୁ ବୁଧବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବିଶ୍ୱ ରକ୍ତଦାତା ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ଅନ୍ତର୍ଗତ ସାହାସପୁର ଗ୍ରାମର ଶିକ୍ଷକ ରାଜେଶ ମହାନ୍ତି, ଚିକିଟିର ସଦାନନ୍ଦ ସାହୁ, ଖଇର ଗ୍ରାମର ରବୀନ୍ଦ୍ର ନାଥ ପ୍ରଧାନ, ପାତ୍ରପୁର ଗ୍ରାମର ଏଲ. ଲିଥୁନ ପାତ୍ର, ଏସ.ବି. ଜଗଦେପୁର ଗ୍ରାମର ସନାତନ କୁଣ୍ଡ ଏବଂ ସୁବର୍ଣ୍ଣପୁର ଗ୍ରାମର ସଂଗ୍ରାମ କେଶରୀ ନାୟକ ବହୁବାର ରକ୍ତଦାନ କରିଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ସମ୍ବିତ ବେଗରାୟ ସେମାନଙ୍କୁ ଉତ୍ତରୀୟ ସହିତ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ରକ୍ତଦାତାମାନେ ସେମାନଙ୍କ ମତ ରଖିଥିଲେ । କାର୍ଯ୍ୟକ୍ରମରେ ଡା.ଅଜିତ କୁମାର ସାହୁ, ଡା.ସମୀର ବାଗ, ଡା.ରାଜକିଶୋର ସାହୁ, ପଦ୍ମିନୀ ନାୟକ, ରବିନାରାୟଣ ସାହୁ, ଦୀପକ ମହାପାତ୍ର, ଦିଗନ୍ତ ମହାନ୍ତି, କିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ ।

## ମଠ ମନ୍ଦିର ଓ ଚର୍ଚ୍ଚ ନିର୍ମାଣ ଲାଗି ୨ କୋଟି ୩୮ ଲକ୍ଷ

ଆର.ଉଦୟଗିରି,୧୪।୬(ମନୋଜ ପାଢ଼ୀ)

ଗଜପତି ଜିଲାର ସମସ୍ତ ମଠ ମନ୍ଦିର ଓ ଚର୍ଚ୍ଚ ଏଥର ସୁସଜ୍ଜିତ ହେବ। ଯେତିକି ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବ ସେସବୁର କାର୍ଯ୍ୟ ଶୀଘ୍ର ସମାପ୍ତ ହେବ। ଏ ନେଇ ଆର.ଉଦୟଗିରି ବ୍ଲକରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଗଜପତି ବିଜେଡି ଜିଲାସଭାପତି ଜଗବନ୍ଧୁ ଦାସ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଶବର ସମାଜ କଲ୍ୟାଣ ସମିତି ସର୍ବୋଚ୍ଚ ସଭାପତି ଝାମ୍ପୁରା ରଇତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସଭାପତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିବା ପରେ ଜିଲା ସଭାପତି ଆର.ଉଦୟଗିରି ବ୍ଲକକୁ ୨ କୋଟି ୩୮ ଲକ୍ଷ ଅନୁଦାନ ମିଳିଥିବା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଟଙ୍କା ବ୍ଲକ ପାଇଁ ପ୍ରଦାନ କରାଯାଇଥିବାରୁ ସଭିଏ ମୁଖ୍ୟମନ୍ତ୍ରୀଙ୍କ ସମେତ ୫- ଟି ସଚିବ ଭି.କେ ପାଣ୍ଡିଆନ୍‌ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ବିଜୁ ପାର୍କ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ଦାବି

## ୫ କୋଟି ଟଙ୍କା ବ୍ୟୟରେ ରାଜ୍ୟର ତୃତୀୟ ୱାଟର ପାର୍କ କାମ ଚାଲିଛି

**ଭଞ୍ଜନଗର,୧୪।୬(ବାବୁଲା ପ୍ରଧାନ)**

ରଜ ଉତ୍ସବ ପାଇଁ ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବୁଧବାର ପାର୍କରେ ଲୋକଙ୍କ ଅସମ୍ଭାଳ ଭିଡ ହୋଇଥିଲା। ଗୁରୁବାର ରଜ ସଂକ୍ରାନ୍ତି ପାଇଁ ପାର୍କ ଏବଂ ବେଲେଶ୍ୱର ପୀଠରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହେବାର ଆଶଙ୍କା ରହିଛି। ବିଗତ ଦିନରେ ଏତେ ସଂଖ୍ୟକ ଭିଡ ହୋଇଥିବା ଯୋଗୁ ଚଳିତ ରଜ ଉତ୍ସବରେ ମଧ୍ୟ ଭିଡ ହେବାର ସମ୍ଭାବନା ରହିଛି। ତେଣୁ ପୋଲିସ ପ୍ରଶାସନ ପକ୍ଷରୁ ପାର୍କ ରାସ୍ତା, ଭଞ୍ଜନଗର କଲେଜ ରୋଡରେ ସୁରକ୍ଷା ବ୍ୟବସ୍ଥା ବଢାଇବା ପାଇଁ ଦାବି ହୋଇଛି। ବିଗତ କିଛି ଉତ୍ସବରେ ପାର୍କ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଲୋକେ ଗମନାଗମନରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷେ ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ୱାଟର ପାର୍କ ନିର୍ମାଣ ହେଉଛି। ତାର କାମ ଦ୍ରୁତ ଗତିରେ ଚାଲିଛି। ଆଗାମୀ ଦିନରେ ତାହା ଉଦଘାଟିତ ହେବ। ରାଜ୍ୟରେ ବର୍ତ୍ତମାନ ପୁରୀ ଜିଲାରେ ୨ଟି ୱାଟର ପାର୍କ ଥିବା ବେଳେ ଭଞ୍ଜନଗରରେ ତୃତୀୟ ୱାଟର ପାର୍କ କାମ ଚାଲିଛି। ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଏବଂ ତାହାକୁ ଲାଗି ଥିବା ବେଲେଶ୍ୱର ଶୈବ ପୀଠ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ। ଭଞ୍ଜନଗର ଜଳ ସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ ଏବଂ ଜଳସମ୍ପଦ ବିଭାଗ ପକ୍ଷରୁ ମିଳିତ ଭାବେ ଉକ୍ତ ଦୁଇ ଅନୁଷ୍ଠାନକୁ ପରିଚାଳିତ କରୁଛନ୍ତି। ରଜ ସଂକ୍ରାନ୍ତିରେ ବେଲେଶ୍ୱର ପୀଠରେ ହୋମ ଯଜ୍ଞ ଆୟୋଜିତ ହୋଇଥିବା ବେଳେ ପାର୍କରେ ପର୍ଯ୍ୟଟକଙ୍କ ପାଇଁ ଦୋଳି ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗୁରୁବାର ପାର୍କ ଅପରାହ୍ନ ୩ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ବେଲେଶ୍ୱର ପୀଠ ସକାଳ ୫ରୁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲା ରହିବ।


ବେଲେଶ୍ୱର ଶୈବ ପୀଠ ପର୍ଯ୍ୟଟକଙ୍କ ଅପେକ୍ଷାରେ।

## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ୩ ଆହତ

ରସୁଲପୁର,୧୪।୬(ରଞ୍ଜିତ ରାଉତ): ରସୁଲପୁର ବ୍ଲକ୍ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ମାଙ୍କଡ଼ ଆକ୍ରମଣକୁ ନେଇ ଆତଙ୍କ ଖେଳିଯାଇଛି। ଏକ ଦନ୍ତା ମାଙ୍କଡ଼ କାମୁଡାରେ ୩ଜଣ ଆହତ ହୋଇଥିବା ଜଣାଯାଇଛି। ସେମାନେ ହେଲେ ଭୋଟକା ଗ୍ରାମର ଜଟାଧାରୀ ସାହୁ(୭୦), ବିଷ୍ଣୁଚରଣ ଦାସ(୭୬) ଓ ବିଜୟ କୁମାର ସାହୁ(୪୦)। ଏମାନଙ୍କ ମଧ୍ୟରୁ ମଧ୍ୟରୁ ବିଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମାଙ୍କଡ଼ଟି ପଞ୍ଚାୟତର ବିଭିନ୍ନ ଗାଁରେ ଘୂରି ବୁଲୁଛି। ଯେଉଁଠି ଲୋକଙ୍କୁ ଦେଖୁଛି ଆକ୍ରମଣ କରୁଛି। ଲୋକେ ଦୌଡ଼ି ପଳାଇ ଆକ୍ରମଣରୁ ବର୍ତ୍ତି ଯାଉଛନ୍ତି। ରାତିରେ ମାଙ୍କଡ଼ଟି ସାନରମ୍ପେଇ ଗାଁ ନିକଟସ୍ଥ ଗଛ ଡାଳରେ ଆଶ୍ରୟ ନେଉଛି। ଏହାକୁ ନେଇ ସମ୍ପୃକ୍ତ ଗାଁ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରବଳ ଗରମ ଗୁଳୁଗୁଳି ସତ୍ତ୍ୱେ ଗାଁ ଲୋକେ ମାଙ୍କଡ଼ ଭୟରେ ପଦାକୁ ବାହାରୁନାହାନ୍ତି। ମାଙ୍କଡ଼ଟି ମସ୍ତିଷ୍କ ବିକୃତ ହୋଇଯାଇଥିବା ଲୋକେ ଅନୁମାନ କରୁଛନ୍ତି। ତେଣୁ ଏହାକୁ ବନ ବିଭାଗ ପକ୍ଷରୁ ତୁରନ୍ତ କାବୁ କରାଯିବାକୁ ଦାବି ହୋଇଛି।

### ମାଣ୍ଡୁକା-ଅଚ୍ୟୁତବସନ୍ତ ରାସ୍ତା ଉନ୍ନତୀକରଣର ଶିଳାନ୍ୟାସ

ଚଣ୍ଡିଖୋଲ,୧୪।୬ (ପ୍ରଦୀପ୍ତ ପୃଷ୍ଟି ): ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକାଠାରୁ ଅଚ୍ୟୁତବସନ୍ତ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଉନ୍ନତୀକରଣ କରାଯିବ। ଏଥିପାଇଁ ଶିଳାନ୍ୟାସ କରାଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଅଚ୍ୟୁତ ବସନ୍ତଠାରେ ରୁଦ୍ରମାଧବ ବଳ ସାମନ୍ତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଧାୟକ ଯୋଗଦେଇ ଆମ ସରକାର ପ୍ରତ୍ୟେକ କ୍ଷେତ୍ରରେ ବିକାଶ କରି ଆସୁଛନ୍ତି। ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ରାସ୍ତା ଦ୍ୱାରା ୬ ପଞ୍ଚାୟତର ଲୋକଙ୍କ ଦୈନିକ ଯାତାୟାତରେ ସୁବିଧା ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରପଞ୍ଚ ସୁପ୍ରିୟା ଦାସ, ସମିତିସଭ୍ୟା ସଂଯୁକ୍ତା ରାଉତ, ପୂର୍ବତନ ସରପଞ୍ଚ ତାପସ ରାୟ, ଗଗନ ବିହାରୀ ସ୍ୱାଇଁ, ଫନୀନ୍ଦ୍ର ପଣ୍ଡା, ସେକ୍ ମୋଇନ ଅହମ୍ମଦ, ଗୋପାଳ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ଅନନ୍ତ ସିଂହ, ପ୍ରତାପ ଚନ୍ଦ୍ର ନାୟକ ଓ ନିରଞ୍ଜନ ସିଂହ ପ୍ରମୁଖ ବହୁ ଦଳୀୟ ପଦାଧିକାରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମାଣ୍ଡୁକାଠାରେ ମା'ନାହାକାଣୀ ନାମରେ ନାମିତ ତୋରଣକୁ ବରିଷ୍ଠ ନାଗରିକ ଦିବାକର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସେହିଭଳି ବିଧାୟକ ଅସିଆଠାରେ ନିର୍ମିତ ସାରଳା ଗୋଷ୍ଠୀକେନ୍ଦ୍ର, ପଞ୍ଚାୟତ ମିଶନ ଶକ୍ତି ଗୃହ, ଅଚ୍ୟୁତ ବସନ୍ତ ଦଳେଇ ସାହି କୋଠ ଘର ଉଦ୍‌ଘାଟନ କରିବା ସହ ସୁବିଧାକେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଏକ ବାଇକ୍ ଶୋଭାଯାତ୍ରାରେ ବିଧାୟକଙ୍କୁ ଦଳୀୟ କର୍ମୀମାନେ ସଭା ସ୍ଥଳକୁ ପାଛୋଟି ନେଇଥିଲେ।

### ବନ୍ଧୁକ ଦେଖାଇ ଗହଣା ଦୋକାନୀଙ୍କଠାରୁ ଲୁଟ

ମୋରଡ଼ା,୧୪।୬(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ସାତଭାୟା ଛକଠାରେ ଜଣେ ଗହଣା ଦୋକାନୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଅଢ଼େଇ ଲକ୍ଷ ଟଙ୍କାର ସୁନା ଓ ନଗଦ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ଅଭିଯୋଗ ପାଇ ପୋଲିସ ତଦନ୍ତ ଜାରି ରଖିଛି। ଲୁଟର ଶିକାର ହୋଇଥିବା ଦୋକାନୀ ଜଣକ ହେଲେ ଚଢେଇଗାଁ ପଞ୍ଚାୟତ ଅଢେଇକୁଲା ଗ୍ରାମର ସ୍ୱପ୍ନେଶ୍ୱର ସିଂହ। ମଙ୍ଗଳବାର ସନ୍ଧ୍ୟାରେ ସେ କୋଷ୍ଠା ବଜାରରେ ଥିବା ତାଙ୍କ ଗହଣା ଦୋକାନକୁ ବନ୍ଦ କରି ଘରକୁ ଫେରୁଥିବା ବେଳେ ଦୁଇଟି ବାଇକ୍‌ରେ ୪ଜଣ ଯୁବକ ଆସି ସାତଭାୟା ଛକ ନିକଟରେ ତାଙ୍କୁ ଅଟକାଇଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ନିକଟସ୍ଥ ଏକ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ଦୁର୍ବୃତ୍ତମାନେ ତାଙ୍କୁ ଏକ ଗଛରେ ବାନ୍ଧି ପକାଇବା ସହ ମାଡ଼ ମାରିଥିଲେ। ରାତି ପ୍ରାୟ ସାଢେ ୧୧ଟା ବେଳେ ଦୁର୍ବୃତ୍ତମାନେ ତାଙ୍କୁ କୋଷ୍ଠା ବଜାରସ୍ଥିତ ଦୋକାନକୁ ନେଇ ସେଠାରୁ ସମସ୍ତ ଗହଣା, ଟଙ୍କା ଲୁଟ କରିବା ପରେ ଛାଡ଼ି ଦେଇଥିଲେ। ଏନେଇ ଶୁଳିଆପଦା ଥାନାରେ ଏକ ମାମଲା (ନଂ. ୯୩/୨୩)ରୁଜୁ ହୋଇଛି।

# ଅସୁରକ୍ଷିତ ଶିଳ୍ପ କାରଖାନା

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ଦୁର୍ଘଟଣାରେ ମରୁଛନ୍ତି ଶ୍ରମିକ, କର୍ମଚାରୀ
- ଆର୍ଥିକ ସହାୟତାରେ ସୀମିତ କାର୍ଯ୍ୟାନୁଷ୍ଠାନ

ଯାଜପୁର,୧୪।୬ (ହର୍ଷବର୍ଦ୍ଧନ ବେହେରା)

ଶିଳ୍ପ କଳକାରଖାନାଗୁଡ଼ିକରେ ବିପଦପୂର୍ଣ୍ଣ କାମ କରି ଶ୍ରମିକମାନଙ୍କ ଜୀବନ ବିପନ୍ନ ହେଉଛି । ବିଭାଗୀୟ ପ୍ରଶାସନିକ ଅଧିକାରୀ ୟୁନିଟଗୁଡ଼ିକର ରକ୍ଷଣାବେକ୍ଷଣ ଦିଗରେ ଧ୍ୟାନ ଦେବା ବଦଳରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ବେଆଇନ କାର୍ଯ୍ୟ ପ୍ରତି ଖାଲି ଆଖି ବନ୍ଦ କରୁନାହାନ୍ତି ବରଂ ସେଥିରେ ସହଯୋଗୀ ହେଉଛନ୍ତି । ମୃତ ଶ୍ରମିକଙ୍କ ପରିବାରବର୍ଗଙ୍କୁ କମ୍ପାନୀ ପକ୍ଷରୁ ୫ ରୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହଯୋଗ ଦେଇ ଚୁପ ରହି ବସି ଯାଉଛନ୍ତି । ମୃତ ଶ୍ରମିକଙ୍କ ପରିବାରବର୍ଗ ଅନନ୍ୟୋପାୟ ହୋଇ ଏଥିରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ହେଉଛନ୍ତି । ବିଡମ୍ବନା ଯେ, ଏଭଳି ଦୁର୍ଘଟଣାଗୁଡିକ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ବଦଳରେ ତାକୁ ଚାପି ଦିଆଯାଉଛି। ଗତ ୫ ବର୍ଷ ମଧ୍ୟରେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର କାରଖାନାଗୁଡିକରେ ପ୍ରାୟ ୧୦୦ ଜଣ ଶ୍ରମିକ ଓ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ହେଲେ ପ୍ରଭାବଶାଳୀ କମ୍ପାନୀ ବିରୋଧରେ ଏ ପର୍ଯ୍ୟନ୍ତ ଗୋଟିଏ ବି ମାମଲାର ଶୁଣାଣି ହୋଇପାରିନାହିଁ । କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ନିଉଜୋନ ଟ୍ୟୁବ୍ କାରଖାନାରେ ସୋମବାର ଦୁର୍ଘଟଣା ଘଟି କେନ୍ଦୁଝର ଜିଲା ହରିଚନ୍ଦନପୁର ଅଞ୍ଚଳର ମହିଳା ଶ୍ରମିକ ଲକ୍ଷ୍ମୀ ମୁର୍ମୁ(୩୫)ଙ୍କ ମୃତ୍ୟୁ ହୋଇଛି। ତେବେ ଏହି ମୃତ୍ୟୁ ଘଟଣାରେ କମ୍ପାନୀ କର୍ତ୍ତୃପକ୍ଷ ପରିବାରବର୍ଗଙ୍କୁ ୧୨ ଲକ୍ଷ ଟଙ୍କା ସମେତ ତାଙ୍କ ଝିଅଙ୍କୁ ପାଠ ପଢିବା ପାଇଁ ସହାୟତା ଘୋଷଣା କରିବା ପରେ ମାମଲାଟି ଆପୋସ ବୁଝାମଣାରେ ସୀମିତ ରହିଛି। ଅନ୍ୟ କେତେକ ବୃହତ୍ ଶିଳ୍ପ କାରଖାନାରେ ୪ରୁ ୫ ଲକ୍ଷ ଟଙ୍କା ସହାୟତା ଦେଇ ମୃତ୍ୟୁ ମାମଲାଗୁଡିକୁ ରଫାଦଫା କରାଯାଉଥିବା ନଜିର ରହିଛି।

ଶିଳ୍ପ କାରଖାନାଗୁଡିକରେ ଦୁର୍ଘଟଣା ହୋଇ ମୃତ୍ୟୁ ମାମଲାଗୁଡିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ରହିଥିବାରୁ ନ୍ୟାୟ ପ୍ରଦାନରେ ବିଳମ୍ବିତ ହେଉଛି ବୋଲି ଅଭିଯୋଗ ହେଉଛି । ଫଳରେ ଅବହେଳା ଯୋଗୁ ଦୁର୍ଘଟଣା ଘଟାଇଥିବା ଶିଳ୍ପ କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନାହିଁ । ଫଳରେ ମୃତକଙ୍କ ପରିବାରବର୍ଗ ନ୍ୟାୟ ନ ପାଇ ହତାଶ ହୋଇ ରହିଛନ୍ତି । ବିଳମ୍ବିତ ନ୍ୟାୟ ଯୋଗୁ କାରଖାନା କର୍ତ୍ତୃପକ୍ଷଙ୍କ ସାହସ କମୁନାହିଁ । ଜିଲା ଶ୍ରମ ବିଭାଗ ପକ୍ଷରୁ ମୃତ ପରିବାରବର୍ଗଙ୍କୁ ଏବଂ ଗୁରୁତର ଆହତଙ୍କୁ ମଧ୍ୟ ସହଯୋଗ ରାଶି ପ୍ରଦାନ କରାଯାଉଛି। ଏଥିରେ ମଧ୍ୟ ପାତରଅନ୍ତର ନୀତି ଅବଲମ୍ବନ ହେଉଥିବା ମତପ୍ରକାଶ ପାଇଛି। ୨୦୨୨ ମାର୍ଚ୍ଚରେ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍ କାରଖାନା ସମ୍ମୁଖରେ ସଡ଼କ ଦୁର୍ଘଟଣାରେ ଜଣେ ହାଇୱା ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ତେବେ ଚାଳକ ସଂଘ ପକ୍ଷରୁ କ୍ଷତିପୂରଣ ଦାବିରେ ଆନ୍ଦୋଳନ ହେବାରୁ ମୃତ ଡ୍ରାଇଭରଙ୍କ ପରିବାରବର୍ଗଙ୍କୁ ୫ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରାଯାଇଥିଲା। ଗତ ଏପ୍ରିଲ ୧୫ ତାରିଖରେ ନିୟୁଭିଷ୍ଟା ସିମେଣ୍ଟ କାରଖାନା ପରିସରରେ ଦୁର୍ଘଟଣାରେ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ୨୦୨୨ ଅକ୍ଟୋବରରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାରେ ଜଣେ ଶ୍ରମିକ ଶିଡ଼ିରୁ ପଡି ଗୁରୁତର ଆହତ ହୋଇଥିଲେ। ୨୦୨୨ ଅଗଷ୍ଟରେ ଭିସା ଷ୍ଟିଲ କାରଖାନାରେ ଏକ ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହେବା ପରେ ତାଙ୍କ ପରିବାରବର୍ଗଙ୍କୁ ୧୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ଘୋଷଣା ହୋଇଥିଲା। ସେହିପରି ଗତ ଜୁଲାଇରେ ମିଶ୍ରିଲାଲ ଫେରୋ ଆଲଏଜ କାରଖାନାରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲାବେଳେ ତାକୁ ହୃଦ୍‌ଘାତର ରୂପ ଦିଆଯାଇଥିଲା। ୨୦୨୨ ଏପ୍ରିଲରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାରେ ମେଶିନ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏଭଳି ଭାବେ କାରଖାନାଗୁଡ଼ିକର ପ୍ରତିଷ୍ଠା ସମୟରୁ ବହୁ ସଂଖ୍ୟାରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ହୋଇଛି । କେତେକ ଶ୍ରମିକଙ୍କ ମୃତ୍ୟୁ କ୍ଷେତ୍ରରେ ଘଟଣାକୁ ଚପାଇ ଦେବାକୁ ଯାଇ ପ୍ରଥମେ ଟାଟା ମେଡିକା ହସ୍‌ପିଟାଲରେ ଭର୍ତ୍ତି କରି ପରେ କଟକକୁ ସ୍ଥାନାନ୍ତର କରାଯାଉଛି। ଘଟଣାର ପ୍ରାୟ ୩ରୁ ୪ ଦିନ ପରେ ଉକ୍ତ ଶ୍ରମିକଙ୍କ ମୃତ୍ୟୁ ଘୋଷଣା କରାଯାଉଛି। ଫଳରେ ଅଞ୍ଚଳବାସୀ, ଶ୍ରମିକ ଏବଂ ପରିବାରବର୍ଗଙ୍କ ମଧ୍ୟରେ କ୍ଷତିପୂରଣ ଦାବି ଠିକ୍ ଢଙ୍ଗରେ ହୋଇ ପାରୁନାହିଁ ବୋଲି ଅଭିଯୋଗ ହେଉଛି। ଦୁର୍ଘଟଣାଜନିତ ଶ୍ରମିକଙ୍କ ମୃତ୍ୟୁର ଯେଉଁ ଘଟଣାଗୁଡିକୁ କାରଖାନା କର୍ତ୍ତୃପକ୍ଷ ଚପାଇ ପାରିନାହାନ୍ତି, ତାହା ସରକାରୀ ରେକର୍ଡକୁ ଆସିଛି । କାରଖାନାରେ ଶ୍ରମିକ ନିଯୁକ୍ତିରେ ସରକାରଙ୍କ ନିର୍ଦ୍ଧାରିତ ଆଇନଗୁଡିକର ଉଲ୍ଲଂଘନ କରାଯାଉଥିବାବେଳେ ଦୁର୍ଘଟଣାରେ ମୃତ ଶ୍ରମିକମାନଙ୍କୁ ଠିକା ଶ୍ରମିକ କହି କମ୍ପାନୀ କ୍ଷତିପୂରଣ ପ୍ରଦାନ କରୁନାହିଁ। ଏହାସହ ବିଭିନ୍ନ ସମୟରେ କାରଖାନାରେ ଘଟୁଥିବା ଦୁର୍ଘଟଣାରେ ଆହତ ଶ୍ରମିକମାନଙ୍କ ଚିକିତ୍ସା ଆଦି ଖର୍ଚ୍ଚ ମଧ୍ୟ କମ୍ପାନୀ ବହନ କରୁନାହିଁ । ଅର୍ଥବଳରେ ସବୁସ୍ତରରେ ନିଜର ଆଧିପତ୍ୟ ଜାହିର କରି କମ୍ପାନୀ କର୍ତ୍ତୃପକ୍ଷ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଖାତିର କରୁନାହାନ୍ତି । ଏଠାରେ ପ୍ରକାଶଥାଉ କି, କମ୍ପାନୀଗୁଡିକର ବିଭିନ୍ନ ଯାନ୍ତ୍ରିକ ୟୁନିଟର ଦେଖାରଖା କରିବାକୁ ଯାଜପୁରରୋଡରେ କାରଖାନା ଓ ବାଷ୍ପିତ୍ର ବିଭାଗ ରହିଛି । ନିୟମିତ ବ୍ୟବଧାନରେ ସେହି କମ୍ପାନୀମାନଙ୍କୁ ପରିଦର୍ଶନ କରି ୟୁନିଟଗୁଡିକୁ ତଦାରଖ କରିବା କଥା । ୟୁନିଟଗୁଡିକରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କାର୍ଯ୍ୟାନୁଷ୍ଠାନ କରିବା ଏହି ବିଭାଗର ଦାୟିତ୍ୱ । କିନ୍ତୁ ଏହି ବିଭାଗର ପଦାଧିକାରୀମାନେ କମ୍ପାନୀ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ଚୁପ ହୋଇ ବସି ଯାଉଥିବା ଅଭିଯୋଗ ହେଉଛି। ଏପରିଭାବେ ଯାଜପୁର ଜିଲାର ବିଭିନ୍ନ କାରଖାନାରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରାୟ ୬୦ ହଜାର ଶ୍ରମିକଙ୍କ ଜୀବନ ବିପଦରେ ରହିଛି । ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାରୀ ଏସ.କେ. ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି କୌଣସି ମୃତ ଶ୍ରମିକ ଇଏସ୍‌ଆଇ ଅନ୍ତର୍ଭୁକ୍ତ ହୋଇ ନ ଥିଲେ ତାକୁ କର୍ମଚାରୀ କ୍ଷତିପୂରଣ ଆଇନରେ ସାମିଲ କରାଯିବ। ଏହାପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଏହାସହ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ଫ୍ୟାକ୍ଟରୀ ଏବଂ ବଏଲର ବିଭାଗକୁ ସୂଚିତ କରିବାର ନିୟମ ରହିଛି।




## ରଜ ଉତ୍ସବ ଅବସରରେ ପ୍ରତିଯୋଗିତା

ଧର୍ମଶାଳା,୧୪।୬(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ରତନପୁର ଗ୍ରାମସ୍ଥିତ ରତ୍ନେଶ୍ୱରୀ ଯୁବ ପରିଷଦ ଆନୁକୂଲ୍ୟରେ ଗ୍ରାମରେ ରଜଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟାପକ ଜିତେନ୍ଦ୍ର କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଓଡ଼ିଶାରେ ରଜ ଏକ ନିଜସ୍ୱ ପର୍ବ, ଏହି ପର୍ବ ସହିତ କିଶୋରୀକିଶୋର, ମହିଳା, ପୁରୁଷ, ବୃଦ୍ଧାବୃଦ୍ଧଙ୍କ ସମ୍ପୃକ୍ତିରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଧର୍ମଶାଳା ପ୍ରେସ୍‌କ୍ଲବର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ପାଲା ଗାୟକ ଭରତଚନ୍ଦ୍ର ଶତପଥୀ ଯୋଗଦେଇ ରତନପୁରରେ ପାଳିତ ହୋଇଆସୁଥିବା ପାରମ୍ପରିକ ରଜ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ରଜ ଅବସରରେ ରତନପୁର ଗ୍ରାମରେ ଦୋଳି, ପୁଚି ଓ ପୋଡପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଭିନ୍ନ ବର୍ଗରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବପରିଷଦ ପକ୍ଷରୁ ଅଜୟ କୁମାର ସାହୁ, ବିଜୟ କୁମାର ରାଉତ, ସନ୍ତୋଷ ବେହେରା, ଲକ୍ଷ୍ମୀଧର ପ୍ରଧାନ, ସୁଦାମ ରାଉତ, ନଟବର ରାଉତ, ବାଇଧର ରାଉତ, ଜିତନ ରାଉତ, ଜଗନ ବେହେରା, ବାଦଲ ରାଉତ, ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ରଜ ଦୋଳି ପ୍ରତିଯେଗିତା ପରିଚାଳନାରେ ସହାୟତା କରିଥିଲେ। ସଞ୍ଜୀବ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ରାସ୍ତା କାର୍ଯ୍ୟ ସମୀକ୍ଷାକଲେ ବିଧାୟକ, ଅଧୀକ୍ଷଣ ଯନ୍ତ୍ରୀ

ଚଣ୍ଡିଖୋଲ,୧୪।୬(ପ୍ରଦୀପ୍ତ ପୃଷ୍ଟି ):

ପୂର୍ତ୍ତ ବିଭାଗ ଅଧୀନରେ ଥିବା ବଡ଼ଚଣା ବ୍ଲକ ଅନ୍ତର୍ଗତ କୃଷ୍ଣଦାସପୁର-ରତ୍ନଗିରି ରାସ୍ତା ଓ ହଳଧରପୁର-ଜନକ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଚାଲୁଛି। ଏହି ରାସ୍ତା କାର୍ଯ୍ୟର ମଙ୍ଗଳବାର ପୂର୍ବାହ୍ନରେ ସମୀକ୍ଷା କରିଛନ୍ତି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ପୂର୍ତ୍ତ ବିଭାଗର କଟକ ଚାର୍‌ବାଟିଆ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି। ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଓ ରତ୍ନଗିରିକୁ ସଂଯୋଗ କରୁଥିବା କୃଷ୍ଣଦାସପୁର-ରତ୍ନଗିରି ରାସ୍ତାର ପ୍ରଶସ୍ତୀକରଣରେ ଜବରଦଖଲ ବାଧକ ସାଜିଛି। ବାଲିକୁଦା ବଜାରଠାରେ ଦୋକାନ, ବଜାର ଓ ଗୃହକୁ ହଟାଇ ସେଠାରେ ପ୍ରଶସ୍ତୀକରଣ କରାଯିବ। ସେଥିପାଇଁ ବିଧାୟକ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିଛନ୍ତି। ସେହିଭଳି ଜନକ-ହଳଧରପୁର ରାସ୍ତା ନିର୍ମାଣରେ ଠିକାଦାର ବ୍ୟାପକ ଅନିୟମିତତା କରୁଥିବା ଓ ନିମ୍ନମାନର କାମ କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ତେଣୁ ତୁରନ୍ତ ଠିକାଦାରଙ୍କୁ ବିଭାଗୀୟ ନିର୍ଦ୍ଦେଶ ନାମା ଅନୁଯାୟୀ କାମ କରିବାକୁ ସେଠାରେ ଉପସ୍ଥିତ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ନିଗ୍ଧା ଦାସ ଓ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନାଙ୍କ ସମେତ ସ୍ଥାନୀୟ ସରପଞ୍ଚ ଏବଂ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।


ରାସ୍ତା କାର୍ଯ୍ୟ ତଦାରଖ କରୁଛନ୍ତି ବିଧାୟକ ଅମର ପ୍ରସାଦ ଶତପଥୀ ଓ ବିଭାଗୀୟ ଅଧିକାରୀ।

## ଯାଜପୁର ସହରରେ ୨ ଦିନ ବିଦ୍ୟୁତ୍ ସେବା ଠପ୍

ଯାଜପୁର ଟାଉନ,୧୪।୬(ପ୍ରଯକ୍ତା ମହାନ୍ତି): ଯାଜପୁର ଜିଲା ସଦର ମହକୁମାରେ ବିଦ୍ୟୁତ୍ ସେବା ୨ଦିନ ଧରି ଠପ୍ ହୋଇଯାଇଛି। ଫଳରେ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ବିଦ୍ୟୁତ୍ ବିଭାଗ ଦିନକୁ ୭ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍ କାଟ କରୁଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ଦିନ ସାରା ସହରରେ ୪ରୁ ୫ ଘଣ୍ଟା ବିଦ୍ୟୁତ୍ କାଟ୍ ହୋଇଥିଲା। ଏନ୍‌ସି କଲେଜ ନିକଟରେ ଥିବା ଷ୍ଟ୍ରକ୍ଚରରୁ ଖରାପ ଥିବା ବିଭାଗ ପକ୍ଷରୁ କୁହାଯାଉଥିବାବେଳେ ବୁଧବାର ଅପରାହ୍ନ ୩ଟାରୁ ରାତି ୭ଟା୩୦ ପର୍ଯ୍ୟନ୍ତ ନଂ-୧ ଫିଡ଼ର୍‌ରେ ତ୍ରୁଟି ଥିବାରୁ ବିଦ୍ୟୁତ୍ କାଟ୍ କରାଯାଇଛି। ନଂ.-୧ ଫିଡର୍ ଅଧୀନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସୁନ୍ଦରାଇମୁହାଁ ଏବଂ ପଣସା ପଞ୍ଚାୟତର ୭ହଜାର ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗୁଳୁଗୁଳି ସହ୍ୟ କରି ନ ପାରି ଲୋକେ ବୈତରଣୀ ନଦୀକୂଳରେ ବୁଲୁଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ ଦିନ ରାତି ମିଶି ପ୍ରାୟ ୭ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଭାଗୀୟ କର୍ମଚାରୀଙ୍କୁ ପଚାରିବାରେ ନଂ-୧ ଫିଡର୍ କେଉଁଠାରେ ତ୍ରୁଟି ରହିଛି ତାହା ଜଣା ପଡୁ ନ ଥିବାରୁ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି ବୋଲି ସୂଚନା ପ୍ରଦାନ କରିଥିଲେ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଭାଗର ନିର୍ବାହୀ ଯନ୍ତ୍ରୀ ଦୀପକ କୁମାର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ଟାଟା ଷ୍ଟିଲ୍ ପକ୍ଷରୁ ପୁନର୍ବାସ ପରିବାରର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

କଳିଙ୍ଗନଗର,୧୪।୬(ଶୁଭାଶିଷ ରାଉତ) :

ଯାଜପୁର ଜିଲା ଅଧୀନ ଡୁବୁରିର ଗୋବରଘାଟି କଲୋନୀର ଗୋଷ୍ଠୀ କେନ୍ଦ୍ରରେ ମଙ୍ଗଳବାର ଟାଟା ଷ୍ଟିଲ୍ ପକ୍ଷରୁ ମାଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର ପୁନର୍ବାସ ଓ ଥଇଥାନ(ଆର୍ ଆଣ୍ଡ ଆର୍) ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋବରଘାଟି, ସନ୍‌ସାଇଲୋ ଓ ତ୍ରିଜଙ୍ଗାର ଟାଟା ଷ୍ଟିଲ୍ ବିସ୍ଥାପିତ ପରିବାରର ୬୦ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଶିଳ୍ପରେ କାର୍ଯ୍ୟ କରିବା ଲାଗି ପ୍ରସ୍ତୁତ ହେବା ନିମନ୍ତେ ଉପଲବ୍ଧ ଥିବା କ୍ୟାରିୟର ସୁଯୋଗ ଓ ବିଭିନ୍ନ ବୈଷୟିକ ପାଠ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଭୁବେନେଶ୍ୱର ସେଣ୍ଟ୍ରାଲ ଟୁଲ୍ ରୁମ୍ ଓ ଟ୍ରେନିଂ ସେଣ୍ଟର(ସିଟିଟିସି)ପକ୍ଷରୁ ଏହି ଅବସରରେ ଏକ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଟାଟା ଷ୍ଟିଲ୍ କଳିଙ୍ଗନଗର ଶ୍ରମିକ ସଂଘର ସଭାପତି ରବିନ୍ଦ୍ର କୁମାର ଜାମୁଦା, ଟାଟା ଷ୍ଟିଲ୍ କଳିଙ୍ଗନଗରର ଆର୍‌ଆଣ୍ଡଆର୍ ବିଭାଗର ମୁଖ୍ୟ ସୁବ୍ରତ ମହାପାତ୍ର, ସିଟିଟିସି କଳିଙ୍ଗନଗର ଏକ୍ସଟେନ୍‌ଶନ୍ ସେଣ୍ଟରର ଟ୍ରେନିଂ ଇନଚାର୍ଜ ଶ୍ରୀକାନ୍ତ କୁମାର ପତି ଓ ବିରେନ ଜାମୁଦା, ତ୍ରିଲୋଚନ ମହନ୍ତ, ସୁରେଶ ଚନ୍ଦ୍ର ହାଇବ୍ରୁ, ଧ୍ରୁବ ଚରଣ ମହନ୍ତ, ଲାଲ ମୋହନ ସୋୟ, ବିନୋଦ ହେମ୍ବ୍ରମଙ୍କ ସମେତ ଗୋଷ୍ଠୀର ଅନ୍ୟ ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଯୁବପିଢ଼ିଙ୍କ ନିଯୁକ୍ତି ହାସଲ କ୍ଷମତାରେ ଉନ୍ନତି ଆଣିବା ଲାଗି ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ପାଠ୍ୟକ୍ରମ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସିଟିଟିସି କଳିଙ୍ଗନଗର ଏକ୍ସଟେନ୍‌ଶନ୍ ସେଣ୍ଟରର ଟ୍ରେନିଂ ଇନଚାର୍ଜ ଶ୍ରୀକାନ୍ତ କୁମାର ପତି ଅବଗତ କରିଥିଲେ।

## ଅସହାୟ ଅବସ୍ଥାରେ ୩ ପିଲାଙ୍କ ସହ ମା' ଉଦ୍ଧାର

ଛତିଆ,୧୪।୬(ସୌମ୍ୟରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ହାଇସ୍କୁଲ୍ ପରିସରରୁ ମଙ୍ଗଳବାର ରାତିରେ ଜଣେ ଅସହାୟ ମହିଳା ଓ ତାଙ୍କ ୩ ଛୋଟ ପିଲାଙ୍କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ିଛନ୍ତି। ମହିଳା ଜଣକ ତାଙ୍କ ଛୁଆଙ୍କ ସହ ଅସହାୟ ଅବସ୍ଥାରେ ସ୍କୁଲ ସମ୍ମୁଖରେ ଶୋଇ ରହିଥିଲେ। ଏ ବିଷୟରେ ସ୍ୱେଚ୍ଛାସେବୀମାନେ ଜାଣି ସ୍ଥାନୀୟ ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ଛତିଆ ବିଟ ହାଉସ ଅଧିକାରୀ ନାରାୟଣ ବେହେରାଙ୍କୁ ଜଣାଇଥିଲେ। ଫଳରେ ତୁରନ୍ତ ବିଟ୍ ହାଉସ ପୋଲିସ ପହଞ୍ଚି ସେମାନଙ୍କ ସମ୍ପର୍କରେ ବୁଝାଶୁଝା କରିଥିଲା। ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସ୍ୱେଚ୍ଛାସେବୀଙ୍କ ସହାୟତାରେ ସମସ୍ତଙ୍କୁ ଏକ ଗାଡ଼ି ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନର ସଭ୍ୟ ବିପିନ ବିଶାଳ, ଅମରେଶ ନନ୍ଦ ଓ କମଳା ସ୍ୱାଇଁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

## ଯୁକ୍ତ ୨ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା


ଛାତ୍ରୀ ନିବେଦିତା ଦଳାଇଙ୍କୁ କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା,୧୪।୬(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକରେ ଯୁକ୍ତ ୨ କଳା ପରୀକ୍ଷାରେ ଟପ୍ପର ହୋଇଥିବା ଜେନାପୁର ଜୁନିୟର କଲେଜର ଛାତ୍ରୀ ନିବେଦିତା ଦଳାଇଙ୍କୁ ମଙ୍ଗଳବାର କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେଶନ ପକ୍ଷରୁ ଅମୀୟ ପରିଡ଼ା ଓ ଚନ୍ଦ୍ରଶେଖର ସ୍ୱାଇଁ ଛାତ୍ରୀଙ୍କ ବ୍ରହ୍ମପୁର ଗ୍ରାମସ୍ଥିତ ତାଙ୍କ ଘରେ ପହଞ୍ଚି ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ନିବେଦିତା ଚଳିତ ଯୁକ୍ତ ୨ କଳା ପରୀକ୍ଷାରେ ସର୍ବାଧିକ ୫୨୭ ମାର୍କ ରଖି ବ୍ଲକରେ ଟପ୍ପର ହୋଇଥିଲେ।

## ପଞ୍ଚାୟତରେ ଭତ୍ତା ବଣ୍ଟନ ସ୍ଥିତି ପରଖିଲେ

**ଏସ୍‌ଏସ୍‌ଇପିଡି ବିଭାଗ ଅତିରିକ୍ତ ସଚିବଙ୍କ ରସୁଲପୁର ବ୍ଲକ୍ ଅଞ୍ଚଳ ଗସ୍ତ**

ରସୁଲପୁର,୧୪।୬(ରଞ୍ଜିତ ରାଉତ):

ଭତ୍ତା ବଣ୍ଟନର ବିଭିନ୍ନ ଦିଗକୁ ନେଇ ସରକାରଙ୍କ ଘନଘନ ନିଷ୍ପତ୍ତି ପରିବର୍ତ୍ତନ ଯୋଗୁ ହିତାଧିକାରୀଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ମଧୁବାବୁ ପେନସନ ଯୋଜନାରେ ସାମିଲ ହିତାଧିକାରୀଙ୍କ ଭତ୍ତା ଅର୍ଥକୁ ବ୍ୟାଙ୍କ ଜମାଖାତା ବଦଳରେ ହାତରେ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ତେଣୁ ଏହି ନିଷ୍ପତ୍ତି ତୃଣମୂଳସ୍ତରରେ ଠିକ୍‌ରେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ଦିଗକୁ ତଦାରଖ କରିବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ଇପିଡି) ବିଭାଗ ଅତିରିକ୍ତ ସଚିବ ଦିଲୀପ କୁମାର ରୟ ମଙ୍ଗଳବାର ରସୁଲପୁର ବ୍ଲକ ଅଞ୍ଚଳ ଗସ୍ତ କରିଛନ୍ତି। ସେ ଉକ୍ତ ବ୍ଲକର ନରସିଂହପୁର ପଞ୍ଚାୟତ ପରିଦର୍ଶନ କରି ଭତ୍ତା ବଣ୍ଟନ ସ୍ଥିତି ପରଖିଛନ୍ତି। ପଞ୍ଚାୟତରେ ଶତକଡା ୭୦ଭାଗ ହିତାଧିକାରୀ ଭତ୍ତା ଟଙ୍କା ପାଇ ସାରିଥିବା ଜାଣି ଖୁସିବ୍ୟକ୍ତ କରିଛନ୍ତି। ଏହାଛଡ଼ା ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ମଧୁବାବୁ ଭତ୍ତା ହିତାଧିକାରୀ ତାଲିକା ମଧ୍ୟରେ ସ୍ୱଚ୍ଛତା ରହିଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଛନ୍ତି। ଭତ୍ତା ବଣ୍ଟନକୁ ନେଇ ହିତାଧିକାରୀଙ୍କ କ'ଣ ସବୁ ସମସ୍ୟା ରହିଛି ଉପସ୍ଥିତ ହିତାଧିକାରୀଙ୍କଠାରୁ ଅବଗତ ହୋଇଛନ୍ତି। ହିତାଧିକାରୀଙ୍କୁ ପ୍ରତ୍ୟେକ ମାସର ୧୫ ତାରିଖ (ଜନସେବା ଦିବସ)ପୂର୍ବରୁ ଭତ୍ତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି। ବ୍ୟାଙ୍କ ଜରିଆରେ ପ୍ରଦାନ କରାଯାଉଥିବା ଅର୍ଥରେ ଉପୁଜୁଥିବା ସମସ୍ୟା, ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଭତ୍ତା ପାଉଣାଠାରୁ କମ୍ ମିଳିବା, ଭୁଲ୍ ଜମାଖାତାକୁ ଟଙ୍କା ଟ୍ରାନ୍ସଫର ହେବା ଓ ଏ ଦିଗରେ ବିଡିଓଙ୍କୁ ଅଧିକ କ୍ଷମତା ପ୍ରଦାନ କରିବା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ତାଙ୍କ ଗସ୍ତ ସମୟରେ ବିଡିଓ ଅବନିକାନ୍ତ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ନିର୍ବାହୀ ଅଧିକାରୀ ନିକୁଞ୍ଜ ରାଉତ ଓ ସରପଞ୍ଚ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସଚିବ ଧର୍ମଶାଳା ଓ ବଡ଼ଚଣା ବ୍ଲକର ଏକାଧିକ ପଞ୍ଚାୟତ ବୁଲି ଭତ୍ତା ବଣ୍ଟନ ସ୍ଥିତି ପରଖିଥିଲେ।


ପଞ୍ଚାୟତ କାର୍ଯ୍ୟାଳୟରେ ଅତିରିକ୍ତ ସଚିବ ଦିଲୀପ କୁମାର ରୟ ସମୀକ୍ଷା କରୁଛନ୍ତି।

# ଗଜା ମରୁଡ଼ି ଆଶଙ୍କା, ବିହନ ଚିନ୍ତାରେ ଚାଷୀ

**କେନ୍ଦ୍ରାପଡ଼ା,୧୪।୬(ଜଗନ୍ନାଥ ଧଳ)**

ବୁଧବାର ରଜପର୍ବ ଆରମ୍ଭ ହୋଇଛି। ଓଡ଼ିଶାକୁ ମୌସୁମୀ ପ୍ରବାହ ବିଳମ୍ବ ଯୋଗୁ କେନ୍ଦ୍ରାପଡ଼ା ଜିଲାର ଖରିଫ ଚାଷ ପାଇଁ ଆଶାନୁରୂପକ ବର୍ଷା ହୋଇନାହିଁ । ଆଗାମୀ ଦିନରେ ଲଗାତର ଭାବେ ବର୍ଷା ନ ହେଲେ ଖରିଫ ଚାଷ ପ୍ରଭାବିତ ହେବ। ଏହାଛଡା ଜିଲା କୃଷି ବିଭାଗ ପକ୍ଷରୁ ଉତ୍ପାଦନକ୍ଷମ ଓ ପାଣି ସହଣି କିସମର ଧାନ ବିହନ ଯୋଗାଣ ହୋଇ ପାରୁନାହିଁ। ଜିଲା ପାଇଁ ୧୫ ହଜାର କୁଇଣ୍ଟାଲ ବିହନ ଆବଶ୍ୟକତା ଥିବାବେଳେ ମାତ୍ର ୨ ହଜାର କୁଇଣ୍ଟାଲ ବିଭିନ୍ନ ସୋସାଇଟି ମାଧ୍ୟମରେ ବିକ୍ରୟ ହେଉଛି । ବିହନ ସମସ୍ୟା ସହିତ ଗଜା ମରୁଡ଼ିରୁ ଚାଷକୁ ବଞ୍ଚାଇବା ପାଇଁ କେନାଲରେ ଏବେଠାରୁ ପାଣି ଛାଡିବାକୁ ଚାଷୀମାନେ ଦାବି ଆରମ୍ଭ କରିଛନ୍ତି।

କୃଷକନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବ୍ଲକର ୧ଲକ୍ଷ ୫୨ ହଜାର ହେକ୍ଟର କ୍ଷେତରେ ଖରିଫ ଚାଷ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି । ପାରମ୍ପରିକ ବିହନ ବାଦ ପ୍ରାୟ ୧୫ ହଜାର କୁଇଣ୍ଟାଲ ବିହନ ଆବଶ୍ୟକ । ମାତ୍ର ଜିଲାକୁ ୨ ହଜାର କୁଇଣ୍ଟାଲ ବିହନ ଯୋଗାଣ ହୋଇଛି । ଅଧିକ ଅମଳକ୍ଷମ କନକ ପ୍ଲସ, ୧୦୭୫, ଧଳା ସ୍ୱର୍ଣ୍ଣ, ଶାରଳା, ସାଧନା ଖୁସିଆନି ଆଦି ବିହନ ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ । ସେହିପରି ଗତ ଅକ୍ଷୟତୃତୀୟାଠାରୁ କ୍ଷେତରେ ହଳ ବେଉଷଣ ଆରମ୍ଭ କରି ଚାଷୀ ରଜ ପୂର୍ବରୁ ପାଟ ବା ତଳୁଆ ଅଞ୍ଚଳ କ୍ଷେତରେ ପାରମ୍ପରିକ ବିହନ ବୁଣିଥିଲେ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଚାଷୀ କ୍ଷେତରେ ଧାନ ବୁଣିଥିଲେ ମଧ୍ୟ ପ୍ରବଳ ଖରା ଯୋଗୁ ଏହି ବିହନ ଗଜା ହେବା ସମ୍ଭାବନା କମିଛି । କୃଷକ ନେତା ବିଜୟ କୁମାର ପରିଡା କହିଛନ୍ତି, ଚଳିତବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଖରିଫ ଚାଷ ପ୍ରଭାବିତ ହେବା ଆଶଙ୍କା ଘନୀଭୂତ ହେବାରେ ଲାଗିଛି। ଗତ ମେ' ମାସ ଶେଷ ସପ୍ତାହରେ ଖରିଫ ଚାଷ ପାଇଁ କେତେକ ଚାଷୀ କ୍ଷେତକୁ ପାଣି ବୋହି ଧାନ ତଳି ପକାଇଥିଲେ । ଅଦ୍ୟାବଧି ବର୍ଷା ନ ଥିବାରୁ ତଳି ଜମି ଫାଟିଗଲାଣି । ନଦୀ ଓ କେନାଲ ବନ୍ଧ ନଷ୍ଟ ହୋଇଥିବା ସରକାରୀ ରିପୋର୍ଟ କହୁଛି । ଏସବୁର ମରାମତି ପାଇଁ ଜଳ ସମ୍ପଦ ବିଭାଗ ଆଗଭର ହେଉନାହିଁ। ବିହନ ଓ ସାର ସମସ୍ୟା ଏହି ଜିଲାରେ ଲାଗିରହିଛି ବୋଲି ସେ ମତ ଦେଇଛନ୍ତି । କେନ୍ଦ୍ରାପଡା ବ୍ଲକ ଦେପୁରା ଗ୍ରାମର ଜଣେ ଚାଷୀ କୁହନ୍ତି, ଉପର ଓ ତଳୁଆ ଅଞ୍ଚଳର ପ୍ରାୟ ୧୫ ଏକର ଜମିରେ ଖରିଫ ଚାଷ ପ୍ରତିବର୍ଷ କରିଥାନ୍ତି । ଚଳିତ ବର୍ଷ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା କେନାଲ ମରାମତି କାର୍ଯ୍ୟ ଅଦ୍ୟାବଧି ସରିନାହିଁ । ଏହାକୁ ଆଳ କରି କେନାଲକୁ ପାଣି ଛଡା ଯାଇନାହିଁ । ସେହିପରି ମୌସମୀ ବର୍ଷାକୁ ପୂର୍ବାନୁମାନ କରି ଚାଷୀ ପାଟ ଅଞ୍ଚଳରେ ରଜ ପୂର୍ବରୁ ବିହନ ବୁଣାବୁଣି ସାରିଛନ୍ତି । ବର୍ଷା ଓ କେନାଲ ପାଣି ଅଭାବରୁ ଏହା ନିଶ୍ଚିତ ଭାବେ ଗଜା ମରୁଡ଼ି ହେବ । ସେହିପରି ଧାନ ରୁଆ ପାଇଁ ଏବେ ତଳି ସମସ୍ୟା ଦେଖାଦେଇଛି । ବିହନ ଯୋଗାଣ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ ବଗଡା କୃଷି ସମବାୟ ସମିତି ସଭାପତି ଅକ୍ଷୟ କୁମାର ପାଣି କହିଛନ୍ତି, ଜିଲା କୃଷି ବିଭାଗ ପକ୍ଷରୁ ପାକ୍ସ ଓ ରିଟେଲ ପଏଣ୍ଟକୁ ଖରିଫ ବିହନ ଯୋଗାଣ ହୋଇଛି ବୋଲି କୁହାଯାଉଛି । ମାତ୍ର ଅଳ୍ପ କେତୋଟି କିସମ ବିହନ ବ୍ୟତୀତ ଅଧିକ ଅମଳକ୍ଷମ ବିହନ ଯୋଗାଣ ହୋଇନାହିଁ । ଫଳରେ ଚାଷୀ ବିହନ ପାଇଁ ବିକ୍ରୟ କେନ୍ଦ୍ରରୁ ବାରମ୍ବାର ଫେରୁଛନ୍ତି । ଜିଲା କୃଷି ଅଧିକାରୀ ହିମାଂଶୁ ମୋହନ ମିଶ୍ର କହିଛନ୍ତି, ବର୍ଷା ଆସିବାରେ ବିଳମ୍ବ ହୋଇଛି । ତେବେ ଚାଷ ପାଇଁ ଏହା ବାଧକ ହେବ ନାହିଁ । ବିହନ ଯୋଗାଣକୁ ତ୍ୱରାନ୍ୱିତ ପାଇଁ ବିଭିନ୍ନ ପ୍ରକ୍ରିୟାକରଣ କେନ୍ଦ୍ର ଓ ବିହନ ନିଗମ ସହିତ ଯୋଗାଯୋଗ ଚାଲିଛି ।


ବର୍ଷା ଅଭାବରୁ ଚାଷଜମି ଶୁଖିଲା ପଡ଼ିଛି।

- ୧୫ ହଜାରରୁ ଆସିଛି ୨ହଜାର କୁଇଣ୍ଟାଲ ବିହନ
- କେନାଲରେ ପାଣି ଛାଡ଼ିବା ପାଇଁ ଦାବି

## ସଂକ୍ଷେପରେ

### ବ୍ଲକ ପ୍ରଶାସନ ପକ୍ଷରୁ ଲୋକକଳା ଦିବସ, ରଜ ଉତ୍ସବ



**କୁଜଙ୍ଗ,୧୪।୬ (ମନୋଜ ପ୍ରଧାନ):** କୁଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଲୋକକଳା ଓ ରଜ ମହୋତ୍ସବ ଅନ୍ନପୂର୍ଣ୍ଣା ମିଶନ ଶକ୍ତି କାଫେଠାରେ ପାଳିତ ହୋଇଯାଇଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ବାଳିକା ଓ ମହିଳା ଯୋଗଦେଇ ରଜ ଦୋଳି ଖେଳି ମଜା ଉଠାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଝୋଟି ଓ ମୁରୁଜ, ପିଠା, ଘାଣ୍ଟ ତରକାରୀ, କାନ୍ଦଣା ବା ବାହୁନା, ମିଉଜିକ ଚେୟାର, ରଜ ଦୋଳି ଗୀତ, ଶଙ୍ଖ, ହୁଳହୁଳି, ପୁଚି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବକୁ ଜ୍ୟୋତି ଫେଡେରେଶନର ସଭାନେତ୍ରୀ ମନୋରମା ମହାପାତ୍ର, ମିଶନ ଶକ୍ତି ସଂଯୋଜିକା ଜୋତ୍ସ୍ନାରାଣୀ ମନ୍ତ୍ରୀ, ଜୀବିକା ମିଶନ ସଂଯୋଜକ ପ୍ରଶାନ୍ତ ଦାସ ପରିଚାଳନା କରିଥିଲେ। ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ନିନରାଣୀ ସାହୁ , ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ କଳା ସଂସ୍କୃତି ସଂଘର ଉପଦଭାନେତ୍ରୀ ଭାରତୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଯାଜପୁର ସହରରେ ୨ ଦିନ ବିଦ୍ୟୁତ୍ ସେବା ଠପ୍

**ଯାଜପୁର ଟାଉନ,୧୪।୬(ପ୍ରଯକ୍ତା ମହାନ୍ତି):** ଯାଜପୁର ଜିଲା ସଦର ମହକୁମାରେ ବିଦ୍ୟୁତ୍ ସେବା ୨ଦିନ ଧରି ଠପ୍ ହୋଇଯାଇଛି। ଫଳରେ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ବିଦ୍ୟୁତ୍ ବିଭାଗ ଦିନକୁ ୭ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍ କାଟ କରୁଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ଦିନ ସାରା ସହରରେ ୪ରୁ ୫ ଘଣ୍ଟା ବିଦ୍ୟୁତ୍ କାଟ୍ ହୋଇଥିଲା। ଏନ୍‌ସି କଲେଜ ନିକଟରେ ଥିବା ଷ୍ଟ୍ରକ୍ଚର୍‌ରୁ ଖରାପ ଥିବା ବିଭାଗ ପକ୍ଷରୁ କୁହାଯାଉଥିବାବେଳେ ବୁଧବାର ଅପରାହ୍ନ ୩ଟାରୁ ରାତି ୭ଟା୩୦ ପର୍ଯ୍ୟନ୍ତ ନଂ-୧ ଫିଡ଼ର୍‌ରେ ତ୍ରୁଟି ଥିବାରୁ ବିଦ୍ୟୁତ୍ କାଟ୍ କରାଯାଇଛି। ନଂ.-୧ ଫିଡର୍ ଅଧୀନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସୁନ୍ଦରାଇମୁହଁ ଏବଂ ପଣସା ପଞ୍ଚାୟତର ୭ହଜାର ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗୁଳୁଗୁଳି ସହ୍ୟ କରି ନ ପାରି ଲୋକେ ବୈତରଣୀ ନଦୀକୂଳରେ ବୁଲୁଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ ଦିନ ରାତି ମିଶି ପ୍ରାୟ ୭ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଭାଗୀୟ କର୍ମଚାରୀଙ୍କୁ ପଚାରିବାରେ ନଂ-୧ ଫିଡର୍ କେଉଁଠାରେ ତ୍ରୁଟି ରହିଛି ତାହା ଜଣା ପଡୁ ନ ଥିବାରୁ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି ବୋଲି ସୂଚନା ପ୍ରଦାନ କରିଥିଲେ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଭାଗର ନିର୍ବାହୀ ଯନ୍ତ୍ରୀ ଦୀପକ କୁମାର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

# ଶ୍ରୀରାମପୁରରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ


ମେଶିନ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ ଚାଲିଛି।

**କେନ୍ଦ୍ରାପଡ଼ା, ୧୪।୬ (ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ମା' ସିଦ୍ଧ ରାମଚଣ୍ଡୀ ପଡ଼ିଆରେ ସରକାରୀ ଜାଗା ଜବରଦଖଲ କରାଯାଇ ଗୃହ ନିର୍ମାଣ ହୋଇଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଜବରଦଖଲ ହଟାଇବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିଲା। ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ କୁମାର ସେଠୀ ଓ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପୋଲିସ ଫୋର୍ସ ସହ ୨ ଥର ଜବରଦଖଲ ଉଚ୍ଛେଦ ପାଇଁ ଯାଇ ବିଫଳ ହୋଇ ଫେରି ଆସିଥିଲେ। ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ଓ ଏସ୍‌ପି ମଡ଼କର ସନ୍ଦିତ ସମ୍ପଦଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ତହସିଲଦାର ସେଠୀ, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଗ୍ରାମାଞ୍ଚଳ ଥାନା ଅଧିକାରୀ ବିଶ୍ୱାଳ ପୋଲିସ ଫୋର୍ସ ଓ ଜେସିବି ମେଶିନ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସରକାରୀ ଜାଗାରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଘରଗୁଡ଼ିକ ଜେସିବି ସାହାଯ୍ୟରେ ଭାଙ୍ଗି ଦେବା ସହ ଜବରଦଖଲ ମୁକ୍ତ କରିଥିଲେ।

# ପୋତାଶ୍ରୟରେ ଖସି ଡିସିଆଇ ଅଧିକାରୀ ମୃତ

**ମରାମତି ବେଳେ ଅଘଟଣ**

**ପାରାଦୀପ,୧୪।୬ (ଶରତ କୁମାର ରାଉତ)**

ପାରାଦୀପ ବନ୍ଦର ପୋତାଶ୍ରୟରେ ବୁଧବାର ସକାଳେ ଡିସିଆଇ(ଡ୍ରେଜିଂ କର୍ପୋରେଶନ ଇଣ୍ଡିଆ) ଜାହାଜରେ ଅଘଟଣ ଘଟିଛି। ଡ୍ରେଜିଂ ଜାହାଜ ୧୭ର ସେକେଣ୍ଡ ଅଫିସର ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଆଉ ଜଣେ ସି ମ୍ୟାନ (ନାବିକ)ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା, ନରଶିପାଟଣା ଥାନା ଅନ୍ତର୍ଗତ ଭେଙ୍କୁନାଇପେଟା ୩୯/୧୧୧ପ୍ଲଟ ବାସିନ୍ଦା ୟାଲୋସେଟ୍ଟି ଅଶୋକ (୩୦)। ଡିସିଆଇ ଡ୍ରେଜିଂ ଜାହାଜ ପୋତାଶ୍ରୟରେ କିଛି କାମ କରୁଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହାକୁ ସଜାଡିବା ପାଇଁ ୱାଇ ଅଶୋକ ଓ ନାବିକ ତଳକୁ ଓହ୍ଲାଇବା ବେଳେ ପାଣିକୁ ଖସିପଡ଼ିଥିଲେ। ଅଶୋକ ସୁରକ୍ଷା ପୋଷାକ ପିନ୍ଧି ଥିବା ସତ୍ତ୍ୱେ ସେ ଲୁଣି ପାଣି ପିଇ ଯାଇଥିଲେ। ନାବିକ ବିନା ସୁରକ୍ଷା ପୋଷାକ ଯୋଗୁ ପହଁରି ଥିଲେ। ୨ଜଣଙ୍କୁ ଉଦ୍ଧାର କରି ତୁରନ୍ତ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଅଶୋକଙ୍କୁ ମୃତ ଘୋଷଣା କରିଥିଲେ। ଆହତ ନାବିକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଏହାକୁ ନେଇ ଜାହାଜ କ୍ୟାପଟେନ ମେରାଇନ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ (ନଂ.୪/୨୩)ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରି ଚିକିତ୍ସାଳୟରେ ସଂରକ୍ଷିତ ରଖାଯାଇଛି। ପରିବାର ଲୋକେ ପହଞ୍ଚିବା ପରେ ତାଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳ କହିଛନ୍ତି।

# ଯୁକ୍ତ ୨ କଳା ଜିଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା


ଜିଲା ଟପ୍ପର ଗାୟତ୍ରୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କେନ୍ଦ୍ରାପଡ଼ା,୧୪।୬ (ଜଗନ୍ନାଥ ଧଳ)**

ଚଳିତ ବର୍ଷ ଯୁକ୍ତ ୨ କଳାରେ କେନ୍ଦ୍ରାପଡ଼ା ଜିଲା ରାଜକନିକାର ଶୈଳେନ୍ଦ୍ର ନାରାୟଣ ଜୁନିୟର କଲେଜର ଛାତ୍ରୀ ଗାୟତ୍ରୀ ପାଣିଗ୍ରାହୀ ମୋଟ ୬୦୦ ରୁ ୫୨୮ନମ୍ବର ରଖି କୃତକାର୍ଯ୍ୟ ହୋଇ ସମଗ୍ର ଜିଲାରେ ଟପ୍ପର ହୋଇଥିଲେ। ତାଙ୍କୁ ନିଜ ଗ୍ରାମରେ ବରୁଣାଡ଼ିହା ବିଜୁ ଯୁବ ପରିବାର ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ସୂଚନାଯୋଗ୍ୟ ଗାୟତ୍ରୀ ରାଜକନିକା ଶୈଳେନ୍ଦ୍ର ନାରାୟଣ ଜୁନିୟର କଲେଜର ଛାତ୍ରୀ ତଥା ବରୁଣାଡ଼ିହା ଗ୍ରାମର ସୁଢ଼ଳେନ୍ଦ୍ର ପାଣିଗ୍ରାହୀ ଓ ଧିରାମଣି ପାଣିଗ୍ରାହୀଙ୍କ କନିଷ୍ଠା କନ୍ୟା । ତାଙ୍କର ଏହି କୃତିତ୍ୱ ପାଇଁ ବରୁଣାଡ଼ିହା ବିଜୁ ଜନତା ଦଳର ସଭାପତି ଆଶିକ କୁମାର ଧଳ, ସମ୍ପାଦକ ପରମାନନ୍ଦ ବେହେରା ଓ ବିଜୁ ଯୁବ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହି ଗାୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ୨୦୦୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



**କେନ୍ଦ୍ରାପଡ଼ା,୧୪।୬ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧୀନ କଣ୍ଡିଆହାଟ ବି.ପି. ହାଇସ୍କୁଲ ୨୦୦୧ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଗରିକା ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପଢ଼ିହାରୀ, ଅକ୍ଷୟ ମଳିକ, ବିଜୟ ବେହୁରା, ସଞ୍ଜୟ କୁମାର ମିଶ୍ର, ଧନେଶ୍ୱର ବଳ,ଭଗବାନ ନାୟକ, ଦଶରଥ ବିଶ୍ୱାଳ, ବ୍ରହ୍ମାନନ୍ଦ ସାମଲ ପ୍ରମୁଖ ପ୍ରାକ୍ତନ ଶିକ୍ଷକମାନେ ଯୋଗ ଦେଇ ପୂର୍ବରୁ ଗୁରୁ ଶିଷ୍ୟ ସମ୍ପର୍କ କିପରି ଥିଲା ସେ ସଂକ୍ରାନ୍ତରେ ବକ୍ତବ୍ୟ ରଖିଥିଲେ । ପୁରାତନ ଛାତ୍ରୀଛାତ୍ରମାନେ ଗୁରୁଙ୍କୁ ବନ୍ଦାପନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏହିଅବସରରେ ଛାତ୍ରୀଛାତ୍ରମାନେ ସ୍କୁଲ ଜୀବନର ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇପଡିଥିଲେ । ଉକ୍ତ ବ୍ୟାଚ୍‌ର ଛାତ୍ରୀଛାତ୍ର ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିବେ ବୋଲି କହିଥିଲେ । ନିହାର ରଞ୍ଜନ ସାମଲ, ସ୍ମରଣିକା ନାୟକ, ରଘୁନାଥ ପଣ୍ଡା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମସ୍ତ ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ।

# ୮୦ବର୍ଷୀୟା ଅସହାୟା ବୃଦ୍ଧାଙ୍କୁ ବଳାତ୍କାର

**ରାଜନଗର,୧୪।୬(ଭାସ୍କର ରାଉରାୟ)**

ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ବଳାତ୍କାର କରିଥିବା ଯୁବକ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଛାଡି ପଳାଇବା ପରେ ଏହି ଘଟଣା ସାମ୍ନାକୁ ଆସିଛି । ଏହି ଘଟଣା ବୁଧବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାଠାରୁ ମାତ୍ର ୩ଶହ ମିଟର ଦୂରରେ ଘଟିଛି। ପରିସ୍ଥିତି ଏପରି ହୋଇଛି ଯେ, ସମ୍ପୃକ୍ତା ବୃଦ୍ଧା ଠିକ୍ ସେ ଚାଲି ପାରୁନାହାଁନ୍ତି କି କଥା କହି ପାରୁନାହାଁନ୍ତି। ପୀଡ଼ିତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିବା ସହ ସିସିଟିଭିକୁ ଯାଞ୍ଚ କରି ତନାଘନା ଚଳାଇଛି । ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ନିକଟ କହୁଣିଆ ଛକରେ ବୁଧବାର ସକାଳେ ଜଣେ ୮୦ ବର୍ଷୀୟା ବିଧବା ବୃଦ୍ଧା ତାଙ୍କ ଝିଅ ଘରକୁ ଯିବା ପାଇଁ ଗାଡ଼ିକୁ ଅପେକ୍ଷା କରିଥିଲେ। ସେଠାରେ ଜଣେ ଯୁବକ ମୋଟର ସାଇକେଲ ଅଟକାଇ ବୃଦ୍ଧାଙ୍କୁ ଗୋପାଳପୁର ଛକରେ ଛାଡିଦେବି ବୋଲି କହିଥିଲେ। ଯୁବକଜଣକ ବୃଦ୍ଧାଙ୍କୁ ଲିଫ୍ଟ ଦେବା ବାହାନାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ମାତ୍ର ୩ଶହ ମିଟର ଦୂର ମଦନପୁର କଟ୍ ମଧ୍ୟକୁ ନେଇଯାଇଥିଲେ। ମଦନପୁର କଟ୍ ମଧ୍ୟରେ ଥିବା ଝଙ୍କାଳିଆ ତାଳଗଛ ନିକଟରେ ଯୁବକଜଣଙ୍କ ଅତି ନିର୍ମମ ଭାବେ ତାଙ୍କୁ ବଳାତ୍କାର କରିଥିଲେ। ବୃଦ୍ଧା ଜଣଙ୍କ ନେହୁରା ହୋଇଥିଲେ ବି ଯୁବକ ତାଙ୍କୁ ଛାଡ଼ି ନ ଥିଲେ । ଏହି ଘଟଣା ପରେ ବୃଦ୍ଧାଙ୍କ ରକ୍ତସ୍ରାବ ହେବାସହ ସେ ଚେତାଶୂନ୍ୟ ହୋଇପଡିଥିଲେ । ଚେତା ଫେରିବା ପରେ ବୃଦ୍ଧା ଜଣଙ୍କ ସ୍ଥାନୀୟ ଲୋକଙ୍କୁ ଏ ସଂକ୍ରାନ୍ତରେ କହିଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୃଦ୍ଧାଙ୍କ ଚିକିତ୍ସା ଜାରି ରହିଛି। ଏହି ଘଟଣା ପରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଭାରପ୍ରାପ୍ତ ଆଇଆଇସି ଅନ୍ତର୍ଯ୍ୟାମୀ ବିଶ୍ୱାଳ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବୃଦ୍ଧାଙ୍କ ବୟାନ ରେକର୍ଡ କରିଛନ୍ତି। ବୃଦ୍ଧାଙ୍କଠାରୁ ବୟାନ ରେକର୍ଡ ପରେ ଅଭିଯୁକ୍ତ ଯୁବକଙ୍କ ନିକଟରେ ପହଞ୍ଚିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଖୁବ୍‌ଶୀଘ୍ର ଦୋଷୀକୁ ଧରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ବେହୁରିଆ ସୂଚନା ଦେଇଛନ୍ତି।

# ଅସହାୟ ଅବସ୍ଥାରେ ୩ ପିଲାଙ୍କ ସହ ମା' ଉଦ୍ଧାର

**ଛତିଆ,୧୪।୬(ସୌମ୍ୟରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ହାଇସ୍କୁଲ୍ ପରିସରରୁ ମଙ୍ଗଳବାର ରାତିରେ ଜଣେ ଅସହାୟ ମହିଳା ଓ ତାଙ୍କ ୩ ଛୋଟ ପିଲାଙ୍କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ିଛନ୍ତି। ମହିଳା ଜଣକ ତାଙ୍କ ଛୁଆଙ୍କ ସହ ଅସହାୟ ଅବସ୍ଥାରେ ସ୍କୁଲ ସମ୍ମୁଖରେ ଶୋଇ ରହିଥିଲେ। ଏବିଷୟରେ ସ୍ୱେଚ୍ଛାସେବୀମାନେ ଜାଣି ସ୍ଥାନୀୟ ସରପଞ୍ଚଙ୍କୁ ଖବର ଦେଇଥିଲେ। ସରପଞ୍ଚ ଛତିଆ ବିଟ ହାଉସ ଅଧିକାରୀ ନାରାୟଣ ବେହେରାଙ୍କୁ ଜଣାଇଥିଲେ। ଫଳରେ ତୁରନ୍ତ ବିଟ୍ ହାଉସ ପୋଲିସ ପହଞ୍ଚି ସେମାନଙ୍କ ସମ୍ପର୍କରେ ବୁଝାଶୁଝା କରିଥିଲା। ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସ୍ୱେଚ୍ଛାସେବୀଙ୍କ ସହାୟତାରେ ସମସ୍ତଙ୍କୁ ଏକ ଗାଡ଼ି ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନର ସଭ୍ୟ ବିପିନ ବିଶାଳ, ଅମରେଶ ନନ୍ଦ ଓ କମଳା ସ୍ୱାଇଁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।


କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଛୁଆଳିଆ ପୀଠରେ ବିଷ୍ଣୁ ପ୍ରସାଦ ହାଇସ୍କୁଲ, ଅନ୍ଧୁଳିର ୧୯୮୯ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ।

# ଅନାଥ କନ୍ୟାଙ୍କ ହାତ ଧରିଲେ ହିମାଂଶୁ

**ମହାକାଳପଡ଼ା, ୧୪।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

- ଶୀତଳା ଚଣ୍ଡୀଙ୍କ ପୀଠରେ ପଡ଼ିଲା ହାତଗଣ୍ଠି
- କେବଳ ଦେବୀଙ୍କ ଭୋଗରେ ସନ୍ତୁଷ୍ଟ ହେଲେ ବରଯାତ୍ରୀ
- ଗ୍ରାମବାସୀଙ୍କ ସହଯୋଗରେ ସରିଲା ବାହାଘର

ପିଲାଟି ଦିନରୁ ମା'ବାପାଙ୍କୁ ହରାଇବା ପରେ ମାମୁଘରେ ଆଶ୍ରୟ ନେଇଥିବା ଜଣେ ଯୁବତୀଙ୍କ ବିବାହ ସୋମବାର ଶେଷ ହୋଇଛି । ଗ୍ରାମ ଦେବତୀ ମା'ଶୀତଳା ଚଣ୍ଡୀଙ୍କ ପୀଠରେ ହାତଗଣ୍ଠି ପଡ଼ିଛି । କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ପୂର୍ବ ସୁନିତି ଗ୍ରାମରେ ହୋଇଥିବା ଏହି ବିବାହ ଉତ୍ସବକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ସୂଚନା ଅନୁଯାୟୀ, ପୂର୍ବ ସୁନିତି ଗ୍ରାମର ପ୍ରତିମା କର ବତୀଘର ପଞ୍ଚାୟତରେ ବିବାହ କରିଥିଲେ। ପରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ । ହେଲେ ଶାଶୁ ଘର ଲୋକଙ୍କ ନିର୍ଯାତନା ସହି ନ ପାରି ନିଜର ୬ମାସର ଝିଅ ପୂଜାକୁ ଧରି ବାପଘରକୁ ଚାଲି ଆସିଥିଲେ। ପୂଜାକୁ ବାପା ଘରେ ଛାଡ଼ି ସେ ପାରାଦୀପକୁ କାମ କରିବାକୁ ଚାଲିଯାଇଥିଲେ । ସେଠାରେ ପ୍ରତିମାଙ୍କ ସହ ଉତ୍ତର ପ୍ରଦେଶର ଜଣେ ଯୁବକଙ୍କ ସମ୍ପର୍କ ଗଢ଼ି ଉଠିଥିଲା । ସେ ତାଙ୍କୁ ବିବାହ କରି ଉତ୍ତର ପ୍ରଦେଶ ଚାଲିଯାଇଥିଲେ। ଏହାର କିଛିବର୍ଷ ପରେ କୌଣସି କାରଣରୁ ପ୍ରତିମାଙ୍କ ପରଲୋକ ଘଟିଥିଲା । ଏଣେ ପୂଜା ମାମୁ ଗୁରୁପଦ ଦାସଙ୍କ ତେଲଲୁଣର ସଂସାର ଭିତରେ ବଡ଼ ହେବାକୁ ଲାଗିଥିଲେ। ପୂଜାଙ୍କ ବୟସ ହେବା ପରେ ତାଙ୍କ ବିବାହ ଚିନ୍ତା ମାମୁ ଗୁରୁପଦଙ୍କୁ ଘାରିଥିଲା । ଏ କଥା ସେ ଗାଁ ମୁରବିଙ୍କୁ କହିଥିଲେ । ଶେଷରେ ଗ୍ରାମର ମୁରବି ଓ ଯୁବକମାନଙ୍କ ସହଯୋଗରେ ପୂଜାଙ୍କ ବିବାହ ପାଇଁ ପାତ୍ର ଦେଖିବା ଆରମ୍ଭ ହୋଇଥିଲା । ସୁନିତି ଗ୍ରାମ ଆଦତ ଛକ ନିକଟ ହିମାଂଶୁ ଆଦକ(୨୫)ଙ୍କ ସହିତ ପୂଜା(୧୯)ଙ୍କ ବିବାହ ପାଇଁ ପ୍ରସ୍ତାବ ପଡିଥିଲା । ବରପକ୍ଷ ବି ବିନା ଜାନିଯୌତୁକ ଓ ଭୋଜିଭାତରେ ବିବାହ ପାଇଁ ରାଜି ହୋଇଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଶୀତଳା ଚଣ୍ଡୀଙ୍କ ପୀଠରେ ଗତ ସୋମବାର ବିବାହ ସମ୍ପନ୍ନ ହୋଇଥିଲା । ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନି ଓ ଗାଁ ମହିଳାଙ୍କ ମଙ୍ଗଳ ହୁଳହୁଳିରେ ପୂଜାଙ୍କ ସହିତ ହିମାଂଶୁଙ୍କ ହାତଗଣ୍ଠି ପଡିଥିଲା । ବରଯାତ୍ରୀମାନେ ମା'ଙ୍କ ପ୍ରସାଦ ମିଷ୍ଟାନ ଖାଇ ଆତ୍ମତୃପ୍ତିରେ ଫେରିଥିଲେ । ଏହି ବିବାହ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଭଗବତୀ ମଣ୍ଡଳ , ଜିଲାପରିଷଦ ସଦସ୍ୟ ଅପୁ ପରିଡ଼ା , ପ୍ରାକ୍ତନ ସରପଞ୍ଚ ମନୋଜ ପାତ୍ର , ପ୍ରଦୀପ ପ୍ରଧାନ , ରାଜୀବ ଲୋଚନ ମାଇତି , ଜଗନ୍ନାଥ ସାମନ୍ତ , ବିଜୟ ସି , ସାମାଜିକ କର୍ମୀ, ବୁଦ୍ଧିଜୀବୀଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ।


ବିବାହ ବନ୍ଧନରେ ପୂଜା ସହିତ ହିମାଂଶୁ।

## ସଂକ୍ଷେପରେ

### ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ

**ଖଣ୍ଡପଡା,୧୪।୬ (ଅଜୟ କୁମାର ମହାରଣା) :** ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ଗ୍ରାମ ନେଳିଆ ଛକ ବାସିନ୍ଦା ହରେକୃଷ୍ଣ ସାଥୁଆ(୯୨)ଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ସାଥୁଆ ଜଣେ ପରୋପକାରୀ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ ।

### ସିପିଏମ୍ ନେତା ରବୀନ୍ଦ୍ରନାଥ ସାହୁଙ୍କ ପରଲୋକ

**ରଣପୁର,୧୪।୬ (ସୁକାନ୍ତ ଡାକୁଆ):** ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନ ରାଜସୁନାଖଳା ଅଞ୍ଚଳର ସିପିଏମ୍ ନେତା ତଥା ସୁନାଖଳା ବଣିକ ସଂଘର ପୂର୍ବତନ ସଭାପତି ରବୀନ୍ଦ୍ରନାଥ ସାହୁଙ୍କ ମଙ୍ଗଳବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ପ୍ରଗତିଶୀଳ ବ୍ୟକ୍ତି ଥିଲେ। ସେ ରାଜସୁନାଖଳା ସମବାୟ ସମିତିର ପୂର୍ବତନ ସଭାପତି ଥିବା ସହ ବହୁଥର ୱାର୍ଡସଭ୍ୟ ଭାବେ ନିର୍ବାଚତ ହେଉଥିଲେ। ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ଓ ସାମାଜିକ ବିକାଶ କ୍ଷେତ୍ରରେ ତାଙ୍କ ଭୂମିକା ଥିଲା। ତାଙ୍କ ପରଲୋକ ଖବର ଜଣାପଡିବା ପରେ ରଣପୁର ସିପିଏମ୍ ଆଞ୍ଚଳିକ ସମ୍ପାଦକ ସୁରେଶ ସ୍ୱାଇଁ, ସବ୍ୟସାଚୀ ସେନାପତି, ସଂଯୁକ୍ତା ସେଠୀ, ଅନାମ ଦାସ ଓ ମଦନ ସାହୁ ପ୍ରମୁଖ ଶେଷ ଦର୍ଶନ କରିବା ସହିତ ତାଙ୍କ ଶବଧାର ଉପରେ ପୁଷ୍ପମାଲ୍ୟ ଓ ଦଳର ଲାଲ ଝଣ୍ଡା ଦେଇ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ବିଶିଷ୍ଟ ଶିଳ୍ପପତି ଶିଶିର ସାହୁ, ବଣିକ ସଂଘର ସଭାପତି ଶିଶିର ସାହୁ, ସାମାଜିକ କର୍ମୀ ଶାନ୍ତନୁ ସାହୁ ପ୍ରମୁଖ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ଶୋକବ୍ୟକ୍ତ କରିଛନ୍ତି ।

### ଗୁଳି ମାଡ଼ରେ ଯୁବକ ଗୁରୁତର

**ଫୁଲବାଣୀ,୧୪।୬ (ରାକେଶ ରାଉତ):** ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଡାକପାଲା ଅଞ୍ଚଳରେ ବୁଧବାରଗୁଳିମାଡରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଅଜିତ ପ୍ରଧାନ। ଅଜିତ ରାତି ପ୍ରାୟ ୯ଟାରେ ନିଜ ଘରକୁ ଫେରୁଥିବା ବେଳେ ଘରଠାରୁ ପ୍ରାୟ ଶହେ ମିଟର ଦୂରରେ ତାଙ୍କ ଉପରକୁ ଗୁଳିମାଡ ହୋଇଥିଲା। ଦୁଇଟି ଗୁଳି ତାଙ୍କ ଛାତିରେ ବାଜିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଜିତଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ପୂର୍ବ ଶତ୍ରୁତାକୁ ନେଇ ଅଜିତଙ୍କୁ ଗୁଳିମାଡ଼ ହୋଇଛି। ଏ ନେଇ ଟାଉନ ଥାନାରେ ଅଜିତଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୧୫୪/୨୩ରେ ମାମଲା ରୁଜୁ କରିଛି। ଗୁଳି ମାଡ଼ କରିଥିବା ଯୁବକ ଫେରାର ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ରୂପକ କୁମାର ଦଳେଇ ସୂଚନା ଦେଇଛନ୍ତି।

### ଲମ୍ବଡାଙ୍ଗ ଜଙ୍ଗଲରୁ ଶାଳପଟା ଜବତ

**ମୋହନା,୧୪।୬(ମନ୍ମଥ ମିଶ୍ର):** ମୋହନା ବନବିଭାଗ କାର୍ଯ୍ୟାଳୟ ପକ୍ଷରୁ ନଳାଘାଟ ଫରେଷ୍ଟର ଲକ୍ଷ୍ମୀକାନ୍ତ ପାତ୍ର ଓ ମୋହନା ଫରେଷ୍ଟର ଦେବାଶିଷ ଶତପଥୀ ଏବଂ ଟିମ୍ ଅଡବା ଥାନା ଅନ୍ତର୍ଗତ ଲମ୍ବଡ଼ାଙ୍ଗ ଜଙ୍ଗଲ ନିକଟରୁ ୧୬ଟି ଶାଳପଟା ଜବତ କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧୦ହଜାର ହେବ ବୋଲି ଅନୁମାନ କରାଯାଉଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବନ ବିଭାଗ ଅଧିକାରିଣୀ କଳ୍ପନା ନାୟକ କହିଛନ୍ତି।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ପାତ୍ରପୁର,୧୪।୬ (ଉମା ଚରଣ ନେପାକ) :** ଜରଡ଼ା ଥାନା ସାମନ୍ତିଆପଲ୍ଲୀ ଛକ ନିକଟରେ ବୁଧବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବି. ନୂଆଁଗାଁ ଗ୍ରାମର ରୋହିତ ବେହେରା। ମିଳିଥିବା ଖବର ଅନୁସାରେ, ଛକ ନିକଟରେ ଠିଆ ହୋଇଥିବା ଏକ ଟ୍ରାକ୍ଟରର ପଛ ପଟରୁ ଯୁବକ ଜଣକ ବାଇକରେ ଆସି ପିଟି ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ଘେରିଲା ଭାଜପା

**ନୟାଗଡ଼,୧୪।୬(ଲୋକନାଥ ମିଶ୍ର)**



ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଅଘୋଷିତ ବିଦ୍ୟୁତ୍ କାଟ, ବିଜୁଳି ବିଭାଗର ବିଫଳତା ଓ ରାଜ୍ୟ ସରକାରଙ୍କର ଟାଟା ପାୱାର କମ୍ପାନୀ ପ୍ରୀତି ପ୍ରତିବାଦରେ ଭାଜପା ପକ୍ଷରୁ ନୟାଗଡ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ କରାଯାଇଛି । ସାମାନ୍ୟ ବର୍ଷା ପବନ ହେଲେ ଅଥବା ବର୍ଷା ପବନର ଆଭାସ ମିଳିଲେ ନୟାଗଡ ସହର ସମେତ ଜିଲାରେ ବିଦ୍ୟୁତ୍ କାଟ ହେଉଛି । ତେବେ ସରକାର ଓ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ କାଟକୁ ସ୍ୱୀକାର ନକରି ବିଦ୍ୟୁତ୍ ଟ୍ରିପ କରୁଛି କହି ଖସି ଯାଉଛନ୍ତି ବୋଲି ଅଭିଯୋଗ ଉଠିଛି । ନୟାଗଡ ନିର୍ବାଚନମଣ୍ଡଳୀର ନେତ୍ରୀ ଇରାନୀ ରାୟଙ୍କ ନେତୃତ୍ୱରେ ଟିପିସିଓଡିଏଲର ନୟାଗଡ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ନାରାବାଜି କରାଯାଇଥିଲା । ଭାଜପାର ଆନ୍ଦୋଳନ ସମୟରେ ଡିଭଜନ କାର୍ଯ୍ୟାଳୟ ବନ୍ଦ ଥିବାରୁ ଚାପା ଉତ୍ତେଜନା ଦେଖା ଦେଇଥିଲା । ଅପରପକ୍ଷେ ବିକ୍ଷୋଭ ପୂର୍ବରୁ ଭାଜପା ନେତା, କର୍ମୀ ଓ ନେତା ଏକ ବାଇକ ଶୋଭାଯାତ୍ରାରେ ନୟାଗଡ ସହର ପରିକ୍ରମା କରି ନୟାଗଡ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ । ଏନେଇ ଭାଜପା ନେତା ପ୍ରଭାତ ଷଡଙ୍ଗୀ କୁହନ୍ତି ୧୪ ଓ ୧୫ ତାରିଖ ରାଜ୍ୟର ସବୁ ଜିଲାରେ ଆନ୍ଦୋଳନ ହେବବୋଲି ଭାଜପା ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଛି । ତେବେ ରଜ ଛୁଟି ଦର୍ଶାଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଭାଜପାର ଆନ୍ଦୋଳନକୁ ଅଣଦେଖା କରାଗଲା । ଭାଜପା ନେତ୍ରୀ ଇରାନୀ ରୟ କହିଥିଲେ ନୟାଗଡରେ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋଭୋଲଟେଜ ଯୋଗୁ ଗ୍ରହକ ହଟହଟା ହେଉଛନ୍ତି । ନିଆଁ ବର୍ଷା ସମୟରେ ବିଦ୍ୟୁତ୍ ବିଭାଗ ହଇରାଣ କରିବା ଯୋଗୁ ଗ୍ରହକ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଏଣୁ ଅଘୋଷିତ ବିଦ୍ୟୁତ୍ କାଟ ଯମ ଯନ୍ତ୍ରଣା ଠାରୁ କମ ନୁହେଁ । ସେହିପରି ଓଇଆରସିର ନିୟମକୁ ଉଲ୍ଲଘଂନ କଲେ ବିଜୁଳି ଉପଭୋକ୍ତାଙ୍କ ଠାରୁ ବେଆଇନ ଭାବେ ଆଦାୟ କରାଯାଇଥିବା ୨୭୨୭ କୋଟି ଟଙ୍କା କେବେ ଫେରାଇବେ ବୋଲି ପ୍ରଶ୍ନ କରିଥିଲେ ।

# ୧୪ ଫୁଟିଆ ଅହିରାଜ ଉଦ୍ଧାର

**ଓଡ଼ଗାଁ,୧୪।୬ (ଆଦର୍ଶ କୁମାର ପଟ୍ଟନାୟକ)**



ଉଦ୍ଧାର ହୋଇଥିବା ଅହିରାଜ ।

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଅଧୀନ ଗୌଡ଼ପୁଟ ପଞ୍ଚାୟତ ନୂଆ ବନ୍ଧସାହି ଗ୍ରାମରୁ ଏକ ଅହିରାଜ ଉଦ୍ଧାର ହୋଇଛି । ବୁଧବାର ସକାଳ ୬ ଘଟିକା ସମୟରେ ନୂଆବନ୍ଧସାହି ଗ୍ରାମର ଧ୍ରୁବ ଚରଣ ଗୁରୁଙ୍କ ଘର ମଧ୍ୟରେ ସାପଟି ଥିବାବେଳେ ଏହାକୁ ଏକ ୪ ବର୍ଷର ବାଳକ ଦେଖି ସାପ ସାପ କହି ଚିତ୍କାର କରିଥିଲା । ବାଳକଟିର ପାଟି ଶୁଣି ଧ୍ରୁବ ଚରଣ ପହଞ୍ଚିଥିଲେ। ସାପ ଥିବା ଜାଣିପାରି ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ବନ୍ୟଜନ୍ତୁ ଜୀବନ ସୁରକ୍ଷାର ସଦସ୍ୟଙ୍କୁ ଯୋଗାଯୋଗା କରାଯାଇଥିଲା। ଖବର ପାଇ ବନ୍ୟଜନ୍ତୁ ଜୀବନ ସୁରକ୍ଷାର ସଦସ୍ୟ ଜଗନ୍ନାଥ ସାହୁ ଓ ସହଯୋଗୀ ଦୀପକ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଛନ୍ତି। ସାପଟିର ଲମ୍ବ ୧୪ ଫୁଟ ହୋଇଥିବାବେଳେ ଓଜନ ୧୦ କିଲୋରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏହି ଅଞ୍ଚଳ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ହୋଇଥିବାରୁ ବିଭିନ୍ନ ସମୟରେ ସାପ ବାହାରୁଥିବାର ନଜିର ରହିଛି। ଉଦ୍ଧାର ଅହିରାଜ ସାପଟିକୁ ନିକଟସ୍ଥ ଗୟଳ ସିଂ ଜଙ୍ଗଲ ପାଦଦେଶରେ ପ୍ରାକୃତିକ ଆଶ୍ରୟସ୍ଥଳୀ ମଧ୍ୟରେ ଛଡା ଯାଇଛି ।

# ନଛିପୁରରେ ରଜ ମହୋତ୍ସବ ଉଦ୍‌ଘାଟିତ

**ନୟାଗଡ଼,୧୪।୬(ଲୋକନାଥ ମିଶ୍ର):** ନୟାଗଡ ବ୍ଲକ ଇକିରି ପଞ୍ଚାୟତ ନଛିପୁର ଗାଁରେ ରଜ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଛି। ଏଥିରେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଇକରି ପଞ୍ଚାୟତର ବାସିନ୍ଦା ଓ ଆଲୋକ ଜ୍ୟୋତି ୟୁଥ୍ କ୍ଲବ ପକ୍ଷରୁ ବୁଧବାର ଝୋଟି, ପାନଭଙ୍ଗା, ଲେମନ ସ୍ପୁନ, ମ୍ୟୁଜିକ

**ମାଠିଆଭଙ୍ଗା ପ୍ରତିଯୋଗିତା ମନ ମୋହିଲା**

ଚେୟାର, ହୁଳହୁଳି, କାନ୍ଦଣା ହୋଇଥିଲା । ସେହିପରି ନୟାଗଡ଼ ଜିଲା ଉପରେ କୁଇଜ ପ୍ରତିଯୋଗିତା ହୋଇଥିଲା । ଅନ୍ୟପକ୍ଷେ ମାଠିଆ ଭଙ୍ଗା ପ୍ରତିଯୋଗିତା ଅନୁରୂପ ଚିତାକର୍ଷକ ଥିଲା । ଅପରପକ୍ଷେ ପ୍ରତି ବର୍ଷ ପରି ଚଳିତ ବର୍ଷ କଳା ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପଞ୍ଚାୟତର ୩ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯିବ । ଏଣୁ କାହାକୁ ସମ୍ମାନିତ କରାଯିବ ସେନେଇ ପ୍ରୟାସ ଆରମ୍ଭ ହୋଇଛି । ଅନ୍ୟପକ୍ଷେ ବିରୁଡା ପଞ୍ଚାୟତର ଲଟାଚଣ୍ଡିଠାରେ ରଜ ଉତ୍ସବ ଆରମ୍ଭ ହୋଇଛି । ଏଠାରେ ନୟାଗଡ ବିଧାୟକ ଯୋଗ ଦେଇଥିଲେ। ଏଠାରେ ୪ଦିନ ଧରି ହୋମ, ଯଜ୍ଞ ଓ ସାଂସ୍କୃତିକ ଆସର ଲାଗି ରହିବ ।

# ନାଚି ଗାଇଲେ, ଖାଇଲେ ଖୁଆଇଲେ

**ରଜର ମଜା ନେଲେ ମହିଳା**

**ନୟାଗଡ଼,୧୪।୬(ଲୋକନାଥ ମିଶ୍ର):** ନୟାଗଡ ବିଜେଡି କାର୍ଯ୍ୟାଳୟରେ ରଜ ଅବସରରେ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇ ନାଚି, ଗାଇ ମଜା ନେଲେ। ଏପରିକି ରଜ ପାନ ନିଜେ ଖାଇ ଅନ୍ୟକୁ ଖୁଆଇଥିଲେ। ଭୋଜିଭାତରେ ଆପ୍ୟାୟିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନୟାଗଡ ମ୍ୟୁନିସିପାଲିଟିର ମହିଳା କାଉନସିଲର, ନୟାଗଡ ବ୍ଲକର ମହିଳା ସରପଞ୍ଚ ଓ ସମିତି ସଭ୍ୟ ଭାଗ ନେଇଥିଲେ। ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗ ଦେଇ ପର୍ବର ମଜା ଉଠାଇଥିଲେ ।

# ରଜ ପାଇଁ ବଳାଙ୍ଗୀ ପାର୍କ ୪ଦିନ ଖୋଲିଲା

**ନୟାଗଡ଼,୧୪।୬ (ଲୋକନାଥ ମିଶ୍ର):** ରଜ ଅବସରରେ ବୁଧବାର ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ୪ଦିନ ପାଇଁ ନୟାଗଡ଼ ସହରର ଖଣ୍ଡପଡା ରୋଡରେ ଥିବା ବଳାଙ୍ଗୀ ପାର୍କ ଖୋଲା ରହିବ ବୋଲି ନୟାଗଡ ମ୍ୟୁନିସିପାଲିଟି ଅଧକ୍ଷା ନିରୁପମା ଖଟେଇ ସୂଚନା ଦେଇଛନ୍ତି । ପ୍ରତ୍ୟହ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାର୍କ ଖୋଲିବ କୁହାଯାଇଛି । ତେବେ ପଥମ ଦିବସରେ ପାର୍କ ସାଢ଼େ ୪ଟାରେ ଖୋଲି ସାଢ଼େ ୬ଟାରେ ବନ୍ଦ ହୋଇ ଯାଇଛି । ଅନ୍ୟପକ୍ଷେ ୧୧ ତାରିଖ ୧୧ଟାରୁ ଅପରହ୍ନ ୨ଟା ପର୍ଯ୍ୟନ୍ତ ପାର୍କ ଖୋଲା ରହିବ । ଏହି ଦିବସରେ ମା'ବନଦୁର୍ଗାଙ୍କ ମନ୍ଦିର ରତ୍ନମୁଦ କରାଯିବ।

# ଟନେଲ୍ କାମ ବନ୍ଦ କଲେ ଛେଳିଗଡ଼ ବିସ୍ଥାପିତ ପରିବାର

## ଥାନାରେ ଅଭିଯୋଗ କଲେ ପ୍ରକଳ୍ପ ଅଧିକାରୀ

**ଆର.ଉଦୟଗିରି,୧୪।୬(ମନୋଜ ପାଢ଼ୀ)**

ଆର.ଉଦୟଗିରି ବ୍ଲକ ଛେଳିଗଡ଼ ଜଳସେଚନ ପ୍ରକଳ୍ପରେ ବିସ୍ଥାପିତ ପରିବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଭେଟି ୨୦ଟି ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଇତିମଧ୍ୟରେ ୨୪ଘଣ୍ଟା ନ ବିତିଣୁ ମଙ୍ଗଳବାର ସେମାନେ ଟନେଲ କାମ ବନ୍ଦ କରିଥିଲେ। ତିତାଗାଁ, ସୁଗୁବା ଏବଂ ଆଉ କିଛି ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ଏ ନେଇ ଅଧୀକ୍ଷଣ ଯନ୍ତ୍ରୀ ବୀରେନ୍ଦ୍ର କୁମାର ଜଗତ ଓ ସହକାରୀ ଯନ୍ତ୍ରୀ ଆଦିକନ୍ଦ ନାୟକ ଆର.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଥାନା ପରିସରରେ ବିସ୍ଥାପିତ ପରିବାରଙ୍କ ସହ ଥାନା ଅଧିକାରୀଙ୍କ ଆଲୋଚନା ହୋଇଥିଲା। ସେମାନେ ୨୦ଟି ଦାବି ପୁନର୍ବାର ଉପସ୍ଥାପନ କରିଥିଲେ। ସେମାନଙ୍କର ଦାବି ଅନୁଯାୟୀ ୨୦୨୨ ଜାନୁୟାରୀ ୧ ତାରିଖ ସୁଦ୍ଧା ୧୮ ବର୍ଷରେ ପହଞ୍ଚିଥିବା ସମସ୍ତ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଡିପି ଭାବେ ଗଣନା କରାଯିବା ସକାଶେ ନିବେଦନ କରାଯାଇଛି। ତେବେ କାମରେ ଆଉ ବାଧା ସୃଷ୍ଟି ନ କରିବାକୁ ଥାନାଧିକାରୀ ସେମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଥ୍ରୀ-ଡି ସ୍କାନରରେ କ୍ରାଇମବ୍ରାଞ୍ଚ ବୈଷୟିକ ଟିମ୍‌ର ଯାଞ୍ଚ

**ନବୋଦୟ ଛାତ୍ରୀ ମୃତ୍ୟୁ ଘଟଣା**

**ପାରଳାଖେମୁଣ୍ଡି,୧୪।୬(ଗିରିଧାରୀ ପରିଚ୍ଛା):**



ଥ୍ରୀ-ଡି ସ୍କାନର ସହଯୋଗରେ ତଦନ୍ତ କରାଯାଉଛି।

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀ ରଇତଙ୍କ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଜାରିରହିଛି। ବୁଧବାର ତଦନ୍ତର ୪ର୍ଥ ଦିନରେ କ୍ରାଇମବ୍ରାଞ୍ଚର ବୈଷୟିକ ଟିମ ଥ୍ରୀ-ଡି ସ୍କାନର ସହଯୋଗରେ ଯାଞ୍ଚ କରିଛନ୍ତି ।

ସକାଳେ କ୍ରାଇବ୍ରାଞ୍ଚ ଟିମ ନବୋଦୟ ବିଦ୍ୟାୟଳକୁ ଯାଇ କିଛି କର୍ମଚାରୀଙ୍କୁ ପଚରାଉଚରା କରିବା ସହ ହଷ୍ଟେଲର ରେଜିଷ୍ଟ୍ରର, ବିଦ୍ୟାଳୟର ପ୍ରବେଶ ରେଜିଷ୍ଟ୍ରର ଯାଞ୍ଚ କରିଥିଲା। ଅପରାହ୍ନ ୪ଟା ବେଳେ କ୍ରାଇମବ୍ରାଞ୍ଚର ବୈଷୟିକ ଟିମ ଥ୍ରୀ-ଡି ସ୍କାନର ନେଇ ବିଦ୍ୟାଳୟରେ ପହଞ୍ଚିଥିଲେ । ଛାତ୍ରୀ ହଷ୍ଟେଲ ପରିସରର ଯେଉଁ ସ୍ଥାନରୁ ସୌଦାମିନୀଙ୍କ ଝୁଲନ୍ତା ମୃତଦେହ ମିଳିଥିଲା ସେଠାରେ ଥ୍ରୀ-ଡି ସ୍କାନର ପକାଯାଇଥିଲା। ଏହି ସ୍କାନର ସାହାଯ୍ୟରେ ମୃତ ସୌଦାମିନୀଙ୍କ ଝୁଲନ୍ତା ମୃତଦେହ, ପାହାଚ ଓ ଚଟାଣ ମଧ୍ୟରେ ଥିବା ଦୂରତା ମପାଯିବା ସହ ସେହି ସମୟର ପରିସ୍ଥିତି ଆକଳନ କରାଯାଇଥିଲା। ଏହି ଯାଞ୍ଚ ବେଳେ ସୌଦାମିନୀଙ୍କ ବାପା ଡେଭିଡ ରଇତ ଓ ମାଆ ସୁଜ୍ଞାନୀ ଗମାଙ୍ଗଙ୍କ ସମେତ ବିଦ୍ୟାଳୟର କିଛି କର୍ମଚାରୀ ଉପସ୍ଥିତ ଥିଲେ। ଥ୍ରୀ-ଡି ଯାଞ୍ଚକୁ ନେଇ ତଦନ୍ତକାରୀ ଦଳର ମୁଖ୍ୟ ଡିଏସପି ନିରଞ୍ଜନ ବେହେରାଙ୍କୁ ପଚରାଯିବାରେ ସେ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ କ୍ରାଇମବ୍ରାଞ୍ଚ ଘଟଣାକୁ ଗୁରୁତର ସହ ନେଇଛି । ଏ ନେଇ କ୍ରାଇମବ୍ରାଞ୍ଚରେ ଏକ ମାମଲା ରୁଜୁ ହେବା ସହ ଆଇପିସି ଧାରା ୩୦୨ ଓ ୨୦୧ ପ୍ରକାରେ ତଦନ୍ତ ଜାରି ରହିଛି। ଏହି ୪ ଦିନ ଭିତରେ କିଛି ତଥ୍ୟ ପ୍ରମାଣ ସଂଗ୍ରହ ମଧ୍ୟ କରିଛୁ।

# ଆନ୍ତଃରାଜ୍ୟ ୨ ଏଟିଏମ ଲୁଟେରା ଗିରଫ, ୯୨ ହଜାର ଜବତ

**ଗଞ୍ଜାମ, ୧୪।୬(ବିଦ୍ୟାଧର ସାହୁ ):** ରମ୍ଭା ଥାନା ପୋଲିସକୁ ମିଳିଛି ବଡ଼ ସଫଳତା। ରାଜ୍ୟ ତଥା ଆନ୍ଧ୍ର ଓ ଓଡିଶାର ବିଭିନ୍ନ ଜିଲାରେ ଏଟିଏମ ଲୁଟୁଥିବା ଦୁଇ ଗ୍ୟାଙ୍ଗଙ୍କୁ ବୁଧବାର ରମ୍ଭା ପୋଲିସ କାବୁ କରିଛି। ସେମାନଙ୍କ ଠାରୁ ୯୨ ହଜାର ଟଙ୍କା ଜବତ ହୋଇଥିବା ଥାନା ଆଇଆଇସି ପି ସ୍ୱରୂପ କିଷାନ ସୂଚନା ଦେଇଛନ୍ତି । ଗିରଫ ଲୁଟେରାମାନେ ହେଲେ ଚମାଖଣ୍ଡି ଅଞ୍ଚଳର ହରିହର ରେଡ୍ଡୀ ଓ ଅନ୍ୟ ଜଣେ ହେଲେ ରଘୁନାଥ ରେଡ୍ଡୀ । ପୋଲିସ ନଂ ୩୭/୨୩ ଓ ୩୭୯/୨୩ରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରୀ ରହିଥିବା। ରମ୍ଭା ଥାନା ପୋଲିସ ପକ୍ଷରୁ କୁହାଯାଇଛି। ରମ୍ଭା ଅଞ୍ଚଳରେ ତିନୋଟି ଏଟିଏମ ଲୁଟ ଘଟଣା ବର୍ତ୍ତମାନ ଜଣା ପଡ଼ିଥିବା ବେଳେ ବେଲଗୁଣ୍ଠାରେ ମଧ ଏଟିଏମ ଲୁଟିଥିବା ପ୍ରାଥମିକ ତଦନ୍ତରୁ ଜଣାଞ୍ଚପଡିଛି। ସେମାନଙ୍କ ନିକଟରୁ ୧୨ଟି ଏଟିଏମ କାର୍ଡ ଜବତ ହୋଇଛି । ସେମାନେ ପୁରୀ ଜିଲାରେ ମଧ ଏହିଭଳି ଘଟଣାରେ ସଂଶ୍ଲିଷ୍ଟ ଥିବା ରମ୍ଭା ପୋଲିସ ସୂଚନା ଦେଇଛି ।

# ଭାଙ୍ଗିରୁଜି ଗଲାଣି ଗୌଡ଼ବନ୍ଧ ପାର୍କ



**କବିସୂର୍ଯ୍ୟନଗର,୧୪।୬(କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ଏନ୍ଏସି ଗଠନ ହେବାର ୬୩ବର୍ଷ ବିତିଗଲାଣି କିନ୍ତୁ ଶୀତଗ୍ରୀଷ୍ମ ଛୁଟି କାଟିବାକୁ ଗୋଟିଏ ବି ପାର୍କ ନାହିଁ। ୱାର୍ଡ ନଂ ୪ର ଜଗନ୍ନାଥ ମନ୍ଦିରରେ ୪ଲକ୍ଷ, ୱାର୍ଡ ନଂ ୧୮ର ବନଦେବୀ ବାଳାଶ୍ରମ ଲାଗି ୧୩ଲକ୍ଷ ଓ ୧୨ନଂ ୱାର୍ଡର ହନୁମାନ ମନ୍ଦିର ଲାଗି ୭ଲକ୍ଷ ବ୍ୟୟରେ ମୁକ୍ତା ଯୋଜନାରେ ନିର୍ମାଣାଧୀନ ପାର୍କ କାଗଜ କଲମରେ ଚାଲିଥିବା ଅଭିଯୋଗ ହେଉଛି। ଏପରକି ଅରବିନ୍ଦ ନଗର ରାସ୍ତାରେ ଥିବା ହନୁମାନ ମନ୍ଦିର ତତ୍କାଳୀନ ସାଂସଦ ନିତ୍ୟାନନ୍ଦ ପ୍ରଧାନ ଅମଳରେ ୫ଲକ୍ଷ ଉର୍ଦ୍ଧ୍ୱ ବ୍ୟୟରେ ନିର୍ମିତ ପାର୍କ ଭଗ୍ନ ସ୍ତୁପ ହୋଇ ପଡ଼ିରହିଛି। ଯେଉଁଠାରେ ସନ୍ଧ୍ୟା ହେଲେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମେ। କବିସୂର୍ଯ୍ୟନଗର ବ୍ଲକ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଗୌଡ଼ବନ୍ଧ ପାର୍କ ସୌନ୍ଦର୍ଯ୍ୟକରଣ ପାଇଁ ତତ୍କାଳୀନ ବିଧାୟିକା ଭି. ସୁଜ୍ଞାନୀ କୁମାରୀ ଦେଓଙ୍କ ଅମଳରେ ଉନ୍ନତି ଫଣ୍ଡରୁ ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ କୌଣସି ସୌନ୍ଦର୍ଯ୍ୟ କରଣ ନ ହୋଇ ଉକ୍ତ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହୋଇଥିଲା। ପରେ ମୁକ୍ତ ଯୋଜନାରେ ବର୍ତ୍ତମାନ ବିଧାୟିକା ଲତିକା ପ୍ରଧାନ ୨୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ମଧ ପାର୍କ କାମ ନିମ୍ନମାନର ହୋଇଥିଲା। ଫଳରେ ଦୀର୍ଘ ୬ବର୍ଷ ବିତିଯାଇଥିଲେ ସୁଦ୍ଧା ପର୍କରୁ ଘାସ ସଫା ହେଉନଥିବା ବେଳେ କାନ୍ଥ ଭାଙ୍ଗିରୁଜି ଗଲାଣି ଓ ପୋଖରୀ ସଫାରେ କାମ ସୀମିତ ରହିଛି। ପାର୍କ ଗେଟରେ ସର୍ବଦା ତାଲା ଝୁଲୁଛି।

# ପାରମ୍ପରିକ ଲୋକକଳା ଦିବସ



ବ୍ଲକ କାର୍ଯ୍ୟାଳୟ ପରିସରରେ କଳାକାରମାନେ।

**ଦାରିଙ୍ଗବାଡି,୧୪।୬(ଅରୁଣ ସାହୁ)**

ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ବ୍ଲକ ସ୍ତରୀୟ ପାରମ୍ପରିକ ଲୋକ କଳା ଦିବସ ପାଳନ କରାଯାଇଛି। ଏଥିପାଇଁ ଉକ୍ତ ବ୍ଲକର ୨୫ ପଞ୍ଚାୟତ ରହିଥିବା ବେଳେ ପ୍ରାୟ ୨୦ ଦଳ ଲୋକ କଳା ପ୍ରଦର୍ଶନ କରିବାକୁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମକୁ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର ଉଦ୍‌ଘାଟନ କରିଥିଲେ। ପାରମ୍ପରିକ ବାଦ୍ୟଯନ୍ତ୍ର, ମୃଦଙ୍ଗ, ମହୁରୀ, ଚାଙ୍ଗୁ, ଢୋଲ ଆଦି ଧରି ପାରମ୍ପରିକ ବସ୍ତ୍ର ପରିଧାନ କରି କଳାକାରମାନେ ବ୍ଲକ କାର୍ଯ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଦାରିଙ୍ଗବାଡି ସହର ପରିକ୍ରମା କରିଥିଲେ। ଶତାଧିକ କଳାକାରଙ୍କ ନୃତ୍ୟ ପରିବେଷଣକୁ ଉପଭୋଗ କରିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ପରେ ବ୍ଲକ କାର୍ଯ୍ୟାଳୟକୁ ସମସ୍ତେ ଫେରି ସଭାଗୃହଠାରେ ପାରମ୍ପରିକ କଳା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେଠାରେ କୃତି ଅର୍ଜନ କରିଥିବା କଳାକାରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ କଳାକାରମାନଙ୍କୁ ଭତ୍ତାର ବ୍ୟବସ୍ଥା ରହିଥିବାରୁ କଳାକାରମାନଙ୍କୁ ଚିହ୍ନଟ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସହାୟତା କରାଯାଇଥିଲା। ଏହାକୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ବିଡିଓ ଗଦାଧର ପାତ୍ର ଏହାର ତଦାରଖ କରିଥିଲେ।

# ଏକତାଳ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

**ଡିମିରିଝରି ସ୍ମାଇଲ କିଙ୍ଗସ୍ ଟିମ୍ ଚାମ୍ପିୟନ**

**ନୂଆଗାଁ,୧୪।୬(ଧନେଶ୍ୱର ସାହୁ )**



ଚାମ୍ପିୟନ ଟ୍ରଫି ସହ ବିଜେତା ଖେଳାଳି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ପଞ୍ଚାୟତ ଏକତାଳ କ୍ରିକେଟ କ୍ଲବ୍ ଓ ଆଞ୍ଚଳିକ ବିକାଶ ମଞ୍ଚ ମିଳିତ ଆନୁକୂଲ୍ୟରେ ଗତ ମାସ ୨୫ ତାରିଖଠାରୁ ଚାଲିଥିବା ଏକତାଳ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଡିମିରିଝରି ସ୍ମାଇଲ କିଙ୍ଗ ଚାମ୍ପିୟନସିପ୍ ଟ୍ରଫି ହାସଲ କରିଛି ।

ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ପଞ୍ଚାୟତ ଏକତାଳଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ମୋଟ ୫ଟି ଦଳ ଭାଗ ନେଇଥିଲେ । ପ୍ରତି ମ୍ୟାଚ୍ ୧୫ ଓଭର ଲେଖାଏଁ ଖେଳା ଯାଇଥିବା ବେଳେ ଫାଇନାଲ ମ୍ୟାଚ୍ ୨୦ ଓଭର ଖେଳା ଯାଇଥିଲା । ଫାଇନାଲ ମ୍ୟାଚ ଏକତାଳ ଏକାଦଶ ଲାୟନ୍ସ ସହ ଡିମିରିଝରୀ ସ୍ମାଇଲ କିଙ୍ଗସ ମୁହାଁମୁହିଁ ହୋଇଥିଲେ । ପ୍ରଥମ ଇନିଙ୍ଗସରେ ଏକତାଳ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୭ ଓଭର ୩ ଗୋଟି ବଲରେ ସମସ୍ତ ଉଇକେଟ ହରାଇ ୭୬ ରନ ସଂଗ୍ରହ କରିଥିଲା । ଜବାବରେ ଡିମିରିଝରି ସ୍ମାଇଲ କିଙ୍ଗସ ଦଳ ୧୦ ଓଭରରେ ୭୯ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲେ । ଏହି ମ୍ୟାଚରେ ବୁନୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ରାଜ ମ୍ୟାନ ଅଫ୍ ଦି ସିରିଜ ପଦକ ହାସଲ କରିଥିଲେ । ଏହ ମ୍ୟାଚରେ ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ସମିତି ସଭ୍ୟ ଗଗନ ବିହାରୀ ମହାପାତ୍ର, ସରପଞ୍ଚ ସଞ୍ଜୟ କୁମାର ସାହୁ, ଏକତାଳ ଗ୍ରାମ ସଭାପତି ନରି ଜେନା, ସମ୍ପାଦକ କାର୍ତ୍ତିକ ରାଉତ, ସାମାଜିକ କର୍ମୀ ଦୀପକ କୁମାର ଶାସମଲ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ବିଜେତାଙ୍କୁ ଚାମ୍ପିୟନସିପ୍ ଟ୍ରଫି ପ୍ରଦାନ କରିଥିଲେ ।

# ବୁଣାକାରଙ୍କ ସମସ୍ୟା ଦୂର ହେବ

## ଟସରବସ୍ତ୍ର କାରଖାନା ବୁଲିଲେ ମୁଖ୍ୟ ଶାସନ ସଚିବ

■ କାରିଗରଙ୍କ ଦକ୍ଷତା ବୃଦ୍ଧି ପାଇବ

**ରସୁଲପୁର, ୧୪।୬(ରଞ୍ଜିତ ରାଉତ):**


ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଗୋପାଳପୁର ଗାଁରେ ଟସର ବସ୍ତ୍ର ସମ୍ପର୍କରେ ବୁଣାକାରଙ୍କ ସହ ଆଲୋଚନା କରୁଛନ୍ତି।

ଯାଜପୁର ଜିଲା ରସୁଲପୁର ବ୍ଲକରେ ଟସରବସ୍ତ୍ରର ଏକୁଡ଼ି ଶାଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ପ୍ରଥମାଖଣ୍ଡି ପଞ୍ଚାୟତର ଗୋପାଳପୁର ଗାଁରେ ବୁଧବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ପହଞ୍ଚି ବୁଣାବୁଣିର ବିଭିନ୍ନ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ବୁଣାକାରଙ୍କ ସମସ୍ୟା ଦୂର କରିବାକୁ ପ୍ରତିଶ୍ରୁତି ଦେବା ସହ କାରିଗରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ତନ୍ତଶାଳା ବୁଲି ଦେଖିବା ସହ ଅଙ୍ଗ ବସ୍ତ୍ର ବୁଣିବାର କଳାନୈପୁଣ୍ୟତାକୁ ପରଖିଛନ୍ତି। ତନ୍ତଶାଳାରେ କାରିଗରଙ୍କ ସହ ଆଲୋଚନା କରି ସେମାନଙ୍କ ବ୍ୟଥା ଓ କଥାକୁ ବୁଝିବାକୁ ଚେଷ୍ଟା କରିଛନ୍ତି।

ପରେ ପଞ୍ଚାୟତର ଚକଗୋପାଳପୁରଠାରେ ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ୍ (ନାବାର୍ଡ) ସହାୟତାରେ ବିରଜା ଉତ୍ପାଦକ ଗୋଷ୍ଠୀ ଆନୁକୂଲ୍ୟରେ ଓ ନେତାଜୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ବୁଣାକାର ଓ ପ୍ରଶାସନ ଆଲୋଚନା କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଜେନା ଯୋଗଦେଇ ବୁଣାକାରଙ୍କ ସହ ଆଲୋଚନା କରିଥିଲେ। ବୁଣାକାରଙ୍କ ତନ୍ତଶାଳ ବୁଲି ଦେଖିବା ସହ ସୂତାରୁ ଲୁଗା ବୁଣିବା ଓ ତା'ର ବଜାରୀକରଣ ସମ୍ପର୍କରେ ତଥ୍ୟ ହାସଲ କରିଥିଲେ। ବୁଣାକାରଙ୍କ ଗୁଣାତ୍ମକ ହସ୍ତତନ୍ତ ସାମଗ୍ରୀକୁ ନେଇ ଜେନା ଖୁସି ପ୍ରକଟ କରିଥିଲେ। ବୁଣାକାର ନେତା ଦଶରଥ ଚାନ୍ଦ, ରମେଶ ଦାସ, ଅଶୋକ କୁମାର ଗୁଇଁ, ଗଗନ ବିହାରୀ ଗୁଇଁ ପମୁଖ ଜେନାଙ୍କ ସମ୍ମୁଖରେ ଚିରାଚରିତ ସମସ୍ୟା ଦୋହରାଇଥିଲେ। ଘର ଉପରେ କର୍ମଶାଳା ନିର୍ମାଣ, ଟସର କୋଷାର ଅଭାବୀକରଣକୁ ଦୂର କରିବା, ବୟନଜ୍ୟୋତି ଯୋଜନାରେ ଆଲୋକ ଯୋଗାଇବା, କାରିଗରଙ୍କୁ ବିନା ସୁଧରେ ଋଣ, ଉତ୍ପାଦିତ ଦ୍ରବ୍ୟର ବଜାରକରଣ ସୁବିଧା ସୃଷ୍ଟି କରିବା, ବୁଣାକାରଙ୍କୁ କଳାକାର ଭତ୍ତା, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ବୁଣାକାରଙ୍କ ପାଇଁ ଇଏସ୍ଆଇ ହସ୍ପିଟାଲ ନିର୍ମାଣ ଭଳି ବହୁ ଅସମାହିତ ସମସ୍ୟା ସମ୍ପର୍କରେ ମୁଖ୍ୟଶାସନ ସଚିବଙ୍କୁ ଅବଗତ କରାଇଥିଲେ। ବୁଣାକାରଙ୍କ ସମସ୍ୟା ସମ୍ପର୍କରେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ସେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବର୍ଷାଧିକ କାଳ ଧରି ବିଭିନ୍ନ ସମସ୍ୟା ସହ ପେଶି ହୋଇ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଥିବା ବୁଣାକାରମାନେ ମୁଖ୍ୟଶାସନ ସଚିବଙ୍କ ସମ୍ମୁଖରେ ଗୁହାରୀ ଜଣାଇ ସମସ୍ୟା ସମାଧାନ ହୋଇଯିବା ନେଇ ଆଶା ପ୍ରକଟ କରିଛନ୍ତି। ବୁଣାକାରମାନେ କୌଳିକ ବୃତ୍ତି ହରାଇ ସୁରଟକୁ ଦାଦନ ଖଟିବାକୁ ଯିବେ ନାହିଁ ବରଂ କାରିଗରଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାର ଯୁବକଙ୍କୁ ସୁରଟ ପଠାଇବେ ବୋଲି ସଚିବ ଜେନା ସୂଚନା ଦେଇଛନ୍ତି। ଟସର ବସ୍ତ୍ରର ପାଇଁ କଞ୍ଚାମାଲ ଭାବରେ କୋଷା ବ୍ୟବହାର ହେଉଛି। ଜିଲାର ସୁକିନ୍ଦା ଅଞ୍ଚଳରେ କୋଷା ଚାଷ କରାଯାଉଛି। ମାତ୍ର ଉକ୍ତ କୋଷା ବାହାର ରାଜ୍ୟକୁ ଚାଲାଣ ହେଉଛି ଓ ଖୋଲା ବଜାରରେ ବିକ୍ରି ହେଉଛି। ଏଠିକାର ବୁଣାକାର ତାର ସୁଫଳ ପାଇପାରୁ ନ ଥିବା ସଂପର୍କରେ ସଚିବଙ୍କୁ ବୁଣାକାର ଅବଗତ କରାଇଥିଲେ। ଉକ୍ତ କୋଷାକୁ ଆୟତ ଉପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଥିଲେ।

ନାବାର୍ଡ ପକ୍ଷରୁ ବୁଣାକାରଙ୍କ ସମସ୍ୟା ଦୂର ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବ୍ୟାଙ୍କ ପକ୍ଷରୁ ୫୦ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହି ଅର୍ଥରେ ଗୋପାଳପୁର ଅଞ୍ଚଳର ୩୫୦ ବୁଣାକାରମାନଙ୍କ ଟସର ହସ୍ତତନ୍ତ ସାମୂହିକ କଳାର ବିକାଶ କରାଯାଉଛି ବୋଲି ଜିଲାପାଳ ଓ ନାବାର୍ଡ ପକ୍ଷରୁ କୁହାଯାଇଛି। ଏହା ଛଡା ନାବାର୍ଡ ପକ୍ଷରୁ କାରିଗରଙ୍କ ଦକ୍ଷତା ବୃଦ୍ଧି ଦିଗରେ ରଙ୍ଗ ଦେବା, ଡିଜାଇନ କାଟିବା, ସିଲାଇ, ଜାକଡ, ଓଡବି ଆଦି ଉପରେ ୧୫୦ଜଣଙ୍କୁ ତାଲିମ ଦିଆଯାଇଛି। ବିରଜା ଉତ୍ପାଦକ ଗୋଷ୍ଠୀର ସାମଗ୍ରିକ ବିକାଶ ଦିଗରେ ନାବାର୍ଡ ପକ୍ଷରୁ ସମସ୍ତ ଗୁରୁତ୍ୱ ଦିଆଯିବାକୁ ଆଲୋଚନା ବେଳେ ସୂଚନା ମିଳିଛି।

ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ରାଠୋର, ଜିଲା ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ, ସିଜିଏମ-ନାବାର୍ଡ ଉଦୟ ଭାସ୍କର, ଡିଜିଏମ-ନାବାର୍ଡ କମଲ ଲୋଚନ ପଟ୍ଟନାୟକ, ଡିଡିଏମ-ନାବାର୍ଡ ସୁବ୍ରତ କୁମାର ସାହୁ ପ୍ରମୁଖ ଯୋଗଦଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବଙ୍କୁ ଗୋପାଳପୁରସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା।

ପ୍ରକାଶଥାଉ କି, ଗୋପାଳପୁରଠାରେ ୭ରୁ ଊର୍ଦ୍ଧ୍ୱ ଉତ୍ପାଦକ ଗୋଷ୍ଠୀ ଥିବାବେଳେ ନାବାର୍ଡ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇ ସେଥିରେ ୩୫୦ଜଣ ବୁଣାକାରଙ୍କୁ ସାମିଲ କରାଯାଇଛି। ଗୋପାଳପୁର ଅଞ୍ଚଳରେ ଅନ୍ୟ ଉତ୍ପାଦକ ଗୋଷ୍ଠୀ ଅଧିନରେ ଶତାଧିକ ବୁଣାକର ଅଛନ୍ତି। ସେମାନଙ୍କ ସ୍ୱାର୍ଥକୁ ନାବାର୍ଡ ପକ୍ଷରୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ ହେଉଛି। ଅବହେଳିତ ବୁଣାକାରଙ୍କ ସ୍ୱର ମୁଖ୍ୟ ଶାସନ ସଚିବଙ୍କ ପାଖରେ ପହଞ୍ଚି ପାରିବ କି ନାହିଁ ତା'କୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ତେଣୁ ସବୁ ବୁଣାକାରଙ୍କୁ ସମାନ ବୋଲି ଗ୍ରହଣ କରାଯାଇ ସରକାରୀ ସୁବିଧାର ସୁଷମ ବଣ୍ଟନ କରାଯାଉ ବୋଲି ବୁଣାକାର ନେତାମାନେ ମତପୋଷଣ କରିଛନ୍ତି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଜ୍ୟୋତିରଞ୍ଜନ


@ ମାମୁନି


@ ପ୍ରତିଶ


@ ରାକେଶ


@ ସୁଦାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ରଜ ଉତ୍ସବ ପାଳିତ


ପିଲାମାନେ ରଜ ଦୋଳି ଖେଳୁଛନ୍ତି।

**ଧର୍ମଶାଳା, ୧୪।୬(ବଟକୃଷ୍ଣ ପରିଡ଼ା):**

## ଦୋଳି ଓ ଲୁଡୁ ଖେଳର ମଜା ନେଲେ ଯୁବତୀ

ଧର୍ମଶାଳା ବ୍ଲକର ବିଭିନ୍ନ ଗ୍ରାମରେ ରଜଉତ୍ସବ ଧୁମଧାମ୍‌ରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଘରେଘରେ ବିଭିନ୍ନ କିସମର ପିଠାପଣା ତିଆରି କରାଯାଇଛି। ଯୁବତୀମାନେ ନୂତନବସ୍ତ୍ର ପରିଧାନ କରି ବୁଲାବୁଲି କରିବା ସହିତ ଦୋଳି ଓ ଲୁଡୁ ଖେଳର ମଜାନେଉଛନ୍ତି। ବିଭିନ୍ନ ଗ୍ରାମରେ ଯୁବକମାନେ ଖୁବ୍ ଉତ୍ସାହ ସହକାରେ କବାଡ଼ି ଖେଳିଛନ୍ତି। ସହରାଞ୍ଚଳ ଭଳି ଗ୍ରାମାଞ୍ଚଳଗୁଡ଼ିକରେ ବିଭିନ୍ନ କିସମର ଗଛରେ ଭରପୂର ତୋଟାଗୁଡିକ ଏବେ ଗଛ ଶୂନ୍ୟ ହୋଇପଡିଥିବାରୁ ଅନେକସ୍ଥାନରେ ଯୁବତୀମାନେ ଘରେ ଦୋଳି ଲଗାଇ ଖେଳୁଥିବା ଦେଖାଯାଇଛି। ଚଳିତ ରଜରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି। ରଜ ପୂର୍ବରୁ ଚାଷୀମାନେ ଧାନବୁଣା ଶେଷ କରିଥାନ୍ତି। ହେଲେ ଏଥର ବର୍ଷା ଅଭାବରୁ ଚାଷୀ ଚାଷକାର୍ଯ୍ୟ ସାରି ନ ଥିବାରୁ ସେମାନଙ୍କ ମନରେ ରଜର ଉତ୍ସାହ ଦେଖାଯାଉ ନ ଥିବା ପରିଲିଖିତ ହୋଇଛି।

# ରଜ ପାଇଁ ଚଳଚଞ୍ଚଳ ମା'କାମୁଡ଼େଇ ପୀଠ

**କୋରେଇ, ୧୪।୬(ଚନ୍ଦ୍ରକାନ୍ତ ପତି):**

## ୩ ଦିନ ଧରି ଚାଲିବ ଗୀତାଯଜ୍ଞ ଓ ନାମଯଜ୍ଞ

ରଜ ପାଇଁ ବୁଧବାର କୋରେଇ ବ୍ଲକ ଅଧୀନ ପଛିକୋଟ ପଞ୍ଚାୟତର ପରମାନନ୍ଦପୁର ଏବଂ ରଗଡ଼ି ମଧ୍ୟ ଭାଗରେ ଥିବା ମା' କାମୁଡ଼େଇ ପୀଠ ଚଳଚଞ୍ଚଳ ହୋଇ ଉଠିଛି। ଏଠାରେ ରୀତିନୀତି ଅନୁଯାୟୀ ଗୀତାଯଜ୍ଞ ଏବଂ ନାମଯଜ୍ଞ ଅନୁଷ୍ଠିତ ହେଉଛି। ଗୁରୁବାର ରଜସଂକ୍ରାନ୍ତି ଉପଲକ୍ଷେ ଏଠାରେ ସ୍ଥାନୀୟ ଅଞ୍ଚଳ ଏବଂ ପଡ଼ୋଶୀ ଜିଲାରୁ ହଜାରହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିବ। ଅନେକ ଭକ୍ତ ମା' କାମୁଡ଼େଇଙ୍କ ପାଖରେ ବିଭିନ୍ନ ମାନସିକ ରଖନ୍ତି। ପ୍ରାୟତଃ ଅଧିକାଂଶ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହେଉଥିବାରୁ ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗୁଛି। ଶତାଧିକ ଭକ୍ତ ପ୍ରତିବର୍ଷ ମା'ଙ୍କୁ ସୁନା ରୁପା ଏବଂ ନିଜର ଆର୍ଥିକ ସମ୍ବଳ ଅନୁଯାୟୀ ଦାନଧର୍ମ କରନ୍ତି। ଖାଲି ରଜଉତ୍ସବ ନୁହେଁ ବର୍ଷକ ୧୨ ମାସ ଏଠାରେ ବିଭିନ୍ନ ପୂଜାପର୍ବାଣୀ ସହିତ ପ୍ରତିବର୍ଷ ବାହାଘର ଓ ବ୍ରତଘର ଲାଗିରହୁଛି। ମା'କାମୁଡେଇ କେଉଁ ମସିହାରୁ ଏଠାରେ ଅବସ୍ଥାପିତ ହୋଇଛନ୍ତି ତାହା ଠିକ୍ ଭାବେ କାହାକୁ ଜଣା ନ ଥିଲେ ମଧ୍ୟ ୧୯୧୯ରେ ମା'ଙ୍କ ମନ୍ଦିର ସ୍ଥାପନ ହୋଇଥିବା ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀଙ୍କଠାରୁ ଶୁଣିବାକୁ ମିଳେ। ତେଣୁ ଜିଲା ପ୍ରଶାସନ ମା'ଙ୍କ ପୀଠକୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ମା'କେନ୍ଦୁଲାଇ ରଜ ମହୋତ୍ସବ ଉଦ୍‌ଘାଟିତ


ରଜ ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

**କୁଜଙ୍ଗ, ୧୪।୬(ମନୋଜ ପ୍ରଧାନ)**

ଅଭୟଚାନ୍ଦପୁର ଥାନା ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ତ୍ରିଲୋଚନପୁର ଗାଁରେ ମା'କେନ୍ଦୁଲାଇ ରଜ ମହୋତ୍ସବ କମିଟି ପକ୍ଷରୁ ପ୍ରଥମ ବାର୍ଷିକ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ଢିଙ୍କିଆ ସରପଞ୍ଚ କିଶୋର କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଓଡ଼ିଆ ଜାତିର ଗଣପର୍ବ ରଜ ଧୀରେ ଧୀରେ ତା'ର ମୌଳିକତା ହରାଇ ଚାଲିଥିବାବେଳେ ତ୍ରିଲୋଚନପୁର ଗାଁର ମା'କେନ୍ଦୁଲାଇ ମହୋତ୍ସବ କମିଟି ପାରମ୍ପରିକ ରଜ ଉତ୍ସବ ପାଳନ କରି ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଯେଉଁ ପ୍ରୟାସ କରିଛି ତାହା ପ୍ରଶଂସନୀୟ। ତ୍ରିଲୋଚନପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁଧୀର କୁମାର ମହାପାତ୍ର, ଗ୍ରାମର ମୁରବୀ କୈଳାସ ବେହେରା, ସୁରେନ୍ଦ୍ର ରାଉତ, ଗୋବିନ୍ଦ ସାହୁ, ଅଜୟ ପାତ୍ର, ରମେଶ ଦାସ, ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ କମିଟିର ସଭାପତି ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୂତମୁଣ୍ଡାଇ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ଓ ମେଲୋଡି ପରିବେଷଣ କରାଯାଇଥିଲା। ଏହି ଉତ୍ସବ ୫ଦିନ ଧରି ଚାଲିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

# ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ଉତ୍ସବ

**ରାଜନଗର, ୧୪।୬ (ଭାସ୍କର ରାଉତରାୟ)**


ରଜ ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ ଝିଅମାନେ ପୁଚି ଖେଳିଛନ୍ତି।

ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ସାରା ରାଜ୍ୟ ଉତ୍ସବମୁଖର ଥିବା ବେଳେ ରାଜନଗରରେ ମଧ୍ୟ ରଜପର୍ବ ବେଶ୍ ଧୁମ୍‌ଧାମରେ ପାଳିତ ହେଉଛି। ରାଜନଗର ଅଞ୍ଚଳର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରାଜଗଡ଼ ଗ୍ରାମରେ ଥିବା ଆମ୍ବତୋଟାଠାରେ ୨ ଦିନିଆ ରଜ ମହୋତ୍ସବ ପାଳିତ ହେଉଛି। ବୁଧବାର ପହିଲି ରଜରେ କିଶୋରୀମାନଙ୍କ ମଧ୍ୟରେ ଝୋଟି, ପୁଚି, ମ୍ୟୁଜିକ ଚେୟାର, ସ୍କିପିଂ ଆଦି ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଶତ୍ରୁଘ୍ନ ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରାରମ୍ଭିକ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ କୁମାର ଦାସ, ବୈକୁଣ୍ଠ ରାଉତ, ସଞ୍ଜୟ ସ୍ୱାଇଁ, ରାମଚନ୍ଦ୍ର ବାରିକ, କମଳାକାନ୍ତ ଭୂୟାଁ, କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଆମପର୍ବ ଓ ପରମ୍ପରାକୁ ବଞ୍ଚାଇ ରଖିବାରେ ହଂସୁଆ କଳା ପ୍ରତିଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ସଚିନ୍ ଦାସ, ବିଶ୍ୱଜିତ କୁଣ୍ଡ, ଦେବେନ୍ଦ୍ର ରାଉଳ, ବିଶ୍ୱମୋହିନୀ ଦାସ, ବନ୍ଦନା ଦାସ, ସଙ୍ଗୀତା ମାହାନ୍ତ, ଲିପ୍ତାଲିନ୍ ରାଉଳ, ତ୍ରୈଲୋଚନ ଜେନା, ପ୍ରଭାତୀ ଜେନା, ଗୌତମ ଜେନା, ରାଜଶ୍ରୀ ପରିଡ଼ା, ସୌଭାଗିନୀ ପ୍ରଧାନ ଏବଂ ରାଜଗଡ଼ ଗ୍ରାମବାସୀ ସହଯୋଗ କରିଥିଲେ।

# ଚାଷୀଙ୍କୁ ଋଣ ପ୍ରଦାନରେ ଆନ୍ତରିକତା ଅଭାବ

**ରଘୁନାଥପୁର, ୧୪।୬ (ରାଜେନ୍ଦ୍ର ନାରାୟଣ ସିଂ)**

■ ବଳରାମ ଯୋଜନା ଦିଗହରା

■ ୧୦୨ଟି ଗ୍ରୁପ୍‌ରୁ ମିଳିଛି ମାତ୍ର ୨୩

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବଳରାମ ଯୋଜନା ଦିଗହରା ହୋଇପଡ଼ିଛି। ଏହି ଯୋଜନାରେ ଚାଷୀଙ୍କୁ ଋଣ ଦେବାପାଇଁ ଆନ୍ତରିକତା ପ୍ରକାଶ କରୁନାହାନ୍ତି ବ୍ୟାଙ୍କ ସମୂହ। ଫଳରେ ଖରିଫ ଓ ରବି ଫସଲ ଚାଷ ପାଇଁ ବାରମ୍ବାର ଆବେଦନ କରି ଚାଷୀମାନେ ନିରାଶ ହେଉଥିବା କହିଛନ୍ତି।

ଭୂମିହୀନ ଚାଷୀଙ୍କୁ ସରକାର ବଳରାମ ଯୋଜନାରେ ବିଭିନ୍ନ ବ୍ୟାଙ୍କ ଜରିଆରେ ଋଣ ପ୍ରଦାନ କରିବାକୁ ବ୍ୟବସ୍ଥା କରିଛନ୍ତି। ଏହି ଋଣ କେତେଜଣ ଚାଷୀଙ୍କୁ ମିଳିତ ଭାବେ ପ୍ରଦାନ କରାଯାଉଛି। ଅଧିକରୁ ଅଧିକ ଚାଷୀ ଯେପରି ଏଥିରେ ଉପକୃତ ହୋଇପାରିବେ ସେଥିପାଇଁ ବ୍ଲକ କୃଷି ସୂଚନା ଓ ପରାମର୍ଶ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ ଭୂମିହୀନ ଚାଷୀଙ୍କୁ ସଚେତନ ମଧ୍ୟ କରାଯାଉଛି। ୫ରୁ୧୦ ଜଣ ଚାଷୀଙ୍କୁ ନେଇ ଗୋଷ୍ଠୀ ଗଠନ କରି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଋଣ ନେବାକୁ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯାଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ମାତ୍ର ଏହାର ଲାଭ ବହୁ ଚାଷୀଙ୍କୁ ମିଳିପାରୁନାହିଁ। ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ଲକ କୃଷି କାର୍ଯ୍ୟାଳୟ ଜରିଆରେ ୧୦୨ ଚାଷୀ ଗ୍ରୁପ୍ ବିଭିନ୍ନ ବ୍ୟାଙ୍କରେ ଋଣ ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୨୩ଟି ଗ୍ରୁପ୍‌କୁ ଏହି ଯୋଜନାରେ ଋଣ ପ୍ରଦାନ କରାଯାଇଛି।

ରେଡୁଆ ଅଞ୍ଚଳର ଚାଷୀ ଅଜୟ ସାମଲ, ସାଦେଇପୁରର ଆର୍ତ୍ତତ୍ରାଣ ପଣ୍ଡା, ତଅଁରା ରାମଚନ୍ଦ୍ରପୁରର ରଞ୍ଜନ ସେଠୀ, ତାରପୁରର ଧୀରେନ୍ଦ୍ର କୁମାର ରାଉତ ଓ ରମେଶ ସ୍ୱାଇଁ, ସ୍ୱର୍ଗବ୍ରହ୍ମପୁରର ନିତେସ କୁମାର ଦାସ, ସାଦେଇପୁରର ରତ୍ନାକର ଭୋଇ, ରଘୁନାଥପୁରର କିଶୋର କୁମାର ଭୋଇ ଓ ରଞ୍ଜନ କୁମାର ବେହେରା ପ୍ରମୁଖ ଏହି ଋଣ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି।

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଋଣ ଦିଆ ନ ଯାଇ ପୁନର୍ବାର ଆବେଦନ କରିବାକୁ କୁହାଯାଉଛି ବୋଲି କେତେଜଣ ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇଙ୍କୁ ପଚାରିବାରେ ବ୍ୟାଙ୍କଗୁଡ଼ିକ ଚାଷୀଙ୍କ ଋଣ ପରିଶୋଧ କରିବା କ୍ଷମତାକୁ ଆକଳନ କରି ସେମାନଙ୍କୁ ଋଣ ପ୍ରଦାନ ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଋଣ ନେଇଥିବା ୨୩ ଗ୍ରୁପ୍ ମଧ୍ୟରୁ ୧୮ଟି ଗ୍ରୁପ ନିୟମିତ କିସ୍ତି ଦେଇ ଚାଲିଥିବାବେଳେ ୫ଟି ଗ୍ରୁପ୍ ଋଣ ଅର୍ଥ ପରିଶୋଧ କରିବାରେ ଖିଲାପ କରିଛନ୍ତି। ଏ ନେଇ ବ୍ୟାଙ୍କ ପକ୍ଷରୁ ଅଧିକ ସତର୍କତା ଅବଲମ୍ବନ କରାଯାଉଥିବାରୁ ଚାଷୀମାନେ ବାରମ୍ବାର ଦୌଡ଼ି ନିରାଶ ହେଉଛନ୍ତି। ଅନ୍ୟମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏହି ଯୋଜନାର ମନିଟରିଂ ଦାୟିତ୍ୱରେ ଥିବା ୟୁକୋ ବ୍ୟାଙ୍କ ଏଲ୍‌ଡିଏମ୍ ଚିନାରୀ ବାପୁଜି ସୁବୁଦ୍ଧି କୁହନ୍ତି, ବଳରାମ ଯୋଜନାରେ ଚାଷୀଙ୍କୁ ଋଣ ପ୍ରଦାନ ଠିକ୍ ରହିଛି। କିଛି କ୍ଷେତ୍ରରେ ଚାଷୀମାନେ ଆବଶ୍ୟକ ଡକ୍ୟୁମେଣ୍ଟ ଦେଉ ନ ଥିବାରୁ ଋଣ ପ୍ରଦାନରେ ବିଳମ୍ବ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଚାଷୀଙ୍କ ଡକ୍ୟୁମେଣ୍ଟକୁ ଠିକ୍‌ଠିକ୍ ତନଖି କରାଯାଇ ବ୍ୟାଙ୍କକୁ ପଠାଯାଉଛି ବୋଲି କୃଷି ଅଧିକାରୀ ଦଳେଇ ସ୍ପଷ୍ଟ କରିଛନ୍ତି। ଏହାର ବାସ୍ତବତା ସମ୍ପର୍କରେ ତଦନ୍ତ କରାଯାଇ ଯୋଗ୍ୟ ଚାଷୀଙ୍କୁ ଋଣ ପ୍ରଦାନ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।

# ରଜ ପାନର ସ୍ୱତନ୍ତ୍ରତା: ନୟାଗଡ଼ରେ ପାନ ପସରା

**ରଜ ପାନର ସ୍ୱାଦ ନିଆରା। ରଜପର୍ବ ଅବସରରେ ଅନାରକଲ୍ଲୀ, ଚୁକ୍ସି, ଅଗ୍ନି, ଅଗ୍ନିକୋଲା, କୋନ, ସିଙ୍ଗାପୁରୀ, ରୋଲ, ଧୂଆଁପାନ, ଲଡ୍ଡୁ, ଚୁକ୍ସି କୋଲା, ବନାରସୀ ପାନ ପରି ଭିନ୍ନ ଭିନ୍ନ ପାନ ନୟାଗଡ଼ ବଜାରରେ ମିଳୁଛି। ଗ୍ରାହକଙ୍କ ରୁଚି ଅନୁସାରେ ବ୍ୟବସାୟୀ ପାନ ଭାଙ୍ଗି ଦେଉଛନ୍ତି। ପୋଡ଼ପିଠାର ଚାହିଦା ପରି ପାନର ଚାହିଦା ଏଠାରେ ରହୁଛି।**

ନୟାଗଡ଼ ,୧୪।୬(ଲୋକନାଥ ମିଶ୍ର)


ରଜ ପାଇଁ ମିଠା ପାନ ଦୋକାନରେ ଲୋକଙ୍କ ଗହଳି ।

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଗଣପର୍ବ ରଜ। ଗାଁଠାରୁ ସହର ଯାଏ ସବୁଠି ଲାଗି ରୁହେ ରଜରେ ପିଠାର ଅନୁଭୂତି। ଝିଅ ବୋହୂ ମିଳିତ ହୋଇ ପିଠାପଣା ଓ ରଜ ପାନ ଖାଇ ବିଭିନ୍ନ ପଲ୍ଲୀ ଗୀତ ଗାଇ ରଜ ପାଳନ କରି ଦୋଳି ଖେଳିଥାନ୍ତି। ତେବେ ରଜ ଅବସରରେ ଧୀରେ ଧୀରେ ରଜ ପାନର ଚାହିଦା ବଢ଼ିବାରେ ଲାଗିଛି। ରଜ ପାନର ସ୍ୱତନ୍ତ୍ରତା ରହୁଛି। ପାନ ଖାଇବା ଓ ନ ଖାଇବା ଲୋକ ରଜ ପାନ ଖାଇ ମଜା ଉଠାଉଛନ୍ତି। ପୂର୍ବେ ଘରେ ଓ ଖଟିରେ କେବଳ ପାନ ଭଙ୍ଗା ଯାଉଥିଲା। ଏବେ ରଜ ଆସିଲେ ନୟାଗଡ଼ ସହରର ବିଭିନ୍ନ ଗାଁରେ ମଧ୍ୟ ପାନର ପସରା ପଡୁଛି। ନୟାଗଡ ସହରର ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଦେଇ ଗଲାବେଳେ ରାଜପଥ କଡ଼ରେ ପାନର ପସରା ଦେଖି ଗାଡ଼ି, ବାଇକ୍, ସାଇକେଲ, ପାଦ ଚଲା ଲୋକ ଅଟକି ଯାଉଛନ୍ତି ପାନ କିଣିବାକୁ।

ନୟାଗଡ଼ ବଜାରରେ ବିନ ଭାଇ, ବିଜୁ ଭାଇ, ବୃନ୍ଦାବନ ଭାଇଙ୍କ ପରି ୩ଟି ଦୋକାନରେ ପାନର ଚାହିଦା ରହିଛି। ଏହି ୩ ଦୋକାନରେ ବର୍ଷତମାମ ପାନ ବିକ୍ରି ହେଉଥିବାବେଳେ ବିଜୁଙ୍କ ଦୋକାନ ସବୁଠାରୁ ବଡ଼ ଓ ସାଜସଜ୍ଜାରେ ଆଗୁଆ ରହିଛି। ରଜପାନକୁ ଆଖି ଆଗରେ ରଖି ଏଠାର ବ୍ୟବସାୟୀ ୧୦ଦିନ ପୂର୍ବରୁ କୋଲକାତାରୁ ମିଠା ପାନ ପତ୍ର ସାଙ୍ଗକୁ ମିଠା ମସଲା ମଗାଇଥାନ୍ତି। ଦୋକାନ ସମ୍ମୁଖରେ ଗୁଲକନ, ଚେରି, ଜେଲି ଆଦି ୧୫୦ ପ୍ରକାରର ମିଠା ମସଲା ସଜେଇ କରି ରଖିଥାନ୍ତି। ଗୋଟା ପାନରେ ଚନ୍ଦନ, ଧଳା ଖଇର ମାରି ଭଜା ଓ ପାତି ଗୁଆ, ଛୁଆ ଗୁଆ, ପ୍ରସାଦ, ନିଲମ, ଚଟଣୀ, ଲବଙ୍ଗ, ଗୁଜୁରାତି ଓ ହିରାମୋତି ପରି ମସଲା ପଡୁଛି। ଲବଙ୍ଗ ପାନ, ତ୍ରିଭୁଜ ପାନ, ଅନାରକଲ୍ଲୀ, ଚୁକ୍ସି, ଅଗ୍ନି, ଅଗ୍ନିକୋଲା, କୋନ, ସିଙ୍ଗାପୁରୀ, ରୋଲ, ଧୂଆଁପାନ, ଲଡ୍ଡୁ, ଚୁକ୍ସି କୋଲା, ବନାରଶୀ ପାନରେ ଭିନ୍ନ ଭିନ୍ନ ମସଲା ପଡୁଛି। ସବୁ ପାନର ସ୍ୱାଦ ମଧ୍ୟ ଅଲଗା। ଦୋକାନୀଙ୍କ ହାତକୁ ମଧ୍ୟ ଫୁରସତ ନ ଥାଏ। ଚାହିଦା ମୁତାବକ ପାନ ଭାଙ୍ଗି ଗ୍ରାହକଙ୍କ ହାତକୁ ବଢ଼ାଇଲା ବେଳେ ମୁହଁରେ ହସ କଥା ଶୁଣିବାକୁ ମିଳେ। ବର୍ଷର ୪ଦିନ କେବଳ ରଜ ପାନ ବଜାରରେ ଉପଲବ୍ଧ ହୋଇଥାଏ। ପ୍ରତି ବ୍ୟବସାୟୀ, ରଜପାନରେ ୩୦ ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରିଥାନ୍ତି। ଚଳିତବର୍ଷ ଭଲ ପାନ ବିକ୍ରି ଆରମ୍ଭ ହୋଇଛି। ନୟାଗଡ଼ର ପାନ ବ୍ୟବସାୟୀ ବୃନ୍ଦାବନ ମହାନ୍ତି କୁହନ୍ତି, ୭ ବର୍ଷ ହେଲା ରଜପାନ ବିକ୍ରି କରିଆସୁଛି। ଗତବର୍ଷ ୫୦ ହଜାର ଟଙ୍କା ବ୍ୟବସାୟ ହୋଇଥିଲା। ଚଳିତବର୍ଷ ଅଧିକ ବ୍ୟବସାୟ ହେବାର ଆଶା ରହିଛି। ମୋ ଦୋକାନରେ ୧୫ରୁ ୨୦ ଟଙ୍କିଆ ୨ ପ୍ରକାରର ରଜ ପାନ ଉପଲବ୍ଧ ହେଉଛି। ବିନୋଦ ସାହୁ କୁହନ୍ତି, ୧୦ବର୍ଷ ହେଲା ପାନ ବିକ୍ରି କରିଆସୁଛି। ୧୫, ୨୦, ୨୫, ୩୦, ୫୦ ଓ ୬୦ ଟଙ୍କାର ରଜ ପାନ ବିକ୍ରି କରୁଛି। ତେବେ ଚଳିତବର୍ଷ ମୋର ଧୂଆଁ ପାନ ବଜାରକୁ ଆସିପାରିନାହିଁ। ଏହାର କିଛି ମସଲା ନ ମିଳିବାରୁ ଆସନ୍ତା ବର୍ଷକୁ ଏହି ପାନ ଉପଲବ୍ଧ ହେବ। ବିଜୟ ସାହୁ କୁହନ୍ତି, ମୋ ପାନ ଦୋକାନରେ ୧୫ ଟଙ୍କାରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ପାନ ରହିଛି। ପାନ ସମସ୍ତଙ୍କ ଅପେକ୍ଷା ଭଲ। ଏଣୁ ଦୋକାନରେ ଭିଡ଼ ଜମୁଛି। ଚଳିତବର୍ଷ ରଜରେ ୧ ଲକ୍ଷ ଟଙ୍କାର ପାନ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷେ ଆମର ଏକ ଦୋକାନ ଇଟାମାଟିରେ ମଧ୍ୟ ଅଛି। ଇଟାମାଟିରେ ଏହି ପାନର ମଧ୍ୟ ଚାହିଦା ରହିଛି। ଗ୍ରହକ ସୀମା ସାହୁ କୁହନ୍ତି, ନୟାଗଡ଼ ବଜାରର ୩ଟି ଯାକ ପାନ ଦୋକାନରୁ ପାନ ଖାଇଲି। ସବୁ ପାନର ମଜା ଭିନ୍ନ ଭିନ୍ନ। ତେବେ ନୟାଗଡ଼ରେ ଚଳିତବର୍ଷ ରଜପାନର ଭଲ ଚାହିଦା ରହିଛି।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

## ସ୍କୁଲଛାତ୍ରୀ ଅପହରଣ, ବଳାତ୍କାର ଘଟଣା

ନୟାଗଡ଼,୧୪।୬ (ଲୋକନାଥ ମିଶ୍ର) : ନୟାଗଡ଼ ପୋକ୍ସୋ କୋର୍ଟରେ ଓଡ଼ଗାଁ ଥାନା ଅଞ୍ଚଳର ଜନୈକା ସ୍କୁଲ ଛାତ୍ରୀଙ୍କ ଅପହରଣ ଓ ବଳାତ୍କାର ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଥିଲା। ପୋକ୍ସୋ କୋର୍ଟ ବିଚାରପତି ନିରଞ୍ଜନ ପଣ୍ଡା ୧୪ ସାକ୍ଷୀଙ୍କ ବୟାନ, ଡାକ୍ତରୀ ମାଇନା ରିପୋର୍ଟ, ପ୍ରତିପକ୍ଷ ଓ ସରକାରୀ ଓକିଲଙ୍କ ଜବାବ ସୁଆଲକୁ ବିଚାରକୁ ନେଇ ଶରଣକୁଳ ଥାନା ଚଢ଼େୟାପଲ୍ଲୀ ଗାଁର ବୁଲୁ ନାୟକ(୨୭)ଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଅମିୟ ପଟ୍ଟନାୟକଙ୍କ ସୂଚନା ଅନୁସାରେ, ଓଡ଼ଗାଁ ଥାନା ଅଞ୍ଚଳର ଜଣେ ୧୩ ବର୍ଷର ଛାତ୍ରୀ ପ୍ରତିଦିନ ପରି ସ୍କୁଲ ଯାଉଥିଲେ। ୨୦୧୮ ଅକ୍ଟୋବର ୯ରେ ଚଢ଼େୟାପଲ୍ଲୀ ଗାଁର ବୁଲୁ ସ୍କୁଲ ଛାତ୍ରୀଙ୍କୁ ବାଟରୁ ଅପହରଣ କରି ନେଇଥିଲେ। ଅପହରଣ ଘଟଣା ଲୁଚାଇବାକୁ ଯାଇ ସାଇକେଲକୁ ମଧ୍ୟ ନେଇ ନିଜ ହେପାଜତରେ ରଖିଥିଲେ। ପରବର୍ତ୍ତୀ ସମୟରେ ଛାତ୍ରୀଙ୍କୁ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ସନ୍ଧ୍ୟା ହୋଇଯିବାରୁ ପୁଣି ଘରକୁ ନେଇ ବଳାତ୍କାର କରିଥିଲେ। ଛାତ୍ରୀ ପରିବାର ଲୋକେ ଖୋଜାଖୋଜି କରି ଝିଅକୁ ପାଇ ନ ଥିଲେ। ତେବେ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଖବର ଜଣାପଡ଼ିବା ପରେ ଅକ୍ଟୋବର ୧୦ରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଓଡ଼ଗାଁ ଥାନା ପୋଲିସ ଶରଣକୁଳ ଥାନା ପୋଲିସ ସହାୟତାରେ ବୁଲୁଙ୍କ ଚଢ଼େୟାପଲ୍ଲୀ ଘର ଉପରେ ଚଢ଼ାଉ କରି ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଏହି ଅପହରଣ ଓ ବଳାତ୍କାର ଘଟଣାର ରହସ୍ୟ ଉନ୍ମୋଚନ କରି ନଂ. ୨୧୪/୧୮ରେ ମାମଲା ରୁଜୁ କରିଥିଲା। ଏପରି କି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲକୁ ପଠା ଯାଇଥିଲା। କିଛିଦିନ ଜେଲରେ ରହିବା ପରେ ଅଭିଯୁକ୍ତ ବୁଲୁ ହାଇକୋର୍ଟରୁ ଜାମିନ ପାଇଥିଲେ। ମଙ୍ଗଳବାର ପୋକ୍ସୋକ କୋର୍ଟରେ ଏହାର ଶୁଣାଣି ହୋଇଥିଲା। ୩୬୩ ଦଫାରେ ୩ ବର୍ଷ ଜେଲ ଦଣ୍ଡ, ୫ ହଜାର ଜରିମାନା ଓ ୩୬୬ ଦଫାରେ ୫ ବର୍ଷ ଜେଲ ଦଣ୍ଡ, ୧୦ ହଜାର ଜରିମାନା ହୋଇଛି। ୩୭୬ ଏବି ଦଫାରେ ୨୦ ବର୍ଷ ଜେଲଦଣ୍ଡ, ୧୫ ହଜାର ଜରିମାନା ହୋଇଛି। ତେବେ ଦଣ୍ଡଗୁଡ଼ିକ ଏକକାଳୀନ ୨୦ ବର୍ଷ ଜେଲଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ଭୋଗିବାକୁ ପଡ଼ିବ। ସେହିପରି ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦଲକ ହ୍ୟାକର୍ସର ସେମି ଫାଇନାଲକୁ ଉନ୍ନୀତ

## ୧୪ତମ ଓଡ଼ଗାଁ ରଘୁନାଥ ଆଥଲେଟିକ କ୍ରିକେଟ

ଓଡ଼ଗାଁ,୧୪।୬ (ଆଦର୍ଶ କୁମାର ପଟ୍ଟନାୟକ) : ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଓଡ଼ଗାଁ ୧୪ତମ କ୍ରିକେଟ ଲିଗ୍ (ଓସିଏଲ)ର ବୁଧବାର ୫ମ ଦିବସରେ ଦଲକ ହ୍ୟାକର୍ସ ଓ ୟୁନିକ ଏକାଦଶ ଷ୍ଟାର ମଧ୍ୟରେ ମୁକାବିଲା ହୋଇଥିଲା। ଦଲକ ହ୍ୟାକର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୧ ରନ ସଂଗ୍ରହ କରିଥିବାବେଳେ ୟୁନିକ ଏକାଦଶ ଷ୍ଟାର ମାତ୍ର ୬୯ ରନରେ ସମସ୍ତ ଉଇକେଟ ହରାଇଥିଲେ । ଦଲକ ହ୍ୟାକର୍ସ ବିଜୟୀ ହେବା ସହିତ ୨ୟ ଦଳ ଭାବେ ସେମିତି ଫାଇନାଲକୁ ଉନ୍ନୀତ ହୋଇଛି । ଦ୍ୱିତୀୟ ମ୍ୟାଚ ଜୟ ଶିବ ଓ ଓଡ଼ଗାଁ ସୁପରକିଙ୍ଗସ ମଧ୍ୟରେ ମୁକାବିଲା ହୋଇଥିଲା। ଜୟ ଶିବ ଟିମ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ୪ ଗୋଟି ବଲରେ ସମସ୍ତ ଉଇକେଟ ହରାଇ ୧୨୦ ରନ କରିବାରେ ସକ୍ଷମ ହୋଇଥିଲେ। ୧୨୧ ରନର ବିଜୟ ଲକ୍ଷ୍ୟକୁ ଟାର୍ଗେଟ କରି ଓଡ଼ଗାଁ ସୁପର କିଙ୍ଗସ ୧୨ ଓଭରରେ ୬ ଉଇକେଟ ହରାଇ ୧୧୦ ରନରେ ସୀମିତ ରହିଥିଲା। ପ୍ରଥମ ମ୍ୟାଚରେ ସୌରଭ ମାଝି ଓ ଦ୍ୱିତୀୟ ମ୍ୟାଚରେ ରିଙ୍କୁ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଟ୍ରଫି ଶ୍ରୀରାମ ଜନ୍ମ ସେବା ଉତ୍ସବ ସମିତି ଦ୍ୱାରା ପୁରୁଣା ଖେଳାଳି ମହମ୍ମଦ ଆକବର ଓ ମନ୍ଦିର ଶିଳ୍ପୀ ସନ୍ତୋଷ ପ୍ରଧାନ ପ୍ରଦାନ କରିଥିଲେ। ଆସୋସିଏଶନ ସମ୍ପାଦକ ଦିବାକର ନାୟକଙ୍କ ଦ୍ୱାରା ଓସିଏଲ ପରିଚାଳିତ ହେଉଛି ।


ମ୍ୟାଚ୍ ପୂର୍ବରୁ ପିଚ୍‌ର ଉଭୟ ପାର୍ଶ୍ୱରେ ୨ ଦଳର ଖେଳାଳି ।

# ପହିଲି ରଜ ପାଇଁ ଉତ୍ସବମୁଖର ପୁରପଲ୍ଲୀ

ଖଣ୍ଡପଡ଼ା,୧୪।୬(ଅଜୟ କୁମାର ମହାରଣା)

- ପିଠା,ମିଠାପାନର ମଜା ଉଠାଇଲେ ଯୁବତୀ
- ଦୋଳି, ତାସ୍ ଓ ପଶା ଖେଳ ପାଖରେ ଭିଡ଼ ଜମୁଛି
- ମା'ଉମାଦେବୀଙ୍କପୀଠରେ ରଜ ମହୋତ୍ସବ ଆରମ୍ଭ

ଓଡ଼ିଶାର ଗଣପର୍ବ ରଜ ବୁଧବାରଠାରୁ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ସବୁଠି ପିଠାପଣାର ଆସର ଜମିଛି । ସମସ୍ତେ ଦୋଳି ଖେଳର ମଜା ଉଠାଉଛନ୍ତି । ନୟାଗଡ଼ ଜିଲା ଖଣ୍ଡପଡ଼ା ସହରାଞ୍ଚଳ ସମେତ କଣ୍ଟିଲୋ, ଖଳିସାହି, ବାଣପୁର, ବେଣାଗାଡିଆ ଓ ତା'ର ଆଖପାଖ ଅଞ୍ଚଳ, ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହ ରଜ ଉତ୍ସବ ପାଳିତ ହୋଇଛି।

ପ୍ରତିବର୍ଷ ପରି ମା'ଉମାଦେବୀଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ରଜ ମହୋତ୍ସବ ବୁଧବାରଠାରୁ ଆରମ୍ଭ ହେଉଛି। ଏହି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ମହୋତ୍ସବ କମିଟି ପକ୍ଷରୁ ମା'ଉମାଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ମା'ଙ୍କ ଧଣ୍ଡାମାଳ ଖଣ୍ଡପଡ଼ା ସହରାଞ୍ଚଳ ପରିକ୍ରମା କରିଥିଲା । ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବ ମୁଖର ହୋଇଉଠିଥିଲା । ବୁଧବାର ପ୍ରତ୍ୟୁଷରୁ କୁଆଁରୀ ଝିଅମାନେ ଗାଧୋଇସାରି ନୂତନ ବସ୍ତ୍ର ପରିଧାନ ପୂର୍ବକ ଚନ୍ଦନ, କୁଙ୍କୁମ, ଅଳତାରେ ସଜହୋଇ ପିଠା ଖାଇବା ସହ ଗାଁ ଓ ସାହି ବୁଲାବୁଲି କରିଥିଲେ । ଏଥିପାଇଁ ବିଭିନ୍ନ ସ୍ଥାନରେ ପ୍ରସ୍ତୁତ ହୋଇଥିବା ଦୋଳିରେ ଝିଅମାନେ ଭିଡ଼ ଲଗାଇଥିବା ପରିଲକ୍ଷିତ ହୋଇଥିଲା । ଗ୍ରାମାଞ୍ଚଳରେ ଯୁବକ ଓ ବୟସ୍କଙ୍କ ମଧ୍ୟରେ ତାସ ଓ ପଶା ଖେଳ ଚାଲିଛି ।

ଅପରପକ୍ଷେ ଭୋରୁ ବିଭିନ୍ନ ଦେବୀ ପୀଠରେ ସ୍ନାନ ନୀତି ସମ୍ପନ୍ନ ହେବାପରେ ମା'ଙ୍କୁ ମାଜଣା କରାଯାଇ ଭୋଗଲାଗି କରାଯାଇଥିଲା । ବିଶେଷ କରି ଖଣ୍ଡପଡା ମା' ଉମାଦେବୀ ସେବକ ସଂଘର କର୍ମକର୍ତ୍ତାଙ୍କ ସହଯୋଗରେ ଚଳିତ ବର୍ଷ ୫ଦିନ ଧରି ରଜ ମହୋତ୍ସବ ଚାଲିବ ବୋଲି ଘୋଷଣା କରାଯାଇଛି। ରଜପର୍ବ ପାଳନ ନିମନ୍ତେ ମନ୍ଦିର ପରିସରରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ବୁଧବାର ସନ୍ଧ୍ୟାରେ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଟିକା ଗୋବିନ୍ଦ ଚନ୍ଦ୍ର ପୌରାଣିକ ନାଟକ ମଞ୍ଚସ୍ଥ ହୋଇଛି । ରଜ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଶେଷ ରଜରେ ରଜ କୁଇନ ପ୍ରତିଯୋଗୀତା ଅନୁଷ୍ଠିତ ହେବ ବୋଲି ପ୍ରସ୍ତୁତି ସରିଛି । ମନ୍ଦିର ପରିସରରେ ଦୋଳି ଓ ମହୋତ୍ସବ ପଡିଆରେ ରାମଦୋଳି ଓ ମୀନା ବଜାରର ବ୍ୟବସ୍ଥା କରାଯାଇଛି । ଛୋଟପିଲାଙ୍କଠାରୁ ଆରମ୍ଭ କରି ବିଭିନ୍ନବର୍ଗର ଜନସାଧାରଣଙ୍କ ନିମନ୍ତେ ମହୋତ୍ସବ କମିଟି ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି । ବହୁ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ପୋଲିସ ପକ୍ଷରୁ ମନ୍ଦିର ପରିସରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ମନ୍ଦିରରେ ଉଜ୍ୱଳ ଆଲୋକୀକରଣ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଅପରପକ୍ଷେ ପହିଲି ରଜର ମହକ ବିଭିନ୍ନ ଗାଁ ଗଣ୍ଡାରେ ଦେଖିବାକୁ ମିଳିଛି। ବିଭିନ୍ନ ଦେବାଦେବୀ ପୀଠ, ତୋଟାମାଳରେ ରଜଦୋଳିରେ ଝିଅ ବୋହୂଙ୍କ ଆସର ଜମୁଛି। ଘରେ ଘରେ ପିଠାପଣା, ରଜପାନ ଓ ଭୋଜିଭାତର ଆୟୋଜନ ସହ ବିଭିନ୍ନ ସ୍ଥାନରେ କ୍ଲବ୍ ଓ ଅନୁଷ୍ଠାନ ପକ୍ଷରୁ ରଜପର୍ବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି। ବିଶେଷ କରି କଣ୍ଟିଲୋଠାରେ ପ୍ରଥମ କରି ରଜପାନ ବିକ୍ରି ପାଇଁ ଦୋକାନ ଖୋଲି ଥିବାରୁ ସେଠାରେ ଦଳଦଳ କୁଆଁରୀ ଝିଅ ଓ ଯୁବକ ଭିଡ଼ ଲଗାଇଥିବା ପରିଲକ୍ଷିତ ହୋଇଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜ୍ୟୋତିରଞ୍ଜନ


@ ମାମୁନି


@ ପ୍ରତିଶ



@ ରାକେଶ


@ ସୁଦାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱ ରକ୍ତଦାତା ଦିବସ

ନୟାଗଡ଼,୧୪।୬(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ବୈଠକ ଗୃହରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରକ) ଡାକ୍ତର ନୌଷଦ ଅଲ୍ଲୀ ଖାଁ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ସୁଧାଂଶୁ ଶେଖର ଷଡ଼ଙ୍ଗୀ, ବ୍ଲଡ଼ ବ୍ୟାଙ୍କ ଅଫିସର ଡାକ୍ତର ଅଜୟ ବାହିନୀପତି, ଡିପିଏମ୍ ବିଶ୍ୱ ରଞ୍ଜନ ରଥ ମଞ୍ଚାସୀନ ଥିଲେ । ୬୫ ଜଣ ରକ୍ତଦାତା ସଭାରେ ଯୋଗଦାନ କରି ତାଙ୍କର ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଗ୍ରାମରେ ସଚେତନତା ସୃଷ୍ଟି କରାଯାଇ ପାରିଲେ ରକ୍ତଦାତା ସଂଖ୍ୟା ବୃଦ୍ଧି ପାଇବ। ସ୍ୱାତୀଲତ ବିଶ୍ୱାଳ, ଦୀପକ ଦଳବେହେରା, ଅଜୟ ପଟ୍ଟନାୟକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଗତବର୍ଷ ଭକ୍ତମାନେ ଦାନ କରିଥିବା କାଠ ଖତ ଖାଉଛି ।


ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ କାଦୁଆ ଗାଁରେ ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ଏକ ନଳକୂପ ।


ବୁଧବାର ପହିଲ ରଜ ପାଇଁ ଓଡ଼ଗାଁ ରାମସାଗର ପାର୍କରେ ପିଲାମାନଙ୍କ ଭିଡ଼ ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ରଜ ମହୋତ୍ସବ ପାଳନ ଅବସରରେ ଖୋଲାଯାଇଥିବା ପାନ ପସରା।



କଟକ ବଳଭଦ୍ରପୁର ଜୟମହାବୀର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଯୁବତୀମାନେ ପୋଡ଼ପିଠା ଖୁଆଇ ରଜ ଉତ୍ସବ ପାଳନ କରୁଛନ୍ତି।

# ଜମିଲା ପହିଲି ରଜ

ଗଣପର୍ବ ରଜ ପାଇଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଗାଁ ଓ ସହର ସବୁଠି ଉତ୍ସବର ମାହୋଲ୍ ଆରମ୍ଭ ହୋଇଛି। ବୁଧବାର ପହିଲି ରଜରେ ପିଠା, ମିଠା, ପାନ ସାଙ୍ଗକୁ ଦୋଳି ଖେଳରେ ମଜି ଯାଇଛନ୍ତି ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଝିଅ, ବୋହୂମାନେ। ବିଶେଷକରି ତରୁଣୀମାନେ ସଜବାଜ ହୋଇ ସାଙ୍ଗସାଥୀଙ୍କ ମେଳରେ ବୁଲାବୁଲି କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ରଜର ମଜା ନେଉଛନ୍ତି। ସହରର ବିଭିନ୍ନ ହୋଟେଲ, ଅନୁଷ୍ଠାନ, କ୍ଲବ୍ ଓ ଘରୋଇ ଭାବେ ସ୍ୱତନ୍ତ୍ର ରଜ ଉତ୍ସବର ଆୟୋଜନ କରାଯାଉଥିବାବେଳେ ରଜଦୋଳି, ଝୋଟି, ରଙ୍ଗୋଲି, ସାଜସଜ୍ଜା, ରଜକୁମାରୀ ପ୍ରତିଯୋଗିତା ସହ ନାଚଗୀତର ଆସର ଖୁବ୍ ଜମୁଛି।

## ଓଡ଼ିଆଣୀଙ୍କ ରଜମଉଜ

‘‘ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ...’’ ଭଳି ରଜଗୀତର ମୂର୍ଚ୍ଛନାରେ ସଭିଏଁ ହୋଇ ଉଠୁଥିଲେ ଉତ୍ସବ ମୁଖର। ଅବସର ଥିଲା ଓଡ଼ିଶାର ପ୍ରମୁଖ ତଥା ଆଦିପର୍ବ ରଜ ଉତ୍ସବ ଉପଲକ୍ଷେ ପହିଲି ରଜ ସନ୍ଧ୍ୟାରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ସୂଚନା ଭବନଠାରେ ଓଡ଼ିଆଣୀଙ୍କୁ ନେଇ ଆୟୋଜିତ ‘ରଜ ମଉଜ’। ତ୍ରୁଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜ ପାନର ପ୍ରଦର୍ଶନ ସହ ଦର୍ଶକମାନଙ୍କୁ ପରିବେଷଣ ଏବଂ କବିତା ପାଠୋତ୍ସବ, ସଙ୍ଗୀତ ଗାନ ଓ ନୃତ୍ୟ ଆଦିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ଚମତ୍କାର ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାହିତ୍ୟିକ ଦାଶ ବେନ୍‌ହୁର, କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ୨୦୨୩ ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ସମାଜସେବୀ କସ୍ତୁରିକା ପଟ୍ଟନାୟକ, ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଡ଼ା, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ପ୍ରଥମଥର ପାଇଁ ଅନୁଷ୍ଠାନ ପକ୍ଷରୁ ପରିବେଶ ଲାଗି ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ବିଶିଷ୍ଟ ପରିବେଶବିତ୍ ଡ. ସୁନ୍ଦର ନାରାୟଣ ପାତ୍ରଙ୍କୁ ‘ବାଙ୍କବିହାରୀ ପରିବେଶ ସମ୍ମାନ ୨୦୨୩’ ପ୍ରଦାନ କରାଯାଇଥିଲା।

## ଆଜି ‘ସ୍ମୃତିରେ ଅକ୍ଷୟ’

ଭୁବନେଶ୍ୱର ଉପକଣ୍ଠ ପାହାଳ ଉତ୍କଳ ହାଇଟ୍ସସ୍ଥିତ କଲ୍‌ଚରାଲ୍ ଆସୋସିଏଶନ ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ୩ ଦିନ ଧରି ଚାଲିବ। ମହୋତ୍ସବର ପ୍ରଥମ ଦିନରେ ଏକାଗ୍ରତା ଡ୍ୟାନ୍ସ ଫାଉଣ୍ଡେଶନ ଏବଂ ଉତ୍କଳ ହାଇଟ୍‌ସ ପରିବାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟାଞ୍ଜଳୀ ଆୟୋଜନ କରାଯାଇଥିଲା। ଅନ୍ନପୂର୍ଣ୍ଣା ମହିଳା ଗୋଷ୍ଠୀଙ୍କ ବିଭିନ୍ନ ସୁସ୍ୱାଦୁ ଓଡ଼ିଆ ଖାଦ୍ୟର ଷ୍ଟଲ, ରଜ ପାନ ଓ ରଜ ଦୋଳିର ବ୍ୟବସ୍ଥା କରାଯାଇଛି। ଶତାଧିକ ମହିଳାଙ୍କ ସହ ବିଭିନ୍ନ ବର୍ଗର ଲୋକେ ଯୋଗଦେଇଥିଲେ। ଗୁରୁବାର ‘ସ୍ମୃତିରେ ଅକ୍ଷୟ’ କାର୍ଯ୍ୟକ୍ରମ ରହିଛି।

–ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

## ରାଜଧାନୀର ଗାଁ ଗାଁରେ ରଜ

ରାଜଧାନୀର ବିଭିନ୍ନ ଗାଁରେ ପହିଲି ରଜର ଆସର ଜମିଛି। ବରମୁଣ୍ଡା, ଘାଟିକିଆ, ପାତ୍ରପଡ଼ା, ନୟାପଲ୍ଲୀ ଆଦି ଗାଁର ବିଭିନ୍ନ ଆଞ୍ଚଳିକ କମିଟି ପକ୍ଷରୁ ରଜ ମହୋତ୍ସବ ଆୟୋଜନ କରାଯାଇଛି। ପଡ଼ିଆରେ ରଜଦୋଳି ଗୀତ ଗୁଞ୍ଜରିତ ହୋଇଥିବାବେଳେ ମିଠାପାନ ସହ ଭଳିକି ଭଳି ଖାଦ୍ୟ ପସରାର ମଜା ନେଇଛନ୍ତି ସହରବାସୀ।

ପାତ୍ରପଡ଼ା ଗାଁରେ ସକାଳରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଜମିଥିଲା। ମହାରାଜା କ୍ରିକେଟ୍ ଆସୋସିଏଶନ ଓ ପାତ୍ରପଡ଼ା– ଭଗବାନପୁର ଯୁବ ବାହିନୀ ପକ୍ଷରୁ ଆୟୋଜିତ ୧୩ତମ ରଜ ମହୋତ୍ସବରେ ସାରା ସହର ତଥା ସହର ବାହାରୁ ଲୋକମାନେ ଯୋଗ ଦେଇଥିଲେ। ଖରାକୁ ଖାତିର ନ କରି କୁନି କୁନି ପିଲାଙ୍କଠାରୁ ବୟସ୍କମାନେ ରଜ ପର୍ବର ମଜା ନେଇଛନ୍ତି। ଦିନ ତମାମ ନେତା, ଅଭିନେତା ଓ ଅଭିନେତ୍ରୀ ଏଠାରେ ପହଞ୍ଚି ଲୋକଙ୍କ ସହ ରଜ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲାଇଥିଲେ। ଅପରାହ୍ନରେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ପହଞ୍ଚି ରଜ ଉତ୍ସବରେ ନିଜକୁ ସାମିଲ କରିଥିଲେ। ରଜ ଗୀତ ଗାଇ ପ୍ରିୟ ଅଭିନେତ୍ରୀଙ୍କ ସହ ସେଲ୍‌ଫି ନେବାର ସୁଯୋଗକୁ ପ୍ରଶଂସକ ହାତଛଡ଼ା କରିନ ଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନୟାପଲ୍ଲୀରେ ଓଲିଉଡ଼ର ବିଶିଷ୍ଟ କଳାକାରମାନେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଘାଟିକିଆ ମେଳଣ ପଡ଼ିଆରେ ଆୟୋଜିତ ରଜ ମହୋତ୍ସବରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

–ଅନୁରାଧା ମହାରଣା, ଭୁବନେଶ୍ୱର



କଟକ ବଳଭଦ୍ରପୁର ଜୟମହାବୀର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଯୁବତୀମାନେ ସେଲ୍‌ଫି ନେଉଛନ୍ତି।



କଟକ ବିକାଶ ଭବନରେ ଅନୁଷ୍ଠିତ ରଜ ମହୋତ୍ସବରେ ଜଣେ ଯୁବତୀ ଦୋଳି ଖେଳୁଛନ୍ତି।



ଭୁବନେଶ୍ୱର କଳ୍ପନା ଛକସ୍ଥିତ ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ରଜ ଉତ୍ସବରେ ପାରମ୍ପରିକ ନୃତ୍ୟ ପରିବେଷଣ।



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ରଜ ଉତ୍ସବରେ ଅନ୍ୟମାନଙ୍କ ସହ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର ଦୋଳି ଖେଳୁଛନ୍ତି।



କଟକ ବିକାଶ ଭବନରେ ବୁଧବାର ଅନୁଷ୍ଠିତ ରଜ ମହୋତ୍ସବ ତଥା ଲୋକକଳା ଉତ୍ସବ ଅବସରରେ ଯୁବତୀମାନେ ପରସ୍ପରକୁ ପାନ ଖୁଆଉଛନ୍ତି।



କଟକ ବିକାଶ ଭବନରେ ଆୟୋଜିତ ରଜ ମହୋତ୍ସବରେ କଟକ ମେୟର ସୁବାସ ସିଂ କଟକ–ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ ପୋଡ଼ପିଠା ଖୁଆଇ ଦେଉଛନ୍ତି। ନିକଟରେ ଅଛନ୍ତି କଟକ–ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ।



ଧଉଳି ଗୋପୀନାଥପୁର ମେଳଣ ପଡ଼ିଆରେ ମା’ ଦକ୍ଷୀଣଚଣ୍ଡୀ ମହିଳା ମହାସଂଘ ପକ୍ଷରୁ ଅନୁଷ୍ଠିତ ୭ମ ରଜ ଉତ୍ସବରେ ଜଣେ ମହିଳା ଦୋଳି ଖେଳୁଛନ୍ତି।



ଭୁବନେଶ୍ୱର ପାତ୍ରପଡ଼ାଠାରେ ଆୟୋଜିତ ରଜ ମହୋତ୍ସବରେ ଯୋଗଦେଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦୋଳିରେ ଝୁଲାଉଛନ୍ତି।

# ମନେ ରହିବ 'ଲଷ୍ଟ'

ଚଳିତ ବର୍ଷ ଫେବୃୟାରୀ ୧୬ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା ହିନ୍ଦୀ ସିନେମା 'ଲଷ୍ଟ'। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ୟାମି ଗୌତମ। ରୋଲ୍‌ଟି ଥିଲା ବିଧି ସାହାଣୀ। ଆମର ହଜିଯାଉଥିବା ପରମ୍ପରାକୁ କିପରି ରକ୍ଷା କରାଯାଇପାରିବ ସେଥିଲାଗି ଜଣେ ନାରୀ କିପରି ଅଣ୍ଟା ଭିଡିଛି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି। ଏଥିରେ ନିଜ ଭୂମିକାକୁ ଠିକ୍ ଭାବେ ତୁଲାଇ ୟାମି ସାଉଁଟି ଚାଲିଛନ୍ତି ପ୍ରଶଂସା। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏହି ଅଫରଟି ମୋତେ ମିଳିଲା ଆଉ ଫିଲ୍ମର କାହାଣୀ ଏବଂ ମୋ ଭୂମିକା ବିଷୟରେ ଏହାର ନିର୍ଦ୍ଦେଶକ ଅନିରୁଦ୍ଧ ରାୟ ଚୌଧୁରୀ ମୋତେ ସୂଚନା ଦେଲେ ସେତେବେଳେ ମୁଁ ଭାବିଥିଲି ସିନେମାଟି ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ। ଆଉ ଶେଷରେ ତାହା ହିଁ ହୋଇଥିଲା। କିନ୍ତୁ ବଡ଼ ପରଦାରେ ରିଲିଜ୍ ହେବା ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୨୨ରେ ଅନୁଷ୍ଠିତ ଚିକାଗୋ ସାଉଥ୍ ଏସିଆନ୍ ଫିଲ୍ମ ଫେଷ୍ଟିଭାଲ ଏବଂ ଗୋଆରେ ଆୟୋଜିତ ୫୩ତମ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଥିଲା। ଏହି ଫିଲ୍ମଟି ମୋ କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଛି।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ୍ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡ଼ିକ ହେଲା- 'ଭିକି ଡୋନର', 'ଆକ୍ସନ ଜ୍ୟାକ୍‌ସନ', 'ବଦ୍‌ଲାପୁର', 'ସନମ୍ ରେ', 'ସରକାର-୩', 'ବାଲା', 'ଗିନ୍ନି ୱେଡ୍ସ ସନ୍ନି', 'ଭୂତ ପୋଲିସ୍' ଏବଂ 'ଏ ଥର୍ସ ଡେ'।


ୟାମି

# ଜହ୍ନ ରାତିର ସାଥୀ


ସମିତ୍

କୋଟିପତି ସତ୍ୟଜିତ ପଟ୍ଟନାୟକ ନିଜ ବ୍ୟବସାୟକୁ ନେଇ ବ୍ୟସ୍ତ। ଜମିଦାର ଭବାନୀ ଶଙ୍କର ରାୟ ଚୌଧୁରୀଙ୍କ ସହ ସୃଷ୍ଟି ହୁଏ ବନ୍ଧୁତା। ସମୟକ୍ରମେ ଦୁହେଁ ଏକାଠି ବିଜନେସ୍ କରିବାକୁ ସ୍ଥିର କରନ୍ତି। ଏହାଭିତରେ ସତ୍ୟଜିତଙ୍କ ଏକମାତ୍ର ଝିଅ ନେହାର ଭବାନୀଙ୍କ ପୁତୁରା ଅମିତ୍ ସହ ପ୍ରେମସମ୍ପର୍କ ଗଢ଼ିଉଠେ। ଏକ ଘଟଣାକ୍ରମରେ ନେହା ଜଙ୍ଗଲରେ ହଜିଯିବା ପରେ ପ୍ରେମ କାହାଣୀ ନିଏ ନୂଆ ମୋଡ଼। ସୁନୟନା ନାମ୍ନୀ ଜଣେ ଯୁବତୀ (ଯାହାର ଆତ୍ମା ଅତୃପ୍ତ ରହିଛି) ସଂସ୍ପର୍ଶରେ ଆସିବା ପରେ କାହାଣୀରେ ଆସେ ରୋଚକ ପରିବର୍ତ୍ତନ। ତେବେ ସୁନୟନା ଆତ୍ମା କାହିଁକି ଅତୃପ୍ତ ରହିଛି ଏବଂ ପରବର୍ତ୍ତୀ ସମୟରେ ଅମିତ-ନେହାର ପ୍ରେମ କିପରି ଆଗକୁ ଆଗଉଛି ଆଉ ସତ୍ୟଜିତ ଏବଂ ଶଙ୍କରଙ୍କ ଭିତରେ ଥିବା ବନ୍ଧୁତା ଅତୁଟ ରହେ କି ନାହିଁ ତାହାର ଉତ୍ତର ସିନେମାଟି ଦେଖିଲେ ହିଁ ଜାଣିପାରିବେ। ହଁ, ଏଭଳି ଏକ ରହସ୍ୟ, ରୋମାଞ୍ଚଭରା କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଜହ୍ନ ରାତିର ସାଥୀ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ। କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ। ଏଥିରେ ସମରେଶ ରାଉତରାୟ ଗୁଣିଆ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଜିତେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସମ୍ବିତ ଆଚାର୍ଯ୍ୟ, ଶୀତଲ ପାତ୍ର, ପୁନମ ମିଶ୍ର, ପ୍ରଜ୍ଞା ଖଟୁଆ, ପୃଥ୍ୱୀରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର। ଚିତ୍ରଟିର ସେନ୍‌ସର କାମ ଶେଷ ହୋଇଛି ଏବଂ ଏହା ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

ପରଦାରେ

# ଆଦିପୁରୁଷ


'ଆଦିପୁରୁଷ' ଫିଲ୍ମରେ ପ୍ରଭାସ ଏବଂ କ୍ରିତି

ରାମାୟଣ କଥାବସ୍ତୁକୁ ଆଧାର କରି ନିର୍ମିତ ହୋଇଛି 'ଆଦିପୁରୁଷ'। ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଖାସ୍ କଥା ହେଲା ଫିଲ୍ମଟି ଆସନ୍ତାକାଲି ଅର୍ଥାତ୍ ୧୬ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାର ପ୍ରାରମ୍ଭିକ କାମ ଆରମ୍ଭ ବେଳଠାରୁ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। କେତେକ ସିନେ ସମୀକ୍ଷକ ଆକଳନ କରିଛନ୍ତି ଯେ, ଚଳିତ ବର୍ଷ ଏହା ସବୁଠାରୁ ଅଧିକ ଆୟକାରୀ ଫିଲ୍ମ ଭାବରେ ପରିଗଣିତ ହେବ। ଏଥିରେ ରାମ ଭୂମିକାରେ ସାଉଥ୍ ଷ୍ଟାର ପ୍ରଭାସ, ରାବଣ ଚରିତ୍ରରେ ସୈଫ ଅଲ୍ଲୀ ଖାଁ ଏବଂ ସୀତା ରୋଲ୍‌ରେ କ୍ରିତି ସାନନ୍ ଅଭିନୟ କରିଛନ୍ତି। ଫିଲ୍ମଟିର କାହାଣୀ ରଚନା ସହ ନିର୍ଦ୍ଦେଶନାଭାର ତୁଲାଇଛନ୍ତି ଓମ୍ ରାଓ୍ୱତ। ପ୍ରଯୋଜନା କରିଛନ୍ତି ଟି-ସିରିଜ୍ ଏବଂ ରେଟ୍ରୋଫିଲିସ୍। ଅତ୍ୟାଧୁନିକ ଟେକ୍ନୋଲୋଜିରେ ଏହାର ଶୁଟିଂ କରାଯାଇଛି। ଫିଲ୍ମଟିର ବଜେଟ୍ ରହିଛି ୭୦୦ କୋଟି। ୧୯୯୨ରେ ରିଲିଜ୍ ହୋଇଥିବା ଜାପାନୀ ଫିଲ୍ମ 'ରାମାୟଣ : ଦ ଲିଜେଣ୍ଡ ଅଫ୍ ପ୍ରିନ୍ସ ରାମ'କୁ ଦେଖିବା ପରେ 'ଆଦିପୁରୁଷ' ନିର୍ମାଣ କରିବାକୁ ମନ ବଳାଇଥିଲେ ଓମ୍। ଫିଲ୍ମଟିର ଟିଜର ରିଲିଜ୍ ହେବା ପରେ ତାହା ଏତେ ଲୋକପ୍ରିୟ ହେଲା ଯେ ପୂର୍ବ ବଜେଟ୍ ୪୦୦ କୋଟିକୁ ଟପି ଏହା ୭୦୦ କୋଟିରେ ପହଞ୍ଚି ଯାଇଥିଲା। ଏ ନେଇ ଓମ୍ କୁହନ୍ତି, 'ଏଥିରେ ରାମ-ସୀତା-ରାବଣ ଚରିତ୍ର ନାମକୁ ବଦଳାଇ 'ରାଘବ-ଜାନକୀ-ଲଙ୍କେଶ' ରଖାଯାଇଛି। ଆଦିପୁରୁଷ ଅର୍ଥ ହେଲା ପ୍ରଥମ ପୁରୁଷ। କିନ୍ତୁ ଏହି ଟାଇଟଲର ଅର୍ଥ ହେଉଛି ବେଷ୍ଟ ମ୍ୟାନ୍ ବା ଶ୍ରେଷ୍ଠ ପୁରୁଷ। ସୀତା ଭୂମିକା ପାଇଁ କ୍ରିତିଙ୍କୁ ସାଇନ୍ କରିବା ପୂର୍ବରୁ ଆଉ କେତେଜଣ ଅଭିନେତ୍ରୀ-ଅନୁଷ୍କା ସେଟ୍ଟି, ଅନୁଷ୍କା ଶର୍ମା, କିଆରା ଆଡ୍‌ୱାନୀ ଏବଂ କୀର୍ତ୍ତି ସୁରେଶଙ୍କ ନାମ ବିଚାରକୁ ନିଆଯାଇଥିଲା।' ଏହି ଫିଲ୍ମରେ ଅଭିନୟ କରିବା ଲାଗି ପ୍ରଭାସ ପାରିଶ୍ରମିକ ଆକାରରେ ୧୫୦ କୋଟି ନେଇଛନ୍ତି।

# ଅତୀତରୁ

➤ଉଦୟ ପିକ୍‌ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ସୂର୍ଯ୍ୟମୁଖୀ'। ପ୍ରଫୁଲ୍ଲ ସେନ୍‌ଗୁପ୍ତାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସୌମେନ୍ଦ୍ର, ମିନତି, ଅନନ୍ତ ଏବଂ ସୁଖଲତା ପ୍ରମୁଖ କଳାକାର ଅଭିନୟ କରିଥିଲେ।

➤ଶ୍ରୀନିବାସ ପାଇକରାୟଙ୍କ ପ୍ରଯୋଜିତ ଏବଂ ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ଜୀବନସାଥୀ'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶ। ଏଥିରେ ଶରତ ପୂଜାରୀ, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

➤ଓଡ଼ିଆ ସିନେମା 'ଅମଡ଼ାବାଟ'ର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ। ଉମାକାନ୍ତ, ଅକ୍ଷୟ, ଝରଣା ଦାସ, ଗୀତା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

➤ରାଜାରାଣୀ ଫିଲ୍ମସ, କଟକ ବ୍ୟାନରରେ ନିର୍ମିତ 'ବନ୍ଧନ'ର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଏଥିରେ ଗୀତାଞ୍ଜଳି, ଗୋବିନ୍ଦ, ଧୀର ବିଶ୍ୱାଳ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

➤'ଅଶାନ୍ତ ଗ୍ରହ' ଫିଲ୍ମର ପ୍ରଯୋଜନା କରିଥିଲେ ତୋଫାନ ତ୍ରିପାଠୀ ଏବଂ ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଏହି ଚିତ୍ରରେ ଶରତଙ୍କ ବ୍ୟତୀତ ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ ମଧ୍ୟ ଅଭିନୟ କରିଥିଲେ।

➤ରାହାସ ବିହାରୀ ପଣ୍ଡାଙ୍କ ପ୍ରଯୋଜନାରେ ପ୍ରସ୍ତୁତ 'ସମର୍ପଣ'ର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ଗିରିଶ, ତନ୍ଦ୍ରା, ନିହାରିକା ପ୍ରମୁଖ କଳାକାର ଅଭିନୟ କରିଥିଲେ।

➤କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଝିଲି ମିଲି'ରେ ଶ୍ରୀରାମ ପଣ୍ଡା ଏବଂ ମହାଶ୍ୱେତା ରାୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

➤ଓଡ଼ିଆ ସିନେମା 'ତଅପୋଇ'ର ପ୍ରଯୋଜନା କରିଥିଲେ ସୁବୋଧ ଚନ୍ଦ୍ର ସାମଲ ଏବଂ ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଏହାର ବିଭିନ୍ନ ଭୂମିକାରେ ପ୍ରଶାନ୍ତ ନନ୍ଦ, ସାମୁଏଲ ସାହୁ (ବାବି), ଧୀର ବିଶ୍ୱାଳ, କ୍ଷଣପ୍ରଭା ପ୍ରମୁଖ କଳାକାର ଅଭିନୟ କରିଥିଲେ।

# ଶିବ ଅବତାର


'ଓଏମ୍‌ଜି-୨' ଫିଲ୍ମରେ ଅକ୍ଷୟ

ଖିଲାଡି ମାଷ୍ଟର ଅକ୍ଷୟ କୁମାର ଖୁବ୍ ଶୀଘ୍ର ଏକ ନୂଆ ଗେଟ୍‌ଅପ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଅବଶ୍ୟ ଏହା ତାଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ଅନେକ ଭିନ୍ନ ଭୂମିକା ତାଙ୍କୁ ଚର୍ଚ୍ଚିତ କରିବା ସହ ଦର୍ଶକଙ୍କ ନିକଟତର କରାଇବାରେ ସାହାଯ୍ୟ କରିଛି। ଏଥରର ନୂଆ ଅବତାର ହେଲା ଶିବ ଆଉ ସିନେମାଟି ହେଉଛି 'ଓଏମ୍‌ଜି ୨'। ଏହାପୂର୍ବରୁ ୨୦୧୨ରେ ତାଙ୍କ ଅଭିନୀତ 'ଓଏମ୍‌ଜି' (ଓ ମାଇଁ ଗଡ୍) ହିଟ୍ ସାବ୍ୟସ୍ତ ହୋଇଥିଲା। ସେଥିରେ ଅକ୍ଷୟଙ୍କ ବ୍ୟତୀତ ପରେଶ ରାଓ୍ୱଲ, ମିଥୁନ ଚକ୍ରବର୍ତ୍ତୀ, ଗୋବିନ୍ଦ ନାମଦେବ ମଧ୍ୟ ଅଭିନୟ କରିଥିଲେ। ୨୦୨୧ରେ ଏହାର ସିକ୍ୱେଲ ନିର୍ମାଣ କରିବାକୁ ଚିନ୍ତା କରିଥିଲେ ଅକ୍ଷୟ ଆଉ ଏବେ ତାଙ୍କର ସେହି ସ୍ୱପ୍ନ ସାକାର ହୋଇଛି। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ କାହାଣୀ ଗତି କରିଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଭିପୁଲ ଡି. ଶାହା, ରାଜେଶ ବହଲ ଏବଂ ଅଶ୍ୱିନୀ ବର୍ଦ୍ଧେ। ଅମିତ ରାଇଙ୍କ ନିର୍ଦ୍ଦେଶିତ 'ଓଏମ୍‌ଜି ୨'ରେ ଅକ୍ଷୟଙ୍କ ବ୍ୟତୀତ ପଙ୍କଜ ତ୍ରିପାଠୀ, ୟାମି ଗୌତମ, ଅରୁଣ ଗୋଭିଲଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।

# କାରଣ ଖୋଜୁଛନ୍ତି ନୁସ୍‌ରତ

ନୁସ୍‌ରତ ଭରୁଚା କେତେ ଆଶା ରଖିଥିଲେ। ଯାହା ହେଉ ପୁଣି ଏକ ଅଫର ମିଳିଛି। ଏପରି କି ନୂଆ ସିନେମାଟିରେ ଅଭିନୟ କରିବାକୁ ସେ ନିଜର ସମ୍ମତି ଜଣାଇ ସାରିଥିଲେ। କିନ୍ତୁ ରାତାରାତି କ'ଣ ହେଲା କେଜାଣି, ଦେଖିଲା ବେଳକୁ ନୁସ୍‌ରତଙ୍କୁ ଫାଇନାଲ କାଷ୍ଟିଂରୁ ଆଉଟ୍ କରିଦିଆଯାଇଥିଲା। ଏହା ପଛରେ କି କାରଣ ରହିଛି ତାହାର ଖିଅ ଏଯାଏ ସେ ଖୋଜି ପାଉନାହାନ୍ତି। ତାଙ୍କ ସ୍ଥାନରେ ଅନନ୍ୟା ପାଣ୍ଡେଙ୍କୁ ସାଇନ୍ କରାଯାଇଥିଲା। ଏଭଳି ଘଟଣା ସମ୍ପର୍କରେ ନୁସ୍‌ରତ କହନ୍ତି, 'ମୋତେ କାହିଁକି ଶେଷକୁ କାଷ୍ଟିଂରୁ ବାଦ୍ ଦିଆଗଲା, ତାହା ମୁଁ ଜାଣିପାରୁନି। ଅବଶ୍ୟ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ ରାଜି ହୋଇଥିଲି, କିନ୍ତୁ ସାଇନିଂ ଆମାଉଣ୍ଟ ନେଇ ନ ଥିଲି। ପ୍ରଯୋଜନା ସଂସ୍ଥା ମୋ ବଦଳରେ ଅନନ୍ୟାଙ୍କୁ ନେଇଛି। ଏହାକୁ ମୁଁ ଅଧିକ ତର୍ଜମା କରିବାକୁ ଚାହୁଁନାହିଁ। କାରଣ ଆକ୍ଟିଂ ଲାଇନ୍‌ରେ ଏମିତି ଅନେକ ଘଟଣା ଘଟିଥାଏ।' ହଁ, ଏହି ଫିଲ୍ମଟିର ଟାଇଟଲ ରହିଛି 'ଡ୍ରିମ୍ ଗର୍ଲ-୨'। ଚିତ୍ରଟି ଚଳିତ ମାସ ୨୩ରେ ପରଦା ଉପରକୁ ଆସୁଛି। ଏଥିରେ ଅନନ୍ୟାଙ୍କ ନାୟକ ସାଜିଛନ୍ତି ଆୟୁଷ୍ମାନ୍ ଖୁରାନା।


ନୁସ୍‌ରତ


ଚିନ୍ମୟୀ

# ଅପେକ୍ଷାରେ ଚିନ୍ମୟୀ

ନବାଗତା ଚିନ୍ମୟୀ ମଲ୍ଲ ଓରଫ ରାନୀ। ପାଠପଢ଼ା ସହିତ ମଡେଲିଂ ସହ ଜଡ଼ିତ। ହେଲେ ତା' ଭିତରେ ବଡ଼ ପରଦାରେ ନାୟିକା ସାଜିବାର ଆଶା ରଖିଛନ୍ତି। ଅବଶ୍ୟ ଯା ଭିତରେ ତାଙ୍କୁ କେତୋଟି ଅଫର ମିଳିଛି। ନିଜର ଆକ୍ଟିଂ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ସ୍କୁଲରେ ପଢୁଥିଲି ସେତେବେଳେ ଡ୍ରାମାରେ ଅଭିନୟ କରୁଥିଲି। ଡ୍ୟାନ୍ସ ଥିଲା ମୋର ଆଉ ଏକ ରୁଚି। ଏବେ ପାଠ ପଢ଼ିବା ସହ ମଡେଲିଂ ଚାଲିଛି। ବର୍ତ୍ତମାନ ଅଭିନୟକୁ କ୍ୟାରିୟର କରିବାକୁ ଆଶା ରଖିଛି। ଏ ନେଇ ତରବର ହେଲେ ତ ହେବ ନାହିଁ। ଅପେକ୍ଷା କରିବାକୁ ପଡ଼ିବ। କାରଣ ବଡ଼ ପରଦାରେ କୌଣସି ନୂଆ ଅଫର ଗ୍ରହଣ କରିବା ପୂର୍ବରୁ ମୋତେ ଗମ୍ଭୀରତା ସହ ଚିନ୍ତା କରିବାକୁ ପଡ଼ିବ। ବାକି ରହିଲା ରୋଲ୍ କଥା। ଜଣେ କଳାକାର ସବୁପ୍ରକାର ଭୂମିକା ତୁଲାଇ ପାରୁଥିବା ଦରକାର, ଆଉ ସେ ଆତ୍ମବିଶ୍ୱାସ ନିଜ ଉପରେ ରହିଛି।' ବଲିଉଡ୍‌ରେ ଶାହରୁଖ, ସଲ୍‌ମାନ ଏବଂ ଓଲିଉଡ୍‌ରେ ବାବୁସାନ୍, ଅର୍ଚ୍ଚିତା ହେଉଛନ୍ତି ତାଙ୍କ ମନପସନ୍ଦର କଳାକାର। ଇତିମଧ୍ୟରେ ସେ 'ଆଖି ପଲକରେ ତୁ' ନାମକ ଏକ ମ୍ୟୁଜିକ୍ ଆଲବମ୍‌ରେ ମଧ୍ୟ ଅଭିନୟ କରିଛନ୍ତି। ତେବେ କଟକ ଜିଲା ସାଲେପୁରରେ ଜନ୍ମିତା ଚିନ୍ମୟୀଙ୍କ ବଡ଼ ପରଦା ଆଶା କେବେ ପୂରଣ ହେଉଛି ତାହା ଜାଣିବାକୁ ଅପେକ୍ଷା କରିବାକୁ ହିଁ ପଡ଼ିବ।

ରିଲିଜ୍ ଅପେକ୍ଷାରେ

# ଶଙ୍କର

ଆକ୍ସନ, ରୋମାଣ୍ଟିକ୍ ଓ ସସ୍‌ପେନ୍ସ ଭରା ତଥା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର'। ନାୟକ (ଦେବା) ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଆଉ ଜଣେ ସୁନ୍ଦରୀ (ଦିବ୍ୟା) ସହ। ଦୁହେଁ ଦୁହିଙ୍କୁ ଭଲ ପାଇ ବସନ୍ତି। ତା'ପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ଚିତ୍ରର ବିଭିନ୍ନ ଭୂମିକାରେ ଦେବା, ସିଦ୍ଧାନ୍ତ ମହାପାତ୍ର, ଶିବା, ଦିବ୍ୟା, କୁନା ତ୍ରିପାଠୀ, କେକେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ୍. ପାଢ଼ୀ। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। "ରଜ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ଏହି ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ। ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ଏହା ମୋର ଦୃଢ଼ ବିଶ୍ୱାସ ବୋଲି କୁହନ୍ତି ଏହାର ପ୍ରଯୋଜକ ଅରବିନ୍ଦ ସାହୁ।"


'ଶଙ୍କର' ଫିଲ୍ମରେ (ବାମରୁ) ଦେବା, ସିଦ୍ଧାନ୍ତ, ଶିବା

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ତନିସ୍କର ନୂଆ 'ସୁନା ବଦଳ ନୀତି' ପ୍ରଚଳନ

ଭୁବନେଶ୍ୱର,୧୪।୬
(ଅଭୟ ଦାଶ)

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିସ୍କ ପକ୍ଷରୁ ଏକ ଅଭିନବ ପଦକ୍ଷେପ ତଥା ସୁବିଧା 'ସୁନା ବଦଳ ନୀତି'ର ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୁନାର ବର୍ଦ୍ଧିତ ଦର ମଧ୍ୟରେ ତନିସ୍କ ତା'ର ନୂଆ 'ସୁନା ବଦଳ ନୀତି' ପ୍ରଚଳନ କରିଛି। ବିଶେଷକରି ଅସ୍ଥିର ଦର ମଧ୍ୟରେ ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ। ସେହିଭଳି ଗ୍ରାହକଙ୍କୁ ସେମାନଙ୍କ ସୁନାର ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିବା ସହ ଉକ୍ତ ନୀତି ସେମାନଙ୍କୁ ବେଶ୍ ସହାୟକ ଓ ପୁରୁଣା ସୁନାକୁ ଅପ୍‌ଗ୍ରେଡ୍ କରିବାର ସୁଯୋଗ ଦେଉଛି। ଫଳରେ ସେମାନେ ତନିସ୍କର ନୂଆ ତଥା ଅତ୍ୟାଧୁନିକ ଡିଜାଇନ ପାଇପାରିବେ। ବର୍ତ୍ତମାନ ତନିସ୍କରେ ସୁନା ବଦଳ ୧,୦୦,୦୦୦ କିଲୋଗ୍ରାମର ମାଇଲଖୁଣ୍ଟ ଛୁଇଁବା ପରିପ୍ରେକ୍ଷୀରେ ଏହି ସୁନା ବଦଳ ନୀତି ଘୋଷଣା କରାଯାଇଛି। ଏପରିକି ୧୦୦ ଟନ୍ ସୁନା ବଦଳ ମାଧ୍ୟମରେ ୨୦ ଲକ୍ଷ ଗ୍ରାହକ ତନିସ୍କ ଉପରେ ସେମାନଙ୍କ ଭରସା ଦେଖାଇଛନ୍ତି ଏବଂ ଏକ୍ସଚେଞ୍ଜ ପାଇଁ ତନିସ୍କକୁ ବାଛିଛନ୍ତି। ସୁନା ଦରରେ ବୃଦ୍ଧି ଧାରା ଜାରି ରହିଥିବାବେଳେ ଗ୍ରାହକ ସେମାନଙ୍କର ପୁରୁଣା ସୁନାର ମୂଲ୍ୟ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର ପନ୍ଥା ଆପଣାଉଛନ୍ତି। ଏହାକୁ ବଦଳାଇ ଆଧୁନିକ ଡିଜାଇନ ଗହଣା ନେଉଛନ୍ତି। ଏପରିକି ପ୍ରତି ୨୦ କ୍ୟାରେଟ୍ ଏବଂ ତଦୂର୍ଦ୍ଧ୍ୱ ମାନର ପୁରୁଣା ସୁନା ବଦଳ ଉପରେ ତନିସ୍କ ୧୦୦% ମୂଲ୍ୟ ପ୍ରଦାନ କରୁଛି। ଏହାର ସୁନା ବଦଳ ପ୍ରୋଗ୍ରାମ ଭରସା, ସ୍ୱଚ୍ଛତା ଏବଂ ଗ୍ରାହକଙ୍କ ପାଇଁ ଅଦ୍ୱିତୀୟ ମୂଲ୍ୟ ପ୍ରଦାନକୁ ସୂଚାଉଛି। ଏହି ନୂଆ ବଦଳ ନୀତି ଦେଶରେ ଥିବା ସମସ୍ତ ତନିସ୍କ ଷ୍ଟୋରରେ ବୈଧ। ଲୋକମାନେ ବିବାହ ଋତୁ ଏବଂ ଅନ୍ୟାନ୍ୟ ଅବସର ପାଇଁ ସୁନା କିଣିବାକୁ ଯୋଜନା କରୁଥିବାବେଳେ ଏହି ବଦଳ ନୀତିକୁ ତନିସ୍କ ପ୍ରଚଳନ କରିଛି।

ଏ ସମ୍ପର୍କରେ ଟାଇଟନ କମ୍ପାନୀ ଲିମିଟେଡ୍‌ର ଗହଣା ଡିଭିଜନ ସିଇଓ ଅଜୟ ଚାୱଲା କହିଛନ୍ତି, ଦେଶବ୍ୟାପୀ ୨୦ଲକ୍ଷ ଗ୍ରାହକଙ୍କ ଦ୍ୱାରା ୧୦୦ଟନ୍ ସୁନା ବଦଳର ଏହି ସେଲିବ୍ରେଶନ ବର୍ଷ ବର୍ଷ ଧରି ଆମ ଉପରେ ରହିଥିବା ଗ୍ରାହକଙ୍କ ଭରସା ଏବଂ ବିଶ୍ୱାସର ସଙ୍କେତ। ବର୍ତ୍ତମାନ ସୁନାର ବର୍ଦ୍ଧିତ ଦରକୁ ଦେଖିଲେ ଗ୍ରାହକଙ୍କ ପାଇଁ ଏହାର ବଦଳ ଏକ ଭଲ ନିଷ୍ପତ୍ତି। ଲକରରେ ସୁନାକୁ ପକାଇ ରଖିବା ଅପେକ୍ଷା ଏହାକୁ ବଦଳ କରିବା ଉତ୍ତମ। ଏହି ପ୍ରୋଗ୍ରାମରେ ସାମିଲହେବାକୁ ସମସ୍ତଙ୍କୁ ଆହ୍ୱାନ। ଯେକୌଣସି ଗହଣା ଦୋକାନରୁ କିଣାଯାଇଥିବା ସୁନା ମଧ୍ୟ ତନିସ୍କ ଗ୍ରହଣ କରୁଛି। ଗ୍ରାହକ ନିଜ ସୁବିଧା ଅନୁସାରେ ଏହାକୁ ଦେଶରେ ଥିବା ଯେକୌଣସି ତନିସ୍କ ଷ୍ଟୋରରେ ବଦଳ କରିପାରିବେ। ଏହି ଏକ୍ସଚେଞ୍ଜ ପ୍ରୋଗ୍ରାମ ବିଶାଳ ରେଞ୍ଜ ଗହଣା ଯେପରି ଗୋଲ୍ଡ ପ୍ଲେନ୍, ଗ୍ଲାସ୍ କୁନ୍ଦନ, କୁନ୍ଦନ ପୋଲ୍‌କୀ, ଓପନ୍ ପୋଲ୍‌କୀ, ପିଜେଡବ୍ଲୁଏସ୍, କଲର ଷ୍ଟୋନ୍ ଆଦିରେ ଉପଲବ୍ଧ।




# ମିନ୍ତ୍ରାର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୪।୬

ଇ-କର୍ମସ ପ୍ଲାଟ୍‌ଫର୍ମ ମିନ୍ତ୍ରାର ସ୍ୱତନ୍ତ୍ର ଅଭିଯାନ ସହ ମିନ୍ତ୍ରା ଇଓଆର୍‌ଏସ୍‌ର ୧୮ତମ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୬୦୦୦ରୁ ଅଧିକ ପ୍ରତିଷ୍ଠିତ ଘରୋଇ ଓ ଅନ୍ତର୍ଜାତୀୟ ଉତ୍ପାଦ ଏବଂ ଡି୨ସି ବ୍ରାଣ୍ଡଗୁଡ଼ିକରୁ ୨୦ଲକ୍ଷରୁ ଅଧିକ ଫ୍ୟାଶନ,ବିୟୁଟି ଓ ଲାଇଫ୍‌ଷ୍ଟାଇଲ୍ ପ୍ରଡକ୍ଟ ସହ ମିନ୍ତ୍ରା ଇଓଆର୍‌ଏସ୍‌ର ୧୮ତମ ସଂସ୍କରଣ ବର୍ତ୍ତମାନ ଲାଇଭ୍ ରହିଛି। ଏପରିକି ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ମିନ୍ତ୍ରା ପକ୍ଷରୁ ଇଓଆର୍‌ଏସ୍ ୧୮ରେ ପ୍ରତ୍ୟେକ ଫ୍ୟାଶନିଷ୍ଟାଙ୍କ ସ୍ୱପ୍ନ ପୂରଣ ହେବ ତାହା ମିନ୍ତ୍ରା ପକ୍ଷରୁ ସୁନିଶ୍ଚିତ କରାଯାଉଛି। ଏଠାରେ ମିନ୍ତ୍ରାର ୫ଟି ଆକର୍ଷଣୀୟ ଫିଚର ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି, ଯାହାକୁ ଗ୍ରାହକମାନେ ଇଓଆର୍‌ଏସ୍ ୧୮ର ଶପିଙ୍ଗ୍ କରିବା ବେଳେ ନିଶ୍ଚିତ ଭାବେ ଦେଖିବା ଓ ବ୍ୟବହାର କରିବା ଉଚିତ। ଫଳରେ ଶପରମାନଙ୍କ ଏଣ୍ଡ-ଟୁ-ଏଣ୍ଡ ଶପିଙ୍ଗ୍ ଯାତ୍ରାକୁ ଉନ୍ନତ କରିବା ପାଇଁ ଆରମ୍ଭ କରାଯାଇଛି।

# ୧୬ରୁ ୩ ଦିନିଆ ଜୋୟା ଅଳଙ୍କାର ପ୍ରଦର୍ଶନୀ



ଭୁବନେଶ୍ୱର,୧୪।୬

ଜୋୟା ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ। ଟାଟା ଗ୍ରୁପ୍‌ର ସହଯୋଗୀ ପ୍ରତିଷ୍ଠାନ ତଥା ଟାଟା ହାଉସର ସୂକ୍ଷ୍ମ ହୀରା ବୁଟିକ୍ ଜୋୟାର ବିରଳ ଓ ପ୍ରିମିୟମ ଅଳଙ୍କାର ପ୍ରଦର୍ଶନୀ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ଜୁନ୍ ୧୬ରୁ ୩ ଦିନିଆ ଜୋୟା ଅଳଙ୍କାର ପ୍ରଦର୍ଶନୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ହେବାକୁ ଯାଉଛି। ବିଶେଷକରି ଭୁବନେଶ୍ୱରରେ ଜୋୟାର ପ୍ରଥମ ଟ୍ରଙ୍କ୍ ଶୋ' ପ୍ରଦର୍ଶିତ ହେବ ବୋଲି ବ୍ରାଣ୍ଡ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହି ଶୋ' ଗ୍ଲାମର ମହିଳାମାନଙ୍କ ପାଇଁ ଏକ ସୁଯୋଗ ପ୍ରଦାନ କରୁଛି। ଏପରିକି ଉତ୍କର୍ଷ ତଥା ଆଖି, ସୌନ୍ଦର୍ଯ୍ୟତା ଏବଂ ଜୋୟା ସାରେଜେୱେଲାରୀ ଅନ୍ୱେଷଣର ଏକ ବ୍ୟାପକ ସମ୍ଭାର ପ୍ରଦର୍ଶିତ ଏବଂ ବିକ୍ରୟ ହେବ। ବିଶେଷକରି ଜୋୟାର ସୂକ୍ଷ୍ମ ଅଳଙ୍କାରର ବ୍ୟାପକ ଅନୁଭୂତିକୁ ସବୁସ୍ତରରେ ଗ୍ରାହକମାନେ ନିର୍ଣ୍ଣୟ କରୁଛନ୍ତି। ଫଳରେ ସମସାମୟିକ ତଥା କ୍ଲାସିକ୍ ଶୈଳୀରେ ଜୋୟାର ଅବିସ୍ମରଣୀୟ ଅଳଙ୍କାର ଉଭୟ ଦେଶର ଓ ବିଦେଶର ମହିଳାଙ୍କ ଚାହିଦା ଓ ଆଗ୍ରହକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥାଏ। ଉଲ୍ଲେଖଯୋଗ୍ୟ, ଏହି ପ୍ରଦର୍ଶନୀ ୨୦୨୩ ୧୬ ଜୁନ୍‌ରୁ ୧୮ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଜାରି ରହିବ। ଅପରପକ୍ଷରେ ଏକ କପ୍ ଚା କିମ୍ବା କଫି ସହିତ ଜୋୟାର ସୁନ୍ଦର ସଂଗ୍ରହକୁ ଅନୁସନ୍ଧାନକରି କିଛି ଅନିଚ୍ଛାକୃତ 'ସମୟ' ବିତାନ୍ତୁ। ଏପରିକି ଭାରତର ପ୍ରାଚୀନ ଷ୍ଟେପ୍‌ୱେଲସ ଦ୍ୱାରା ଅନୁପ୍ରାଣିତ ଗୋଲାପ ଏବଂ ଧଳା ସୁନାରେ ଏକ ଅଟୋଗ୍ରାଫ୍ ସଂଗ୍ରହ ସହ ପାଟେଣ୍ଟେଡ ଜୋୟା ବାଓଲି' ସେଟିଂ ଆର୍ଟେର୍ନା, ପାଟେଣ୍ଟେଡ ଆଦିର ପଥର କଟିଂ ପ୍ରଦର୍ଶିତ ଏବଂ ବ୍ୟକ୍ତିଗତ ଭାବେ ଷ୍ଟାକ୍ କିମ୍ବା ପିନ୍ଧାଯାଇପାରିବ। ବିଶେଷକରି ଦିନରୁ ସନ୍ଧ୍ୟା ପର୍ଯ୍ୟନ୍ତ ପରିଧାନ ସମୟରେ ଏକ ସହଜପଣ ଓ ମନରେ ପରିବର୍ତ୍ତନ ଆଣିପାରେ ବୋଲି ଜୋୟା ପକ୍ଷରୁ କୁହାଯାଇଛି।

# ନିଟ୍ ଫଳାଫଳରେ ଓଡିଏମ୍‌ର ବାଜିମାତ୍

ଭୁବନେଶ୍ୱର,୧୪।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡିଏମ୍ ପବ୍ଲିକ୍ ସ୍କୁଲ ନିଟ୍-୨୦୨୩ ଫଳାଫଳରେ ଉଲ୍ଲେଖନୀୟ ସଫଳତା ସହ ପୁଣିଥରେ ବାଜିମାତ୍ କରିଛି। ଏପରିକି ସଦ୍ୟ ପ୍ରକାଶିତ ନିଟ୍-୨୦୨୩ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ଅଭୂତ ପୂର୍ବ ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି। ସେହିଭଳି ସ୍କୁଲର ସର୍ବମୋଟ ୧୭୮ ଛାତ୍ରୀଛାତ୍ର ନିଟ୍-୨୦୨୩ ଚୟନ ତାଲିକାରେ ରହିଥିବା ବେଳେ ଦିପ୍ତେଶ କୁମାର ବେହେରା ସର୍ବଭାରତୀୟ ସ୍ତରରେ ୫୭୧ ତମ ସ୍ଥାନ ହାସଲକରି ବିଦ୍ୟାଳୟକୁ ଗୌରବମଣ୍ଡିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା (ବିତ୍ତ ଓ ପ୍ରଶାସନ) ତଥା ପ୍ରବନ୍ଧିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ ସଞ୍ଚାଳନ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ସ୍କୁଲର ସମସ୍ତ କୃତୀ ଛାତ୍ରୀଛାତ୍ର ଓ ତାଙ୍କର ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାଙ୍କୁ ନିଷ୍ଟର ସହାୟତା

ଭୁବନେଶ୍ୱର,୧୪।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ପକ୍ଷରୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାମାନଙ୍କ ପାଇଁ ଏକ ବଡ଼ ଘୋଷଣା କରାଯାଇଛି। ଏ ନେଇ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଅନୁଷ୍ଠାନ ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଇବା ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଲାଗି ଘୋଷଣା କରିଥିବା ବେଳେ ନିଷ୍ଟର ପ୍ରତିଷ୍ଠାତା ଡ. ସୁକାନ୍ତ ମହାପାତ୍ର ରେଳ ଦୁର୍ଘଟଣାରେ ପ୍ରଭାବିତ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଉକ୍ତ ପରିବାରର ଯେଉଁ ପିଲାମାନେ ନିଷ୍ଟରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ କିମ୍ବା ବିଜ୍ଞାନରେ ପଢ଼ିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଶତ ପ୍ରତିଶତ ଏକାଡେମିକ୍ ଫି'ଛାଡ଼ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଅପରପକ୍ଷରେ ରେଳ ଦୁର୍ଘଟଣାରେ ପୀଡ଼ିତ ପରିବାରର ସଦସ୍ୟମାନଙ୍କୁ ଉତ୍ସର୍ଗୀକୃତ ହେଲ୍‌ପ ଡେସ୍କ +୯୧-୯୭୭୭୧୪୬୪୭୮ରେ ଯୋଗାଯୋଗ କରିବାକୁ ମହାପାତ୍ର ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସବ୍ୟସାଚୀ ରଥ, ଡିନ୍, ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ଏବଂ ଡ. ପ୍ରିୟଦର୍ଶୀ ତ୍ରିପାଠୀ, ପ୍ରିନ୍ସିପାଲ, ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ପ୍ରମୁଖ ଉପସ୍ଥିତ ରହିଥିଲେ ।




# ୟୁବିଆଇ ପକ୍ଷରୁ ୧.୩୪ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୧୪।୬

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱରର ବାଲମୁକୁଳିଠାରେ ଏକ ଜନ ସୁରକ୍ଷା ଶିବିର ଓ ସ୍ୱୟଂ ସହାୟକ ଗୋଷ୍ଠୀ ଋଣମେଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ୟୁବିଆଇ ବାଲେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଜୟଗୋପାଳ ବେହେରା,ଉପ କ୍ଷେତ୍ରୀୟ ମୁଖ୍ୟ ଜି.ଏନ୍. ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାଲମୁକୁଳି ଶାଖାର ଶାଖା ପ୍ରବନ୍ଧକ ସୁଶାନ୍ତ ମଲ୍ଲିକଙ୍କ ସମେତ ଉଙ୍ଗରା ଶାଖାର ଶାଖା ପ୍ରବନ୍ଧକ ରାକେଶ ଦାଶ ଓ ଯାଜପୁର ମୁଖ୍ୟ ଶାଖାର ଶାଖା ପ୍ରବନ୍ଧକ ସଚିନ ସୋନୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର କ୍ଷେତ୍ରର ବିଭିନ୍ନ ଶାଖାର ପ୍ରମୁଖ ଗ୍ରାହକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ। ଏପରିକି ମୋଟ ୨୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧.୩୪ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ଜୟଗୋପାଳ ବେହେରା ପ୍ରଦାନ କରିଥିଲେ। ସେହିଭଳି କ୍ଷେତ୍ରର ସବୁ ବର୍ଗର ଗ୍ରାହକଙ୍କ ମଧ୍ୟରେ ଜନସୁରକ୍ଷା ବୀମା ଯଥା ପିଏମ୍‌ଜେଜେବିୱାଇ ଓ ପିଏମ୍‌ଏସ୍‌ବିୱାଇ ବିଷୟରେ ଅବଗତ କରାଇବା ସହିତ ଜନସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ଦେବା ପାଇଁ ଶାଖା ମୁଖ୍ୟମାନଙ୍କୁ ଉଭୟ ବେହେରା ଓ ଦାସ କହିଥିଲେ। ସେହିପରି ଉକ୍ତ ଶିବିର ଜରିଆରେ ମୋଟ ୬୦୦ ଜନ ସୁରକ୍ଷା ବୀମା ନାମାଙ୍କନପତ୍ର ଗ୍ରହଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଶକ୍ତିପ୍ରସାଦ ରଥଙ୍କ ଦ୍ୱାରା ଉକ୍ତ ଶିବିର ଉତ୍ତମ ଭାବେ ଆୟୋଜିତ ହୋଇଥିଲା।

ଫୁର୍‌ସତ୍



# ବିଜୟଙ୍କ ସହ ନଜର ଆସିବେ ମୃଣାଳ

ମୁମ୍ବାଇ

ଅଭିନେତ୍ରୀ ମୃଣାଳ ଠାକୁରଙ୍କ ତେଲୁଗୁ ଫିଲ୍ମ 'ସୀତାରାମମ୍' ଜରିଆରେ ସେ ଦର୍ଶକଙ୍କ ଅଧିକ ପସନ୍ଦ ହୋଇପାରିଛନ୍ତି। ସେବେଠାରୁ ତାଙ୍କୁ ଅନେକ ଫିଲ୍ମ ପାଇଁ ଅଫର ଆସୁଛି। ତେବେ ଅଭିନେତ୍ରୀ ମୃଣାଳ ଓ ଅଭିନେତା ବିଜୟ ଦେବରକୋଣ୍ଡା ଏକାଠି ନଜର ଆସିବାକୁ ଯାଉଛନ୍ତି। ଦୁହିଁଙ୍କୁ ପ୍ରଥମ ଥର ପାଇଁ ଷ୍ଟେଜ୍‌ରେ ଦେଖିବାକୁ ମିଳିବ। ନିକଟରେ ଫିଲ୍ମ ଶୁଟିଂ ଆରମ୍ଭ ହେବାର ସମୟ ଧାର୍ଯ୍ୟ ହୋଇଯାଇଛି। ଚଳଚ୍ଚିତ୍ର ନାମ ଜଣାପଡି ନ ଥିବାବେଳେ ତାହା ଖୁବ୍‌ଶୀଘ୍ର ସମସ୍ତଙ୍କ ସାମ୍ନାକୁ ଆସିଯିବ। ଭେଙ୍କଟେଶ୍ୱର କ୍ରିଏଶନ ମାଧ୍ୟମରେ ମୁଭିକୁ ପରଶୁରାମ ପେଟ୍‌ଲା ପ୍ରଯୋଜନା କରିବେ। ବିଜୟ ବର୍ତ୍ତମାନ ଫିଲ୍ମ 'ଖୁସି'ରେ ବ୍ୟସ୍ତ ରହିଛନ୍ତି, ଯାହା ଏକ ରୋମାଣ୍ଟିକ୍ କମେଡି ମୁଭି। ତେବେ ମୃଣାଳ ୨୦୧୪ରେ ତାଙ୍କ ମରାଠୀ ଫିଲ୍ମ 'ଭିଟି ଦଣ୍ଡୁ' ଜରିଆରେ କ୍ୟାରିୟର ଆରମ୍ଭ କରିଥିଲେ। ସେ ସାଉଥ୍ ଇଣ୍ଡଷ୍ଟ୍ରିରେ ଅନେକ ଫିଲ୍ମ କରିଥିବାବେଳେ 'ସୀତାରାମମ୍'ରେ ଚର୍ଚ୍ଚାକୁ ଆସିଥିଲେ। ଆଗକୁ ତାଙ୍କ ହାତରେ ଆହୁରି ଅନେକ ଫିଲ୍ମ ରହିଛି। ଯେଉଁଥିପାଇଁ ସେ ବ୍ୟସ୍ତ ଅଛନ୍ତି। ଏଥିସହ ସେ ଟେଲିଭିଜନର ଅନେକ ସିରିଏଲରେ ମଧ୍ୟ କାମ କରିଛନ୍ତି।

# ୧ ମିନିଟ୍‌ରେ ପିଗି ବ୍ୟାଙ୍କରେ ୨୩ ମୁଦ୍ରା ଭର୍ତ୍ତି କଲେ

**ଲଣ୍ଡନ:** ୨ ବର୍ଷର କୁକୁର ନିକଟରେ ପିଗି ବ୍ୟାଙ୍କରେ ଟଙ୍କା ଭର୍ତ୍ତି କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି। ବ୍ରିଟେନର ଆବେରଡିନ୍ ଅଞ୍ଚଳର କୁକୁର ଲିଓ ସ୍ୱାସ୍‌ଡ ୧ ମିନିଟ୍ ଭିତରେ ପିଗି ବ୍ୟାଙ୍କରେ ୨୩ଟି ମୁଦ୍ରା ଭର୍ତ୍ତି କରିଛି। ଏହା ପୂର୍ବରୁ ୨ ବର୍ଷର କକ୍କର ସ୍ପାନିଏଲ ନାମକ କୁକୁର ୧ ମିନିଟ୍‌ରେ ପିଗି ବ୍ୟାଙ୍କରେ ମୁଦ୍ରା ଭର୍ତ୍ତି କରି ଏହି ରେକର୍ଡ କରିଥିଲା। ତେବେ ଲିଓକୁ ତା' ମାଲିକ ଏମିଲି ଆଣ୍ଡରସନ୍ ଦେଢ ବର୍ଷ ହେବ ଟ୍ରେନିଂ ଦେଉଛନ୍ତି।

# ସବୁଜ ଶକ୍ତି ହିଁ ସର୍ବୋତ୍ତମ

**ବି**ଶ୍ୱରେ ପ୍ରଦୂଷଣ ମାତ୍ରା ବଢ଼ିଚାଲିଛି। ଶିଳ୍ପାୟନର ଦ୍ରୁତ ବିକାଶ ସହିତ ପ୍ରଦୂଷଣମୁକ୍ତ ଶକ୍ତିର ଚାହିଦା ବଢ଼ିବାରେ ଲାଗିଛି। ପୃଥିବୀକୁ ଆସନ୍ତା ପିଢ଼ିଙ୍କ ଲାଗି ଜୀବିତ ରଖିବା ପାଇଁ ସବୁଜ ଶକ୍ତି ଉତ୍ସ ଉପରେ ଗୁରୁତ୍ୱାରୋପ କରାଯାଉଛି। ସବୁଜ ଶକ୍ତି ମଧ୍ୟରେ ପବନ ଶକ୍ତି ବିଶେଷ ଆଦୃତି ଲାଭ କରିପାରିଛି। ପବନ ଶକ୍ତି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୧୫ ରେ 'ବିଶ୍ୱ ପବନ ଦିବସ' ପାଳନ କରାଯାଇଥାଏ।

ଜାତୀୟ ପବନ ଶକ୍ତି ସଙ୍ଗଠନ ଏବଂ ପବନ ଶକ୍ତି ଉତ୍ପାଦନରେ ଜଡ଼ିତ କମ୍ପାନୀଗୁଡ଼ିକ ମିଳିତ ଭାବେ ବିଶ୍ୱର ଅନେକ ଦେଶରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ୨୦୧୧ରେ, ୪ଟି ମହାଦେଶର ୩୦ଟି ଦେଶରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏସବୁ କାର୍ଯ୍ୟକ୍ରମରେ ଉପକୂଳ ଏବଂ ଅଫ୍‌ଶୋର ପବନ ଫାର୍ମ ପରିଦର୍ଶନ, ସୂଚନା ଅଭିଯାନ, ସହରରେ ସ୍ଥାପିତ ଟର୍ବାଇନ୍ ପ୍ରଦର୍ଶନୀ, ପବନ କର୍ମଶାଳା ଏବଂ ପବନ ପରେଡ ଅନ୍ତର୍ଭୁକ୍ତ ଥିଲା।



## ବିଶ୍ୱ ପବନ ଦିବସ

୨୦୦୭ ମସିହାରେ ପ୍ରଥମଥର ପାଇଁ ୟୁରୋପୀୟ ପବନ ଶକ୍ତି ସଂଘ (ଇଡବ୍ଲୁଇଏ) ଦ୍ୱାରା ଆନୁଷ୍ଠାନିକ ଭାବେ ସଂଗଠିତ ହୋଇଥିଲା। ୨୦୦୭ରେ, ୟୁରୋପରେ ପ୍ରଥମଥର ପାଇଁ ପବନ ଦିବସ ପାଳନ କରାଯାଇଥିଲା। ପବନ ଶକ୍ତିର ଉପଯୋଗିତା ଏବଂ ଏକ ସ୍ଥାୟୀ ଉତ୍ସ ଭାବରେ ଏହାର ଅପାର ପରିସର ହୃଦୟଙ୍ଗମ ହୋଇପାରିଥିଲା। ୨୦୦୯ରେ ଗ୍ଲୋବାଲ ପବନ ଶକ୍ତି ପରିଷଦ(ଜିଇଡବ୍ଲୁଇସି) ଏବଂ ୟୁରୋପୀୟ ପବନ ଶକ୍ତି ସଂଘ ବିଶ୍ୱ ପବନ ଦିବସକୁ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କରିବା ପାଇଁ ସହଯୋଗ କରିଥିଲେ । ୨୦୧୨ରେ ବିଭିନ୍ନ ଦେଶରେ ପ୍ରାୟ ୨୫୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ପବନ ଦିବସ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଦିବସ ଭାବେ ଏକ ଜରୁରୀ ପ୍ରାକୃତିକ ସମ୍ପଦ ରୂପେ ପବନ ଶକ୍ତି ବିଷୟରେ ସଚେତନତା ସୃଷ୍ଟି କରିଥାଏ। ପବନ ଭଳି ନବୀକରଣଯୋଗ୍ୟ ସବୁଜ ଶକ୍ତି ଉତ୍ସଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍। ସେଗୁଡ଼ିକ ମୁକ୍ତ ଏବଂ ପରିବେଶ ପାଇଁ ମଧ୍ୟ କ୍ଷତିକାରକ ନୁହେଁ। ଏହି ପ୍ରଦୂଷଣମୁକ୍ତ ସର୍ବୋତ୍ତମ ସବୁଜ ଶକ୍ତି ଉତ୍ସର ବିକାଶ ପାଇଁ ଏହି ଦିବସ ପାଳନ ଅବସରରେ ଉଦ୍ୟମ ହୋଇଥାଏ।

# ଚାକିରି ଛାଡ଼ି ଟ୍ରକ୍‌ରେ ରହୁଛନ୍ତି ମହିଳା

**ୱାଶିଂଟନ:** ଯୁଆଡ଼େ ଗଲେ ବି ଘରେ ହିଁ ସବୁଠୁ ଭଲ ନିଦ ହୋଇଥାଏ। ଏଠାରେ ଜଣେ ମହିଳା ତାଙ୍କ ଚାକିରି ଛାଡ଼ି ଟ୍ରକ୍‌ରେ ରହୁଥିବା କହିଛନ୍ତି। ଆମେରିକାର ବାସିନ୍ଦା ମୋଲି ୨ ବର୍ଷ ପୂର୍ବେ କର୍ପୋରେଟର ଚାକିରି ଛାଡ଼ି ଉତ୍ତର ଆମେରିକାର ବିଭିନ୍ନ ସ୍ଥାନକୁ ବୁଲିବାକୁ ବାହାରିଲେ। ସେଥିପାଇଁ ସେ ଏକ ଟ୍ରକ୍‌କୁ ବ୍ୟବହାର କଲେ। ସେଥିରେ ବିଭିନ୍ନ ସ୍ଥାନ ବୁଲିବା ସହ ଟ୍ରକ୍‌ରେ ହିଁ ରହିବାକୁ ଲାଗିଲେ। ତାଙ୍କସହ ତାଙ୍କ ସ୍ୱାମୀ କେନ୍ ଓ ପାଳିତ କୁକୁର ବି ଥିଲେ। ପ୍ରଥମେ ମୋଲିଙ୍କୁ ଲାଗୁଥିଲା କି ଲକ୍ଷେ ଟଙ୍କାର ଦରମା ମିଳିଲେ ଜୀବନ ଶାନ୍ତି ଲାଗିବ। ସେ ତାଙ୍କ ଚାକିରିରେ ଖୁସି ସହ ସନ୍ତୁଷ୍ଟ ବି ଥିଲେ। ହେଲେ ତାଙ୍କୁ ତାଙ୍କ ଜୀବନରେ କିଛି ଅଧା ରହିଗଲା ଭଳି ଲାଗୁଥିଲା। ସେଥିପାଇଁ ସେ ଚାକିରି ଛାଡ଼ି ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ଭଲରେ ବଞ୍ଚିବାକୁ ନିଷ୍ପତ୍ତି ନେଲେ। ସେ ଟ୍ରକ୍‌ରେ ସ୍ୱାମୀ ଓ ପାଳିତ କୁକୁରଙ୍କ ସହିତ ବୁଲିବାକୁ ଯିବା ସହ ଟ୍ରକ୍‌କୁ ତାଙ୍କ ଘର କରିସାରିଲେଣି। ଟ୍ରକ୍‌ରେ ରୋଷେଇ, ଖଟ, ରୁମ୍ ସବୁ ରହିଛି । ଫଳରେ ଟ୍ରକ୍‌ଟି ପୂରା ଘର ଭଳି ଦେଖାଯାଉଛି। ସେ ସୋସିଆଲ ମିଡିଆରେ ଲୋକଙ୍କୁ ଅଧିକାଂଶ ସମୟ ବୁଲିବାକୁ ପରାମର୍ଶ ମଧ୍ୟ କରିଥାନ୍ତି।




# Classified Everyday
0674-2580101, 2549949



REAL ESTATE
SALE

Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner). D-0535

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

GENERAL
SALE

One 4/5 Kaht with Dunlop Gaddi, one mixturegrinder for sale. 9439068944. D-75118




Asribada Panchakarma herbal SPA Kesharimall, Bhubaneswar. Contact : 8926173473. D-74695

Newly open health benefits SPA special offer @ 799 Jaydev Vihar. 8018429809. D-75117

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଦୋଳଗୋବିନ୍ଦ ଷଡ଼ଙ୍ଗୀ
ଅବସରପ୍ରାପ୍ତ ଓଡ଼ିଶା ରାଜ୍ୟ ଶିଳ୍ପ ଉପନିର୍ଦ୍ଦେଶକ
ଆବିର୍ଭାବ-୧୦।୦୩।୧୯୩୯
ତିରୋଧାନ- ୨୬।୦୬।୨୦୨୨ (ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ)

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ନିଃସ୍ୱାର୍ଥପର ସେବା ମନୋଭାବ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ସର୍ବଦା ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ପତ୍ନୀ ବିୟୋଗ ପରେ ଭୁବନେଶ୍ୱରସ୍ଥିତ ରତ୍ନପ୍ରଭା ଦେବୀ ମେମୋରିଆଲ ଟ୍ରଷ୍ଟର ସ୍ଥାପନା ଓ ଏହାର ଏକକ ସଂସ୍ଥାପକ ଅଧ୍ୟକ୍ଷ ଭାବେ ଆପଣଙ୍କ କାର୍ଯ୍ୟ ସମ୍ପାଦନ ଅବିସ୍ମରଣୀୟ ତଥା ପ୍ରେରଣାଦାୟୀ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୦୪୮୪

### ୨୯ତମ ଜନ୍ମ ବାର୍ଷିକୀ



୰ସତ୍ୟ ରଞ୍ଜନ ନାୟକ (ସୋନୁ)
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨

ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା ଭଲରେ ଥା।

-:ଶୋକସନ୍ତପ୍ତ:-
ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)
ଧ-୦୪୮୧

# ହ୍ୟାଟ୍ରିକ୍ ବିଜୟ ଭାରତର ଲକ୍ଷ୍ୟ

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)


କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ଭାରତୀୟ ଖେଳାଳି।

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟର ଶେଷ ଦୁଇଟି ଲିଗ୍‌ମ୍ୟାଚ ଗୁରୁବାର ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ୩୦ରେ ମଙ୍ଗୋଲିଆ ଓ ଭାନୁଆଟୁ ଏବଂ ସନ୍ଧ୍ୟା ୭ଟା ୩୦ରେ ଭାରତ ଓ ଲେବାନନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ୪ ଦଳ ମଧ୍ୟରେ ଲୋବାନନର ର୍‍ୟାଙ୍କିଙ୍ଗ୍ ସବୁଠୁ ଉପରେ। ତେବେ ଭାରତ ମଧ୍ୟ ବିଶେଷ ପଛରେ ନାହିଁ। ୯୯ ର୍‍ୟାଙ୍କ୍‌ପ୍ରାପ୍ତ ଲେବାନନକୁ ଘରୋଇ ପରିବେଶରେ କଡ଼ା ଚ୍ୟାଲେଞ୍ଜ ଦେବ ୧୦୧ତମ ସ୍ଥାନରେ ଥିବା ଭାରତ। ଚଳିତ ଟୁର୍ନାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରି ଆସିଛି। ନିଜର ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ୨-୦ରେ ହରାଇଥିବା ଘରୋଇ ଦଳ ଦ୍ୱିତୀୟ ମ୍ୟାଚରେ ଭାନୁଆଟୁକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରି ସାରିଛି। ୮୦ତମ ମିନିଟରେ ଅଧିନାୟକ ସୁନୀଲ ଛେତ୍ରୀଙ୍କ ଗୋଲ ଭାରତକୁ ଫାଇନାଲରେ ପହଞ୍ଚାଇ ଦେଇଥିଲା। ୨ ମ୍ୟାଚରୁ ଭାରତ ୬ ପଏଣ୍ଟ ପାଇ ସାରିଛି। ଲେବାନନ ୨ ମ୍ୟାଚରୁ ୪ ପଏଣ୍ଟ ପାଇଥିବାରୁ ଫାଇନାଲ ପାଇଁ ଅନ୍ୟତମ ଦାବିଦାର ହୋଇଛି। ଶେଷ ଲିଗ୍‌ରେ ଦୁଇଦଳ ପରସ୍ପରକୁ ଭେଟିବାକୁ ଯାଉଥିବାରୁ ଆଗାମୀ ମ୍ୟାଚ ସମ୍ଭାବ୍ୟ ଫାଇନାଲର ରିହର୍ସାଲ ବୋଲି ଆକଳନ କରାଯାଉଛି।

## ମଙ୍ଗୋଲିଆ ପାଇଁ ସୁଯୋଗ

ମଙ୍ଗୋଲିଆ ୨ ମ୍ୟାଚରୁ ୧ ପଏଣ୍ଟ ପାଇଛି। ଦଳ ଏହାର ପ୍ରଥମ ମ୍ୟାଚରେ ଭାରତଠାରୁ ୦-୨ ଗୋଲରେ ହାରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଲେବାନନକୁ କଡ଼ା ଚ୍ୟାଲେଞ୍ଜ ଦେଇ ଗୋଲଶୂନ୍ୟ ଡ୍ର ରଖିଥିଲା। ମଙ୍ଗୋଲିଆ ଏବେ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୧୮୩ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଭାନୁଆଟୁର ର୍‍ୟାଙ୍କିଙ୍ଗ୍ ୧୬୪। ର୍‍ୟାଙ୍କିଙ୍ଗ୍ ଅନୁସାରେ ନିମ୍ନରେ ଥିଲେ ମଧ୍ୟ ଲେବାନନ ବିପକ୍ଷ ମ୍ୟାଚ ଦଳର ମନୋବଳ ବୃଦ୍ଧି କରିଛି। ଏହି ଦଳ ଭାନୁଆଟୁକୁ ବଡ଼ ବ୍ୟବଧାନରେ ହରାଇ ପାରିଲେ ଆଶା ଉଜ୍ଜୀବିତ ରଖିବ। ଦଳର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିଯିବ। ଯଦି ଭାରତଠାରୁ ଲେବାନନ ହାରିଯାଏ ତେବେ ଏହି ଦଳର ପଏଣ୍ଟ ମଧ୍ୟ ୪ରେ ରହିବ। ଏ କ୍ଷେତ୍ରରେ ଗୋଲ ବ୍ୟବଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏବେ ଲେବାନନର ଗୋଲ ବ୍ୟବଧାନ +୨ ଏବଂ ମଙ୍ଗୋଲିଆର -୨ ରହିଛି।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

**ଲେବାନନ ବିପକ୍ଷ ଶେଷ ଲିଗ୍‌ମ୍ୟାଚ ଆଜି**


ଟ୍ରେନିଂ ସେସନରେ କୋଚ୍ ଇଗର ଷ୍ଟିମାକ୍ (ବାମ)।

## କେବଳ ବିଜୟ ଚାହାନ୍ତି ଷ୍ଟିମାକ୍

ଭାରତ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ଫାଇନାଲରେ ପ୍ରବେଶ କରି ସାରିଥିଲେ ମଧ୍ୟ ଲେବାନନ ବିପକ୍ଷ ମ୍ୟାଚକୁ ହାଲୁକା ନେଉନାହାନ୍ତି କୋଚ୍ ଇଗର ଷ୍ଟିମାକ୍। "ଆମେ ଘରୋଇ ପରିବେଶରେ ଖେଳୁଛୁ। ପୂର୍ବ ୨ଟି ମ୍ୟାଚରେ ଆମେ କେବଳ ବିଜୟ ଲକ୍ଷ୍ୟରେ ଖେଳିଥିଲୁ। ଆଗାମୀ ମ୍ୟାଚରେ ମଧ୍ୟ ସେହି ଆଭିମୁଖ୍ୟ ରହିବ। ପୂର୍ବ ମ୍ୟାଚରେ ଲେବାନନ କିପରି ପ୍ରଦର୍ଶନ କରିଥିଲା ସେଥିରେ ଆମର କିଛି ଯାଏଆସେ ନାହିଁ। ଏହି ଦଳରେ ଅନେକ କ୍ୱାଲିଟି ଖେଳାଳି ଅଛନ୍ତି। ତେଣୁ ଏହି ଦଳ ବିପକ୍ଷ ମ୍ୟାଚ ଆମ ପାଇଁ ନିଶ୍ଚିତ କଷ୍ଟସାଧ୍ୟ ହେବ। ତେବେ ଏହି ଦଳର ମଧ୍ୟ କିଛି ଦୁର୍ବଳତା ଅଛି। ଆମେ ଏହାକୁ ଟାର୍ଗେଟ କରିବୁ। ଏହି ମ୍ୟାଚ ନିଶ୍ଚିତ ମଜାଦାର ହେବ" ବୋଲି ଷ୍ଟିମାକ୍ ପ୍ରକାଶ କରିଛନ୍ତି। ଷ୍ଟିମାକ୍ ଆହୁରି କହିଛନ୍ତି ଯେ, ଭାନୁଆଟୁ ବିପକ୍ଷ ମ୍ୟାଚରେ ଆମେ ଯେପରି ଚାହୁଁଥିଲୁ ସେପରି ପ୍ରଦର୍ଶନ ହୋଇପାରି ନ ଥିଲା। ଟ୍ରେନିଂ ସେସନରେ ଆମେ ଏହାକୁ ଲକ୍ଷ୍ୟରେ ରଖି ଅଭ୍ୟାସ କରିଛୁ। ଯେତେଶୀଘ୍ର ପ୍ରତିପକ୍ଷ ଦଳକୁ ଚାପରେ ରଖିବ ସେତେ ଫାଇଦା ମିଳିବ। କାରଣ ସମୟ ଆଗେଇଲେ ସ୍ଥିତି କଷ୍ଟକର ହୋଇଚାଲିବ। ଲେବାନନ-ମଙ୍ଗୋଲିଆ ମ୍ୟାଚରେ ଏହା ଦେଖିବାକୁ ମିଳିଥିଲା। ପ୍ରଥମ ୨ଟି ଗେମ୍‌ରେ ଆମ ଦଳର ୨୨ ଖେଳାଳି ଖେଳି ସାରିଛନ୍ତି। ତେଣୁ ଲେବାନନ ବିପକ୍ଷରେ ଆମେ ଶ୍ରେଷ୍ଠ ଇଲେଭେନ ନେଇ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ପ୍ରକାଶ କରିଛନ୍ତି।

# ଆଥଲେଟ୍‌ଙ୍କୁ ଉତ୍ସାହିତ କଲେ ଉଷା

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)


ପି.ଟି. ଉଷାଙ୍କୁ ଉପହାର ସ୍ୱରୂପ ଜର୍ସି ପ୍ରଦାନ କରାଯାଉଛି।

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ତଥା ଏମ୍‌ପି ପି.ଟି. ଉଷା ବୁଧବାର କିଟ୍ ଆଥଲେଟିକ୍ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଚାଇନାର ଚେଙ୍ଗଡୁଠାରେ ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍‌ରେ ଚୟନ ଟ୍ରାଏଲ୍ ଚାଲିଛି। ଉଷା ଆଥଲେଟ୍‌ଙ୍କ ସହ ଭାବ ବିନିମୟ କରିବା ଅବସରରେ ଉତ୍ସାହିତ କରିଥିଲେ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଧିକରୁ ଅଧିକ ପଦକ ଜିତିବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଭାରତରୁ ୧୨ ଇଭେଣ୍ଟରେ ୩୩୫ ଆଥଲେଟ୍ ଅଂଶଗ୍ରହଣ କରିବାକୁ ଯାଉଥିବା ଉଷା ଏଠାରେ ଜାଣିବାକୁ ପାଇଥିଲେ। ଭାରତୀୟ ପ୍ରତିଯୋଗୀମାନେ ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଫେନ୍ସିଂ, ଜୁଡୋ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟାଇକୋଣ୍ଡୋ, ଟେନିସ, ଉଶୁ ଓ ଭଲିବଲ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ଏତେ ସଂଖ୍ୟକ ଆଥଲେଟ୍ ପଠାଇବା ଏହା ପ୍ରଥମ।

ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ଦଳ ଭାଗ ନେବାକୁ ଯାଉଥିବା ୧୨ ଇଭେଣ୍ଟରୁ କିଟ୍‌ରେ ୪ ବିଭାଗରେ ଚୟନ ଟ୍ରାଏଲ ଚାଲିଛି। ତାହା ହେଲା ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ ଓ ଭଲିବଲ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହି ଟ୍ରାଏଲ ବୁଧବାର ଆରମ୍ଭ ହୋଇଛି ଏବଂ ଗୁରୁବାର ମଧ୍ୟ ଚାଲିବ। ଅଲିମ୍ପିଆନ ପ୍ରିୟଙ୍କା ଗୋସ୍ୱାମୀ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ, ବିକ୍ରାନ୍ତ ମଲିକ, ଆଶିଷ ସ୍ୱାଇଁ, ମାମାଲି ନାଗ୍, ଶିବାନୀ ପ୍ରିୟଦର୍ଶିନୀଙ୍କ ପରି କେତେକ ଓଡ଼ିଶା ଖେଳାଳି ଟ୍ରାଏଲରେ ପ୍ରଭାବୀ ପ୍ରଦର୍ଶନ କରି ଇଣ୍ଡିଆନ ୟୁନିଭର୍ସିଟି ଟିମ୍‌ରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପକ୍ଷରୁ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସମ୍ମାନ ସ୍ୱରୂପ ଉଷାଙ୍କୁ ଜନଜାତୀୟ ଖେଳ ମହୋତ୍ସବର ଏକ ଟି-ଶାର୍ଟ ପ୍ରଦାନ କରିଥିଲେ। ଖେଳକୁ ପ୍ରୋତ୍ସାହନ ଦେଉଥିବାରୁ ଉଷା କିଟ୍ ଓ କିସ୍‌କୁ ପ୍ରଶଂସା କରିଥିଲେ।

**କିଟ୍ ଆଥଲେଟିକ୍ ଷ୍ଟାଡିୟମ ପରିଦର୍ଶନ**

# ଜୁନିୟର ରଗ୍‌ବୀ ୭ଏସ୍: ଓଡ଼ିଶାକୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଓ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ରର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସର୍ବଭାରତୀୟ ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ପୁଣେଠାରେ ଶେଷ ହୋଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଲିଗ୍ ପର୍ଯ୍ୟାୟରେ ପୁଡୁଚେରୀକୁ ୫୭-୦ ଓ ମଣିପୁରକୁ ୨୯-୭ରେ ହରାଇବାପରେ ପ୍ରି-କ୍ୱାର୍ଟର ଫାଇନାଲରେ ଉତ୍ତର ପ୍ରଦେଶକୁ ୩୪-୦ ପଏଣ୍ଟରେ ପରାସ୍ତ କରିଛି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ୨୨-୦ରେ ଗୁଜରାଟକୁ ହରାଇ ସେମିଫାଇନାଲରେ ପହଞ୍ଚି ଯାଇଥିଲା। ମାତ୍ର ସେମି ଫାଇନାଲରେ ବିହାରଠାରୁ ୭-୨୪ ପଏଣ୍ଟରେ ହାରିବାରୁ ବ୍ରୋଞ୍ଜ ପଦକପାଇଁ ପ୍ଲେ-ଅଫ୍ ଖେଳିଥିଲା। ଏଥିରେ ଦଳ ୨୪-୧୨ରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ Bhubaneswar, Thursday, June 15/ 2023

# ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଲେ ଅଦିତି

**ଆର୍ଚେରୀ ବିଶ୍ୱକପ ଷ୍ଟେଜ୍-୩**

ମେଡେଲିନ୍, ୧୪।୬ (ପି.ଟି.)

କଲମ୍ବିଆର ମେଡେଲିନଠାରେ ଅନୁଷ୍ଠିତ ଆର୍ଚେରୀ ବିଶ୍ୱକପ ଷ୍ଟେଜ୍-୩ କ୍ୱାଲିଫିକେଶନରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଟିନ୍ଏଜର ଅଦିତି ସ୍ୱାମୀ ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି। ଗତ ଡିସେମ୍ବରରେ ଶାରଜାରେ ଅନୁଷ୍ଠିତ ଏସିଆ କପ୍ ଲେଗ୍-୩ରେ ରୌପ୍ୟ ପଦକ ଜିତିଥିବା ୧୬ ବର୍ଷୀୟା ଅଦିତି ଏଠାରେ ସମ୍ଭାବ୍ୟ ୭୨୦ରୁ ୭୧୧ ପଏଣ୍ଟ ସ୍କୋର କରି କମ୍ପାଉଣ୍ଡ ମହିଳାଙ୍କ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଗତ ମେ'ରେ ଲିକୋ ଆରେଓଲା ୭୦୫ ପଏଣ୍ଟ ସହିତ ରେକର୍ଡର ଅଧିକାରୀ ଥିଲେ। ଅଦିତି ନିଜ ପ୍ରଥମ ବିଶ୍ୱକପ ସେସନରେ ଏହାଠାରୁ ଅଧିକ ସ୍କୋର କରି ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି। ଆମେରିକା ପକ୍ଷରୁ ଆରେଓଲା ସିନିୟର ସ୍ତରରେ ପ୍ରଥମଥର ପାଇଁ ପ୍ରତିନିଧିତ୍ୱକରି ୯ମ ସ୍ଥାନରେ ରହିଛନ୍ତି। ''ମୁଁ ବହୁତ ଖୁସି ଏବଂ ଉଲ୍ଲସିତ। ମୁଁ ଏପରି ଶୁଟ୍ କରିପାରିବି ବୋଲି ଭାବି ନ ଥିଲି। ମୁଁ ବହୁତ ଖୁସି, କାରଣ ମୋତେ ଏବେ ମାତ୍ର ୧୬ ବର୍ଷ'' ବୋଲି ଅଦିତି ପ୍ରକାଶ କରିଛନ୍ତି। ସାଥି ଆର୍ଚର ତଥା ବିଶ୍ୱକପ୍‌ରେ ଏକାଧିକ ସ୍ୱର୍ଣ୍ଣ ପଦକ ବିଜେତା ଜ୍ୟୋତି ସୁରେଖା ଭେନାମ ଓ ଘରୋଇ ଫେଭରାଇଟ ସାରା ଲୋପେଜଙ୍କୁ ଅଦିତି ୭୨ ଆରୋ ୫୦ ମିଟର କ୍ୱାଲିଫିକେଶନରେ ପଛରେ ପକାଇ ଦେଇଥିଲେ। ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ ଅଦିତି, ଜ୍ୟୋତି (୭୦୮) ଓ ପ୍ରନୀତ କୌର (୭୦୦) କ୍ୱାଲିଫିକେଶନରେ ଶୀର୍ଷରେ ରହିଥିଲେ ହେଁ ମାତ୍ର ୧ ପଏଣ୍ଟ ପାଇଁ କୋରିଆ (୨୧୨୦) କରିଥିବା ବିଶ୍ୱରେକର୍ଡଠାରୁ ପଛରେ ପଡ଼ି ଯାଇଥିଲେ।


ଅଦିତି ସ୍ୱାମୀ

**କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ**

## 'ବି' ବର୍ଗରେ ଶାମ୍ ଆର୍. ଚାମ୍ପିୟନ

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର 'ବି' ବର୍ଗ ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତାମିଲନାଡୁର ଶାମ୍ ଆର. ୮.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଜ୍ଞାନ ସାଇ ସନ୍ତୋଷ ଏମ୍. ଓ ପଶ୍ଚିମବଙ୍ଗର ବସକ ବିଶାଲ ସମାନ ୮.୫ ପଏଣ୍ଟ ଲେଖାଏ ପାଇଥିଲେ ହେଁ ବୁକୋଲଜରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପୁରସ୍କାର ଆକାରରେ ଏହି ୩ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୬୦,୦୦୦, ୪୫,୦୦୦ ଓ ୩୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। 'ବି' ବର୍ଗ ପ୍ରତିଯୋଗିତାରେ ୬ ଲକ୍ଷ ଟଙ୍କାର ପୁରସ୍କାର ରାଶିକୁ ୯୭ କୃତୀ ପ୍ରତିଯୋଗୀଙ୍କୁ ପ୍ରଦାନ କରାଯାଇଥିଲା।

# ଆଜିଠୁ ସିନିୟର ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ


ଖବରଦାତା ସମ୍ମିଳନୀରେ ଅମିୟ ମଲିକ, ପାରୁଲ ଚୌଧାରୀ, ରାଧାକ୍ରିଷ୍ଣନ ନାୟାର ଓ ଜ୍ୟୋତି ୟାରାଜି।

- ଏସିଆନ ଚାମ୍ପିୟନଶିପ୍, ଏସିଆନ ଗେମ୍ସ ପାଇଁ ୨୦ରେ ଦଳ ଘୋଷଣା
- ଅଂଶଗ୍ରହଣ କରିବେନି ନୀରଜ, ଅବିନାଶ, ହିମା

ଭୁବନେଶ୍ୱର, ୧୪।୬
(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଅନୁଷ୍ଠିତ ହେବ ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଏହି ସମ୍ମାନଜନକ ପ୍ରତିଯୋଗିତା ଚଳିତ ମାସ ୧୫ରୁ ୧୯ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଏଏଫ୍ଆଇ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଆଥ୍‌ଲେଟିକ୍ସ ଟିମ୍‌ର ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ନାୟାରଙ୍କ ସମେତ ସ୍ପ୍ରିଣ୍ଟର ଅମିୟ ମଲିକ୍, ଜ୍ୟୋତି ୟାରାଜୀ ଓ ଷ୍ଟିପଲଚେଜର ପାରୁଲ ଚୌଧାରୀ ଏଥିରେ ଯୋଗ ଦେଇଥିଲେ। ରାଜ୍ୟରେ ଇଣ୍ଟରକଣ୍ଟିନେଣ୍ଟାଲ ଫୁଟବଲ ଭଳି ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଚାଲିଥିବା ସମୟରେ ରାଜ୍ୟ ସରକାର ଯେଉଁଭଳି ଭାବରେ ତତ୍ପରତା ଦେଖାଇ ଏହି ଟୁର୍ନାମେଣ୍ଟ ଆୟୋଜନ କରିଛନ୍ତି ତାକୁ ବେଶ୍ ପ୍ରଶଂସା କରିଥିଲେ ନାୟାର। ଚଳିତ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଦର୍ଶନ ଆଧାରରେ ହିଁ ଏସିଆନ୍ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସ ପାଇଁ ଆସନ୍ତା ୨୦ ତାରିଖରେ ଆଥ୍‌ଲେଟିକ୍ସ ଦଳ ଚୟନ କରାଯିବ ବୋଲି କହିଥିଲେ କୋଚ୍। ଏହି ଟୁର୍ନାମେଣ୍ଟରେ ନୀରଜ ଚୋପ୍ରା ଓ ଅବିନାଶ ସାବ୍‌ଲେ ଅଂଶଗ୍ରହଣ କରୁ ନ ଥିବା ବେଳେ ଆହତ କାରଣରୁ ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ଅଂଶଗ୍ରହଣ କରିବେ ନାହିଁ। ଉଭୟ ନୀରଜ ଓ ଅବିନାଶ ବର୍ତ୍ତମାନ ବିଦେଶରେ ପ୍ରଶିକ୍ଷଣ ନେବା ସହିତ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରୁଛନ୍ତି। ଉଭୟ ଖେଳାଳିଙ୍କ ବିଶ୍ୱ ଚାମ୍ପିୟନଶିପ୍ ଅଂଶଗ୍ରହଣକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଭିଜା ସମସ୍ୟା ପାଇଁ ଭାରତ ପ୍ରତ୍ୟାବର୍ତ୍ତନ କରିଥିବା ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ମଧ୍ୟ ଅଂଶଗ୍ରହଣ କରିବେ ବୋଲି କୋଚ୍ ମତ ଦେଇଥିଲେ। ଓଡ଼ିଶାର ପରିବେଶ ସାଧାରଣତଃ ଆର୍ଦ୍ରରହୁଥିଲେ ମଧ୍ୟ ଏହା ଖେଳାଳିଙ୍କ ପ୍ରଦର୍ଶନକୁ ଏତେଟା ପ୍ରଭାବିତ କରିବ ନାହିଁ ବୋଲି କୋଚ୍ କହିଛନ୍ତି। ଜାତୀୟ ରେକର୍ଡଧାରୀ ଧାବି ଜ୍ୟୋତି ୟାରାଜି ବିଦେଶରେ ଅଭ୍ୟାସ ଦ୍ୱାରା ତାଙ୍କ ପ୍ରଦର୍ଶନରେ ସ୍ଥିରତା ଆସିଛି ଏବଂ ଚଳିତ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ନେଇ ଆଶା ପ୍ରକାଶ କରିଥିଲେ। ସେହିପରି ୨୦୨୩ରେ ଉଭୟ ୩୦୦୦ ଓ ୫୦୦୦ ମିଟର ଷ୍ଟିପଲଚେଜରେ ଜାତୀୟ ରେକର୍ଡ କରିଥିବା ପାରୁଲ ଚୌଧାରୀ ମଧ୍ୟ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଅଛନ୍ତି।

### ଟାଇମିଂରେ ଉନ୍ନତି ପାଇଁ ପ୍ରୟାସ କରିବି: ପାରୁଲ

ଚଳିତ ବର୍ଷ ମୋର ପ୍ରଦର୍ଶନରେ ଢେର ଉନ୍ନତି ଆସିଛି। ଉଭୟ ୩୦୦୦ ଓ ୫୦୦୦ ମିଟର ଷ୍ଟିପଲଚେଜରେ ଜାତୀୟ ରେକର୍ଡ କରିଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ମୋ ଟାଇମିଂରେ ଉନ୍ନତି କରିବାକୁ ପ୍ରୟାସ କରିବି ବୋଲି କହିଛନ୍ତି ପାରୁଲ ଚୌଧାରୀ। ବିଦେଶର ପରିବେଶ ଏବଂ ଏଠିକାର ପରିବେଶ ମଧ୍ୟରେ ବିଶେଷ ଫରକ ରହିଛି। ତେବେ ମୁଁ ଏଠାରେ ପୂର୍ବରୁ ଖେଳି ସାରିଛି ଓ ଏଠିକାର ପରିବେଶ ସହିତ ଅଭ୍ୟସ୍ତ। ତେଣୁ ଭଲ ପ୍ରଦର୍ଶନ ନେଇ ଆଶା ରହିଛି। ଓଡ଼ିଶାରେ ସର୍ବଦା ଉନ୍ନତ ସୁବିଧା ସୁଯୋଗ ମିଳିଥାଏ। ଏହା ସହିତ ଏଠିକୁ ଆସିବା ପୂର୍ବରୁ ମୋର ପ୍ରସ୍ତୁତି ବେଶ୍ ଭଲ ରହିଛି। ଆର୍ଦ୍ରତା ଓ ଗରମକୁ ଦେଖି ଅଭ୍ୟାସ ଆରମ୍ଭ କରିବି।

### ଘରୋଇ ପରିବେଶରେ ପ୍ରଦର୍ଶନ ପାଇଁ ଉତ୍ସାହିତ: ଅମିୟ

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ନେଇ ବେଶ୍ ଉତ୍ସାହିତ ରହିଛି। ଏହା ସହିତ ଏସିଆନ୍ ଚାମ୍ପିୟନଶିପ ଓ ଏସିଆନ୍ ଗେମ୍ସ ପାଇଁ ଅନ୍ତିମ ଟ୍ରାଏଲ୍ସ ରହିଥିବାରୁ ଏକ ଚମତ୍କାର ଟାଇମିଂ ଆଶା କରୁଛି। ୟୁରୋପରେ ଅଭ୍ୟାସ କାରଣରୁ ମୋ ଟାଇମିଂ ଓ ପ୍ରଦର୍ଶନରେ ବେଶ୍ ଉନ୍ନତି ଆସିଛି। ମୋ ଟେକ୍‌ନିକ୍ ଓ ପ୍ରଦର୍ଶନ ଉପରେ ଦୃଢ ବିଶ୍ୱାସ ରହିଛି ବୋଲି କହିଥିଲେ ଅମିୟ। ଓଡ଼ିଶାରେ ବର୍ତ୍ତମାନ ପ୍ରବଳ ଖରା ହେଉଥିଲେ ହେଁ ଏହା କେବଳ ମଧ୍ୟମ ଓ ଦୂରଗାମୀ ଧାବକଙ୍କୁ ପ୍ରଭାବିତ କରିବ, ସ୍ପ୍ରିଣ୍ଟ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ।

# ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି

**ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସପାଇଁ ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳ ଘୋଷଣା**

ଭୁବନେଶ୍ୱର, ୧୪।୬
(ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ (ଆଇବିଏସ୍‌ଏ) ଆନୁକୂଲ୍ୟରେ ୱାର୍ଲ୍ଡ ଗେମ୍ସ-୨୦୨୩ ଆସନ୍ତା ଅଗଷ୍ଟ ୧୮ରୁ ୨୭ ପର୍ଯ୍ୟନ୍ତ ବର୍ମିଂହାମଠାରେ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥରପାଇଁ ଦୃଷ୍ଟି ବାଧିତ କ୍ରିକେଟକୁ ସାମିଲ କରାଯାଇଛି। ତେଣୁ ଏହି ପ୍ରତିଯୋଗିତା ପାଇଁ କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ପକ୍ଷରୁ ବୁଧବାର ବେଙ୍ଗାଲୁରୁଠାରେ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି। ୧୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୪ ଜଣ ସାମିଲ ହୋଇଛନ୍ତି। ସେମାନେ ହେଲେ ବାସନ୍ତି ହାଁସଦା (ବି-୨), ପଦ୍ମିନୀ ଟୁଡୁ (ବି-୧), ଝିଲି ବିରୁଆ ଓ ଫୁଲ ସୋରେନ (ଉଭୟେ ବି-୩)। ଭାରତୀୟ ଦଳରେ ବି-୧ ଓ ବି-୩ ବର୍ଗରେ ୬ ଜଣ ଲେଖାଏ ଏବଂ ବି-୨ ବର୍ଗରେ ୪ ଖେଳାଳି ରହିଛନ୍ତି। ଭାରତୀୟ ଦଳ ୱାର୍ଲ୍ଡ ଗେମ୍ସପାଇଁ ପ୍ରସ୍ତୁତି ସ୍ୱରୂପ ନିକଟରେ କାଠମାଣ୍ଡୁରେ ନେପାଳ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲେ।

ଭାରତୀୟ ଦଳ: ବର୍ଷା ୟୁ, ଭାଲାସାନାଇନି ରାଭାନି, ସିମୁ ଦାସ, ପଦ୍ମିନୀ ଟୁଡୁ, କିଲାକା ସନ୍ଧ୍ୟା, ପ୍ରୀୟା (ସମସ୍ତେ ବି-୧), ଗଙ୍ଗାଭା ନୀଳାପ୍ପା ହରିଜନ, ସାନ୍ଦ୍ରା ଡେଭିସ କରିମାଲିକ୍କାଲ, ବାସନ୍ତି ହାଁସଦା, ପ୍ରୀତି ପ୍ରସାଦ (ସମସ୍ତେ ବି-୨), ସୁଷମା ପଟେଲ, ଏମ. ସତ୍ୟବତୀ, ଫୁଲ ସୋରେନ, ଝିଲି ବିରୁଆ, ଗଙ୍ଗା ସମ୍ଭଜି କଦମ, ଦୀପିକା ଟି.ସି. (ସମସ୍ତେ ବି-୩)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ